Split by PDF Splitter



ବାଂଶରେ ଅଥବା ପ୍ରାୟ ସବୁ ମାଲ ଯାଏ ଓ ତେଲଙ୍ଗା ମହାଜନମାନେ ତାହାର ବନ୍ଦୋବସ୍ତ କରିଅଛନ୍ତି କଲକତାର ଯେଉଁ ମହାଜନମାନେ ଆସନ୍ତି ସେମାନେ ଜଙ୍ଗଲଜାତ ଦ୍ରବ୍ୟ ଯଥା କାଠ ତୃଣ ଲାଖ ମହମ ପିଙ୍ଗ ଇତ୍ୟାଦି ନେଉଅଛନ୍ତି । ଏ ସବୁ ଦ୍ରବ୍ୟ ଗଡଜାତରେ ମିଳଇ କିନ୍ତୁ ଗଡଜାତର କାରବାର କାହାରିକି ଭଲରୂପେ ଜଣା ନାହିଁ । ଗଡଜାତ ରାଜାମାନେ ଆପଣା୨ ରାଜ୍ୟର ଅବସ୍ଥା ଉତ୍ତମରୂପେ ଜାଣିବାର ବୋଧ ହୁଅଇ ନାହିଁ ଓ ଯେବେ ଜାଣୁଥାନ୍ତି ତେବେ ତାହା କିଛି ଜନସମାଜରେ ପ୍ରକାଶ ନାହିଁ । ଗଡଜାତର ବାଣିଜ୍ୟ ଉଷତ୍ୟ ଲୋକଙ୍କର ଉନ୍ନତିର ଏକମାତ୍ର ଉପାୟ ବିଦ୍ୟାଳୟ କୁହ ଆଉ ହାସପାତାଲ କୁହ କାହିଁରେ ଲୋକଙ୍କର ଅବସ୍ଥା ଶୀଘ୍ର ଭଲ ହେବ ନାହିଁ ଅର୍ଥ ସର୍ବାଗ୍ରେ ପ୍ରୟୋଜନ ଅର୍ଥ ହେଲେ ବିଦ୍ୟା ଇତ୍ୟାଦିର ପ୍ରୟୋଜନ ଅପେ ହୁଅଇ ଅତଏବ ଗଡଜାତ ରାଜାମାନଙ୍କୁ ଉଚିତ ଯେ ଏହି ସୁଯୋଗରେ ଆପଣା୨ ରାଜ୍ୟର ବାଣିଜ୍ୟ ବିସ୍ତାର କରିବାର ଚେଷ୍ଟା କରନ୍ତୁ । କିରୂପେ ଚେଷ୍ଟା କଲେ ବାଣିଜ୍ୟର ଉନ୍ନତି ହେବ ଏଥିର ସମ୍ୟକ ଉପାୟ ଆମ୍ଭେମାନେ ଶିଖାଇବାକୁ ଉଦ୍ଦେଶ୍ୟ କରୁ ନାହୁଁ କିନ୍ତୁ ଆମ୍ଭମାନଙ୍କ ବିବେଚନାରେ ରାଜାମାନଙ୍କୁ ସର୍ବାଗ୍ରେ ଉଚିତ ଯେ ଆପଣା୨ ରାଜ୍ୟମଧ୍ୟରେ କି ପରିମାଣରେ କେଉଁ୨ ଦ୍ରବ୍ୟ ଉତ୍ପନ୍ନ ହୁଅଇ ତହିଁର ତାଲିକା ପ୍ରସ୍ତୁତ କରନ୍ତୁ ଓ ସମସ୍ତ ସମୟରେ କେଉଁ ଦ୍ରବ୍ୟର କିପ୍ରକାର ବୃଦ୍ଧି କି ହ୍ରାସ ହେଉଅଛି ତାହା ବୁଝନ୍ତୁ ଯେବେ ଏହି ତାଲିକାମାନ ସମୟ୨ ରେ ସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ ହେବ ବିଦେଶୀୟ ଲୋକମାନେ ଦେଶର ଅବସ୍ଥା ଉତ୍ତମରୂପେ ଜାଣିପାରିବେ ଓ ଯାହାର ଯେଉଁ ଦ୍ରବ୍ୟରେ ବାଣିଜ୍ୟ କରିବାର ଅଭିଲାଷ ସେ ଦ୍ରବ୍ୟ ସେ କିପରିମାଣରେ କେଉଁଠାରୁ ପାଇବ ତାହା ସ୍ଥିର କରିପାରିବ ଏଥିରେ ରାଜାମାନଙ୍କର ବିଶେଷରୂପ ଲାଭର ସମ୍ଭାବନା ଓ ଏପର୍ଯ୍ୟନ୍ତ ଯେ ଏଥିପକ୍ଷରେ କୌଣସି ଉପାୟ ହୋଇ ନାହିଁ ଦୁଃଖର ବିଷୟ ଅଟଇ । ଗଡଜାତର ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ଗଡଜାତର ଉନ୍ନତି ପକ୍ଷରେ ଯତ୍ନ କରିବାର ଶୁଣାଯାଏ କିନ୍ତୁ ଏପର୍ଯ୍ୟନ୍ତ ଯେବେ ଏମନ୍ତ ସାମାନ୍ୟ ବିଷୟରେ ରାଜାମାନଙ୍କୁ ଉପଦେଶ ଦେଇ ନାହାନ୍ତି ତେବେ ଆଉ କି କରିଅଛନ୍ତି ବୋଲିଯାଇ ନ ପାରେ । ଯାହା ହେଉ ଏଣିକି ଶୀଘ୍ର ଏକଥାର ବିଚାର ହେଲେ ଭଲ ହେବ ।

ଆମ୍ଭେମାନେ ଉପରେ ଯାହା ଲେଖିଲୁଁ ଏଥିରୁ ପାଠକମାନେ ଏମନ୍ତ ବୁଝିବେ ନାହିଁ ଯେ ଗଡଜାତର ସୁପ୍ରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ରେବନସାସାହେବ ଗଡଜାତର ଅର୍ଥବୃଦ୍ଧି ପକ୍ଷରେ କିଛି ଚିନ୍ତା କରୁ ନାହାନ୍ତି । ବାସ୍ତବରେ ତାହା ନୁହଇ ସେ ଆପଣା ମତରେ ଏଥିପକ୍ଷରେ ପରିଶ୍ରମ କରିବାକୁ ତ୍ରୁଟି କରୁ ନାହାନ୍ତି । ଏହି ବର୍ଷ ଗଡଜାତ ଭ୍ରମଣ ସମୟରେ ନା ନା ସ୍ଥାନର ପଥର କୋଇଲା ଓ ଧାତୁମୟ ପ୍ରସ୍ତର ଜନ୍ମ ହେବା ସ୍ଥାନମାନ ସ୍ୱଚକ୍ଷୁରେ ଦେଖି ସେସବୁର ଅନେକପ୍ରକାର ନମୂନା ସଙ୍ଗରେ ଆଣିଅଛନ୍ତି । ଶୁଣିଲୁଁ ଯେ ଏସବୁ ନମୂନାରେ ଦୁଇ ଛଅ ବାକ୍ସ ପୂର୍ଣ୍ଣ ହୋଇଅଛି ଓ ଇଉଗେଗନ କାରଖାନା ଘରର କାରିକମାସ୍ତର ଶ୍ରୀଯୁକ୍ତ ଫାକନର ସାହେବଙ୍କୁ ସେସବୁ ଦେଖାଇ କାହାର କି ଗୁଣ ବୁଝିବାକୁ ଚେଷ୍ଟା ପାଉଅଛନ୍ତି ଓ ବୋଧ ହୁଅଇ ଇଷ୍ଟୁ ବିଚାର ନିମନ୍ତେ କଲିକତାକୁ ପଠାଇପାରନ୍ତି । ଗଡଜାତର ନାନାସ୍ଥଳରେ ଅନେକପ୍ରକାର ଧାତୁ ଜନ୍ମ ହେଉଅଛି ଓ ଆଉ କେତେକ ସ୍ଥାନରେ ଜନ୍ମ ହେଉଥିବ ତାହାଙ୍କୁ ଜଣା ନାହିଁ । ଏପରି ପଥରକୋଇଲା ମିଳିପାରେବୋଲି ସମସ୍ତଙ୍କର ବିଶ୍ୱାସ । ଶ୍ରୀଯୁକ୍ତ ରେବନସାସାହେବ ଅପେ ନମୂନା ଯୋଗାଣି ତହିଁ ସଙ୍ଗେ୨ ରାଜାମାନଙ୍କୁ ମଧ୍ୟ ଉପଦେଶ ଦେଇଅଛନ୍ତି କି ସେମାନେ ଉକ୍ତ ପଦାର୍ଥ କେଉଁ୨ ସ୍ଥାନରେ ଜାତ ହୁଅଇ ତହିଁର ଅନ୍ୱେଷଣ କରିବେ । କେବଳ ନମୂନା ଆଣି କୌତୁକପାଇଁ ଘରରେ ରଖି ନାହାନ୍ତି ତଦ୍ୱାରା କିଛି ଲାଭ ହୋଇପାରେ କି ନାହିଁ ଏଥିର ତଦନ୍ତ କରୁଅଛନ୍ତି ଏଥିରୁ ଅଭ୍ରାନ୍ତରୂପେ ସିଦ୍ଧାନ୍ତ ହେଉଅଛି ଯେ ଯେସବୁ ବିଷୟର ତତ୍ତ୍ୱକଲେ ଗଡଜାତର ମଙ୍ଗଳ ହେବବୋଲି ତାହାଙ୍କ ବିବେଚନାରେ ସ୍ଥିର ହୋଇଅଛି ତହିଁରେ ସେ କିଛିମାତ୍ର ତ୍ରୁଟି କରୁ ନାହାନ୍ତି ।

---

## ଦୋକାନ ଭାଡି ।

ଏ ନଗରର ଦୋକାନିମାନଙ୍କର ରୀତି ଅଛି ଯେ ଦୋକାନ ଅଗରେ ଗଣ୍ଡିଏ ଭାଡି ବନାଇ ଥାନ୍ତି ଯେ ତାହାକୁ ଦୋକାନ ଖୋଲିଥିବା ସମୟରେ ଟେକି ଦେଇ ରୌଦ୍ର ବର୍ଷାରୁ ରକ୍ଷା ପାନ୍ତି ଓ ଦୋକାନ ବନ୍ଦ କଲାବେଳେ ଭାଡିକୁ ପକାଇ ବାନ୍ଧି ଦେଇ ଦୋକାନ ଭିତରକୁ ତାହାର ପ୍ରବେଶ କରିବା ନିବାରଣ କରନ୍ତି । ସୁଭଗ୍ନଂ ଭାଡିହାଗ୍ ଦୋକାନଙ୍କର ଅନେକ ସୁବିଧା ହୁଅଇ ବୋଲିବାର ବାହୁଲ୍ୟ । କିନ୍ତୁ ଭାଡି କେଉଁ ଜନ୍ମରେ କି ଅପରାଧ କରିଥିଲା ଯେ ମାଜିଷ୍ଟ୍ରେଟଙ୍କ କୋପଦୃଷ୍ଟି ତହିଁ ଉପରେ ପଡି ରହିଅଛି । ଅପରାଧଟି ଯେ କଣ ସ୍ଥିର ଏମନ୍ତ ବୋଲିଯାଇ ନ ପାରେ କାରଣ ସେରୂପ ହୋଇଥିଲେ ଅନେକକାଳରୁ ଭାଡିମାନେ ମୃତ୍ୟୁ ବା ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ପାଇଥାନ୍ତେ ମାତ୍ର ସେରୂପ ହୋଇ ନାହିଁ । ଯେଉଁ ସମୟରେ ମାଜିଷ୍ଟ୍ରେଟଙ୍କର କୋପ ହୁଅଇ ସେହି କାଳରେ ପୁଲିସର ଇଙ୍ଗିତମତେ ଭାଡିମାନ ଦୋକାନ ସମ୍ମୁଖରୁ ପଳାଇ ଯାଇ ଓଲିତଳେ ଅଥବା ଗଳି ମଧ୍ୟରେ ପାଖ ସାତଦିନ ଲୁଚି ରହନ୍ତି । ହାକିମଙ୍କ ରାଗଶାନ୍ତି ହେଲଠାରୁ ପୁନର୍ବାର ଦୋକାନରେ ନିର୍ଭୟରେ ବିରାଜମାନ ହୁଅନ୍ତି ଆଉ ପୁଲିସ ତାହାଙ୍କୁ ପଚାରଇ ନାହିଁ । ପଚାରିବ ଅବା କିପରି, ଜାଣି ଶୁଣି ଆପଣା ମନ କିଏ ପାଣ୍ଟେ ? ଭାଡି ନ ଥିଲେ ପୁଲିସର ଯେ କେତେ ମଉଜିକ ପଇସ ହେବାପାଇଁ କର୍ତ୍ତାଙ୍କୁ ଅସି କାକରରେ ହରବର ହେବ ଭାଡିଥିଲାକୁ ସିନା ଦୋକାନପଟା ଉପରେ ଯୋଇବାକୁ ଅଶ୍ରମ ଜଣାଯାଏ । ପକ୍ଷାନ୍ତରେ ଭାଡିମାନେ ମାଜିଷ୍ଟ୍ରେଟ ଓ ପୁଲିସର ମନ କଳନା କରି ରଖିଅଛନ୍ତି ସେମାନେ ମାଜିଷ୍ଟ୍ରେଟଙ୍କୁ କ୍ଷଣକୋପୀ ଓ ପୁଲିସକୁ ବେଠିଗ୍ରାହୀର ମଣନ୍ତି । ସାହେବ କୋପିଲେ ଦେଲେ ପୁଲିସ ମାଡଥର କରନ୍ତି ଓ ତାହା ବନ୍ଦ ହୋଇଗଲେ ଭାଡିମାନେ କାଲୁଆପଣ କରି ପୁନର୍ବାର ସ୍ୱସ୍ଥାନକୁ ଆଗମନ କରନ୍ତି । ନଗରବାସିପାଠକମାନଙ୍କ ସ୍ମରଣଥିବ ଯେ ଏହି ଭାଡିପିଟା ମାମଲା ଅନେକଥର ହେଲାଣି । ପ୍ରାୟ ଦୁଇ ବର୍ଷ ବରଷରେ ଥରେ ଭାଡିଉପରେ ଉଚାଟ ହୁଅଇ ଓ ଦୁଇ ଏକ ସପ୍ତାହ ଉତାରୁ ଫେର ଯେମନ୍ତକୁ ତେମନ୍ତ । ଶେଷ ଉଚାଟ ଗତ ମଙ୍ଗଳବାର ଦିନ ହୋଇଥିଲା ସେହେତୁରୁ ଭାଡିମାନେ ବର୍ତ୍ତମାନ ଦୋକାନ ଛାଡି ଓଲିତଳେ ଆଶ୍ରୟ ନେଇଅଛନ୍ତି । ଏ ଉଚାଟର କାରଣ ଆମ୍ଭେମାନେ ଏହିପରି ଅବଗତ ହୋଇଅଛୁଁ ଯେ ଘଟନା ପୂର୍ବଦିନ ସୋମବାର ଜଏଣ୍ଟମାଜିଷ୍ଟ୍ରେଟ ଅଥବା ଅନ୍ୟ ହାକିମ ବଗିରେ କଲେକ୍ଟରୀ କଚେରୀକୁ ଆସୁଥିଲେ । କୌଣସି ଲୁଗା ଦେକାର ଲୁଗା ଫଟାଇବାରୁ ତାହା ଧଡ଼ି୨ ଉଡ଼ କରି ଉଡି ଆସିବାରୁ ତାହାଙ୍କ ଘୋଡା ଚମକ

Digitized by srujanika@gmail.com

Split by PDF Splitter



ଉଠିଲ । ତାଙ୍କାଙ୍କ କନଷ୍ଟବଲ ତତ୍‌କ୍ଷଣାତ୍ ଉକ୍ତ ସ୍ଥାନରେ ପ୍ରବେଶ ହେଲ ମାତ୍ର ସେ ସାବଧାନ ନେଉ ନାହିଁ ବୋଲି ତାହାକୁ ଅପରାଧୀ କରି ସାହେବ ଏକଟଙ୍କା ଜରିମାନା କଲେ ଓ ତାହାଙ୍କ ତାବଦର ହେଉ ଅଥବା ପ୍ରକାଶ୍ୟ ହୁକୁମରୁ ହେଉ ମଙ୍ଗଳବାର ଦିନ ସକାଳେ ପୁଲିସ ଅସି ସମସ୍ତଙ୍କର ଦୋକାନରୁ ଛାତି କାଢି ଦେଲେ । ଅମ୍ଭେମାନେ ଦେଖୁଅଛୁଁ ଯେ ଛାତି ଦୋକାନଙ୍କର ବହୁତ ଅଶ୍ରା ତାହା କାଟି ଦେବାରେ ସେମାନଙ୍କର ବିସ୍ତର କ୍ଳେଶ ହେଉଅଛି । ଦୈବାତ୍ ମଙ୍ଗଳବାର ଦିନ ଛାତିହିନା ସଙ୍ଗେ ୨ ବର୍ଷା ହେବାରୁ ଦୋକାନିମାନେ ବଡ଼ କ୍ଳେଶ ଭୋଗ କଲେ । ଛାତିଦ୍ୱାରା ଯେ ଘୋଡ଼ା ଗାଡିର ଅନିଷ୍ଟ ହୁଅଇ ଏମନ୍ତ ଅମ୍ଭମାନଙ୍କର ବିଶ୍ୱାସ ହେଉ ନାହିଁ କାରଣ ସେପରି ହେଉଥିଲେ ଛାତି ଏତେକାଳ ରହି ନ ପାରନ୍ତା ଓ ସେ ବିଷୟର ଅଜ୍ଞା ପୁନଃ ୨ ଅମାନ୍ୟ ନ ହୁଅନ୍ତା । ଅମାନ୍ୟ ହେଉଅଛି ବୋଲି ନିଶ୍ଚୟ ବୋଲିଯାଇ ପାରେ ଯେ ଦୋକାନିମାନେ ଛାତିକନ୍ଧା ଅଜ୍ଞାକୁ ଏକପ୍ରକାର ହାକିମଙ୍କର ପ୍ରଲାପ ମନେ କରନ୍ତି ଓ ତହିଁରେ ଅସ୍ଥା ପ୍ରକାଶ କରନ୍ତି ନାହିଁ । ସେମାନେ ଏହାକୁ ଅନିଷ୍ଟକର ଜାଣୁଥିଲେ କିମ୍ବା ଏହାଦ୍ୱାରା କୌଣସି କାଳରେ କିଛି ଅନିଷ୍ଟ ଘଟିଥିଲେ ଇଚ୍ଛାରେ ଛାତି ରଖନ୍ତେ ନାହିଁ । ଅତଏବ ଯଦ୍ଦ୍ୱାରା କୌଣସି ଅନିଷ୍ଟ ହୋଇ ନାହିଁ ଓ ଯାହା କାଟିନେଲେ ବିସ୍ତର କ୍ଳେଶ ତହିଁ ପକ୍ଷରେ କାହିଁକି ଥରକୁଥର ପ୍ରଜାଙ୍କୁ ବିରକ୍ତ କରାଯାଉଅଛି? ଅମ୍ଭେମାନେ ବିବେଚନା କରୁଁ ଯେ ଟାଉନକମିଟୀର ସଭରେ ଏଥିର ବିଚାର ହୋଇ ଗୋଟିଏ ନିଶ୍ଚୟ ଅଜ୍ଞା ଲୋକଙ୍କୁ ଦିଆଯାଉ ଯେ ତଦନୁସାର ସେହିମାନେ କାର୍ଯ୍ୟକାରକ ହେବେ ଓ ତହିଁଉତ୍ତାରୁ ଯେ ବ୍ୟକ୍ତି ଅଜ୍ଞା ଅମାନ୍ୟ କରିବ ତାହାକୁ ନିଶ୍ଚୟ ଦଣ୍ଡ ଭୋଗ କରିବାକୁ ହେବ ଅବଜ୍ଞା କରି ଯେମନ୍ତ କେହି ଛାଡ଼ ପାଇବ ନାହିଁ । ଛାତି ରଖିବା ଅନ୍ୟାଯ୍ୟ ହେଉ ବା ନ୍ୟାଯ୍ୟ ହେଉ ଯେବେ କଠିନରୂପେ ଉକ୍ତ ଅଜ୍ଞାଟି ପ୍ରଥମରୁ ପ୍ରଚଳିତ ହୋଇଥାନ୍ତା ତେବେ ଥରକୁ ଥର ଲୋକଙ୍କୁ ବିରକ୍ତ ହେବାକୁ ହୁଅନ୍ତା ନାହିଁ କିନ୍ତୁ ଅମ୍ଭେମାନେ ବିବେଚନା କରୁଁ ଯେ ଛାତି କାଟିବା ଅଜ୍ଞାଟି ଅନର୍ଥକ କଷ୍ଟଦାୟକ ଅଟଇ ଅତଏବ ଅମ୍ଭେମାନେ ଉପରଲିଖିତ ମତେ ବିଚାର ପ୍ରାର୍ଥନା କରୁଅଛୁଁ ।

---

ଜଣେ ପତ୍ରପ୍ରେରକଠାରୁ ଅମ୍ଭେମାନେ ଅବଗତ ହେଲୁଁ ଯେ ଜିଲ୍ଲା ଦରପଣି ବସ୍ତାଗଡ଼ଅ ଗ୍ରାମରେ କନ୍ଥକାଳରୁ ଶ୍ରୀ ମଧୁକେଶ୍ୱର ନାମରେ ଏକ ବିଖ୍ୟାତ ମହାଦେବ ଅଛନ୍ତି ତାହାଙ୍କ ନିକଟରେ କେହି ୨ ବ୍ୟାଧିଗ୍ରସ୍ତଲୋକ ଅଧିଆ ପଡ଼ନ୍ତି । କେତେକାଳ ହେଲା ଜଣେ ପେଟବନ୍ଧ ରୋଗୀ ସେଠାରେ ଧରଣା ପଡ଼ିବାରୁ ତାହାକୁ ମହାଦେବଙ୍କର ଅଜ୍ଞା ହେଲା ଯେ ଏହି ଗ୍ରାମ ନିବାସୀ ଜାତିରେ କମାରବାଉରିଓଝାଠାରୁ ଯାଇ ପେଟରେ ଦୁଇଗୋଟି ଦାଗିଆ ଦେଲେ ରୋଗ ମୁକ୍ତ ହେବ । ସ୍ୱପ୍ନାବସ୍ଥାରେ ଏପରି ଅଜ୍ଞା ପାଇ ନିଦ୍ରାରୁ ଉଠି ଚେତନା ହେଲାମାତ୍ରେ ଉକ୍ତ ବ୍ୟକ୍ତି ସେ କମାର ନିକଟକୁ ଗଲା ଓ ସ୍ୱପ୍ନରକଥାମାନ ବର୍ଣ୍ଣନ କଲା । କମାର ଅଜ୍ଞାନୁସାରେ ଏକଗୋଟା ହତିଆର ତତାଇ ରୋଗୀପେଟରେ ଦାଗିଦେଲା ଓ ତାହାର ରୋଗ ଅଳ୍ପକାଳରେ ଶେଷ ହୋଇଗଲା । କ୍ରମେ ଅନ୍ୟ ପେଟବନ୍ଧା ରୋଗିମାନେ ଏ କଥା ଶୁଣି କମାରନିକଟକୁ ଦାଗିୟା ଘେନିବାକୁ ଅସିଲେ ଓ କମାର ଅକାତରରେ ସମସ୍ତଙ୍କୁ ସେହିପରି ଚିହ୍ନିଆ କରିବାରୁ କ୍ରମଶଃ ତାହାର ନାମ ଖ୍ୟାତ ହେଲା । ତହୁଁ ସେ ଆପଣାର ଉନ୍ନତି ଦେଖି ଓତ୍ସାହାନ୍ୱିତ୍ୱା ପରବର୍ତ୍ତରେ ଦାସ ସାଜିଯାଇ ରହଣ ପୂର୍ବକ ଦାଗାଙ୍କଦନ ମହାଦେବଙ୍କ ନିକଟରେ ଅଧିନ କରି ରହିଲା । ତହିଁ ୨ ଅନେକ ରୋଗୀ ଓ ଦର୍ଶକ ଅସିଲେ 'ଏମନ୍ତ କି ଏକ ୨ ଦିନ ପାଞ୍ଚଶ ଲୋକ ଶୁଦ୍ଧା ସେଠାରେ ଦେଖା ଗଲେ । ଦାସଙ୍କ କର୍ମଭ ବଢିଲା ନାମ ଚାରିଆଡ଼େ ବାହିଗଲା । ଲୋକମାନେ ମହାଦେବଙ୍କୁ ଦଣ୍ଡବତ କରିବା ପୂର୍ବେ ବାବାଜିଙ୍କର ଅଭ୍ୟର୍ଥନା କଲେ । ବାବାଜି କତ ଚତୁର ସୁଯୋଗ ଦେଖି ଏକପଇସା ଲେଖାଏଁ ଦଣ୍ଡବତୀ ବସାଇଲେ କିଛିଦିନ ଉତ୍ତାରୁ ଲାଭର ଅଶା ପାଇ ଅଉ ଏକପଇସା ବଢାଇ ଦୁଇପଇସା ଦଣ୍ଡବତୀର ନିୟମ କଲେ । ନିତ୍ୟ ୨ କର୍ଷ କଉଡ଼ି ଅମଦାନି ହେଲା । ମହାଦେବଙ୍କ ବଡ଼ପଣ୍ଡା ତାହା ଦେଖି ଠାକୁରଙ୍କ ପାଇଁ ଦଣ୍ଡବତୀରୁ କିଛି ଟଙ୍କା ମାଗିବାରେ ବାବାଜି ସେ ସ୍ଥାନ ତ୍ୟାଗକରି ଏକ ପାହାଡ଼ ତଳେ ଅଧିନ ନିର୍ମାଣକରି ରହି ଅଛନ୍ତି ଓ ପୂର୍ବପ୍ରାୟ କରଣୀ କଟାଉଅଛନ୍ତି ମାତ୍ର କରଣୀ କାଟୁଅଛି କି ନାହିଁ ଏ ବିଷୟରେ ଅମ୍ଭମାନଙ୍କର ପତ୍ରପ୍ରେରକ ବୋଲନ୍ତି ଯେ ଯେତେଲୋକ ଯାଉଅଛନ୍ତି ତହିଁମଧ୍ୟରେ ଦୁଇ ଚାରିଜଣ ଭଲ ହେଉଅଛନ୍ତି ଅତିମାନଙ୍କର ଭୁଷ୍ଣ ପଥଶମ ଓ ଚୂଡ଼ାମଣି ଚର୍ଣ୍ଣ ସାର କେନୁ ଦଣ୍ଡବତୀର ଲାଭ ଅକ୍ଷ୍ୟ ଊଣା ହୋଇ ନାହିଁ । ମନୁଷ୍ୟର ଭାଗ୍ୟ ଉଦୟ ହେବାର କେତେ ବାଟ ଅଛି ବୋଲି ଯାଇ ନ ପାରେ ପକ୍ଷାନ୍ତରରେ ଏଠା ଲୋକଙ୍କ ବିଶ୍ୱାସକୁ ମଧ୍ୟ ଧନ୍ୟ ବୋଲିବାକୁ ହେବ । ମୂର୍ଖତା ହେତୁ ଏମାନେ ଯେ କେତେପ୍ରକାରରେ ପ୍ରତାରିତ ହୁଅନ୍ତି ତହିଁର ସୀମା ନାହିଁ । କେବେ ଏ ମୂର୍ଖତା ଦୂର ହେବ କିଛି ଅନୁମାନକୁ ଅସୁ ନାହିଁ । କୃତବିଦ୍ୟଲୋକମାନେ ଅନେକପ୍ରକାର ଉନ୍ନତି କଳ୍ପନା କରୁଥାନ୍ତି କିନ୍ତୁ ସାମାନ୍ୟ ଶ୍ରେଣୀର ଲୋକଙ୍କ ଅଜ୍ଞତା ନାଶ ବିଷୟରେ ଏପର୍ଯ୍ୟନ୍ତ କୌଣସି ଉପାୟ ହେବାର ଦେଖା ଯାଇ ନାହିଁ ଏହା ବଡ଼ ଦୁଃଖର ବିଷୟ ଅଟଇ ।

## ସାପ୍ତାହିକସଂବାଦ ।

କଟକର ଏକ୍‌ଟିଂ ଜଏଣ୍ଟମାଜିଷ୍ଟ୍ରେଟ ଗ୍ରିବସ ସାହେବ ପୁରୀକୁ ବଦଳି ହେଲେ ଓ ତାହାଙ୍କ ପଦରେ ସେ ଜିଲାର ଜଏଣ୍ଟମାଜିଷ୍ଟ୍ରେଟ ଷ୍ଟିବନ ସାହେବ ଅସିଅଛନ୍ତି ।

ଗତ ମଙ୍ଗଳବାର ଅପରାହ୍ନ କାଳରେ ଏ ନଗରରେ ଏକଅଚ୍ଛା ଉତ୍ତମବର୍ଷା ହୋଇଥିଲା ଓ ସେଦିନ ରାତ୍ରରେ ମଧ୍ୟ କିଞ୍ଚିତ୍ ବର୍ଷା ହୋଇଥିଲା । ଏ ବର୍ଷାଦ୍ୱାରା ସମସ୍ତ ପ୍ରକାର ଫସଲର ଉପକାର ହୋଇଅଛି ବିଶେଷରେ ଅମ୍ବ ପ୍ରତି । ଏଥିରୁ ସମସ୍ତଙ୍କର ବିଶ୍ୱାସ ହୋଇଅଛି ଏ ବର୍ଷ ଅପର୍ଯ୍ୟାପ୍ତ ଅମ୍ବ ହେବ । ସଇର ଅଙ୍ଗରେ ସତ ଉପୁଜିବାର କଥା ମାଳିକାବିତ୍‌ମାନେ କହୁଥିଲେ ତହିଁର ସାର୍ଥକତା ଅନ୍ୟ ପ୍ରକାରରେ ଲକ୍ଷିତ ନ ହେଲେହେଁ ଅମ୍ବଦ୍ୱାରା ଏକପ୍ରକାର ହୋଇଅଛି ବୋଲିବାକୁ ହେବ କାରଣ ଅମ୍ବକୁ ସତ୍ୟଫଳ ଲୋକେ ବୋଲନ୍ତି ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ପୁରୀ ନିବାସୀ ଗ୍ନୀସାନ୍ତୁନାମକ ତେଲିର ଗାଇ ଗୋଟାଏ ଅଶ୍ଚର୍ଯ୍ୟବାଛୁରି ଜନ୍ମ କରିଅଛି ସେ ବାଛୁରିର ତିନିଗୋଟି ଲାଙ୍ଗୁଳ ହୋଇଅଛି ଯଥା; ପଛପଟଆ ଉପରକୁ ମେରୁହାଡ଼ର ଦୁଇପାଖେ ଚାରି ୨ ଅଙ୍ଗୁଳରେ ଦୁଇଗୋଟି । ମଳଦ୍ୱାର ନ ଥାଇଁ ସେହି ସ୍ଥାନରେ ଅଙ୍ଗୁଳେ ଲମ୍ବରେ ଗୋଟିଏ । ଏହିପରି ତିନଗୋଟା ଲାଙ୍ଗୁଳ ହୋଇଅଛି । ମୂତ୍ରଦ୍ୱାରେ ମଳ ମୂତ୍ର ଦୁହେଁ

Digitized by srujanika@gmail.com

ନିର୍ଗତ ହେଉଅଛନ୍ତି । ଏ ଆଶ୍ଚର୍ଯ୍ୟବ୍ୟାପାର ?। ସେହି ବାନ୍ଧୁଣି ପ୍ରାୟ ଦ ୧୫ ନ ହେଲା ଅଦ୍ୟପର୍ଯ୍ୟନ୍ତ ଜାରିଅଛି ।

୧ । ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ, ମିସ୍ ଏକରେଡ ନାମ୍ନୀ ଏକ ଇଉରୋପୀୟ ମହିଳା ବଙ୍ଗଦେଶୀୟ ସ୍ତ୍ରୀଲୋକମାନଙ୍କର ବିଦ୍ୟାଶିକ୍ଷା ବିଷୟରେ ଉତ୍ସାହିନୀ ହୋଇ ସମ୍ପ୍ରତି କଲିକତାରୁ ଅମି ଗୋଟିଏ ନୂତନ ବିଦ୍ୟାଳୟ ସ୍ଥାପନର ପ୍ରସ୍ତାବ କରୁଅଛନ୍ତି ।

୨ । ହିନ୍ଦୁପେଟ୍ରିଅଟ ଶୁଣି ଅଛନ୍ତି, ନିମ୍ନଲିଖିତ ବ୍ୟକ୍ତିମାନେ କଲିକତା ବିଶ୍ୱବିଦ୍ୟାଳୟର 'ଫେଲୋ' ନିଯୁକ୍ତ ହେବେ । ବାବୁ କୃଷ୍ଣକମଲ ଭଟ୍ଟାଚାର୍ଯ୍ୟ ଏମ, ଏ, କଲିକତାର ଡାକ୍ତର ମାଉକଉ ଦତ୍ତ, ଏବ ଉର୍ଦ୍ଦୁ ଗାଇଡ ପତ୍ରର ସମ୍ପାଦକ ମୌଲ୍‌ବୀ ଫକ୍କାରୁଦ୍ଦୀନ ମହମ୍ମଦ ।

୩ । ହୁଗଲି କାଲେଜର ସିବିଲ ସର୍ବିସ କ୍ଲାସର ପରୀକ୍ଷା ହୋଇଅଛି । ଗତ ସୋମବାର ବ୍ୟାୟାମ, ଘୋଡଦୌଡ, ସନ୍ତରଣ, ଡେଇଁବା ଓ ଦୌଡିବାର ପରୀକ୍ଷା ହେଲା । ସେହି ସମୁଦାୟ ପରୀକ୍ଷାରେ ଜଣେ ଖଣ୍ଡିଅ ହୋଇଅଛି ଓ ଆଉ ଜଣେ ଘୋଡାରୁ ପଡି ତାହା ମୁଣ୍ଡ ଫାଟି ରକ୍ତ ବାହାରିଲା ତଦ୍ଭିନ୍ନ ଦୁଇ ଏକଜଣ ଶୂନ୍ୟରୁ ପଡି ବିଲକ୍ଷଣ ଅଘାତ ପାଇଅଛନ୍ତି । ଇଉଛ ବିଲକ୍ଷଣ ହେଲା । କିନ୍ତୁ ଅନୁରକ୍ତ କମ୍ପ ହେବ ବୁଝାଯାଉ ନ ପାରେ ।

ଆମ୍ଭମାନଙ୍କର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ଆଉ ଏକମାସ ଉତ୍ତାରୁ ଦାର୍ଜିଲିଙ୍ଗରେ ବାସ କରିବାକୁ ଯାତ୍ରା କରିବେ । ସେଠାରେ ଏହାଙ୍କ ରହିବା କାରଣ ଗୋଟିଏ କୋଠି ଭଡା ହୋଇଅଛି ପ୍ରାୟ ଛଅମାସ ଏଠାରେ ଅବସ୍ଥିତ ହେବ । ଏ ସମ୍ପର୍କରେ ଏଡୁକେଶନ ଗେଜେଟ ବାଲନ୍ତି ଯେ ପୂର୍ବକାଳରେ ଭାରତବର୍ଷର ହିନ୍ଦୁ ରାଜାମାନେ ଯେମନ୍ତ କାନନବନକୁ ଗମନ କରୁଥିଲେ ସେହିପରି ଭାରତବର୍ଷର ଇଂରେଜ ରାଜପୁରୁଷମାନେ ବର୍ତ୍ତମାନ ସିମଲା ଓ ଦାରଜିଲିଙ୍ଗପ୍ରଭୃତି ସ୍ଥାନକୁ ଗମନ କରୁଅଛନ୍ତି । ଶ୍ରୀଯୁକ୍ତ କାମ୍ବଲସାହେବ ନିଯୁକ୍ତ ହେଲାଦିନୁ ଏ ସ୍ଥାନକୁ ନ ଯିବାରେ ତାହାଙ୍କ ପୂର୍ବକର୍ମଚାରୀ ଉପରୁ ଭିନ୍ନ ହୋଇଥିଲେ । ବୋଧ ହୁଅଇ ମିଉନିସିପଲ ଆଇନ ଅଗ୍ରାହ୍ୟ ହେବାରୁ କାର୍ଯ୍ୟ ପ୍ରତି ଏହାଙ୍କର ଶିଥିଳତା ଜନ୍ମିଅଛି ଏହିପାଇଁ ସୁଖରେ ରହିବା ବାଞ୍ଛାରେ ଶୀତଳ ସ୍ଥାନକୁ ଯାଉଅଛନ୍ତି ।

ଲଙ୍କର ନୂତନ ଗବର୍ଣ୍ଣରସାହେବ ଅଦବ କାଏଦାର ବଡଭକ୍ତ ଓ ସେ ବିଷୟରେ କାହାର ତ୍ରୁଟି ହେଲେ ତାହାକୁ ଛାଡନ୍ତି ନାହିଁ । ସେ ମୋଫସଲ ଭ୍ରମଣକୁ ଯାଇଥିବା କାଳରେ ଜଣେ କର୍ମଚାରୀ ଶିକାରର ପୋଷାକ ପିନ୍ଧି ତାହାଙ୍କ ସହିତ ସାକ୍ଷାତ କରିଥିଲା ଏଥିରେ ସେ ବିରକ୍ତ ହୋଇ ଉକ୍ତ କର୍ମଚାରୀକୁ ସସ୍‌ପେଣ୍ଡ କରିଅଛନ୍ତି ଯେଉଁଠାରେ ମହାପ୍ରବଳପ୍ରତାପ ଗ୍ରବଣେଶ୍ବର ଶାସନ କରୁଥିଲେ ସେଠାରେ ଯେ ଏରୂପ ବ୍ୟବହାର ହେବ ଏଥିରେ ବଚିତ୍ର କି ଅଛି ?

ୟାରଗଣ୍ଡର ରାଜଦୂତ ଡିଲିନଗରକୁ ଆସି ସେଠା ଯୁମାମସଜିଦକୁ ଇଂରାଜୀଯୋତା ପିନ୍ଧି ଯାଇଥିଲେ । ମସଜିଦକୁ ଯୋତା ନେବାର ନିଷେଧ ଅଛି ବୋଲି ସେଠାର ପୁରୋହିତମାନେ ତାହାଙ୍କୁ ବାରଣ କଲେ ତହିଁ ସେ ବିରକ୍ତ ହୋଇ କହିଲେ ତୁମ୍ଭର ପ୍ରଧାନ ମଉଲବିଙ୍କୁ ଡାକିଆଣ ଆମ୍ଭେ ତାହାଙ୍କୁ ଧର୍ମର ଉପଦେଶ ଦେବୁଁ । ମୌଲବି ପ୍ରବେଶ ହେଲାରୁ ଦୂତ ତାହାଙ୍କୁ କହିଲା ତୁମ୍ଭେମାନେ ପ୍ରକାଶ୍ୟରେ ମୁସଲମାନ କିନ୍ତୁ ବାସ୍ତବରେ ଅଧେ ହିନ୍ଦୁ ଅଟ । ଏ ସବୁ ରୀତି ହିନ୍ଦୁଧର୍ମରୁ ନେଇଅଛ ନୋହିଲେ କୋରାନର କେଉଁ ସ୍ଥାନରେ ଏମନ୍ତ କଥା ଲେଖାଅଛି ଆମ୍ଭକୁ ଦେଖାଇଦିଅ । ମୌଲବି କିଛି ଉତ୍ତର ଦେଇ ନ ପାରିବାରୁ ଦୂତ ତାହାଙ୍କୁ ଏକ ବକ୍ତୃତା ଶୁଣାଇ ଯୋତା ମାଡି ମସଜିଦ ଭିତରେ ଭ୍ରମଣ କଲେ ।

ଦକ୍ଷିଣକାନାଡ୍ର କଲେକ୍ଟର ଗବର୍ଣ୍ଣମେଣ୍ଟକୁ ଜଣାଇ ଅଛନ୍ତି ଯେ ବାଉଁଶ ଗଛରେ ଏକ ପ୍ରକାର କଟୁଦ୍ରବ୍ୟ ଅଛି ତହିଁରେ ଜ୍ୱର ମୁକ୍ତ ହୁଅଇ ।

ଆମ୍ଭେମାନେ ଶୁଣି ଆହ୍ଲାଦିତ ହେଲୁଁ ଯେ ଲର୍ଡ ନର୍ଥ ବ୍ରୁକସାହେବ ବମ୍ବେଇର ସୈନିକ ଦଳ ଉଣା କରିବାକୁ ମନସ୍ଥ କରିଅଛନ୍ତି ଏହି ଦେଶୀୟ ରେଜିମେଣ୍ଟ ଏକାବେଳକେ ଉଠିଯିବ ଓ ଏହି ସମ୍ପର୍କରେ ଉଚ୍ଚ କର୍ମଚାରୀଙ୍କ ଦଳ ମଧ୍ୟ ଉଣା ହେବ । ଏଥିରେ ଅନେକ ବ୍ୟୟ ଉଣା ହେବାର ସମ୍ଭାବନା ।

କଲିକତାର ମିଶନରୀ ଦଳ ଆମ୍ଭମାନଙ୍କର ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କୁ ତାହାଙ୍କର ଶିକ୍ଷା ବିଭାଗର ଉତ୍ତମ ନିୟମ ସହାୟେ ଗୋଟିଏ ଅବେଦନପତ୍ର ଦେବାକୁ ଉଦ୍ୟମ କରୁଅଛନ୍ତି । ଏଥିରେ ଶିକ୍ଷାବିଭାଗର କାର୍ଯ୍ୟ ଉତ୍ତମ ହେବ କି ମନ୍ଦ ହେବ ଆମ୍ଭେମାନେ କହିବାକୁ ସାହସ କରୁ ନାହୁଁ ।

ଅମୃତସରନଗରରେ ବସନ୍ତରୋଗର ଭାରି ପ୍ରାଦୁର୍ଭାବ ହୋଇଅଛି ଏବଂ କ୍ରମେ ଅନ୍ୟାନ୍ୟ ନଗରକୁ ମଧ୍ୟ ବିସ୍ତାର ହେଉଅଛି ।

## ବିଜ୍ଞାପନ ।

ଛଇଗୋଟା ଉତ୍ତମ ଟାଙ୍ଗଣ ଓ ବଡ ଘୋଡା ବିକ୍ରୟ ହେବାର ଅଛି ଯାହାଙ୍କର କ୍ରୟ କରିବାର ପ୍ରୟୋଜନ ହେବ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ତତ୍ତ୍ୱ କଲେ ମୂଲ୍ୟାଦିର ସମାଚାର ଅବଗତ ହୋଇ ପାରିବେ ।

ଅଲତି ପରଗଣାର ଅନ୍ତର୍ଗତ କୃଷ୍ଣପୁର ଶାସନ ବିଦ୍ୟାଳୟ ନିମନ୍ତେ ଜଣେ ପଣ୍ଡିତ ପ୍ରୟୋଜନ । ମାସିକ ବେତନ ୫ ୧୦ ଟା ବିଦ୍ୟାଳୟର ଉନ୍ନତି ଦେଖାଇ ପାରିଲେ ଅବିଳମ୍ବରେ ଟ ୧୫ ଙ୍କା ହେବାର ସମ୍ଭାବନା । ଆହାରୀୟଦ୍ରବ୍ୟ ଏବ ବସାଘରର ଖରଚ ଲାଗିବ ନାହିଁ ଆବେଦନକାରୀମାନେ ଚଳିତମାସ ତା ୧୫ ରିଖମଧ୍ୟରେ ଆମ୍ଭ ନିକଟକୁ ଆବେଦନ ପଠାଇବେ । ଇତି

୪।୩।୭୩ ବିଦ୍ୟାଳୟର ସମ୍ପାଦକ
ଶ୍ରୀ ପଦ୍ମାକର ଚୂଡାମଣି ।

NOTICE.

Is hereby given that the fourth Anniversary Meeting of the Cuttack Young Men's Literary Association will be held at the Katak High School premises on Thursday the 13th. inst. at 7 P. M. when the Revd. J. Buckley D. D. will address the Meeting.

Cuttack 6—3—73. Piyari Mohan Acharji
Hony. Secy. Y. M. L. A.
Cuttack.

## ମୂଲ୍ୟପ୍ରାପ୍ତି ।

ବାବୁ ବିଦ୍ୟାଧରମହାନ୍ତି ଗଞ୍ଜାମ ଅଗ୍ରିମ ୫ ୩
,, ଲଗବଘୀଚରଣସେନ କଟକ ବଙ୍କାପ୍ଲା ୫ ୩
ଶ୍ରୀ ଗ୍ରଜା ବଲେ ଭୁଜଙ୍ଗ ଅଗ୍ରିମ ୫ ୬୫॥
ବାବୁ ଖାନବିନ୍ଦୁପଟ୍ଟନାୟକ ବଦନମାଳ ,, ୫ ୬
,, ଜନାର୍ଦ୍ଦନପଟ୍ଟନାୟକ ନୟାପଦା ,, ୫ ୬
ରେବରଣ୍ଡ ଡବଲଡହିଲ ବୁଲ୍ଲିପୁର ,, ଟ ୬୫॥

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳ ଦୀପିକା । ତା ୮ ରଖ ମାହେ ମାର୍ଚ୍ଚ ସନ ୧୮୭୩ ମସିହା ।

କଟକ ନର୍ମାଲ ବିଦ୍ୟାଳୟ ପଣ୍ଡିତବର୍ଗର ସନ ୧୮୭୨ ମସିହାରେ ତୃତୀୟବର୍ଷୀୟ ନିମ୍ନଲିଖିତ ଛାତ୍ରମାନେ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ମୋଟ ନମ୍ବର ୬୫୦

ପ୍ରଥମଶ୍ରେଣୀ ।

| | | |
|---|---|---|
| ୧ ନ | ଶ୍ରୀ ପଦ୍ମନାଭ ମିଶ୍ର | ୩୬୩ |

ଦ୍ୱିତୀୟଶ୍ରେଣୀ ।

| | | |
|---|---|---|
| ୧ ନ | ଶ୍ରୀ ଶିବନାରାୟଣ ନାୟକ | ୩୦୨½ |
| ୨ | ,, କେଶବଚନ୍ଦ୍ର ମହାପାତ୍ର | ୨୯୨ |
| ୩ | ,, ହାରାଧନ ଗୁପ୍ତ | ୨୯୦½ |
| ୪ | ,, ଚନ୍ଦ୍ରମଣି ପାଣିଗ୍ରାହୀ | ୨୮୧½ |
| ୫ | ,, ଚନ୍ଦ୍ରମଣି ମିଶ୍ର | ୨୭୯½ |
| ୬ | ,, ପରେଶନାଥ ସିଂହ | ୨୭୪ |
| ୭ | ,, ଗୋବିନ୍ଦ ନନ୍ଦ | ୨୬୭½ |
| ୮ | ,, ହଲଧର ମହାପାତ୍ର | ୨୬୨½ |
| ୯ | ,, ଗୋପାଳଚନ୍ଦ୍ର ତ୍ରିପାଠୀ | ୨୪୬ |
| ୧୦ | ,, ପ୍ୟାରୀମୋହନ ଗୁପ୍ତ | ୨୪୫ |

ତୃତୀୟଶ୍ରେଣୀ ।

| | | |
|---|---|---|
| ୧ ନ | ଶ୍ରୀ ଦୀନବନ୍ଧୁ ଦାସ | ୨୩୯ |
| ୨ | ,, ନିମାଇଚରଣ ପଟ୍ଟନାୟକ | ୨୨୯½ |
| ୩ | ,, ଜଗନ୍ନାଥ କର | ୨୨୪½ |
| ୪ | ,, ମିଆଁଜାନ ଖାଁ | ୨୨୩½ |
| ୫ | ,, ରାମପ୍ରସାଦ ଦାସ | ୨୧୫ |
| ୬ | ,, ନଟବର ନାୟକ | ୨୧୨ |
| ୭ | ,, ଦାମୋଦର ପଣ୍ଡା | ୨୦୦½ |
| ୮ | ,, ଧନେଶ୍ୱର ସତ୍ପଥୀ | ୧୯୮½ |
| ୯ | ,, ଶ୍ରୀଧର ଦାସ | ୧୯୮ |
| ୧୦ | ,, ପାରେଶ୍ୱର ନାୟକ | ୧୯୩ |
| ୧୧ | ,, ମଦନମୋହନ ମିଶ୍ର | ୧୭୭½ |

## ପ୍ରେରିତ ପତ୍ର ।

ସମ୍ପାଦକ ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ଚିରବାଧିତ କରିବା ହେବେ ।

### ବସନ୍ତ ବର୍ଣ୍ଣନା ।

ଅହେ ଋତୁରାଜ, ହୋଇଣ ସ୍ୱଗାଢ଼,
କଲ ମୋହିତ ।
ଏକ ଶୁଭ ଦିନ, ହେଲେ ପୁଷ୍ପଗଣ,
ସୁପ୍ରସ୍ଫୁଟିତ ॥
ଦେଖି ଷଟ୍ପଦ, ହୋଇ ଗଦଗଦ,
କଲେ ଧାବନ ।
ଅସି ସସବ୍ୟସ୍ତେ, ବସି ବ୍ୟଗ୍ରଚିତ୍ତେ,
ଦେଲେ ଚୁମ୍ବନ ॥
ତହୁଁ ମଧୁସ୍ୱରେ, ପୂଜିଲେ ଈଶ୍ୱରେ,
ହୋଇ ଏକାନ୍ତ ।
କହିଲେ ହେ ଈଶ, ପରମକାରୀଶ,
ତୁମ୍ଭେ ଅନନ୍ତ ॥
ତୁମ୍ଭେ ଜଗଦାଦ, ସ୍ୱୟଂ ହେ ଅନାଦ,
କଲ ସୃଜନ ।
ସ୍ଥାବର ଜଙ୍ଗମ, ସାଗର ଦୁର୍ଗମ,
ସୁରମ୍ୟ ବନ ॥
କହୁଁ କହୁଁ ପିକ, ବସନ୍ତ ବାହକ,
ଅଇଲେ ଧାଇଁ ।
ବସି ବୃକ୍ଷୋପରି, କଳରବ ଧରି,
ଗାଇଲେ ତହୁଁ ॥
କହୁଛ କୋକିଳ, ହେ ମିଷ୍ଟ ସୁଶୀଳ,
ପ୍ରିୟ ଦର୍ଶନ ।
ଦୁଃଖ ଦୂରେ ଗଲା, ଏତେ ଦିନେ ହେଲା,
ସୁଖଲାପନ ॥
ତହୁଁ ପିକବର, ଛାଡ଼ିଲା ସୁସ୍ୱର,
କହିଲା ଯେସନେ ॥
ଅସ ଦାସମାନେ, ଅଛୁ ମୁଁ ବିମାନେ,
ପ୍ରଭୁଙ୍କ ସଙ୍ଗେ ॥
ତାହା ଶୁଣି କର୍ଣ୍ଣେ, ସବୁ ପକ୍ଷିମାନେ,
ଲେଭ ମିଳନ ।
ଭିଅଛି ଯେ ଯା ବାସ, ମିଳି ପିକପାର୍ଶ୍ୱ,
ଦେଲେ ଦର୍ଶନ ॥
ସବେ ବେଢ଼ି ବସି, ଧରି ଯେସନେ ବଂଶୀ,
କଲେ ସୁନାଦ ।
ଦେଖିଲା ପବନ, ହୋଇ ଉଚାଟନ,
କଲା ଉନ୍ମାଦ ॥
ସୁଶୀତଳ ବାୟୁ, ବହି ମୁହୁର୍ମୁହୁ,
ଭେଟି ପୁଷ୍ପକୁ ।
ଯେ ଯା ବାସ ହେଲେ, ସୁଗନ୍ଧ ବହିଲେ,
ଦିଗଦିଗକୁ ॥
ଦେବଦାରୁବନ, ହେଲା ସୁଶୋଭନ,
ପକ୍ଷି ବସିଲେ ।
ସୁଦୀର୍ଘଦ୍ୱିରଦ, ହୋଇ ମତ୍ତମଦ,
ଅଦ ଘଷିଲେ ॥
ତହୁଁ ପ୍ରବାହିତ, ରସ ସୁଗନ୍ଧିତ,
ସିଞ୍ଚିଲା ମହୀ ।
ସମୀରଣ ଅସି, ସେହିକ୍ଷଣେ ପଶି,
ଅଣିଲା ବହି ॥
ଶୁଷ୍କପତ୍ରୋପରି, ଏକଗଣ ଚରି,
ସ-ମଦ ମନେ ।
ବସନ୍ତାଗମନେ, ସୁସ୍ୱର ଶ୍ରବଣେ,
ରତ ଥାବନେ ॥
ଗିରି-ନିର୍ଝରିଣୀ, ସରସ ଭଟିନୀ,
ବହି ଚଞ୍ଚଳ ।
ସ୍ଫୁଟିକହୃଦରେ, କହୁଛ ସୁସ୍ୱରେ,
"ବୃଥା ସକଳ" ॥

ଏକାନ୍ତ ବଶମ୍ବଦ
କସ୍ୟଚିତ୍—ଘ—ସମ୍ବଲପୁର ।

ଏ ଋତୁକାନ୍ତି ସମ୍ବଲପୁରଠାରୁ ଆସିଥିବାରୁ ସାଦରେ ପ୍ରକାଶକଲୁଁ ।

ସଂ, ଉ, ଦୀ,

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED NO. 43



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ } ତା ୧୫ ରଗ ମାର୍ଚ୍ଚ ସନ ୧୮୭୩ ମସିହା । ମୁ । ଚୈତ୍ର ଦ ୪ ଜ ସନ ୧୨୮୦ ସାଲ ଶୁକ୍ରବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪
ସଂଖ୍ୟା } { ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
{ ମଫସଲ ପାଇଁ ଡାକମାସୁଲ ୧୫

ଗତ ସପ୍ତାହରେ ଏହାକେଲକେ ଅନେକ ପର୍ବ ପଡ଼ିବାରୁ ନଗରବାସିମାନେ ଆନନ୍ଦରେ କାଳଯାପନ କରୁଅଛନ୍ତି । ଅଜ ଧୋଲଣ୍ଡି ଦୋଲଯାତ୍ରାର ଶେଷ ଦିନ ଅମ୍ଭେମାନେ ଅବିର ରଙ୍ଗପାଣି ଭୟରେ ଦାଣ୍ଡକୁ ବାହାରିବାକୁ ସାହସ କରୁ ନାହୁଁ ଇତର କାର୍ଯ୍ୟାନୁରୋଧରେ ବାହାର ପାଠକଙ୍କ ସହିତ ସାକ୍ଷାତ କରିବାକୁ ଯତ୍ନ କରୁଅଛୁଁ ଏଥିରେ ଯେବେ ଦୈବାତ୍ ତାହାର ସଙ୍ଗରେ ସାକ୍ଷାତ ହେବାରେ ବିଳମ୍ବ ହୁଅଇ ପାଠକମାନେ କ୍ଷମା କରିବେ । ଅମ୍ଭମାନଙ୍କର ସାକ୍ଷାତରେ ଦିନେ ବିଳମ୍ବ ହେଲେ ସେତେ କ୍ଷତି ନାହିଁ ଅମ୍ଭେମାନେ କେବଳ ଏତିକି ପ୍ରାର୍ଥନା କରୁଁ ଯେ ପାଠକମାନେ ଦୋଲଯାତ୍ରାର ସୁଖ ଭୋଗ କରନ୍ତୁ ।

---

ମୋହରମ ପର୍ବ ଉତ୍ତମରୂପେ ନିର୍ବାହିତ ହେଲା । ତାଜିଆ ଓ ତାମସାର ଘଟା ଯେମନ୍ତ ବର୍ଷକୁ ବର୍ଷ ହୋଇଥାଏ ପ୍ରାୟ ସେହିରୂପ ହୋଇଥିଲା ଅଧିକା ବିଷୟରେ ଏହି ଯେ ମହୀସୁରରୁ ଆସିଥିବା ସରକସ ବାଜଙ୍କାରମାନେ ଅଗଡ଼ା ପ୍ରାୟ ବାହାର ନୂତନ ରଙ୍ଗ ଦେଖାଇଥିଲେ ଓ ପଲଟନର ସିପାହିମାନେ ମଧ୍ୟ ସରକସ ବାଜି ଶିକ୍ଷା କରି ବିଲକ୍ଷଣରୂପ ବ୍ୟୁତ୍ପତ୍ତି ଦେଖାଇ ଅଛନ୍ତି । ତାଜିଆ ସବୁ ନିର୍ମାଣର ଘଟାରେ କିଛି ତାରତମ୍ୟ ଦେଖା ଯାଇ ନାହିଁ ପଲଟନର ତାଜିଆ ଅପଣା ଶ୍ରେଷ୍ଠତ୍ୱ ରକ୍ଷା କରୁଅଛି ଓ ନଗରର ତାଜିଆ ସବୁ ମଧ୍ୟରେ ବରମଗାଁର ତାଜିଆଟି ସର୍ବାପେକ୍ଷା ସୁନ୍ଦର ହୋଇଥିଲା । ସୁତାହାଟର ତାଜିଆରେ ଅନେକ କାରୁଗରୀ ଓ ପରିଶ୍ରମ ହୋଇଥିଲେ ହେଁ ତାହା ଦୂରକୁ ଦେଖିବାକୁ ସେତେ ଶୋଭାକର ହୋଇ ନ ଥିଲା । ଆଉ ସବୁ ତାଜିଆ ସାଧାରଣପ୍ରକାରର ଥିଲା କେହି ମନ୍ଦ ନ ଥିଲା ଅଥଚ ନୂତନ ଶିଳ୍ପକୌଶଳ କାହିଁରେ ଲକ୍ଷିତ ହେଉ ନ ଥିଲା । ମୋହରମରେ ଯେତେ ଅଗଡ଼ା ବାହାରେ ତହିଁରେ ଦଙ୍ଗାହଙ୍ଗାମା ଯେ ନ ହୁଅଇ ଏହା ବିଚିତ୍ର ମଣିବାକୁ ହେବ । ଏବର୍ଷ କଟକରେ ପୂର୍ବ ଏକଦିନ ତେଲଙ୍ଗାବଜାରର ଦୁଇ ଅଗଡ଼ାରେ ମାରପିଟ ହୋଇ କେତେ ଲୋକ ଗୁରୁତର ଆଘାତ ପାଇ ହାସପାତାଲରେ ଅଛନ୍ତି ଓ ମକଦ୍ଦମାର କଚେରି ହେଉଅଛି । କତଲରାତିଦିନ କିଛି ଗୋଳମାଳ ହୋଇ ନାହିଁ ଏଥିପାଇଁ ସମସ୍ତ ପୁଲିସକର୍ମଚାରୀଙ୍କୁ ପ୍ରଶଂସା କରିବାକୁ ହେବ କିନ୍ତୁ ବିଶେଷରେ ମୁନସି ଅଛଡଗାନଙ୍କର ପ୍ରଶଂସା କରୁଅଛୁଁ ଅମ୍ଭେମାନେ ତାହାଙ୍କୁ କତଲରାତିରେ ଦନ୍ତେସୁବା ବସିବାକୁ ଦେଖୁ ନାହୁଁ ଅଥଚ ନିମିଷମାତ୍ର ବିରକ୍ତ ହେବାକୁ ନାହିଁ ଅଗଡ଼ାସବୁକୁ ପୃଥକ୍ ରଖି ଆଗକୁ ନେଉଥିଲେ । ଏପରି ଅମ୍ଭେମାନେ ଶୁଣିଅଛୁଁ ଯେ ଦରଘାବଜାର ଅଗଡ଼ା ସଙ୍ଗେ ଅନ୍ୟ କେହି ଅଗଡ଼ାବାଲାମାନେ ମାରପିଟ କରିବାକୁ ଉଦ୍ୟମ କରିଥିଲେ ତାହା ନିବାରଣ କରିବାରେ କଦମରସୁଲ ଫାଣ୍ଡିର ଏକଟିଂ ହେଡ଼କନଷ୍ଟବଲ କାସୀରଥୀ ବିଶେଷ ଯତ୍ନ ପାଇ କୃତକାର୍ଯ୍ୟ ହୋଇ ଅଛି । ଭାଗୀରଥୀ ପୂର୍ବରୁ ସତର୍କ ହୋଇ ନ ଥିଲେ ବୋଧ ହୁଅଇ ଗାରିଗଙ୍ଗ ହୋଇଥାନ୍ତା ପୁଲିସର ଏପରି କାର୍ଯ୍ୟ ବଡ଼ ସୁଖଦାୟକ ଅଟଇ ।

---

ଗତ ବୁଧବାର ସକାଳବେଳେ କଟକ ହାଇସ୍କୁଲରେ ବାର୍ଷିକ ପାରିତୋଷିକ ଦାନର ସଭା ହୋଇଥିଲା । ଜଜ କମିଶ୍ନର ଜଜ ମାହଙ୍କଫ୍ଟ ଓ ଅନ୍ୟାନ୍ୟ କେତେକ ଉଚ୍ଚପଦର ସାହେବ ଓ ଦେଶୀୟ ସମ୍ଭ୍ରାନ୍ତଲୋକମାନେ ଉପସ୍ଥିତ ହୋଇ ସଭାର କାର୍ଯ୍ୟ ନିର୍ବାହ କଲେ । ସ୍ଥାନୀୟ ଶିକ୍ଷାକମିଟୀର ସେକ୍ରେଟରୀ ଗ୍ରେବସ୍ ସାହେବ ବାର୍ଷିକ ବିଜ୍ଞାପନୀ ଲେଖି ଆଣିଥିଲେ ପ୍ରଧାନଶିକ୍ଷକ ମହାଶୟ ତାହା ପାଠ କରିବାରେ ସଭାସ୍ଥ ବ୍ୟକ୍ତିମାନେ ଆନନ୍ଦିତ ହେଲେ କାରଣ ତହିଁରୁ ଜଣାଗଲା ଯେ ବିଦ୍ୟାଳୟର କାର୍ଯ୍ୟ ସର୍ବତୋଭାବେ ଉତ୍ତମରୂପେ ଚଳି ଅଛି । ତହିଁ ଉତ୍ତାରୁ ସଭାପତି ମହାଶୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କୁ ପାରିତୋଷିକ ସ୍ୱରୂପ ପୁସ୍ତକ ବଣ୍ଟନ କଲେ ଓ ଏ କାର୍ଯ୍ୟ ଶେଷ ହେଲାରୁ କେତେକ ଜଣ ଛାତ୍ର ନାନା କାବ୍ୟ ଓ ନାଟକ ଗ୍ରନ୍ଥରୁ ମୁଖସ୍ଥ କରିଥିବା କବିତାମାନ ପାଠ କଲେ । ଏ ବିଷୟରେ ଅମ୍ଭେମାନେ ଦେଖିଲୁଁ ଯେ ବଡ଼ ବଡ଼ ଛାତ୍ରଙ୍କ ଅପେକ୍ଷା ଛୋଟ ଛୋଟ ଛାତ୍ରମାନେ ସଭାକୁ ଅଧିକ ପରିତୋଷ କଲେ ।

Digitized by srujanika@gmail.com

ଅମ୍ଭେମାନେ ବୋଧ କରୁଁ ଭବିଷ୍ୟତରେ ଯେମନ୍ତ ଅଧିକାଂଶ ଛୋଟବାଳକଙ୍କୁ ଏପରି ପାଠ କରିବାର ଭାର ଦିଆଯିବ ଓ ବଡ ଛାତ୍ରଙ୍କ ମଧ୍ୟରେ ଯେବେ କେହି ଉତ୍କୃଷ୍ଟରୂପ ପଢ଼ିବାର ଶିକ୍ଷକ ଦେଖିବେ ତେବେ ତାହାଙ୍କୁ ଛିଡା କରିବେ ନୋହିଲେ କିଛି ପ୍ରୟୋଜନ ନାହିଁ । ଓଡିଆ ଛାତ୍ର ଗୋଟିଏ ମଧ୍ୟ ଏକ ଜଣ ପାଠ କରିଥିଲା ଓ ତାହା ଆନନ୍ଦକର ହୋଇଥିଲା । ପାଠକରିବା ଛାତ୍ରମାନଙ୍କ ଉତ୍ସାହ କାରଣ ସେମାନଙ୍କୁ ୫୨୦ ଟଙ୍କା ପାରିତୋଷିକ ସ୍ୱରୂପ ବାଣ୍ଟି ଦିଆଗଲା । ଏଟଙ୍କା ଗୋରଧାର ତହସିଲଦାର ବାବୁ ଶିଗଜତମାହାନ୍ତି ପଠାଇ ଦେଇଥିଲେ । ମାହାନ୍ତି ମହାଶୟଙ୍କୁ ଏଥିପାଇଁ ଅମ୍ଭେମାନେ ପ୍ରଶଂସା କରୁଅଛୁଁ କିନ୍ତୁ ଉପସ୍ଥିତ ସଭ୍ୟଙ୍କ ମଧ୍ୟରୁ କେହି କିଛି ଦେଲେ ନାହିଁ ଏହା ଭଲ ହୋଇ ନାହିଁ । ପାଠକାରୀ ଛାତ୍ରଙ୍କୁ ପାରିତୋଷିକ ଦେବାରେ ମଧ୍ୟ ଗୁଣର ବିଚାର ହେଲା ନାହିଁ ଏହି ଭଲ ହୋଇ ନାହିଁ । ଏହିରୂପେ ନିରୂପିତ କାର୍ଯ୍ୟ ଶେଷ ହେଲାରୁ ଶ୍ରୀଯୁକ୍ତ ସଭାପତିମହାଶୟ ଓ ପାଦ୍ରୀ ବକଲସାହେବ ଇଂରାଜୀ ଭାଷାରେ ବକ୍ତୃତା କଲେ ତହିଁର ସଂକ୍ଷେପ ବିବରଣ ସ୍ଥାନାଭାବରୁ ଏ ସପ୍ତାହରେ ନ ଲେଖି ଆଗାମୀକୁ ରହିତ ହେଲା ।

---

## ଯୋବଗ୍ କାରଖାନାର ଚୋରିମକଦ୍ଦମା ।

ଚୋରିଦ୍ରବ୍ୟ ଦୃଷ୍ଟିରେ ଏ ମକଦ୍ଦମା ସାମାନ୍ୟ ଓ ତୁଚ୍ଛ ହେଲେହେଁ ତହିଁର ଜଣେ ଉଚ୍ଚତର କର୍ମଚାରୀ ଅର୍ଥାତ୍ ବାରକମାଷ୍ଟର ଫକନର ସାହେବଙ୍କର ଚରିତ୍ର ପ୍ରକାଶ ହେଉଥିବାରୁ ଏହା ଗୁରୁତର ବ୍ୟାପାର ବୋଧ ହେଉଅଛି । ବାସ୍ତବରେ ଏ ମକଦ୍ଦମା ବଡ ଧୂମଧାମରେ ନିଷ୍ପତ୍ତି ହୋଇଅଛି । ଅନେକ ସାହେବ ଓ ଦେଶୀୟ ଭଦ୍ର ଓ ବଡଲୋକେ ସାକ୍ଷିସ୍ୱରୂପ ଫଉଜଦାରୀକୁ ଟଣାଟଣି ହୋଇ ଆସିଥିଲେ ଓ ବଡ ୨ ଉକିଲମାନେ ମିସଲ ବୁଝାଇଥିଲେ । ଅନେକଦିନ ପର୍ଯ୍ୟନ୍ତ ଏ ମକଦ୍ଦମାର ବିଚାର ହୋଇ ଗତମାସ ତା ୨୬ ରଖରେ ନିଷ୍ପତ୍ତି ପାଇଲା କିନ୍ତୁ କିଛି ଅସଂଯୋଗ ହେତୁ ଅମ୍ଭେମାନେ ଏ ପ୍ରସଙ୍ଗ ଯଥା ସମୟରେ ଲେଖିପାରି ନାହୁଁ । ଏ ମକଦ୍ଦମାରେ ନାମିକ ବାଦୀ କିଂସାହେବ, ପ୍ରକୃତ ବାଦୀ ଫକନରସାହେବ ଅଟନ୍ତି ଓ ପ୍ରତିବାଦୀ କେଦାରନାଥ ଚକ୍ରବର୍ତ୍ତୀ ଓଭରସିୟର । ପ୍ରଥମେ ଏଥିର ନାଲିଶ ପୁଲିସରେ ହେଲା ଓ ପୁଲିସ ମକଦ୍ଦମା ଚଲଣ କରିବାରୁ ଅଶିଷ୍ଟାଣ୍ଟମେଜିଷ୍ଟର ଗିବନ୍ସ ସାହେବଙ୍କୁ ଅର୍ପିତ ହେଲା । ଏଥିର ଯେ ବୃତ୍ତାନ୍ତ ମେଜିଷ୍ଟ୍ରିରେ ପ୍ରକାଶ ହେଲା ତାହା ସଂକ୍ଷେପରେ ନିମ୍ନେ ଲେଖୁଅଛୁଁ ।

ବାଦୀ କହିଲା କି ସେ ଫକନରସାହେବଙ୍କ ଆଜ୍ଞାନୁସାରେ କେଦାରନାଥ ଚକ୍ରବର୍ତ୍ତୀଙ୍କୁ ଅଭିଯୁକ୍ତ କରିଅଛି କି ସେ ଯୋବଗ୍ ସରକାରୀ ଗୋଦାମରୁ ଫ ୧୦ ୫ ରଙ୍ଗ ଫିଲଲେନ ଲୁଗା ଚୋରିକରି ନେଇଅଛି । ଫକନରସାହେବ କହିଲେ କି ଗୋଦାମରୁ କିଛି ସାମଗ୍ରୀ ସ୍ଥାନାନ୍ତରିତ ହେବାର ବେନାମୀ ଚିଠି ପାଇବାରୁ ସେ ଗୋଦାମ ସାମଗ୍ରୀ ସବୁ ପରତାଲ କରାଇଲେ ଓ ପରତାଲରେ ଦଶଫୁଟ ଫିଲଲେନ ଊଣା ହେବାର ଓ ଗୋଦାମଘର ଏକା ପ୍ରତିବାଦୀ ହସ୍ତେ ଥିବାରୁ ତାହାବିନା ଅନ୍ୟ କେହି ଚୋରି କରି ନ ଥିବାର ସମ୍ଭବକରି ଏ ମକଦ୍ଦମା କଲେ । ଜଣେ ଗୃହସ୍ଥ ସାକ୍ଷି କହିଲା କି ଉବରେସର ବାବୁ ଗୋଦାମରୁ ଉକ୍ତଲୁଗା ଓ ହିସାବବହି ତାକୁ ଦେଇ କହିଲେ କି "ବଡସାହେବ ଆମ୍ଭଙ୍କୁ ଏ ଲୁଗା ଦେଇଅଛନ୍ତି ତୁ ଏ ଲୁଗା ଓ ବହି ଆମ୍ଭ ବସାରେ ଦେଇ ଆ, ତହୁଁ ମୁଁ ଲୁଗାଇତ୍ୟାଦି ତାଙ୍କ ବସାରେ ଦେଇଆସିଲି ।" ଆଉ ଦୁଇଜଣ ସାକ୍ଷୀ ଏ ବିଷୟର ପୋଷକତା କଲେ । ଏହିପ୍ରକାରରେ ମକଦ୍ଦମାଟି ପ୍ରମାଣ କରିବାରେ ବାଦୀପକ୍ଷର ବିନ୍ଦୁଏ ତ୍ରୁଟି ହୋଇ ନାହିଁ । ଏଣିକି ପ୍ରତିବାଦୀର କଥା କହୁଅଛୁଁ ଯଥା ।

ପ୍ରତିବାଦୀ ଅପଣା ଜବାବରେ ବୋଲେ ଯେ ଏକଜିକ୍ୟୁଟିଭ ଇଞ୍ଜିନିୟର ସାହେବ ମୋତେ ଇସ୍ତଫା ଦେବାକୁ ସର୍ବଦା କହନ୍ତି ମୁଁ ନାସ୍ତି କରେଁ ତହୁଁ ସେ ମୋତେ ବଦଳର ପ୍ରାର୍ଥନା କରିବାକୁ କହିଲେ ତାହା ମୁଁ ନାସ୍ତି କଲି । ମୁଁ ଏକା କାର୍ଯ୍ୟ ଚଳାଇ ପାରିବି ନାହିଁ ଏହି ଅଛିଳାରେ ସେ ମୋର ସହକାରୀକୁ ଛାଡି ଦେଲେ କଣ୍ଟାକ୍ଟରଙ୍କଦ୍ୱାରା ମଧ୍ୟ ମୋତେ ଅପମାନ କରାଇଲେ । ମୁଁ ଇସ୍ତଫା ପଠାଇବାରେ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର କୈଫିୟତ ତଲବ କଲେ ମୁଁ କହିଲି ଫକନର ସାହେବ ସଙ୍ଗେ ମୋର ଅମେଳ ଅଛି ସୁପରିଣ୍ଟେଣ୍ଡିଂ ସାହେବ ମୋର ଇସ୍ତଫା ନେଲେ ନାହିଁ । ମୋ ନାମରେ ଏକଜିକ୍ୟୁଟିଭ ଇଞ୍ଜିନିୟର ଅନେକ ଥର ରିପୋର୍ଟ କଲେ ଓ ମୋତେ ସେସବୁରେ କୈଫିୟତ ତଲବ ହେଲା ମୁଁ ସେସବୁ ଦେଉଅଛି । ଏଥି ଭିତାରୁ ଉପର କୋଠରୀରୁ ୪ ୫ ଥାନ ଲୁଗା ଚୋରି ଗଲା ଏକଜିକ୍ୟୁଟିଭ ସାହେବ ବଡ ସାହେବକୁ ଉକ୍ତ ଚୋରିରେ ଦାୟୁତ୍ତ୍ୱ ମଣି ତାହା ନାମରେ ନାଲିଶ କରିବାକୁ ମୋତେ କହିଲେ । ମୁଁ କହିଲି ତାଙ୍କନାମ ଚଢ଼ି ପାରଇ ନାହିଁ ତହୁଁ ମକଦ୍ଦମା ଡିସମିସ ହେଲା । ଏଥିରେ ସାହେବ ମୋ ଉପରେ ବଡ ରାଗ କଲେ । ମୁଁ ଶୁଣିଅଛି ଯେ ବଡ ସାହେବ ଲେଫ୍ଟେନାଣ୍ଟଗବର୍ଣ୍ଣରଙ୍କ ନିକଟକୁ ଏହି ମର୍ମରେ ଚିଠି ପଠାଇଅଛି ଯେ ଫକନର ସାହେବ ଅପଣା ବ୍ୟବହାରପାଇଁ ଯେ ସବୁ ଦ୍ରବ୍ୟ ଆଣନ୍ତି ତାହା ସରକାରୀ ସାଧାରଣ ଖର୍ଚ୍ଚ ବହିରେ ଲେଖନ୍ତି ଓ ଏ କଥା ଗୋଦାମର କାଗଜରୁ ପ୍ରମାଣ ହୋଇ ପାରେ । ଏଥିର ତଦନ୍ତ କରିବାପାଇଁ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କୁ ଆଜ୍ଞା ହେବାରେ ଏକଜିକ୍ୟୁଟିଭ ଇଞ୍ଜିନିୟର ଅପଣା ହେଡକ୍ଲାର୍କକୁ ମୋ ଘରକୁ ପଠାଇ ତାହା ହାତରେ ଏହି ସମ୍ବାଦ ଦେଇଥିଲେ କି ମୁଁ ଅପଣା ପ୍ରସ୍ତାବକୁ କାଟକୁଟ କରି ତାହାଙ୍କ ନାମର ଖରଚ ସବୁ ସାଧାରଣ ଖର୍ଚ୍ଚରୁ କାଟି ଦେଇ ତାହାଙ୍କ ନାମରେ ଲେଖିବ । ମୁଁ ନାସ୍ତି କଲି ଓ ସୁପରିଣ୍ଟେଣ୍ଡିଂ ସାହେବ ଏ ବିଷୟର ତଦନ୍ତ କଲେ ମୁଁ ଠିକ ପ୍ରସ୍ତାବମାନ ଦେଲି ଏଥିରେ ଫକନର ସାହେବ ବଡ କ୍ରୋଧ ହେଲେ । ଡିସେମ୍ବର ତା ୩୦ । ୩୧ ରଖରେ ତଦାରଖ ହେଲା ଜାନୁଆରୀ ତା ୧ । ୨ ରଖ ପର୍ବଦିନ ଥିଲା । ତା ୩ ରଖ ସକାଳେ ମୁଁ ଯେମନ୍ତ କଚେରିଠାରେ ପହଞ୍ଚିଲି ଏକଜିକ୍ୟୁଟିଭ ଇଞ୍ଜିନିୟର ସାହେବ ମୁଁ ମଦ ପିଇଛି ବୋଲି କହି ଡାକ୍ତର ପାଖକୁ ପରୀକ୍ଷା କରିବା ପଠାଇଲେ । କିଂ ସାହେବ ମୋତେ ହାସପାତାଳକୁ ନେଲା । ଡାକ୍ତର ଦେଖି କହିଲେ ମୁଁ ଭଲ ଅଛି ଓ ସାର୍ଟିଫିକେଟ ଦେଲେ । ତହୁଁ ସାହେବ ମୋତେ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ନିକଟକୁ ପଠାଇ ଏକ ଚିଠି ଲେଖିଲେ କି ସେ ଦିନ ସକାଳେ ମୁଁ ଏମନ୍ତ ମତ୍ତଥିଲା ଥିଲି ଯେ ଛିଡା ହୋଇ ପାରୁ ନ ଥିଲି ମୁହଁରୁ ଦୁର୍ଗନ୍ଧ ବାହାରୁଥିଲା ଓ ସେଥିପାଇଁ ସେ ଡାକ୍ତର ପାଖକୁ ପଠାଇଥିଲେ ଡାକ୍ତର ଯାହା ଲେଖିଅଛନ୍ତି ତାହା ସେ ଦେଖିଲେ ଜାଣିବେ । ଏଥି ସଙ୍ଗେ ଚାରିଜଣ ସାକ୍ଷୀ ମଧ୍ୟ ପଠାଇଥିଲେ ମାତ୍ର ସାହେବ ପ୍ରଶଂସିତ କିଛି ଆଜ୍ଞା ଦେଲେ ନାହିଁ । ଉକ୍ତ ସାହେବଙ୍କ କୋଠରୀ ମୋହ ଘରକୁ ଫେରି ଆସିବା ବେଳେ ବାଟରେ କିଂ ସାହେବ ହେଡ-

Digitized by srujanika@gmail.com

Split by PDF Splitter



କନଷ୍ଟେବଲ ଜଗୁସିଂହ ଓ ଜଣେ ଦରଜି କ ତାହା ହାତରେ ଦୂରଗଜ ଚିକନ ଲୁଗା ଥାଏ ଏମାନଙ୍କୁ ଦେଖିଲି । ହେଡକନଷ୍ଟେବଲ ପଚ୍-ରିଲେ ମୁଁ ଏ ଲୁଗା କାହିଁ ପାଇଲ ମୁଁ ଉତ୍ତର କଲି ଲୁଗା ମୋର ଦରଜିକୁ ସିଇଁବାକୁ ଦେଇ ଅଛି । ଏ ଲୁଗା ଓ ଆଉ କେତେ ଲୁଗା ଗତ ଫେବୃଏରୀ ବା ମାର୍ଚ୍ଚ ମାସରେ ଖଣ୍ଡନାସିର ଡେପୁଟି ପୋଷ୍ଟମାଷ୍ଟର ମୋଲଗି କିଣି ପଠାଇ ଥିଲେ ସେ କେଉଁଠାରୁ କିଣିଥିଲେ ମୋତେ ଜଣା ନାହିଁ । ଏକଷ୍ଟ୍ରାଡେପୁଟିଇନ୍ସପେକ୍ଟରଙ୍କ ବଙ୍ଗଳା-କୁ ଯିବାପାଇଁ ହେଡ କନଷ୍ଟେବଲ ମୋତେ କହିବାରୁ ମୁଁ ସେଠାକୁ ଗଲି ସାହେବ କହିଲେ ଲୁଗା ତାଙ୍କର ଅଟଇ ଓ ସେ ଲୁଗା ଓ ମୋତେ ପୁଲିସକୁ ନେବାପାଇଁ କିଂ ସାହେବଙ୍କୁ କହିଲେ । ସେ ଚୋରୁପ କଲି ଓ ମୋକଦ୍ଦମା ତଦାରକ ହୋଇ ପ୍ରମାଣ ହେଲ ନାହିଁ । ଏହିରୂପେ ସେ ମୋକଦ୍ଦମା ମୋହ ବନ୍ଧରେ ସୃଜନ ହୋଇ ଥିଲା । ମୁଁ ସରକାରୀ କର୍ମରେ ସନ ୧୮୭୧ ମସିହାରୁ ଅଛି ଓ ମାସିକ ୨୮୦ ଙ୍କା ବେତନ ପାଏ ।

ଶ୍ରୀବୁସ ସାହେବ ଏମକଦ୍ଦମାର ଯଥାର୍ଥ ବିଚାର କରି ପ୍ରତିବାଦୀଙ୍କୁ ମୁକ୍ତ କଲେ । ସାହେବ ବୋ-ଲନ୍ତି ଯେ ଫକୀରସାହେବ ଓ ପ୍ରତିବାଦୀ ଦୁହିଙ୍କ ମଧ୍ୟରେ ଶତ୍ରୁତା ଥିବାର ଯଥେଷ୍ଟ ପ୍ରମାଣ ହୋଇଅଛି ଓ ଉଭୟପକ୍ଷ ପରସ୍ପରରେ ଦୋଷାରୋପ ଓ ନାଲିଶ କରିଅଛନ୍ତି । ପ୍ରତିବା-ଦୀ ନାମରେ କେତେକଥର ନାଲିଶ ହୋଇ ପରିଶେଷେ ଏ ମକଦ୍ଦମା ହୋଇଅଛି ଓ ତାହା-ଙ୍କୁ କର୍ମରୁ ବାହାର କରିବାପାଇଁ ଫକୀର ସାହେବଙ୍କର ଏକାନ୍ତ ଇଚ୍ଛା । ଦୁଃଖର ସାକ୍ଷିଙ୍କ ପକ୍ଷରେ ବିଚାରକର୍ତ୍ତା କହନ୍ତି ଯେ ସେମାନେ ଯୋବର୍ କାରଖାନାର ଚାକର ଥିବା ଓ ପ୍ରତି-ବାଦପ୍ରତି ଫକୀରସାହେବର ଶତ୍ରୁଭାବ ଥିବା ଦୃଷ୍ଟିରେ ସେମାନଙ୍କର ସାକ୍ଷ୍ୟ ଅକର୍ମଣ୍ୟ ଅଟେ ସେମାନଙ୍କର କଥା ଯେପରି ସତ୍ୟ ସେପରି ମିଥ୍ୟା ହୋଇପାରେ ବିଶେଷତଃ ଦେଶୀୟ ଚାକ-ରମାନେ ଅବଶ୍ୟକୀୟ ପ୍ରମାଣ ଘଟାଇଦେବା କାର୍ଯ୍ୟକୁ ବଡକର ଜାଣନ୍ତି । ଯେପରି ଅବସ୍ଥା-ରେ ଲୁଗା ରଖିବାର ବୁଝାଯାଏ ତାହା ଅସମ୍ଭବ ଓ ପ୍ରତିବାଦପ୍ରତି ଫକୀରସାହେବ ଚରିତ୍ର ଓ ଶତ୍ରୁଗହନ୍ତ ହୋଇଥିବାରୁ ସେ ଜାଣୁ ନ ଥିଲେ ହେଁ ସେ ଏପରି ମିଥ୍ୟା ନୁହେ ଯେ ଯେପରି ସେ ଚେଷ୍ଟା କରିଥିବାର ବୁଝାଯାଏ ସେପରି କରନ୍ତା । ବିଚାରପତି ଏ ମକଦ୍ଦମାକୁ ମିଥ୍ୟା ବୋଲି ସ୍ପଷ୍ଟ କହି ନ ଥିଲେହେଁ ପ୍ରକାରାନ୍ତ-ରରେ କହିଅଛନ୍ତି କାରଣ ସେ ଯେ ଦେଶୀୟ ଚାକରଙ୍କୁ ଗୋଟିଏ ବିଷୟରେ ଦୂଷିଅଛନ୍ତି ଏହା ବଡ ଆଶ୍ଚର୍ଯ୍ୟ । ଯେ ସ୍ଥଳେ ଫକୀରସାହେବ ଏତେକାଣ୍ଡ କଲେ ଓ ଅସାମୀ ତାହାଙ୍କ ବିରୁ-ଦ୍ଧରେ ଯେ ସବୁ କହିଅଛି ଯେବେ ସତ୍ୟ ହୁଅଇ ତେବେ ସେ ଯେ ସେମାନଙ୍କୁ ସାକ୍ଷୀ ହେବାପାଇଁ କହି ନଥିବେ ଏହା କିଏ ସମ୍ଭବ କରିବ ତେବେ ସେମାନଙ୍କର ଦୋଷ କଣ ସେମାନେ ହୁକୁମର ଚାକର । ଯାହା ହେଉ ଫକୀରସାହେବଙ୍କପରି ସୁଶିକ୍ଷିତ ଓ ଉଚ୍ଚଶ୍ରେ-ଣୀର କର୍ମଚାରୀ ଏପରି ନୀଚ ଓ ଘୃଣିତ କ୍ରିୟା କରିବାର ଅତି ନିନ୍ଦନୀୟ ଓ ଶୋଚନୀୟ ଅଟଇ ଆଉ ଲୋକଙ୍କ କଥା କଣ କହିବା । ଆସାମିର ଜବାବମତେ ଫକୀରସାହେବ କେ-ବଳ ସରକାରୀ କାର୍ଯ୍ୟରୁ ପଦଚ୍ୟୁତ ହେବାର ଯୋଗ୍ୟ ଏମନ୍ତ ନୁହେ ସେ ଗୁରୁତର ଦଣ୍ଡ ଭୋଗ କରିବାର ଯୋଗ୍ୟ ଅଟନ୍ତି ଅତଏବ ଫକୀରସାହେବଙ୍କର ନିତାନ୍ତ କର୍ତ୍ତବ୍ୟ ହେଉ-ଅଛି ଯେ ଉକ୍ତ ଜବାବରେ ଯେବେ କିଛି ମିଥ୍ୟା ଦୋଷାରୋପ ହୋଇଥାଏ ତହିଁରୁ ମୁକ୍ତ ହେବାଲାଗି ଅବିଲମ୍ବେ ଉପାୟ କରନ୍ତୁ ସେ ଚୁପ ହୋଇ ରହିଲେ କେବଳ ଜବାବର ସତ୍ୟତା ପ୍ରମାଣ ହେବ ।

---

### ଓଡିଶାର ଛାତ୍ରବୃତ୍ତି ପରୀକ୍ଷାର ଫଳ ।

ତୃତୀୟ ବର୍ଗ

| | |
|---|---|
| ପତିତପାବନ ସିଂହ | ତାଳ୍‌କୋଟ |
| ଶ୍ୟାମାଚରଣ ସିଂହ | ,, |
| ଜଗନ୍ନାଥଦାସ କର | କାଳ୍‌ଣଗାସନ |
| ଶମ୍ଭୁନାଥ ଦାସ | ,, |
| ମହମ୍ମଦ ଅଲି | କୃଷ୍ଣାନନ୍ଦପୁର |
| ଅଦ୍ୱୈତଚରଣ ଦାସ | ଢାକାନଲ |
| ଶ୍ୟାମସୁନ୍ଦର | ,, |
| ରଘୁନାଥ ଆଚାର୍ଯ୍ୟ | ମହାସିଂପୁର |
| ଚିନ୍ତାମଣି ଚୌଧୁରୀ | ,, |
| ଦାମୋଦରସତ୍ପଥି | ,, |
| ଠାକୁରଚରଣ ଘୋଷାଲ | ପହଗଜପୁର |
| ଗୋବିନ୍ଦ ମିଶ୍ର | ସୁକାନପୁର |
| ଫକୀର ତ୍ରିପାଠୀ | ,, |
| ଦ୍ୱାରକାପ୍ରସାଦ ସିଂହ | ଅମ୍ବରେଶ୍ୱର |
| ବନମାଳୀ ସାହା | ,, |
| ବ୍ରଜବଲ୍ଲଭ ଗୁପ୍ତ | ମହାଗ୍ରାମ |
| ଗିରଧାରୀ ବନ୍ଦ୍ୟୋପାଧ୍ୟାୟ | ,, |
| ଅକ୍ଷୟଚରଣ ଘୋଷ | କଟକ ମଣ୍ଡଳ |
| ଶ୍ରୀମଚରଣ ପଣ୍ଡା | ବାଲୁଗାଁ |
| ହରିଚରଣ ତ୍ରିପାଠୀ | ଡୋଲସାହି |
| ଜୟକୃଷ୍ଣ ଚୌଧୁରୀ | ,, |
| ଶିବଚନ୍ଦ୍ର ପାଲ | ,, |
| ଦଶରଥ ଦାସ | ବାଲିକୁଦା |
| ଗୁଆଗଦାନ ପାଲିତ | ,, |
| ଚନ୍ଦ୍ରନାରାୟଣ ଦାସ | ,, |
| ଲଲ୍ଲୁନାୟକ | ବାଲେଶ୍ୱର ମିଶନ |
| ଶ୍ୟାମାଚରଣ ମହାପାତ୍ର | ,, |
| ମାସୁଦ ଖାଁ | ସେଣ୍ଟଜୋଜେଫସ୍କୁଲ |
| ବୈକୁଣ୍ଠନାଥ ନାୟକ | ,, |
| ଗଙ୍ଗାଧର ଦାସ | ବାରବାଟୀ |
| ଉଦୟଚନ୍ଦ୍ର ଦେ | ,, |
| ଅଚ୍ୟୁତାନନ୍ଦ ତ୍ରିପାଠୀ | ଜମାପଡା |
| ମତିଲାଲ ସିଂହ | ଖୁରଦା |
| ଅନନ୍ତ ମହାପାତ୍ର | ଛାଡା |
| ଫକୀର ନାୟକ | ପିପିଲି |
| କହ୍ନାଇଲାଲ ଆଚାର୍ଯ୍ୟ | ପୁରୀବଙ୍ଗବିଦ୍ୟାଳୟ |

---

## ସାପ୍ତାହିକସଂବାଦ ।

ବମ୍ବେଇର ପୁଲିସ କମିଶ୍ନର ସବୁ ଦୋକା-ନଙ୍କୁ ଘୋଷଣାପତ୍ର ଆଜ୍ଞା ଦେଇଅଛନ୍ତି କି ସେମାନେ ମୋହରମ ଯାହାର ଶେଷ ପାଞ୍ଚଦିନ ସବୁ ଦୋକାନମାନ ବନ୍ଦକରି ବନ୍ଦ ରଖିବେ ଏ ଆଜ୍ଞାର ଫଳ ଯେତେ, ଅନିଷ୍ଟ ମଧ୍ୟ ତତୋ-ଧିକ ଅଟଇ ।

ଓଏକ ସାହେବଙ୍କ ଗଣନା ମତେ ଚଳିତମାସ ତା ୧୯ ଏବଂ ୨୧।୨୩ ତାରିଖରେ କଟକରେ ଅଳ୍ପବୃଷ୍ଟି ଅଥବା ମେଘାଚ୍ଛନ୍ନ ହେବ । ପ୍ରଥମ ଦିନର ସନ୍ଧ୍ୟାବେଳେ ସାମାନ୍ୟ ବୃଷ୍ଟି ହେବାର ଲେଖି ଅଛନ୍ତି ।

ପାରସ୍ୟଦେଶର ବାଦଶାହ ବିଲାତକୁ ଯାଉ-ଅଛନ୍ତି ତାହାଙ୍କ ଅଭ୍ୟର୍ଥନା ନିମିତ୍ତ ପାର୍ଲମେ-ଣ୍ଟକୁ ଟଙ୍କା ପ୍ରାର୍ଥନା କରାଯିବ । ହିନ୍ଦୁପେଟ୍ରିଅଟ ଭରସା କରନ୍ତି ଏଥର ଯେମନ୍ତ ଭାରତବର୍ଷର ଖର୍ଚ୍ଚରୁ ଏ ବ୍ୟୟ ଦେବାର ଆଜ୍ଞା ନ ହେଉ କି ଯେମନ୍ତ ଏଥିପୂର୍ବେ ସୁଲତାନଙ୍କ ଅଭ୍ୟର୍ଥନା ସକାଶେ ହୋଇଥିଲା ।

ହିନ୍ଦୁପେଟ୍ରିଅଟର ଅବଗତ

Digitized by srujanika@gmail.com

Split by PDF Splitter



ଭାରତବର୍ଷରେ ଯେମନ୍ତ ଜାତିର ଗର୍ବ ଅଛି ଇଂଲଣ୍ଡରେ ମଧ୍ୟ ସେହିପ୍ରକାର ଦେଖାଯାଏ କେତେକ ବର୍ଷ ହେଲା ଫୁଲସାହେବ ନାମରେ ଏକଜଣ ବଙ୍ଗାଳି ଦରଜି ଆପଣା ପୁତ୍ରକୁ ଇଂନାଭର୍ଲେଜରେ ବସାଇ ଦେଇଥିଲା । ମାତ୍ର ସେ ବିଦ୍ୟାଳୟର ଛାତ୍ରମାନେ ଏହାକୁ ଦରଜିର ପୁଅ ବୋଲି ସର୍ବଦା ଭର୍ତ୍ସନା କରିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫୁଲସାହେବଙ୍କୁ ତାହାଙ୍କ ପୁଅକୁ ଉଠାଇ ନେବା ପାଇଁ ପରାମର୍ଶ ଦେଲେ ।

ସଂବାଦ ପୂର୍ଣ୍ଣଚନ୍ଦ୍ରୋଦୟର ସମ୍ପାଦକ ବାବୁ ଅଦ୍ୱୈତଚରଣ ଆଢ଼ିଙ୍କର ମୃତ୍ୟୁସଂବାଦ ଶୁଣି ଅମ୍ଭେମାନେ ବଡ଼ ଦୁଃଖିତ ହେଲୁଁ । ଉକ୍ତ ମହାଶୟ ଦେଶୀୟ ଭାଷା ମୁଦ୍ରାଯନ୍ତ୍ରର ଉନ୍ନତି ପକ୍ଷରେ ଜଣେ ପ୍ରଧାନ ଉଦ୍ୟମୀ ଥିଲେ ଓ ସେ ଅପଣା ଉଦ୍ୟମକୁ ଅପେ ଭମିଣ କରି ଅନେକ ଗୁଡ଼ିଏ ପୁସ୍ତକାଦି ପ୍ରକାଶଦ୍ୱାରା କାଳଯାପନ କରିଥିଲେ ଓ ପ୍ରାୟ ୪୮ ବର୍ଷ ପୂର୍ଣ୍ଣଚନ୍ଦ୍ରୋଦୟ ସଂବାଦପତ୍ରକୁ ଚଳାଇଲେ । ଉକ୍ତ ମହାଶୟ ଦୁଇବର୍ଷ ପୂର୍ବେ ପୁରୁଷୋତ୍ତମକୁ ଆସି ଓଡ଼ିଶାର ଅନେକ ବୃତ୍ତାନ୍ତ ବୁଝି ଯାଇଥିଲେ ।

ଯୋଧପୁରର ମହାରାଜ କାଳଗ୍ରାସରେ ପତିତ ହେବାରୁ ତାହାଙ୍କ ପୁତ୍ର ଯେ ବହୁକାଳ ହେଲା ପିତା କର୍ତ୍ତୃକରେ ରାଜ୍ୟଚ୍ୟୁତ ହୋଇଥିଲେ ଗାଦି ଲାଭ କରିଅଛନ୍ତି । ମହାରାଜଙ୍କ ମୃତ୍ୟୁସମୟରେ ବ ୬୦ ବର୍ଷ ବୟସ ହୋଇଥିଲା ଓ ଏହାଙ୍କ ପାଇଁ ଜ ୨ ଣ ରାଣୀ ବିଧବା ହୋଇଅଛନ୍ତି ।

କମ୍ପେଇରେ ଷ୍ଟୋଟର ଗୃହ କରିବାର ଉଦ୍ୟମ ହେଉଅଛି । ଲୋକେ କହୁଅଛନ୍ତି ଯେ ଗାଣ୍ଡ୍ରେଗର ମୃତ୍ତିକା ଏ ଗୃହ ସକାଶେ ବହୁତ ଉତ୍ତମ ଅଟଇ ।

ତାହାରେ ଗୋଟିଏ ଷ୍ଟୋଟର ଅବର୍ଣ କ୍ଷେତ୍ର ସ୍ଥାପିବା କାରଣ ଗବର୍ଣ୍ଣମେଣ୍ଟ ବୈଷ୍ଣାଳ ଟ୪୫୦୦ଙ୍କା ବ୍ୟୟ ସ୍ୱୀକାର କରିଅଛନ୍ତି । ଆଜିକାଲି ଷ୍ଟୋଟର ଅବର ସବୁଠାରେ ବଢ଼ିବାର ଦେଖାଯାଏ ନୂଆଁଟର ଲୁଗା ଯେସ୍ତେ ଅମ୍ଭେମାନେ ଚିନ୍ତୁଅଛୁଁ ସେସ୍ତେ ଏପରି ହୋଇବ କାହିଁକି ?

ମୋହରମ ଓ ହୋଲି ପର୍ବ ଏଥିବର୍ଷରେ ପଡ଼ିବାରୁ ମୁରାଦାବାଦର ହାକିମମାନେ ହିନ୍ଦୁ ମୁସଲମାନମାନଙ୍କ ବିବାଦ ନିବାରଣ ପକ୍ଷରେ ସତର୍କ ସାବଧାନ ହୋଇ ରହିବା ଉଚିତ ।

୧ ଏଣ୍ଡୁକେସନ ଗେଜେଟରୁ ଅବଗତ ହେଲୁଁ ଯେ ପୂର୍ଣ୍ଣିୟାର ଅନ୍ତର୍ଗତ ରୁପଗ ନାମକ ଗ୍ରାମରେ ପ୍ରତିଷ୍ଠିତ ଜଗନ୍ନାଥ ଦେବଙ୍କ ସେବାଇତ ଶ୍ରୀମନ୍ତ ରାମଦାସ ବୈରାଗ୍ୟ ୧୧୨୭୫ ଏବଂ ଷୋଳବର୍ଷ ଜାତୀୟ ପାଣ୍ଡୁଦଳ ବୟସ ପ୍ରାପ୍ତ ହୋଇ ମଧ୍ୟ କ୍ଷୀଣାଙ୍ଗ ବା ଦୃଷ୍ଟିନେତ୍ରସ୍ତ ଦୁର୍ଗ୍ଗକ ହୋଇ ନାହାନ୍ତି, ଏବଂ ସେମାନଙ୍କ ବଡ଼ ଦକ୍ଷିଣ ଓ ବ୍ୟାଘ୍ର ପର ଶୂନ୍ୟ ଥାଇ ଏକାବେଳି ଶାକନଥାରଣ କରୁଅଛନ୍ତି । ଜନପ୍ରବାଦ ଅଛି ଯେ, ମନୁଷ୍ୟଙ୍କର ବାର୍ଦ୍ଧକ୍ୟ ବଯଭାର ବୁଦ୍ଧିଭ୍ରଂଶ ହୋଇଥାଏ ତାହା ଏ ସେ ବାକ୍ୟକୁ ସମ୍ପୂର୍ଣ୍ଣ ଅନ୍ୟଥା କରୁଅଛନ୍ତି ଏବଂ ତାହାଙ୍କର ଚଳନ୍ତି-ଶକ୍ତିର ବିଲକ୍ଷଣ ପରିଚୟ ମିଳଇ ।

୨ ଗତ ବୁଧବାର ଘଡ଼ିରେ ଡାକ୍ତର ଅନ୍ନଦାଚରଣ କାସ୍ତଗିରଙ୍କ ବସାରେ ଗୋଟିଏ ଡାକା ଦଙ୍ଗା ହୋଇଅଛି । ପାହିର କଯୃକ୍ରମ ଅବଧାନ ବ ୧୦ ବର୍ଷ ହେବ । ପାଞ୍ଚ ଗାଡ଼ି ଉଲସ୍ତ କାସୃଷ୍ଟ ଜାତ । ପାହିର ନିବାସ ପୂର୍ବବଙ୍ଗଲାର ଅନ୍ତର୍ଗତ ବିକ୍ରମପୁର, ନାମ ଇଦ୍ୟାମ୍ବରଣୀ ବସୁ । ପାଞ୍ଚ ନାମ ଗଙ୍ଗାଚରଣ ଦତ୍ତ ଘର ତାହାର ଦକ୍ଷିଣ ପାବନୋଥ୍ରାର । ହାଇକୋର୍ଟର ଉକିଲ ବାବୁ ଦୁର୍ଗାମୋହନ ଦାସ, କେହିସ୍ତ୍ରାରର ଏବଂ ପୁଲିସର ଉଭୟ କର୍ମ ସମ୍ପନ୍ନ କରୁଅଛନ୍ତି ।

୩ କାଶ୍ମୀରର ମହାରାଜ ଶିଳ୍ପବିଦ୍ୟା ଶିକ୍ଷା-ଇବା ନିମିତ୍ତ ସ୍ୱଦେଶୀୟରେ ପଣ୍ଡିତଜଣ ବଙ୍ଗାଳିଙ୍କୁ ଇଂଲଣ୍ଡକୁ ପଠାଇବାର ସଂକଳ୍ପ କରିଅଛନ୍ତି । ସେମାନେ କଳାଭଲ ଶିଖି ଅସିଲେ ମହାରାଜ ଅପଣା ରାଜ୍ୟର ସ୍ୱପ୍ରତିଷ୍ଠିତ ବିଦ୍ୟାଳୟରେ ସେମାନଙ୍କୁ ନିଯୁକ୍ତ କରିବେ ।

୪ କଲିକତା ହାଇକୋର୍ଟର ଇଣ୍ଟରପ୍ରିଟର ବାବୁ ଶ୍ୟାମାଚରଣ ସରକାରଙ୍କ ପଦରେ ଓସ୍ମେନ ନାମକ ଜଣେ ସାହେବ ନିଯୁକ୍ତ ହୋଇଅଛନ୍ତି ଉକ୍ତ ପଦର ବେତନ ମାସିକ ଟ ୬୦୦ ଙ୍କା ।

ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ପୁରାତନ ସଦର ଅଦାଲତ ଗୃହର ୧ ଲକ୍ଷ୍ୟ ବଙ୍ଗଲା ଗବର୍ଣ୍ଣମେଣ୍ଟଙ୍କୁ ୩ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ସ୍ୱୀକୃତ ହୋଇଅଛନ୍ତି । ଲେଫଟେନେଣ୍ଟ ଗବର୍ଣ୍ଣରବାହାଦୁର ସେହି ଟଙ୍କା ଏବଂ ସରକାରୀ ଅଫିସମୂହର ଯେଉଁ ଭଡ଼ା ଦେବାକୁ ହୁଏ, ତାହା ଯେତେ ଟଙ୍କା ମୂଳଧନର ସୁଧରେ ଉତ୍ପନ୍ନ ହୋଇଥାରେ ତାହା ନେଇ ଡାଲହୌସି ସ୍କୋୟରର ହେଉ, ଅଥବା ଅନ୍ୟସ୍ଥଳ ହେଉ, ବଙ୍ଗଲା ଗବର୍ଣ୍ଣମେଣ୍ଟର ଅଫିସ ସମୂହ ନିର୍ମାଣ କରାଇବେ ।

୬ ଅମେରିକାର ଚିତ୍ରକରମାନେ ଏପରି ଏକପ୍ରକାର ବସ୍ତ୍ରର ଆବିଷ୍କାର କରିଅଛନ୍ତି ଯେ ଯାହା ବନ୍ଧୁକଗୁଳିରେ ଭେଦ ହୋଇ ନ ପାରେ ।

୭ ସର ମାଧବ ରାଓ ଇନ୍ଦୋରରେ ଗୋଟିଏ ହାଇକୋର୍ଟ ସ୍ଥାପନର ପ୍ରସ୍ତାବ କରିଅଛନ୍ତି ।

୮ ଗବର୍ଣ୍ଣମେଣ୍ଟ ଭେଣ୍ଡରଦ୍ୱାରା ଅଦ ଷ୍ଟାମ୍ପ ବିକ୍ରୟ କରିବେ ନାହିଁ ସେମାନଙ୍କଦ୍ୱାରା ଅନେକ ଜାଲ ହୁଏ; ଏବଂ ଇନ୍ଦିନିଗ ଗବର୍ଣ୍ଣମେଣ୍ଟଙ୍କର ଅନେକ କ୍ଷତି ହୁଅଇ । ଗବର୍ଣ୍ଣମେଣ୍ଟ ନିଜର କର୍ମଚାରୀଦ୍ୱାରା ଷ୍ଟାମ୍ପ ବିକ୍ରୟ କରାଇବାର ସଂକଳ୍ପ କରିଅଛନ୍ତି ।

୯ ଅମେରିକ ଗବର୍ଣ୍ଣମେଣ୍ଟ ଦାସ ବ୍ୟବସାୟର ପ୍ରତିବାଦ କରି ଜାଞ୍ଜିବାରର ସୁଲତାନ ସୈୟଦ ବରଗାଶଙ୍କୁ ଏକ ପତ୍ର ଲେଖିଅଛନ୍ତି ।


ବିଜ୍ଞାପନ ।

"ଉତ୍କଳପୁତ୍ର" ନାମକ ଗ୍ରନ୍ଥସ୍ତ୍ରିଗ୍, ସାମାଜିକ ନୈତିକ, ଐତିହାସିକ ପ୍ରଭୃତି ନାନାବିଷୟକ, ଓଡ଼ିଆ ଓ ବେଙ୍ଗୋଲେ ଅନ୍ୟାନ୍ୟ ଭାଷାରେ ମୁଦ୍ରାଙ୍କିତ ଗୋଟିଏ ପାକ୍ଷିକ ସାମୟିକ ପତ୍ର ଆଗାମୀ ସ ୧୮୮୦ ସାଲର ବୈଶାଖମାସ ତା ୧ ରଖଠାରୁ ବାହାରିବ । ଏଥିର ବାର୍ଷିକ ଅଗ୍ରିମ ମୂଲ୍ୟ ଟ ୧ ଙ୍କା, ବର୍ଷାନ୍ତେ ମୂଲ୍ୟ ଦେଲେ ଟ ୧।୰ ପଡ଼ିବ । ମୂଲ୍ୟ ଛଡ଼ା ଖଣ୍ଡ ପ୍ରତି ବର୍ଷକୁ ଡାକମାସୁଲ ଟ ୦୰ ଓ ସ ୨ ଶ୍ରୁତାରୁ ଗ ୨୪ ଶ୍ରୁପାକେ ବର୍ଷକୁ ଡାକମାସୁଲ ଟ ୧୰ ।

ଶ୍ରୀଶ୍ୟାମସୁନ୍ଦରନାୟକ, ଜାଡକଡାର କଟକ

ମନୋରଞ୍ଜନ

ଷଭୃକବିତା ଓ ପଦ୍ୟବର୍ଣ୍ଣିତ ବହୁଳ ଦ୍ୱିତୀୟବାର ମୁଦ୍ରିତ ହୋଇ କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ରହିଅଛି । ମୂଲ୍ୟ ଟ୦/୬ ଡାକମାସୁଲ ଟ୦/

୧୦।୩।୭୭ କଟକ } ଶ୍ରୀ ଗୋବିନ୍ଦରଥ ।

ଉଡ଼ିଶାର ଉତ୍ତମ ଟାଙ୍ଗଣ ଓ ବଡ଼ ଘୋଡ଼ା ବିକ୍ରୟ ହେବାର ଅଛି ଯାହାଙ୍କର କିଣିବାର ପ୍ରୟୋଜନ ହେବ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ଲିଖି କଲେ ମୂଲ୍ୟାଦିର ସମାଚାର ଅବଗତ ହୋଇ ପାରିବେ ।


ଏହି ଉତ୍କଳଦୀପିକା କଟକର ଉତ୍ତର ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ
ସଂ୧୨ଖ୍ୟା

ତା୨୩ରିଖ ମାର୍ଚ୍ଚ ସନ୧୯୦୭ମସିହା । ମୁ । ଚୈତ୍ର ୧୧ଦିନ ସନ୧୩୧୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
ମଫସଲ ପାଇଁ ଡାକମାସୁଲ ୫।୵୬


କଟକ ଉତ୍କଳ ବ୍ରାହ୍ମସମାଜର ସମ୍ପାଦକ ବାବୁ ନ୍ନାଥ ବନ୍ଦ୍ୟୋପାଧ୍ୟାୟ ଓଡ଼ିଶାର ପ୍ରାଚୀନ ଭ୍ରାନ୍ତି ଅନ୍ୱେଷଣ କରିବାରେ ବଡ଼ ବ୍ୟସ୍ତ-ତାର ଦେଖାଯାଏ । ଏକ୍ସେକେଟନ୍ ଗେଜେଟର ପ୍ରବଳପକ୍ଷ ସ୍ତମ୍ଭମାନଙ୍କରେ ତାହାଙ୍କର ପରିଚୟ ଯାଏ । ସେଦିନ ସେ ଉକ୍ତ ପତ୍ରିକାରେ ମର୍ମରେ ଏକପକ୍ଷ ପ୍ରକାଶ କରିଥିଲେ ଯେ ଆମାନେ ଆର୍ଯ୍ୟବଂଶୀୟ ନୁହନ୍ତି । ଗତ ହର ପତ୍ରିକାରେ ଆଉ ଖଣ୍ଡିଏ ପତ୍ର ପ୍ରକାଶ ଇଅଛନ୍ତି ତହିଁର ମର୍ମ ଏହି ଯେ ଉତ୍କଳ-ଗ ସମ୍ପୂର୍ଣ୍ଣ ନ ହେବାରୁ ଉହାର କୌଣସି ଶ ପୂର୍ବକାଳର କିମ୍ବଦନ୍ତୀ ଅଟଇ । ପତ୍ରର ପ୍ରତିବାଦରେ ଅମ୍ଭେମାନେ ଖଣ୍ଡିଏ ପାଇଅଛୁଁ ପାଠକମାନଙ୍କ ଦୃଷ୍ଟିରେ ଅର୍ପିବ ବା ହେବ ଅମ୍ଭେମାନେ ବନ୍ଦ୍ୟୋପାଧ୍ୟାୟ ଶୟଙ୍କଠାରୁ ଅନେକ ନୂତନକଥା ଶୁଣିବା ଲି ଆଶା କରୁଅଛୁଁ । ସେ ଯେମନ୍ତ ଏହି ଶ୍ର ପକ୍ଷଲେଖି କ୍ଷାନ୍ତ ନ ହେବନ୍ତୁ ।

---

### କମିସ୍ନର ସାହେବଙ୍କ ବକ୍ତୃତା ।

କଟକ ହାଇସ୍କୁଲର ପାରିତୋଷିକ ଦାନ-ର ବିବରଣ ଗତ ସପ୍ତାହରେ ପ୍ରକାଶ କରି-ରେ ଶ୍ରୀଯୁକ୍ତ କମିସ୍ନରସାହେବ ଯେଉଁ ତା ଦେଇଥିଲେ ଅଦ୍ୟ ତାହାର ସଂକ୍ଷେପ ଣ ଅର୍ଥାତ ଯେପର୍ଯ୍ୟନ୍ତ ଅମ୍ଭମାନଙ୍କର ଅଛି ଲେଖୁଅଛୁଁ । ବକ୍ତୃତାର ଆରମ୍ଭରେ କମିସ୍ନରସାହେବ ବିଦ୍ୟାଳୟର ପରୀକ୍ଷାର ସୁଫଳ ଦେଖି ସନ୍ତୋଷ ପ୍ରକାଶ କଲେ ଏବଂ ଶିକ୍ଷକ-ମାନଙ୍କୁ ତହିଁ ପାଇଁ ଧନ୍ୟବାଦ ଦେଲେ । ତହିଁ ଉତ୍ତାରୁ ସେ କହିଲେ ଯେ କେହି ମନେ କରନ୍ତି ଯେ ସେ ଓଡ଼ିଆଙ୍କ ପ୍ରତି ବିଶେଷ ଅନୁ-ରକ୍ତ ହୋଇ ବଙ୍ଗାଳୀମାନଙ୍କ ଉନ୍ନତି ଦେଖି ପାରନ୍ତି ନାହିଁ ମାତ୍ର ଏ କଥା ଭ୍ରମ ଅଟଇ । ତାହାଙ୍କର ଏମନ୍ତ ଇଚ୍ଛା ନୁହଇ ଯେ ବଙ୍ଗାଳି-ମାନଙ୍କର ଉନ୍ନତି ନ ହେଉ ବରଂ ସେ ବଙ୍ଗାଳିମାନଙ୍କ ଉନ୍ନତି ଦେଖି ଅତିଶୟ ଆନ-ନ୍ଦିତ ହେଉ ଅଛନ୍ତି ମାତ୍ର ତାହାଙ୍କର ମୁଖ୍ୟ ବାସନା ଏହି ଯେ ଓଡ଼ିଆମାନେ ଉଚ୍ଚଶିକ୍ଷା ଲାଭ କରି ଉନ୍ନତିକୁ ପ୍ରାପ୍ତ ହେଉନ୍ତୁ । ଓଡ଼ିଶାର ଉନ୍ନତି ନିମନ୍ତେ ଗବର୍ଣ୍ଣମେଣ୍ଟ ଏତେ ବ୍ୟୟ ସ୍ୱୀକାର ପୂର୍ବକ ବିଦ୍ୟାଳୟମାନ ସ୍ଥାପନ କରି-ଅଛନ୍ତି ଯେବେ ଦେଶର ଲୋକମାନେ ତହିଁରୁ ଉପକାର ପ୍ରାପ୍ତ ନ ହେଲେ ତେବେ ତାହା ସବୁ ବ୍ୟର୍ଥ ହେଲା । ବଙ୍ଗାଳିଙ୍କ ଶିକ୍ଷା ନିମନ୍ତେ ବଙ୍ଗ-ଳାରେ ଯଥେଷ୍ଟ ସୁଯୋଗ ଅଛି । ଏଠା ବିଦ୍ୟା-ଳୟ କେବଳ ଏ ଦେଶୀୟଙ୍କ ସକାଶେ; ଅତଏବ ଏଦେଶୀୟ ଲୋକମାନେ ଯେତେ ଉଚ୍ଚଶିକ୍ଷା ଲାଭ କରୁଥିବେ ତେତେ ତାହାଙ୍କର ଆନନ୍ଦ ବୃଦ୍ଧି ହେଉଥିବ । ଅଦ୍ୟାପି କେହି ଓଡ଼ିଆ ଉଚ୍ଚଶିକ୍ଷାର ଉପାଧି ପାଇ ନାହିଁ ଏହା ଶୋଚନୀୟ ଅଟଇ ତାହାଙ୍କ ବିବେଚନାରେ ଅନେକ ଛାତ୍ର ଅଧ୍ୟୟନ ଶେଷ ନ କରି ସରକାରୀ ଅଫିସକୁ କର୍ମ କରିବାକୁ ଯିବାରେ ଉଚ୍ଚଶି-କ୍ଷାପ୍ରତି ଲୋକଙ୍କ ବ୍ୟାଘାତ ହେଉଅଛି ଏଥି ପାଇଁ ସେ ମନସ୍ଥ କରନ୍ତି ଯେ ଦରଖାସ୍ତ ଆଶ-ୟମାନେ ଯେଉଁପେ ସରକାରୀ ଅଫିସରେ ପ୍ରବେଶ ନ ହୁଅନ୍ତି ତହିଁର ଚେଷ୍ଟା କରିବେ ଓ ତଳ ଚାକରମାନଙ୍କୁ ଏ ବିଷୟରେ ସତର୍କ କଲେ ଛାତ୍ରମାନେ ବାଧ୍ୟ ହୋଇ ଶେଷ ପର୍ଯ୍ୟନ୍ତ ଅଧ୍ୟୟନ କରିବେ । ଏ ଉତ୍ତାରୁ ସେ ଛାତ୍ରମାନଙ୍କୁ ଉପଦେଶ ଦେଲେ କି ଯେମନ୍ତ ସେମାନେ ସ୍କୁଲରେ କେତେ ଗୁଡ଼ାଏ ବିଦ୍ୟାଶିକ୍ଷା କରି ତୁଷ୍ଟ ହୋଇ ନ ବସନ୍ତୁ ମାତ୍ର ଯେଉଁପେ ଶିକ୍ଷିତ ବିଦ୍ୟାବୁଦ୍ଧି ସାଂସାରିକ କାର୍ଯ୍ୟରେ ପଟୁତା ଲାଭ କରିବେ ତହିଁର ଚେଷ୍ଟା କରନ୍ତୁ କୃଷି ବିଦ୍ୟାଶି-କ୍ଷାକରି କି ଲାଭ ? ଯେବେ ତାହା କାର୍ଯ୍ୟରେ ପରିଣତ ନ ହେଲା ତେବେ ବୃଥା ଶ୍ରମମାତ୍ର । ବିଦ୍ୟାର ସାହାଯ୍ୟରେ ଯେବେ ଶୁଦ୍ଧ ସଂସାରରେ ପ୍ରବେଶ ନାହିଁ ଯେ କୌଣସି ବ୍ୟବସାୟ ଅବଲମ୍ବନ କରିବ ତହିଁରେ ବୁଦ୍ଧି କୌଶଳ ପ୍ରୟୋଗ କରି ଉନ୍ନତି ଲାଭ କରିବ ତେବେ ସିନା ବିଦ୍ୟା ସାର୍ଥ ହେବ ? ସେ ଆଶା କରନ୍ତି ଯେ ଛାତ୍ରମାନେ ସ୍କୁଲରୁ ବାହାରିଲେ ଯେମନ୍ତ ଭଲ ଡାକ୍ତର କି ଉକିଲ କି ଜମିଦାର କି କୃଷକ କି ବଣିକ ହେବେ ତହିଁର ଉପାୟ ଚେଷ୍ଟା କରିବାର ସେମାନଙ୍କର କର୍ତ୍ତବ୍ୟ । ଶ୍ରୀଯୁକ୍ତ ପାତ୍ର ବଡ଼ଲସାହେବ ଏ ପ୍ରସଙ୍ଗରେ ଆପଣା ବକ୍ତୃତାରେ ଦୁଇ ଗୋଟି ଉତ୍ତମ କଥା

Digitized by srujanika@gmail.com

କହିଥିଲେ କଲେକ୍ଟରସାହେବ ଯେ ଅତ୍ୟନ୍ତ ସୁବକ୍ତା ଇହାଁଙ୍କ ବକ୍ତୃତା ପାଠକଙ୍କୁ ଦେବାର ନୁହଇ ସମସ୍ତେ ତାହାଙ୍କ ଗୁଣର ଉତ୍ତମରୂପେ ଜ୍ଞାତ ଅଛନ୍ତି । ସେ କହିଲେ କି ସ୍କୁଲ ଛାଡ଼ିଲେ ବିଦ୍ୟୋପାର୍ଜ୍ଜନ ଶେଷ ହେଲା ନାହିଁ ବିଦ୍ୟାର ସୀମା ନାହିଁ ଯାହାକୁ ଅମ୍ଭେମାନେ ଅଗାଧ ସମୁଦ୍ର ବୋଲି କହିଥାଉଁ ସେ କହିଅଛନ୍ତି ଯେ ସେ ବିଦ୍ୟାର ସମୁଦ୍ର ଭିତରେ ବାଲି ସାଉଁଟି ଅଛନ୍ତି ମାତ୍ର ସମୁଦ୍ରରେ ପ୍ରବେଶ କରି ନାହାନ୍ତି ସୁତରାଂ ବିଦ୍ୟାଳୟରୁ ସୁଶିକ୍ଷିତ ହୋଇ ବାହାରିଲେ କେବଳ ବିଦ୍ୟୋପାର୍ଜ୍ଜନର ଆରମ୍ଭ ହେଲା ବୋଲିବାକୁ ହେବ ତେଣିକି ଯାବଜ୍ଜୀବନ ନୂତନ ବିଷୟମାନ ଶିକ୍ଷା କରିବାକୁ ହେବ ଓ ସେ ସବୁ ସାହାଯ୍ୟରେ ଆପଣାର ଓ ସମାଜର ଉପକାର ଚିନ୍ତିବାକୁ ହେବ ।

ଶ୍ରୀଯୁକ୍ତ କମିଶନରସାହେବଙ୍କ ବକ୍ତୃତାରେ ଅମ୍ଭେମାନେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛୁଁ ଏବଂ ଓଡ଼ିଶାର ଉନ୍ନତି ଦେଖିବା ପାଇଁ ସେ ଯେମନ୍ତ ଆଗ୍ରହ ପ୍ରକାଶ କରିଅଛନ୍ତି ସେଥିପାଇଁ ତାହାଙ୍କୁ ଧନ୍ୟବାଦ ଦେବାର କର୍ତ୍ତବ୍ୟ ବାସ୍ତବ-ରେ ଓଡ଼ିଶାର ସମସ୍ତ ମଙ୍ଗଳ ତାହାଙ୍କ ହାତରେ ଓ ସେ କଥା ତାହାଙ୍କ ମନରେ ସର୍ବ୍ବଦା ବିଦ୍ୟ-ମାନ ଅଛି ସୁତରାଂ ଅଧିକନ୍ତୁ ଅମ୍ଭେମାନେ ନିଃଶଙ୍କ ହୋଇ କହିଅଛୁଁ ଯେ ତାହାଙ୍କ ମନ ଯେତେ କାର୍ଯ୍ୟ ତେତେ ନୁହଇ । ଏଥିରୁ ଏମ-ନ୍ତ ଅନୁମାନ ହୋଇପାରେ ଯେ ଯଥାସମୟରେ ସେ ସରଳଭାବରେ ଆପଣା ମନକଥା କହି ଦିଅନ୍ତି କିନ୍ତୁ ଅନ୍ୟ ସମୟରେ ତାହା ମନରୁ ପାସୋରି ଯାଏ ସୁତରାଂ ଓଡ଼ିଆମାନଙ୍କର ଯେରୂପ ଉନ୍ନତି ତାହାଙ୍କଦ୍ୱାରା ହେବାର ଉଚିତ ଓ ଯେରୂପ ସେ ସ୍ୱୟଂ ଇଚ୍ଛାକରନ୍ତି ତାହା ଘଟି ପାରୁ ନାହିଁ ।

---

ଚାନ୍ଦବାଲି ।

କଟକ ଜିଲାରେ ଚାନ୍ଦବାଲିବୋଲି ଗୋଟିଏ ସ୍ଥାନ ଅଛି ଦୁଇବର୍ଷ ପୂର୍ବେ ଏହା ପ୍ରାୟ ଜଣା ନ ଥିଲା ଏତେବେଳେ ସେସ୍ଥାନ ବିଖ୍ୟାତ ହୋଇଅଛି ଓ କ୍ରମଶଃ ଏହାର ଶ୍ରୀବୃଦ୍ଧି ବଢ଼ିବାର ସମସ୍ତ ଲକ୍ଷଣ ଦେଖାଯାଏ । ଯେତେ-ବେଳେ ଦୁର୍ଭିକ୍ଷ କମିଶନରମାନେ ଏଠାରୁ ଅତି କଲିକତା ସହିତ ଓଡ଼ିଶାର ସଂଯୋଗ ଉପରେ ହେବ ଚିନ୍ତା କରୁଥିଲେ ସେତେବେଳେ ବନ୍ଦ-ରର ବନ୍ଦ କୌଣସି ସ୍ଥାନ ତାହାଙ୍କ ଦୃଷ୍ଟିରେ ପଡ଼ିଲା ନାହିଁ । ସେମାନେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କଲେ ଯେ ବଣ୍ଟାଘରଠାରେ ବନ୍ଦର ହେଲେ ସମୁଦ୍ର ପଥରେ କଟକ ଓ କଲିକତାର ଯୋଗ ହେବ । କିନ୍ତୁ ବର୍ତ୍ତମାନ ଦେଖାଯାଉ ଅଛି ଯେ ତାହାଙ୍କ ବିଚାର ଭ୍ରମାତ୍ମକ ଥିଲା । ବଣ୍ଟାଘରଠାରେ ବନ୍ଦର ବସାଇବା କାରଣ ଅନେକ ଟଙ୍କା ଖର୍ଚ୍ଚ ହେଲାଣି ଓ ହେଉଅଛି ଓ ଅନେକ ଦପ୍ତର ଓ ଚିଠିପତ୍ର ଅବଧି ଚାଲୁଅଛି କିନ୍ତୁ ଗତବର୍ଷଠାରୁ ଚାନ୍ଦବାଲି ବାଟେ କଲିକତା-କୁ ଯିବାଆସିବା କରିବାର ଯେତେ ସୁଯୋଗ ହୋଇଅଛି ଓ ଯେତେଲୋକ ଯିବାଆସିବା କରୁ ଅଛନ୍ତି ଇହାଁର ବଣ୍ଟାଘର କୌଣସି ଅଂଶରେ ସମାନ ନୁହଇ । ଅମ୍ଭମାନଙ୍କର ଜଣେ ପତ୍ରପ୍ରେରକ ଚାନ୍ଦବାଲିର ବୃତ୍ତାନ୍ତ ଲେଖି ପଠାଇ ଅଛନ୍ତି ଇହାଁରୁ ଅବଗତ ହେଲୁଁ ଯେ ମାଡ୍ରାସ କମ୍ପାନିଙ୍କ ଜାହାଜ ଅର୍ଥାତ୍ ଧୂଆଁକଳ ଜାହାଜ ପ୍ରତି ସପ୍ତାହ-ରେ ଥରେ ଲେଖାଏ କଲିକତା ଓ ଚାନ୍ଦବାଲି ମଧ୍ୟରେ ଯିବାଆସିବା କରୁଅଛି । ବୁଧବାରଦିନ ସକାଳ ଘ ୧୦ ଘଣ୍ଟା ସମୟରେ କଲିକତାରୁ ବାହାରି ଲୋକେ ଶୁକ୍ରବାରଦିନ ଘ ୧୦ ଘଣ୍ଟା ବେଳେ ଚାନ୍ଦବାଲିରେ ପହୁଞ୍ଚି ଅଛନ୍ତି ଜଣପ୍ରତି ଭଡ଼ା ୫ ୨ ଟଙ୍କା ଲେଖାଏ ପଡ଼ୁଅଛି । ପୁଣି ଶୁକ୍ରବାରଦିନ ଚାନ୍ଦବାଲିଠାରୁ ବାହାରିଲେ ସେ-ଦିନର ଘ ୪ ଘଣ୍ଟା ମଧ୍ୟରେ କଲିକତାରେ ପହୁଞ୍ଚି ଅଛନ୍ତି ଏଠାରୁ ଭଡ଼ା ଜଣକୁ ୫ ୧୮ ଲାଗଇ ସୁତରାଂ ତାହାର ହାତରେ ୫ ୩ ଟଙ୍କା ଜାହାଜ-ଭଡ଼ା ଓ ୫ ୨ ଟଙ୍କା ପର୍ଯ୍ୟନ୍ତ ଖାଇବା ଇତ୍ୟାଦି ବ୍ୟୟ ଏମନ୍ତ ୫ ୫ ଟଙ୍କା ହେଲେ ଅନାୟାସରେ ସପ୍ତାହ ମଧ୍ୟରେ କଲିକତା ଦେଖି ଫେରି ଆସି ପାରନ୍ତି କଟକ ବାଟରେ ଏକମାସ ପଥଶ୍ରମ ଓ ଅଧିକ ଟଙ୍କା ବ୍ୟୟ କଲେ କଲିକତା ଦେଖା ଯାଏ । ଧୂଆଁକଳ ଜାହାଜର ନାମ ମାଡ୍ରାସ, ଦେଖିବାକୁ ଅତି ସୁନ୍ଦର ଓ ସ୍ଥାନ ଅତି ପରିଷ୍କାର ଏଥିରେ ୧୮୦ ଜଣ ବସି ପାରନ୍ତି । ଖାଇବା ପିଇବାର କଷ୍ଟ ନାହିଁ କପ୍ତାନକୁ ଯେପରି ଖର୍ଚ୍ଚ ଦେବ ସେପରି ସୁବିଧା କରିଦେବେ ବଣ୍ଟାଘର-ଠାରେ ଜାହାଜ ଚଢ଼ିବାରେ ଭୟ ଅଛି ଏଠାରେ କିଛି ଭୟ ନାହିଁ ନଦୀକୂଳରେ ଲୋକେ ଜାହାଜ ଉପରେ ଚଢ଼ନ୍ତି ଘରେ ଯିବାର ଅବସ୍ଥା ହୁଅଇ ନାହିଁ । ଅମ୍ଭେମାନେ ଅବଗତ ହେଲୁଁ ଯେ ପ୍ରତି ସପ୍ତାହରେ ହଜାର କି ଦେଢ଼ହଜାର ଲୋକ ଯିବାଆସିବା କରୁଅଛ-ନ୍ତି ବଣ୍ଟାଘର ବାଟେ ଦେଶୀୟ ଲୋକ ଜଣେ ସୁଦ୍ଧା ଯିବାର ଶୁଣା ନାହିଁ । ତାହାଙ୍କରେ ନାନା ପ୍ରକାର ବାଣିଜ୍ୟଦ୍ରବ୍ୟ ମଧ୍ୟ ଆସୁଅଛି । ଚାନ୍ଦବା-ଲି କଟକକୁ ପ୍ରାୟ ୮୦ ଘ କେନ୍ଦ୍ରାପଡ଼ାନାଲି ବାଟେ ଓ ସଡ଼କବାଟେ ଯିବାର ସୁଯୋଗ ଅଛି ଓ ପର୍ଯ୍ୟନ୍ତରେ କାଳ ରମଣ ହେଲେ ଅତ୍ୟନ୍ତ ସୁବିଧା ହେବ । ଅମ୍ଭେମାନେ ଏସବୁ ଦେଖି ସ୍ପଷ୍ଟ ଜାଣୁଅଛୁଁ ଯେ ଅନତିକାଳରେ ବଣ୍ଟା-ଘରକୁ କେହି ପଚାରିବେ ନାହିଁ ଚାନ୍ଦବାଲି ଓଡ଼ିଶାର ପ୍ରଧାନ ବନ୍ଦର ହେବ ।

କିନ୍ତୁ ଦୁଃଖର ବିଷୟ ଯେ ଗବର୍ଣ୍ଣମେଣ୍ଟ ଅବଧି ଚାନ୍ଦବାଲିପ୍ରତି ସୁଦୃଷ୍ଟି ପକାଇ ନାହାନ୍ତି ଓ ବଣ୍ଟାଘରଠାରେ ଯେ ସବୁ ସୁବିଧା କରି ଅଛନ୍ତି ଇହାଁର ଏକାଂଶମାତ୍ର ଚାନ୍ଦବାଲି ପକ୍ଷ-ରେ ହୋଇ ନାହିଁ । କଟକ ଓ ଚାନ୍ଦବାଲିମଧ୍ୟରେ ଯିବା ଆସିବା ଓ ବାଣିଜ୍ୟଦ୍ରବ୍ୟ ବୋହାଇ ନୌକା-ମାନଙ୍କ ଟାଣି ଅଣିବା କାରଣ ଯେବେ ଖଣ୍ଡିଏ କ୍ଷୁଦ୍ର ଧୂଆଁକଳ ଜାହାଜ ଗବର୍ଣ୍ଣମେଣ୍ଟ ନିଯୁକ୍ତ କରନ୍ତି ତାହା ହେଲେ ବିଶେଷ ଉପକାର ହେବ ଓ ଚାନ୍ଦବାଲିର କାର୍ଯ୍ୟ ବିଶେଷ ବଢ଼ିବ । ଉକ୍ତ-ଷ୍ଟେସନ ଇଲାକାରେ ଗବର୍ଣ୍ଣମେଣ୍ଟଙ୍କର ଦୁଇଖଣ୍ଡ ଜାହାଜ ଅଛି ଖଣ୍ଡେ ବଣ୍ଟାଘର ସକାଶେ ରଖି ଅନ୍ୟ ଖଣ୍ଡେ ଚାନ୍ଦବାଲି ପାଇଁ ଦେଲେ କିଛି ଅଧିକା ବ୍ୟୟ କି କ୍ଷତି ହେବ ନାହିଁ । ତାହାକି ଓଡ଼ିଶା ମହାଜନମାନେ ଅନଭ୍ୟସ୍ତ ଅଛନ୍ତି ଯେବେ କିନ୍ତୁ ପ୍ରଥମେ ତାହାଙ୍କୁ ସୁବିଧା ଦେଖାଇବାର ଅବ-ଶ୍ୟକ ନୋହିଲେ ସେମାନେ ସେଥିର ଫଳ ବୁଝିପାରିବେ ନାହିଁ ।

---

## ସାପ୍ତାହିକସଂବାଦ ।

ଅମ୍ଭମାନଙ୍କର ଜଜସାହେବଙ୍କ ଗତ ସୋମବାର-ଠାରୁ ପୀଡ଼ିତ ଥିବାରୁ ସପ୍ତାହକାଳ ଫୌଜ ମୋକଦ୍ଦମାମାନ ବନ୍ଦ ଅଛି । ଭରସା ଆସନ୍ତା ସୋମବାର ସେ ଅଫିସ ଖୋଲ କରି କଚେରୀକୁ ଆସିବେ ।

କଟକର ଗବର୍ଣ୍ଣମେଣ୍ଟ ଉକିଲଙ୍କ ମହକୁମାରେ ମୋକଦ୍ଦମା ବହୁତ ଜମା ହୋଇଥିବାର ହାଇ-କୋର୍ଟଙ୍କ ଆଦେଶମତେ କେନ୍ଦ୍ରାପଡ଼ାର ମୁନ-ସଫ ବାବୁ ଶିବପ୍ରସାଦ ସିଂହ ଉଦ୍ଧାରମାନଙ୍କ ନିମିତ୍ତ ଏହାଙ୍କୁ ସାହାଯ୍ୟ କରିବାକୁ ଆସି ଗତ ତା ୧୮ ରଖରୁ କାର୍ଯ୍ୟାରମ୍ଭ କରିଅଛନ୍ତି । ସବର୍ଡ଼ିନେଟ ଜଜ ଗ୍ରାୟଲ ବ୍ରଫ ସାହେବ ଏଠାରୁ ଛୁଟି

Split by PDF Splitter
Digitized by srujanika@gmail.com

Split by PDF Splitter



ଅଦାଲତର ଜଜ ଅଛନ୍ତି ଓ ଯେଉଁ ଅଦାଲତ ମୋକଦ୍ଦମା ଦିନକୁ ଦିନ ବୃଦ୍ଧି ହେବାର ଦେଖାଯାଏ । ଏଥିପାଇଁ ଆବଶ୍ୟକ ଯେ ଏଠାରେ କଟକର ଜଣେ ମୁନସଫ ରହିବେ ମାତ୍ର ହାଇକୋର୍ଟ ବର୍ତ୍ତମାନ ସେପରି ବିଚାର କରୁ ନାହାନ୍ତି । ଯାହା ହେଉ ଅଳ୍ପକାଳ ମଧ୍ୟରେ ଯେ ଗ୍ରାଫୁର୍ଡ ଷ୍ଟ୍ରିଟ ସାହେବଙ୍କୁ ସାହାଯ୍ୟ ଦିଅଗଲା ସୁଖର ବିଷୟ ଅଟଇ ଏହାଙ୍କପରି ପରିଶ୍ରମୀ ଓ ବୁଦ୍ଧିମାନ୍ ହାକିମ ଅଳ୍ପ ଦେଖାଯାନ୍ତି ଏମନ୍ତ ହାକିମଙ୍କପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ରହିବାର ଉଚିତ । ସର୍ବଦା ଅମିତ ପରିଶ୍ରମ ପଡିଲେ ଏହାଙ୍କ ଶରୀର ଦୁର୍ବଳ ହୋଇଯିବ ଓ ଯେବେ ଏଠାରୁ ବଦଳି ହେବାର ଚେଷ୍ଟା କରନ୍ତି ତେବେ ଏଠାର ଦୁର୍ଭାଗ୍ୟ ଉପସ୍ଥିତ ହେବ ।

ଗଲାମାସ ତା ୧୯ ଉଖରେ କଟକ ଯୁଙ୍ଗମେନସ୍ ଅସୋସିଏସନର ବାର୍ଷିକ ସଭା କଟକ ହାଇସ୍କୁଲ ଗୃହରେ ହୋଇଥିଲା । ରେବରଣ୍ଡ ବକଲି ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ଏ ସଭା ପ୍ରସଙ୍ଗରେ ଜଣେ ପତ୍ରପ୍ରେରକ କେତେକ କଥା ଲେଖିଅଛନ୍ତି ମାତ୍ର ଆମ୍ଭେମାନେ ତାହା ପ୍ରକାଶ କରୁଁ ନାହୁଁ । ଡିନମାନେ ଆପଣା ଉନ୍ନତି ସକାଶେ ସଭା କରିଅଛନ୍ତି ସୁଖର ବିଷୟ ଅଟଇ ଓ ଯେଉଁମାନେ ଏହିଁରେ କିଛି ଦୋଷ ଦେଖନ୍ତି ତାହାଙ୍କୁ ଉଚିତ ଯେ ସଭ୍ୟମାନଙ୍କୁ ତାହା ଜଣାଇ ଦେଇ ସଂଶୋଧନ କରାନ୍ତୁ ।

ଏ ଜିଲାର ଅନେକ ସ୍ଥାନରେ ଅକାଳ ଓଲାଉଠାରୋଗ ମାଡଅଛି ଓ ରୋଗିମାନେ ଚିକିତ୍ସାବିନା ମରି ଯାଉଅଛନ୍ତି ଆମ୍ଭେମାନେ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରୁଁ ଯେ ପ୍ରତ୍ୟେକ ପୁଲିସଥାଣ୍ଡି ଓ ଡାକ୍ତରଙ୍କ ନିକଟକୁ କିଛି 'କଲେରାପିଲ' ପଠାଯାଉ ଓ ଘୋଷଣାଦ୍ୱାରା ସର୍ବସାଧାରଣଙ୍କୁ ଏହା ଜଣାଇ ଦିଆଯାଉ ତାହା ହେଲେ ଅନେକଲୋକଙ୍କର ଉପକାର ହୋଇପାରିବ ।

## ପ୍ରେରିତପତ୍ର ।

ସମ୍ପାଦକ ମହାଶୟ !

ଅଧୁନା ପୁରୁଷୋତ୍ତମରେ କେତେକଜଣ ବିଦେଶୀ ବଙ୍ଗାଳୀ ଆସି ପଶି ଅଛନ୍ତି । ତାଙ୍କ ଦାଉ ଆଉ ସହି ହେଉ ନାହିଁ । ସେମାନେ ଉତ୍କଳୀୟଙ୍କୁ ହୀନ ଅକ୍ଷିରେ ଦେଖନ୍ତି ପାରିନାହାନ୍ତି । ସର୍ବରେ ଯେଉଁ ଉତ୍କଳୀୟ ଓ ବିଦେଶୀ ବଙ୍ଗାଳିଙ୍କ ମଧ୍ୟରେ (ଏକାର ତୋଟକ କଥାରେ କହିଲେ) ଦଳାଦଳୀ ଉପସ୍ଥିତ ହୋଇଥିଲା । ତାହା ଏକପ୍ରକାର ଉତ୍ତମରୂପେ କଲ୍ଭିନ ସାହେବଙ୍କଦ୍ୱାରା ନିବାରିତ ହୋଇଥିଲା କିନ୍ତୁ ଦୁସ୍ତୁଷ୍ଟ ଅଗ୍ନିକଣାପ୍ରାୟ ବଙ୍ଗାଳିଙ୍କ ମନରୁ ସେ ଜିଘାଂସା ନିଃଶେଷିତ ହୋଇ ନ ଥିଲା । ବର୍ତ୍ତମାନ ଗ୍ରାଫୁର୍ଡ କମିସନର ସାହେବ ଏକ କୈଫିୟତ ତଲବ କରୁଅଛନ୍ତି ଯେ ଉତ୍କଳଦେଶରେ ଯେଉଁ ଶିକ୍ଷାକର୍ମଚାରୀ ଅଛନ୍ତି ତନ୍ମଧ୍ୟରେ କେତେଜଣ ଓଡିଆ ଓ କେତେଜଣ ବଙ୍ଗାଳୀ । ସମସ୍ତେ ଉତ୍କଳଭାଷା ଉତ୍ତମ ରୂପେ ଜାଣନ୍ତି କି ନାହିଁ । ଇତ୍ୟାଦି । ଏଥିରେ ଏଠାରେ ଯେତେ ବଙ୍ଗାଳୀ ଓଡିଆ ଉତ୍ତମରୂପେ ନ ଜାଣନ୍ତି ସମସ୍ତେ କ୍ରୋଧୋଦ୍ଦୀପ୍ତ ହୋଇ ଅଛନ୍ତି । "କମିସନର ଟା ନିତାନ୍ତ ଉଡେ ହୟେଛେ" । ଇତ୍ୟାକାର ମନୋଭାବ ବ୍ୟକ୍ତ କରୁଅଛନ୍ତି ଓ ପଥରେ କି କୌଣସି ବୃହସ୍ପତି ସମାଜରେ ଉତ୍କଳୀୟଙ୍କୁ ନିନ୍ଦା କରିବାରେ ତ୍ରୁଟି କରୁ ନାହାନ୍ତି । କଟକରେ ମଧ୍ୟ କେତେକ ପରଶ୍ରୀକାତର ବଙ୍ଗାଳୀ ତଦାପରତନ୍ତ୍ର ହୋଇ ଏଡୁକେସନ ଗେଜେଟରେ ଆପଣାର ମନ କଥା ଅଳ୍ପ ଉଦ୍‌ଗାର କରି ପକାଇ ଅଛନ୍ତି । କେତେକ ଉଚ୍ଚପଦରେ ବଙ୍ଗାଳିଙ୍କ ପରିବର୍ତ୍ତରେ ଓଡିଆମାନେ ନିଯୁକ୍ତ ନୋହିଲେ ସେମାନଙ୍କର ଉନ୍ନତି ହେବା ଅସମ୍ଭବ । ବଙ୍ଗଳା ପ୍ରାନ୍ତରେ ଓଡିଶା, ଓଡିଶା ପ୍ରାନ୍ତରେ ପୁରୀ, ତହିଁ ପ୍ରାନ୍ତରେ ଜଣେ ପନ୍ଦରଟଙ୍କା କର୍ମରେ ଡାକ ଇଲାକାରେ ରହିବ । ତାହାର କାର୍ଯ୍ୟ ଏହି ଯେ ସେ ହରକରାଙ୍କୁ ବେତନ ବାଣ୍ଟିବ ଓ ତାଙ୍କ ଦଉଡ ଦେଖିବ । ଏପରି ବ୍ୟକ୍ତି ଓଡିଶାରେ ମିଳିଲେ ନାହିଁ ଅତଏବ କଲିକତା ନିକଟବର୍ତ୍ତୀ ହୁଗଳି ଜିଲାର ଜଣେ ବୃଦ୍ଧ ଓ ଦେଶର ଅଜ୍ଞାତ ନିବାରଣ ପ୍ରଭୃତିର ଆମଦାନି ହେବ । ଏ ପଦଟି କଣ ଓଡିଆଙ୍କ ପକ୍ଷରେ ସାମାନ୍ୟ ଅବସ୍ଥାଜନକ ? ଯେଉଁମାନେ ଡାକଇଲାକାରେ ପାଞ୍ଚ ସାତବର୍ଷ ହେଲା କାର୍ଯ୍ୟ କରୁଅଛନ୍ତି ଓ ନ ଦଶ ଟଙ୍କା ପାଉଅଛନ୍ତି । ଓଡିଆ ବଙ୍ଗଳା ଉତ୍ତମରୂପେ ଜାଣନ୍ତି ଓ ଇଂରାଜୀ ଡାକଘରର ପ୍ରୟୋଜନାନୁରୂପ ଜାଣନ୍ତି ସେମାନେ ପନ୍ଦରଟଙ୍କା ପାଇବାକୁ ଉପଯୁକ୍ତ ହେଲେ ନାହିଁ । ଆମ୍ଭେ ଭରସା କରୁଁ ଯେ ଗ୍ରାଫୁର୍ଡ କମିସନର ସାହେବ ଏ ବିଷୟରେ ହସ୍ତକ୍ଷେପ କରିବେ ।

ଏପରେ ପୁରୀଜିଲାରେ ଜଣେ ଓଡିଆ ଡିପୋଟୀ କଲେକ୍ଟର ଓ ଜଣେ ଡିପୋଟୀ ଇନସ୍ପେକ୍ଟର ଅଛନ୍ତି କେବଳ ତାଙ୍କପର କେତେ ଦ୍ୱେଷ । ଯୁକ୍ତି ଶୁଣ । "ନନ୍ଦକିଶୋର ଏଖାନକାର ଶ୍ରେଷ୍ଠ ସେ ଆବାର ନୋଳେଲ କମିଟୀର ସେକ୍ରେଟରୀ ହଇୟାଛେ । ବାଃର ଦେଖ" ।

ଓଡିଆଙ୍କର କି ଦୁରଦୃଷ୍ଟ ନନ୍ଦକିଶୋର ବାବୁଙ୍କଠାରୁ ପରୀକ୍ଷାରେ ଊଣା ହୋଇ କମ୍ପା ତାହାଙ୍କର ସମାନ ହୋଇ କେତେକ ବଙ୍ଗାଳୀ ଡେପୁଟୀ କଲେକ୍ଟର ପଦରେ ପର୍ମେନେଣ୍ଟ ହେଲେଣି । କିନ୍ତୁ ନନ୍ଦବାବୁଙ୍କର ଅଦ୍ୟାବଧି ସେ ସୁଦଶା ଘଟିଲା ନାହିଁ ।

ଡାଃ ଇନସ୍ପେକ୍ଟରଙ୍କ ଦଶା ତତୋଽଧିକ । ଶତବର୍ଷ କର୍ମ କଲାପରେ ସେ ସବ୍‌ଇନସ୍ପେକ୍ଟର ଶ୍ରେଣୀଭୁକ୍ତ ହେଲେ । ଗତବର୍ଷରେ ଓଡିଆ ଡେପୁଟୀ ଇନସ୍ପେକ୍ଟର ଜଣେ । ତାହାର ଏ ଦୁର୍ଦ୍ଦଶା ଗୋଟାଏ କଣରେ ସେ ପଡିଅଛନ୍ତି ।

କଟକ ହାଇସ୍କୁଲରେ ଯେଉଁ L. A. ପାସ କରିଅଛନ୍ତି ତନ୍ମଧ୍ୟରେ ପ୍ରକୃତ ଓଡିଆ ଜଣେ 'ବଳରାମ' । ବୁଦ୍ଧି ଓ ଗୁଣରେ ଧରିଲେ ସେ ସମସ୍ତଙ୍କ ମଧ୍ୟରେ କୌଣସି ଅଂଶରେ ଊଣା ନ ହୋଇ ଅଧିକ ହେବ । ତାକୁ ଦୁଇବର୍ଷ ହେଲା ଖଣ୍ଡେ କର୍ମ ମିଳିଲା ନାହିଁ ।

ବଙ୍ଗାଳିଙ୍କୁ କଣ ପ୍ରଥମରେ ଏପରି କଷ୍ଟ ଭୋଗ କରିବାକୁ ହୋଇଥିଲା ? ଜଣେ ଯଦି ଦାହାଉବା ବେଳକୁ ତାହାଙ୍କ ଲାଗି ପୂର୍ବରୁ କର୍ମ ଯୋଗା ହୋଇଥାଏ । ଭଗ୍ନକଣାରୁ ପଢିବାର ସଞ୍ଚାର ମିଳିଥିଲା । କିମଧିକମିତି

ପୁରୀ ୧୭।୩।୭୬ ଆପଣଙ୍କର ଅନୁଗତ
ଜଣେ ଓଡିଆ ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ସମ୍ପାଦକ ମହାଶୟ ! ଆମ୍ଭେ ଫେବୃଆରୀ ମାସ ତା ୧୪ ଉଖ ପ୍ରକାଶିତ ଏଡୁକେସନ ଗେଜେଟରେ ଶ୍ରୀଯୁକ୍ତ ଦୀନନାଥ ବନ୍ଦ୍ୟୋପାଧ୍ୟାୟଙ୍କର ଲିଖିତ ପ୍ରେରିତପତ୍ର ପାଠକରି ଉତ୍କଳୀୟ ବିସ୍ମୟାପନ୍ନ ହେଲୁଁ ଉକ୍ତ ଉପାଧ୍ୟାୟ ତହିଁରେ ଯୁକ୍ତିଶୂନ୍ୟ ବାକ୍ୟକଳାପଦ୍ୱାରା ଓଡିଶାବାସୀ ମହାତ୍ମାମାନଙ୍କର ଅକାର୍ଯ୍ୟତା ସ୍ଥାପନ କରିଅଛନ୍ତି ଆମ୍ଭେ ବୋଧ କରୁଁ କୌଣସି ମହାତ୍ମାଙ୍କଠାରୁ ନିମନ୍ତ୍ରିତ ଦଣ୍ଡ ପ୍ରାପ୍ତ ହୋଇ ଏପରି ଲେଖିଅଛନ୍ତି ଅନ୍ୟଥା ଏପରି ଯୁକ୍ତିଶୂନ୍ୟ ଅପ୍ରାସଙ୍ଗିକ ବାକ୍ୟ ବିନ୍ୟାସ ଜଣେ ବ୍ୟକ୍ତିର ସମ୍ଭାବିତ ନୁହେ ଯେ ଯାହା ହେଉ ଆମ୍ଭେ ବର୍ତ୍ତମାନ ମହାତ୍ମାମାନଙ୍କର ଅର୍ଯ୍ୟତ୍ୱ ସ୍ଥାପନ ବିଷୟରେ କତିପୟ ପଙ୍କ୍ତି ଆପଣଙ୍କ ବିଖ୍ୟାତ ପତ୍ରିକାରେ ପ୍ରକାଶିତ କରିବା ନିମନ୍ତେ ଲେଖିଲୁଁ ତାହା ପ୍ରକାଶ କରି ବାବୁଙ୍କର ସାବ୍ୟସ୍ତତା

Digitized by srujanika@gmail.com

Split by PDF Splitter



ସାଧାରଣରେ ଉଦିତ ହୋଇବେ ପରେ ଅମ୍ଭେ ବଡ଼ୀୟ ସମ୍ବାଦପତ୍ରେ ପ୍ରକାଶ କରିଲୁଁ ଯଥା ଉପାଧ୍ୟାୟ ମହାଶୟ ଅର୍ଯ୍ୟଭୂମି ଉପ୍ରାମନ୍ତ ହେବତ ନାମମାତ୍ର ଅବଶିଷ୍ଟ ଅଛନ୍ତି ମହାତ୍ମା ମାନବୀ ଅର୍ଯ୍ୟ ହାହର ଅପଭ୍ରଂଶ ମଧ୍ୟରେ ପ୍ରାପ୍ତ ନ ହେବାରୁ ଉପାମାଞ୍ଚ ବ୍ୟକ୍ତିମାନଙ୍କୁ ଅନାର୍ଯ୍ୟ ସ୍ଥିର କରୁଅଛନ୍ତି ଅଣ ଅମ୍ଭେ ଉପାଧ୍ୟାୟଙ୍କୁ ଏହି ସ୍ଥାନେ ପ୍ରଶ୍ନ କରୁଁ ତାଙ୍କ ମତରେ ଅନାର୍ଯ୍ୟ ନାମାଙ୍କ ବଙ୍ଗଳବାସୀ ବାଙ୍ଗାଳି ପ୍ରଭୃତି ଅର୍ଯ୍ୟ କି ଅନାର୍ଯ୍ୟ ? ରଥ ଦାସ ପ୍ରଭୃତି ଉତ୍କଳବାସୀ ବ୍ରାହ୍ମଣମାନେ ଅର୍ଯ୍ୟ କି ନା ? ଏବଂ ଅଡ଼ ଶୀ ପ୍ରଭୃତି ବଙ୍ଗଳବାସିମାନେ ଅର୍ଯ୍ୟ କି ନା ? ଅଥଚ ମହାତ୍ମାମାନଙ୍କର ଯେ ବିବରଣ ନାମ ପ୍ରସିଦ୍ଧ ଅଛି ତାହାର ଓଣ୍ଡ୍ର ବିଷୟରେ ଉପାଧ୍ୟାୟ କଅଣ କହନ୍ତି ? ଯଦ୍ୟପି ମହର୍ଷି ମହାତ୍ମାଙ୍କ ହସ୍ତରେ ଥିବାରୁ ପ୍ରାପ୍ତ ହୋଇଥିବା ଉପାଧି ମହାତ୍ମାନାମ ବରଣରୁ ନାଗର ହେଲା ତେବେ ପଶ୍ଚିମପ୍ରଦେଶରେ ଲାଲ ନାମ କି ହେଉ ନାହିଁ ସ୍ଥଳର ବଂଶାବଳି କି ହେବ ? । ନାମ ମାତ୍ର ଯଦି ତାହାର ପରିଚୟସୂଚକ ହେବ ତେବେ ପଣ୍ଡିତଙ୍କ ଅଭିପ୍ରାୟରେ କି ଏ ପ୍ରଭୃତି ଉପାଧିଧାରୀମାନେ ତାଙ୍କ ଭିତରେ ଇଂରେଜ ଜାତି ବୋଲି ଗଣିତ ହୋଇ ପାରନ୍ତି ଅତଏବ ପଣ୍ଡିତ-ରଚ ଜାଣନ୍ତୁ ଯେ ନାମ ଅର୍ଯ୍ୟତ୍ୱସୂଚକ ନୁହେ ବର୍ଣ୍ଣ ଓ ଅବୟବସଂସ୍ଥାନ ଜାତିର ପ୍ରଧାନଲକ୍ଷଣ ଅଟେ ମହାତ୍ମାମାନଙ୍କର ଅର୍ଯ୍ୟବଂଶୀୟ ବର୍ଣ୍ଣ ଅବ୍ୟକ୍ତ ଅବୟବସଂସ୍ଥାନ ପ୍ରଭୃତି ଅବ୍ୟାହତ ଅଛି ସୁତରାଂ ସେମାନଙ୍କଠାରେ ଅର୍ଯ୍ୟତ୍ୱ ଶଙ୍କା ହେବାକୁ ଭ୍ରମ ଓ ଅଜ୍ଞତାର କାର୍ଯ୍ୟ ଏବଂ ପଣ୍ଡିତଙ୍କ ଅନ୍ତର ଏହି ଉଚିତ ଜାଣନ୍ତୁ ଯେ ଓଡ଼ିଶା ଦେଶ ବ୍ରାହ୍ମଣମାନଙ୍କର ନିବାସ ସ୍ଥାନ ଥିଲା ଏହା ତାଙ୍କର ଯଥୋଚିତ ଅଜ୍ଞତାର କାର୍ଯ୍ୟ ଓଡ଼ିଶାଦେଶ ବଙ୍ଗଦେଶ ଅପେକ୍ଷା ଅତ୍ୟନ୍ତ ନିର୍ଜନ ଓ ଅନୁର୍ବର ହୋଇ ଥିବାରୁ କି ତାହାର ପୂର୍ବତା ନଷ୍ଟ ହେବ । ପୁରାଣାଦି ଦେଖିଲେ ଜାଣି ପାରିବେ ବଙ୍ଗଦେଶଠାରୁ ଓଡ଼ିଶା ସର୍ବାଂଶେ ପୁଣ୍ୟପ୍ରଦ ଦେଶ ବଙ୍ଗଦେଶକୁ ତୀର୍ଥଯାତ୍ରା ବ୍ୟତୀରେକେ ଗଲେ ପୁନଃସଂସ୍କାର ଅର୍ଯ୍ୟମାନଙ୍କର ପୂର୍ବେ ହେଉଥିଲା ଯଥା; ଅଙ୍ଗ ବଙ୍ଗ କଳିଙ୍ଗେଷୁ ସୌରାଷ୍ଟ୍ରେ ମାଗଧେଷୁ ଚ ତୀର୍ଥଯାତ୍ରାଂ ବିନା ଗଚ୍ଛନ୍ ପୁନଃ ସଂସ୍କାର ମର୍ହତି । କିନ୍ତୁ ବଙ୍ଗଦେଶ ଉତ୍କଳର ଉର୍ବର ହେବାରୁ ତାହାକୁ ଅନାର୍ଯ୍ୟ ଭୂମି ହେଲେ ମଧ୍ୟ ସର୍ବଦେଶେ ଅର୍ଯ୍ୟମାନେ ସେଠାରେ ଉପସ୍ଥିତ ହୋଇ ତାହାର ସର୍ବତୋଭାବେ ଉନ୍ନତି ସାଧନ କରୁଅଛନ୍ତି ତଥାପି ଅର୍ଯ୍ୟମାନଙ୍କର ଶାସ୍ତ୍ରୀକ ପବିତ୍ରତା ବଙ୍ଗଦେଶରେ ସର୍ବତୋଭାବେ ପ୍ରତୀୟମାନ ହେବାରୁ ବଙ୍ଗଦେଶ ଏବେ ସମୟରେ ଅର୍ଯ୍ୟମାନଙ୍କର ନିବାସ ସ୍ଥାନ ଥିଲା ବୋଲି କୌତୁକଜନକ ପ୍ରୟୋଗ କରି ଯାଇପାରେ । ଦେଶଗତ ସଭ୍ୟତା ଓ ସମୃଦ୍ଧି ଯଦି ଅର୍ଯ୍ୟତାର ପରିଚୟ ହେବ ତେବେ ଅନେକତା କି ପୃଥ୍ୱୀର ସର୍ବଶେଷେ ସର୍ବୋନ୍ନତ ଲାଭ କରି ବର୍ତ୍ତମାନ ସର୍ବାପ୍ରାଚୀନତା ଲାଭ କରିବ ? କଦାପି ନୁହେ । ତଥା ବଟୋଽସି । ଅମ୍ଭେ ଉତ୍ତେଜନାରେ ପଣ୍ଡିତ ରଙ୍ଗଲାଲଙ୍କ ମତେ ବ୍ରାହ୍ମଣାଦି ନିକୃଷ୍ଟ ବ୍ୟତୀରେକେ ଓଡ଼ିଶାବାସୀ ମହାତ୍ମାମାନେ ପ୍ରଧାନ ଅର୍ଯ୍ୟ ଜାତିଥିବା ଅଟନ୍ତି ଅନ୍ୟାନ୍ୟ ପ୍ରଦେଶୀୟ କାୟସ୍ଥାଦିମାନଙ୍କର ପ୍ରାଚୀନ ନାମ ବିଲୁପ୍ତ ନାହିଁ ଅତଏବ ସେମାନେ ମହାତ୍ମାମାନଙ୍କଠାରୁ ଉତ୍କୃଷ୍ଟ ନୁହନ୍ତି ଏପରି ଚଣ୍ଡପ୍ପ କମ୍ ଉତ୍ତର ଥିଲା କାରଣ ତାଙ୍କ ଅଭିପ୍ରାୟରେ ନାମ ମାତ୍ର ଜାତିର ଲକ୍ଷଣ କାୟସ୍ଥାଦି ନାମ ଜାତିବର୍ଦ୍ଧକ ହୋଇ ପ୍ରାଚୀନ ପୁରାଣାଦିରେ ଅପ୍ରାପ୍ତ କିନ୍ତୁ କରଣ ନାମ ଅର୍ଯ୍ୟମାନଙ୍କର ଅତି ପ୍ରାଚୀନ ଧର୍ମଶାସ୍ତ୍ରରେ ଅଛି କରଣ-ନାମ ଲିଖିତ କାର୍ଯ୍ୟାଦି ଅଟେ ଅର୍ଥାତ୍ ଲେଖକ ପ୍ରଭୃତି, ତାହା ଯେଉଁମାନେ ବ୍ୟବହାର କରନ୍ତି ସେହିମାନେ କରଣ ଓଡ଼ିଶାବାସୀ କରଣମାନଙ୍କର ନାମ ଓ କର୍ମ ଉଭୟ ଅଛି ଅନ୍ୟାନ୍ୟ ପ୍ରଦେଶୀୟ କାୟସ୍ଥମାନଙ୍କର ନାମ କର୍ମରେ ମହାନ ପ୍ରଭେଦ ଦେଖାଯାଏ । ପ୍ରମାଣଂ ଯଥା । ଋଣଂ ଦାତୁମଶକ୍ତୋ ଯଃ କର୍ତ୍ତୁମିଚ୍ଛେତ୍ ପୁନଃ କ୍ରିୟାଂ ସ ଦତ୍ୱା ନିର୍ଜିତାଂ ବୃଦ୍ଧିଂ କରଣଂ ପରିବର୍ତ୍ତୟେତ୍ ଦେୟଂ ଲିଖିତପତ୍ରଂ । ଇତ୍ୟ-କବାପ୍ୟ କରଣଂ । ମନୁ ଅଷ୍ଟମାଧ୍ୟାୟ ଶ୍ଳୋକଃ ୧୫୪

ଶଙ୍କରକନ୍ଦ୍ରାଣସ୍ୟ !

ଉପାଧ୍ୟାୟଙ୍କ ପ୍ରେରିତପତ୍ର ଅମ୍ଭର ଗୋଟିଏ ପ୍ରାଚୀନ ଗଳ୍ପ ସ୍ମରଣପଥରେ ଉପସ୍ଥିତ ହେଲା ।

ଯଥା । କାଳିଦାସେ ଏକ ସମୟରେ ବେଶ୍ୟାଳୟରେ ଗୁପ୍ତଭାବେ ଥିଲେ ଏତନ୍ମଧ୍ୟରେ ଭୋଜରାଜାଙ୍କ ସଭାକୁ ପାଦପୂରଣ କରିବା ନିମନ୍ତେ ସ୍ତ୍ରୀକାଳର ଏକ ଅର୍ଦ୍ଧଶ୍ଳୋକ ଅସି ଉପସ୍ଥିତ ହେଲା । ଯଥା, କୁସୁମେ କୁସୁମୋତ୍ପତ୍ତିଃ ଶ୍ରୂୟତେ ନ ଚ ଦୃଶ୍ୟତେ । ରାଜା ପଣ୍ଡିତ ସଭାରେ ଏହି ଶ୍ଳୋକର ପାଦପୂରଣ କାଳିଦାସେ ଥିଲେ କରି-ଥାନ୍ତେ ବର୍ତ୍ତମାନ ତାଙ୍କର ଅସ୍ତିତ୍ୱ ବିନା ଅନ୍ୟ କେହି ବ୍ୟକ୍ତି ପାଦପୂରଣ କଲେ ଅମ୍ଭେ ତାଙ୍କୁ ଏକଲକ୍ଷ ମୁଦ୍ରା ପୁରସ୍କାର ଦେବୁଁ ବୋଲି କହନ୍ତି ! ବେଶ୍ୟା ଏହି କଥାଟି ସ୍ୱଜନଙ୍କ ମୁଖୁଁ ଶୁଣି କାଳିଦାସଙ୍କୁ ପ୍ରଶ୍ନ କଲା । କାଳିଦାସେ ବେଶ୍ୟା ମୁଖରୁ କୁସୁମେ କୁସୁମୋତ୍ପତ୍ତିଃ ଶ୍ରୂୟତେ ନ ଚ ଦୃଶ୍ୟତେ ଏହି ଅର୍ଦ୍ଧଶ୍ଳୋକ ଶ୍ରବଣ କରିବାମାତ୍ରେକେ ବାଳେ ତବ ମୁଖାମ୍ଭୋଜେ କଥମିନ୍ଦୀବରଦ୍ୱୟଂ ଏହି ଅପର ଅର୍ଦ୍ଧଶ୍ଳୋକ ପୂରଣ କଲେ କିନ୍ତୁ ବେଶ୍ୟାଟି ଏକଲକ୍ଷ ଟଙ୍କା ପାଇବା ଲୋଭରେ ପାଇବା ମାନସରେ ଗୃହମଧ୍ୟରେ ରାଜା ପ୍ରତ୍ୟକ୍ଷ ଅର୍ଦ୍ଧଶ୍ଳୋକ ପଢ଼ିବା ସମୟରେ ବାଳେ ତବ ମୁଖାମ୍ଭୋଜେ କଥମିନ୍ଦୀବରଦ୍ୱୟଂ ଏହିପରି ପାଠକଲା ରାଜା ତଲ୍ଲକ୍ଷଣାତ୍ ଜାଣିଲେ ଯେ ବ୍ୟକ୍ତିର ପଦଜ୍ଞାନ ନାହିଁ ସ୍ୱଜନ ବୋଲିବା ସ୍ଥାନରେ ସ୍ୱଜନ ବୋଲୁଅଛି ତାହାର ଏତାଦୃଶ କ୍ଷମତା କେଉଁଠାରୁ ଅସିବ ଅତଏବ ଏହାପରେ କାଳିଦାସେ ଥିବେ ସୁତରାଂ ତତ୍ପର କରିଗଲ ବେଶ୍ୟା ମୁଖରୁ ଓ ପତ୍ତିସ୍ଥାନ ବାହାର ହେଲା ଉଦ୍ଧୃତ ପତ୍ରଥିବାରୁ ଅପଭ୍ରଂଶପର ଜ୍ଞାନପ୍ରଦର୍ଶନପୂର୍ବକ ନିଜର ପାଣ୍ଡିତ୍ୟ ଅର୍ଥାତ୍ ଭାଷାବିଦ୍ୟାବତ୍ତା ପ୍ରକାଶ କରିବା ମାନସରେ ଅଥବା ତତ୍ପରଗୁଣ ଜ୍ଞାନ ସମ୍ପାଦନ କରସ୍ଥାଇଲାଷ ଲାଭ ପ୍ରକାଶ କରିବାକୁ ଯାଇଁ ଉପାଧ୍ୟାୟ ନିଜମତ ତଥାକୁ ଅନାର୍ଯ୍ୟ ବୋଲି ପ୍ରକାଶିତ ହେଲେ । ଓଡ଼ିଶା ଯେ ଅର୍ଯ୍ୟମାନଙ୍କର ନିବାସ ସ୍ଥାନ ଥିଲା ଏବଂ ମହାତ୍ମାମାନେ ଅନାର୍ଯ୍ୟ ଏହି ଦୁଇ ପ୍ରସଙ୍ଗ ଲେଖିବାରୁ ଜଣାଯାଏ ଓଡ଼ିଶାପ୍ରତି ଘୃଣା କରନ୍ତି ଅଛନ୍ତି ଅତଏବ ସମ୍ପାଦକମହାଶୟ ଅପଣ ଉତ୍ତମରୂପେ ବୁଝି ମୀମାଂସା କରନ୍ତୁ ।

## ବିଜ୍ଞାପନ

ସୁଲିଖନର ଏକ ଫରଦଣା ବଜାରେ ଜଣେ ଜାନୁକୋଇର ପ୍ରସ୍ତୋତ ଅଛୁ କେତନ ୫ ୨୦ ଟଙ୍କା । ଯୁବା ଉଦ୍ଦେଶ୍ୟରୁ ସାହେବଙ୍କ ନିକଟକୁ ଦରଖାସ୍ତ ପଠାଇବାକୁ ହେବ ।

## ମୂଲ୍ୟପ୍ରାପ୍ତି ।

ଶ୍ରୀ ସଚ୍ଚିଦର ଭଗବାନ ସୁଏଟି ସିଂହ ଉମାପତା ବକାୟା ୭୫ ଅଗ୍ରିମ ୫ ୬୫୦

ବାବୁ ଗୋବିନ୍ଦଚନ୍ଦ୍ର ଦାସଙ୍କ ବକାୟା ୪୦

" ଏମ୍ ସି ଗ୍ରବଷ୍ଟନ ସାହେବ " " ଟ ୯ ୦

ଶେଖ ସେଖାଏତୁଲା ସାହେବ " ୫ ୨୫୦

ଶ୍ରୀ ଜଗନ୍ନାଥଦାସ ମଣ୍ଡଳ ଅଗ୍ରିମ ୫ ୦୫୦

ଏହି ଉତ୍କଳଦୀପିକା ସହର କଟକ ଦର୍ଗା-ବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ. ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



REGISTERED NO. 43

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


| | | |
|---|---|---|
| ଭାଗ ... ସଂଖ୍ୟା | ତା ୨୯ରଖ ମାର୍ଚ୍ଚ ସନ ୧୮୭୬ମସିହା । ମୂ । ଚୈତ୍ର ୧୮ଙ୍କ ସନ ୧୨୮୩ ସାଲ ଶନିବାର | ଅଗ୍ରିମ ବର୍ଷିକ ମୂଲ୍ୟ ୨॥<br>ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩॥<br>ମଫସଲ ପାଇଁ ଡାକମାସୁଲ ୬/ |


ଅଦ୍ୟ ଅମ୍ଭେମାନେ ପାଠକମାନଙ୍କୁ ଗୋଟିଏ ଶୁଭସମ୍ବାଦ ଦେଉଅଛୁ । ମହାମାନ୍ୟ ଲର୍ଡ ନର୍ଥବ୍ରୁକ ସାହେବ ଭାରତବର୍ଷୀୟ ବ୍ୟବସ୍ଥାପକ ସଭାର ଚଳିତମାସ ତା ୨୫ ଦିନର ଅଧିବେଶନରେ ଜଣାଇଅଛନ୍ତି ଯେ ଚଳିତମାସ ତା ୩୧ ଦିନରେ ଇନକମଟାକ୍ସର ବର୍ଷ ଶେଷ ହେବ ଓ ଆଗାମି ବର୍ଷକୁ ତାହା ଜାରି କରିବା ପାଇଁ ମହାମାନ୍ୟସାହେବ ସଭାକୁ ଅନୁରୋଧ କରିବେ ନାହିଁ ଏବଂ ଅନ୍ୟ କୌଣସି ପ୍ରକାର ଟାକ୍ସ ବସାଇବା କିମ୍ବା ଟାକ୍ସ ସମ୍ପର୍କରେ କିଛି ପ୍ରସ୍ତାବ କରିବାର ନାହିଁ ସୁତରାଂ ପୂର୍ବେ ଯେପରି ସମୟରେ ବଜେଟ ଅଙ୍କ ହେଉଥିଲା ସେପରି ହେବ ନାହିଁ ଅମ୍ଭମାନଙ୍କର ଗଭର୍ଣ୍ଣର ଜେନରଲ ମହାମାନ୍ୟ ଲର୍ଡ ନର୍ଥବ୍ରୁକସାହେବ ଇନକମ ଟାକ୍ସର ଶ୍ରାଦ୍ଧ କଲେ ବଡ ଆନନ୍ଦର ବିଷୟ ଅଟଇ କାରଣ ଅମ୍ଭେମାନେ ଈଶ୍ୱରାଙ୍କଁ ଯେ ଏହାର ପିଣ୍ଡଦାନ ଗୟାଠାରେ ହେଉ ଯେମନ୍ତ ବ ପ୍ରେତରୂପରେ ପୁଣି ଆସି କେବେ ଭାରତବର୍ଷୀୟଙ୍କୁ ବିରକ୍ତ ନ କରୁ ।

---

ଓଏବସାହେବଙ୍କ ଗଣନାନୁସାରେ ଚଳିତମାସ ତା ୧୮ ଦିନ ଓ ତା ୨୯—୩୦ ଦିନରେ ବୃଷ୍ଟି ହେବାର କଥା ମାତ୍ର ସେ ଗଣନା ସମ୍ପୂର୍ଣ୍ଣରୂପେ ନିଷ୍ଫଳ ହୋଇଅଛି ଓ ତହିଁ ପରବର୍ତ୍ତରେ ଗତ ସପ୍ତାହରୁ ଏମନ୍ତ ପ୍ରଚଣ୍ଡ ରୌଦ୍ର ହେଉଅଛି ଯେ ସହ୍ୟହେବାର କଠିନ ଅବସ୍ଥ ଚୈତ୍ରମାସର ଅଧେମାସ ହୋଇଅଛି କିନ୍ତୁ ଜ୍ୟେଷ୍ଠମାସର ଗ୍ରୀଷ୍ମ ଅନୁଭବ ହେଲଅଛି । ଏତେଶୀଘ୍ର ଏରୂପ ଗର୍ମ ହେବାର ନାନାପ୍ରକାର ଅମଙ୍ଗଳର ଆଶଙ୍କା ହେଉଅଛି । ଏରୂପ ଗର୍ମ ଦେଖି ଅଦାଲତ କଚେରୀ ସବୁ ଦ୍ୱିପ୍ରହରଠାରୁ ସକାଳୁଆ ହେବାର ଆରମ୍ଭ ହେଲାଣି । ଅଳ୍ପ ସ୍କୁଲମାନ ଏହିରୂପ ହେଲେ ଭଲ ହେବ ।

---

ଉଡ଼ିଷ୍ୟା ଗଜେଟରେ ପ୍ରାୟ କିଛି ଭଲ କଥା ନ ଥାଏ ବୋଲି ପଢିବାକୁ ଲୋକଙ୍କର ଆଗ୍ରହ ହୁଅଇ ନାହିଁ କିନ୍ତୁ ଗତ ବୁଧବାରର ଗଜେଟ ଏଥିରୁ ପୃଥକ୍ ଅଟଇ ଏ ସଂଖ୍ୟାମାନଙ୍କରେ ଶ୍ରୀଯୁକ୍ତ କମିଶନର ସାହେବଙ୍କ କେତେକ ଆଜ୍ଞା ଓ ଚିଠି ପ୍ରକାଶିତ ହେବାରୁ ଏହାକୁ ଉଡ଼ିଷ୍ୟା ଗଜେଟ ପ୍ରାୟ ବୋଧ ହେଲ ଗତ ସପ୍ତାହର ଗଜେଟରେ ଜୋତ୍ଗାମି ପାଇଁ ବୃକସ୍ୱ କ୍ଷମା ଦେବା ବିଷୟରେ ପୁରୀ କଲେକ୍ଟରଙ୍କ ସହିତ କମିଶନର ସାହେବଙ୍କ ଯେଉଁ ଚିଠି ପତ୍ର ଲେଖା ପଢି ହୋଇଥିଲ ତାହା ପ୍ରକାଶ ହୋଇଅଛି । ତହିଁରୁ ଜଣାଗଲା ଯେ ବୃକସ୍ୱ କ୍ଷମା ଦେବା କମିଶନର ସାହେବଙ୍କ ସମସ୍ତ ନୁହଇ କେବଳ ବିଶେଷ ଅବସ୍ଥାରେ ଗବର୍ଣ୍ଣମେଣ୍ଟଙ୍କର ବିଚାର କରିବାର କ୍ଷମତା ରହିଲ । ବୃକସ୍ୱ କ୍ଷମା ଦେବା ବିଷୟରେ ଶ୍ରୀଯୁକ୍ତ କମିଶନର ସାହେବ କେତେଗୁଡିଏ କାରଣ ନିର୍ଦ୍ଦେଶ କରିଅଛନ୍ତି ତନ୍ମଧ୍ୟରେ ପ୍ରଧାନ କାରଣ ଏହି ଯେ ଜୋତ୍ଗାମି ସକାଶେ ପ୍ରଜାଙ୍କୁ ସରକାର କ୍ଷମା ଦିଅନ୍ତି କିନ୍ତୁ ତାହା ପ୍ରଜାମାନଙ୍କୁ ପ୍ରାପ୍ତ ହୁଅଇ ନାହିଁ ଜମିଦାରମାନେ ପ୍ରଜାଙ୍କ ନାମରେ ଲାଭ କରନ୍ତି ସୁତରାଂ ଏପରି ସ୍ଥଳରେ ବୃକସ୍ୱ କ୍ଷମା ଦେବାରେ କୌଣସି ଉପକାର ନାହିଁ । ଏଥିରୁ ଜମିଦାରମାନେ ଜାଣନ୍ତୁ ଯେ ସେ ଆପଣା ଲୋଭ ଆପେ ବୁଡାଇଅଛନ୍ତି ଓ କମିଶନରଙ୍କର ବୃକସ୍ୱ କ୍ଷମା ନ ଦେବାର ଆଜ୍ଞାକୁ ଗବର୍ଣ୍ଣମେଣ୍ଟ ଅନୁମୋଦନ କରିଅଛନ୍ତି ଓ ଅମ୍ଭମାନଙ୍କ ବିବେଚନାରେ ସେ ଆଜ୍ଞା ମନ୍ଦ ନୁହଇ ।

---

ଏଡୁକେସନ ରିପୋର୍ଟରେ ଶ୍ରୀଯୁକ୍ତ ବେବରଲିସାହେବ ଓଡ଼ିଆଙ୍କୁ ଏହିରୂପେ ବର୍ଣ୍ଣନ କରିଅଛନ୍ତି ଯଥା ।

"ଭାଷା ଓ ଜନ୍ମବିଷୟରେ ବଙ୍ଗାଳିଙ୍କ ସହିତ ଯୋଗଥିଲେହେଁ ଓଡ଼ିଆମାନେ ଅଲଗା ରହିବାର ବିଶେଷ ପ୍ରକାରର ରୀତି ଓ ଗଠନ ଲାଭ କରିଅଛନ୍ତି ଓଡ଼ିଆମାନେ ବଙ୍ଗାଳିଙ୍କଠାରୁ ଅଧିକ ଭଦ୍ର । ପୂର୍ବ ନିୟମର ପକ୍ଷପାତି ହେବାରୁ ଏମାନଙ୍କ ଠାରେ ଉତ୍ସାହର ଅଭାବ ଦେଖାଯାଏ ପୂର୍ବପୁରୁଷଙ୍କ ରୀତିକୁ ଧରି ସୁଖରେ ରହନ୍ତି ଏବଂ ବର୍ତ୍ତମାନକାଳର ଉନ୍ନତିକି ଅଣଦେଖା କରନ୍ତି ।" ଏଥିରୁ ବେଭରିସ୍ ବୋଲନ୍ତି ଯେ ଏସବୁ ବିଷୟ ଦେଖନ୍ତେ ଅନ୍ୟ ଜାତି ପୃଥିବୀମଧ୍ୟରେ ଓଡ଼ିଆମାନେ ଅଧିକ ପରନ୍ଧୀ

Digitized by srujanika@gmail.com

ପରନିନ୍ଦାପ୍ରିୟ ଅଟନ୍ତି ଓ ସେମାନଙ୍କ [illegible] ତାହାଙ୍କୁ ଭାରତବର୍ଷର [illegible] ପ୍ରୟ କୁସଂସ୍କାରକ [illegible] ଶୁଭ୍ରଶୀଳ ବଡ଼ କରଅଛି ସେସ୍ତ୍ର[illegible]ଙ୍କର ସେ , ସେହା- [illegible] ଅଥବା ଅବି- [illegible] ଅନ୍ୟ କିଛି ହୋଇ [illegible] ଜନସଂଖର ଓଡ଼ିଆମାନେ ସତ୍ପ୍ରକାରକ ଲୋକ ହୋଇଥିଲେହେଁ କୌଣସିରୂପେ ସେମାନଙ୍କୁ ଷଣ୍ଡ୍ରଭଣ୍ଡାର ବୃକ୍ଷକାର କୋଲିଯାଇ ନ ପାରେ ମାନ୍ଦ୍ରାଜର ସ୍ଫୁଲବ ଏକଥା ସପ୍ରମାଣ କରଅଛି ଏବଂ ଏକଥା ଜାଣିବାର ଆବଶ୍ୟକ ଯେ ଶୁଦ୍ଧ ଓଡ଼ିଆଭାଷା ଓଡ଼ିଶାର ଗଡ଼ଜାତରେ କଥିତ ହୁଅଇ ଓ ସେଠାରେ ଲୋକଙ୍କ ପର ଭାରତବର୍ଷର କୌଣସି ଲୋକ ଅଧିକ ସାହସୀ ନୁହନ୍ତି ଓ କଦାଚିତ୍ କେହି ଅଧିକ ବଳବାନ ଥିବେ ।

କେବରଲି ସାହେବଙ୍କ ବର୍ଣ୍ଣନା କେତେଦୂର ସତ୍ୟ ତାହା ପାଠକମାନେ ବିଚାରିକରନ୍ତୁ ।

---

ମେଗ୍ ଲବଣ ।

ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ହିଂଜିର ସବ୍ ଇନସ୍ପେକ୍ଟର ବାବୁ ପ୍ରିୟନାଥ ଚଟ୍ଟୋପାଧ୍ୟା ଓ ପଲଟନ ବଜାରର କେତେକଙ୍କ ବଲି ଜାଗିବା ଗୋଟିଏ ମୁଦକ ଲବଣଚୋରି ମକଦମା ଧରଅଛନ୍ତି । ଉକ୍ତ ବାଗରେ ଗଞ୍ଜାମର ମେଗ୍ଲୁଣ ଆସିଥିଲା କିନ୍ତୁ ଅପରାଧକାରୀମାନେ ଏମନ୍ତ କୌଶଳରେ ଲୁଣ ଆଣିଥିଲେ ଯେ ତାହା ଧରିବାର କଷ୍ଟ । ପ୍ରତ୍ୟେକ ଗାଡ଼ିରେ ଜଣେ ଲେଖାଏ ସ୍ତ୍ରୀଲୋକ ବସିଥିଲେ ଓ ଗାଡ଼ରେ ଯେ ଅଗା ବକୁଣା ହୋଇଥିଲା ତହିଁ ମଧ୍ୟରେ ଲୁଣ ଥିଲା । ଏମନ୍ତ ଅବସ୍ଥାରେ ଚୋରି ଧରିବାର କଠିନ ମାତ୍ର ଉପରଲିଖିତ ପୁଲିସକର୍ମଚାରୀ ପୂର୍ବେ ଏଥିର ସନ୍ଧାନ ପାଇ ଥିବାରୁ ଅପରାଧୀଙ୍କ ଚତୁରପଣ ଏହାଙ୍କୁ ବଳ ଯାଇ ପାରିଲା ନାହିଁ ଓ ଏମାନେ ଗାଡ଼ି ସଙ୍ଗେ ଯାଇ କେତେ ଗଣ୍ଡ ସ୍ଥାନରେ ଧରିପକାଇ ଓ କେତେ ଗଣ୍ଡ ପଲଟନ ବଜାରରେ ଧରିଲେ ଏଇରୂପ ଧଉବାରେ ମ ୩୦ ମଣ ଲୁଣ ହେଲା ଏକମତ ମକଦମା ମାଜିଷ୍ଟ୍ରେଟଙ୍କଦ୍ୱାରା ବିଚାରିତ ହୋଇ ୬ ଜଣ ସ୍ତ୍ରୀଲୋକ ଉପରେ ୫ ୫୦୦ ଅର୍ଥଦଣ୍ଡ ହେଲା ମାତ୍ର ସେମାନେ ତାହା ଦେଇ ନ ପାରିବାରୁ ମା ୪ ସ ଲେଖାଏ କାରାବାସର ଦଣ୍ଡ ପାଇ ତାହା ଭୋଗ କରୁଅଛନ୍ତି । ଏମନ୍ତ [illegible] ଯେ ଏରୂପର ମେଗ୍ ଲୁଣ ଆମଦାନର ବିନ୍ଦୁ ଅସୁଥିବ ଓ ଏତେକାଳ ତାହା ପୁଲିସକୁ ଅଜ୍ଞାନ କରି ଯାଇଥିବ । ଏଥର ଧରି ପଡ଼ିବାରୁ ଗବର୍ଣ୍ଣମେଣ୍ଟଙ୍କର ଅନେକ ଲାଭ ହେଲା ଓ ପୁଲିସକର୍ମଚାରୀଙ୍କର ପ୍ରଶଂସା ନଧି କରିବାକୁ ହେଲା । ଅମ୍ଭେମାନେ ବୋଧ କରୁଁ ଯେ ଉପରଲିଖିତ ଦୁଇ କର୍ମଚାରୀଙ୍କର ବିଶେଷ ପକ୍ଷରେ ମନୋଯୋଗୀ ହେବା ଉତ୍ସବ ସୁପରିଣ୍ଟେଣ୍ଡେଣ୍ଟଙ୍କର କର୍ତ୍ତବ୍ୟ ଅଟଇ ସେରୂପ ହେଲେ ଉତ୍ସାହ ଲାଭସାରେ ଅନ୍ୟ ପୁଲିସକର୍ମଚାରୀମାନେ ଅନ୍ୟାନ୍ୟ ପ୍ରଶଂସନୀୟ କାର୍ଯ୍ୟ କରିବାକୁ ଚେଷ୍ଟା କରିବେ ।

---

ମାହାଲିଆ ରଇତ ଗାଉକା ।

ବଲିଭନାସ ତା ୧୯ ଭଗର ଓଡ଼ିଆଗଜେଟ ପାଠକର ଜଣାଇଲ ଯେ ମିସ୍ତୁର ବି ଶୁରସା- ହେବ ଅମଲମାନଙ୍କ ମାହାଲିଆ ରଇତ ଗାଉ- କାର ବିମୂଳ ଉଚ୍ଛେଦ କର କରିବାକୁ ମନସ୍ଥ କରଅଛନ୍ତି । ଏବର୍ଷ ଖଜଣାକୁ ଗସ୍ତ କରିବାକୁ ଯିବା ପୂର୍ବ ସମସ୍ତ ବଡ଼ା ଜମିଦାରଙ୍କ ନିକଟକୁ ଏକଟିଣ୍ଡ ଲେଖାଏ ବିଜ୍ଞାପନ ପଠାଇଥିଲେ । ତହିଁରେ ସେମାନଙ୍କୁ ସତର୍କ କରି ଦିଆଯାଇ ଥିଲା ଯେ ସାହେବଙ୍କ ସଙ୍ଗର ଅମଲା କମ୍ପା କୌଣସି ରଇତଙ୍କୁ କେହି ଯେମନ୍ତ ବନ୍ଧ ବରସଦ ଲମ୍ବା ପୃଷ୍ଠ ଦେବେ ନାହିଁ ଓ ରସଦସରଞ୍ଜାମ ଯାହା ଦେବେ ତହିଁର ଅସଲ ମୂଲ୍ୟ ବୁଝି ନେବେ । ବିଜ୍ଞାପନ ପ୍ରଚାରିବାର କମିଶ୍ନରସାହେବ ଶାନ୍ତ ନ ଥିଲେ କିନ୍ତୁ ମଫସଲର କେ ସ୍ଥାନରେ ପ୍ରାପ୍ତ ରସଦର ମୂଲ୍ୟ ଲୋକେ ଦେଉଅଛନ୍ତି କି ନାହିଁ ବୁଝିଥିଲେ । ବଡ଼ବାଇର କଟକ ପ୍ରତ୍ୟା- ଗମନ କାଳରେ ପୁଷ୍କଦାଙ୍କାଙ୍କ ଗଲେକା ମାନ- ଚାର ମୁକାମରେ ରସଦର ହେସାବବହି ତଦା- ରଗ କରିବାରେ କମିଶ୍ନରସାହେବ ଦେଖିଲେ ଯେ କେବଳ ଦୁଇ ତିନୋଟି ଅମଲା କ୍ରିୟା ଅନ୍ତ କେହି ରସଦ ଦରଙ୍କାନର ମୂଲ୍ୟ ଦେଇ ନାହାନ୍ତି ରସଦ ନେବାବାକ୍ତିକି ସହ୍ୟରବାରେ ସେମାନେ ବନ୍ଧିଲେ ଯେ ରସଦ ମୋହରରକୁ ମୂଲ୍ୟ ଦେଇଥିବେ ମାତ୍ର ସେ ସ୍ତ୍ରୀକାକୁ ପଚାର କେବାର କଣ୍ଠ ଯେନ୍ତ ଦେଲ ରସଦମୋହରର ମଧ୍ୟ ଏହି କଥାକୁ ସପ୍ରମାଣ କଲା । ଏଥିରେ କମିଶ୍ନରସାହେବ ରସଦ ନେଇଥିବା ପ୍ରତ୍ୟେକ ବ୍ୟକ୍ତି ଠାରୁ ଦ ୧୯ ହଲ ବେତନ ଅର୍ଥଦଣ୍ଡ କଲେ ଓ ଯେ ନେଇଥିବ ମୂଲ୍ୟର ଦ୍ୱିଗୁଣ ନେ- ଇଥିଲା ତାହାଠାରୁ ଦ୍ୱିଗୁଣ ମୂଲ୍ୟକର ଗ୍ରାହକଙ୍କ ମୋହରରକୁ କାର୍ଯ୍ୟରୁ ଦୂରେ କଲେ । ଏ ପକ୍ଷରେ ଏହି ଫଲ ହେଲା ଯେ ଅନ୍ୟାୟକାରୀ ଦୁଇପକ୍ଷ ମଧ୍ୟରୁ ଏକପକ୍ଷ ଅପରାଧ ଯୋଗ୍ୟ ସହି- ଲେ ଓ ଅପରପକ୍ଷ ଲାଭ କଲେ । କମିଶ୍ନରସାହେବଙ୍କ ଅନୁଷ୍ଠାନ- ରେ ଦାଦ୍ୟସାମଗ୍ରୀ ନେବା କର୍ମଚାରୀଙ୍କ ପକ୍ଷରେ ଲଜ୍ଜାକର ଅଟଇ ସନ୍ଦେହ ନାହିଁ କିନ୍ତୁ ଅମ୍ଭେ- ମାନେ ଶୁଣିଅଛୁଁ ଯେ ବଡ଼ା ଜମିଦାରମାନେ ଖାଦ୍ୟସାମଗ୍ରୀର ମୂଲ୍ୟ ନେବାକୁ ବଶେଷ ଲଜ୍ଜା- କର ଜ୍ଞାନ କରନ୍ତି କିନ୍ତୁ ପ୍ରଜାମାନଙ୍କୁ ଜାଣିବାର ଆବଶ୍ୟକ ଯେ ଯେସ୍ତଲେ ସ୍ୱୟଂ କମିଶ୍ନରସା- ହେବଙ୍କ ସେମାନେ ସମ୍ମାନ କରି ଯାଉ ନାହାନ୍ତି ସେସ୍ତଲେ ତାହାଙ୍କ ନମକ୍ରବ୍ୟାହାରୀ ଲୋକଙ୍କର ଚର୍ଚ୍ଚା ନ ହଲେବୋଲି କିଛି କଦା ହେଉ ନାହିଁ ବିଶେଷ କମିଶ୍ନରସାହେବଙ୍କ ଆଜ୍ଞା ପ୍ରତିପାଳନ କରିବା ଯଥାର୍ଥ ସମ୍ମାନର କାର୍ଯ୍ୟ ହେଉଅଛି । କମିଶ୍ନରସାହେବଙ୍କ ଅନୁଷ୍ଠାନରେ ପ୍ରଜାମାନେ ରସଦ ସରଞ୍ଜାମ ଦେଇପାରନ୍ତି ନାହିଁ । ପ୍ରତ୍ୟୁତ ତାହାଙ୍କ ଲୋକଙ୍କୁ ଦେବାରେ କି ଗୌରବ ଅଛି ? ।

---

ଗାସ୍ତୁନ୍ ଫସେଟସାହେବ ।

ପାଠକମାନଙ୍କର ସ୍ମରଣ ଥିବ ଯେ ପାର୍ଲି- ମେଣ୍ଟର ଜଣେ ସଭ୍ୟ ଗାସ୍ତୁନ୍ ଫସେଟସାହେବ ଭାରତବର୍ଷର ଜଣେ ପ୍ରଧାନ ବନ୍ଧୁ । ପାର୍ଲିମେଣ୍ଟ ସଭାରେ ସେ ଭାରତବର୍ଷର ହିତ ପକ୍ଷରେ ଅନେକ ଲଢ଼ି ଅଛନ୍ତି ବହୁତ ସଭ୍ୟମାନେ ପ୍ରାୟ କେହି ଭାରତବର୍ଷ ବିଷୟରେ କିଛି ଆ- ଲୋଚନ କରନ୍ତି ନାହିଁ ଅପଣ କେବଳ କଥାରେ ଏହା ବ୍ୟସ୍ତ ଥାନ୍ତି କିନ୍ତୁ ଫସେଟସାହେବ ଅମ୍ଭ- ମାନଙ୍କ ପାଇଁ ଲଢ଼ିବାରୁ କଲିକତାବାସୀମାନେ ତାହାଙ୍କଠାରେ କୃତଜ୍ଞତା ସ୍ୱୀକାର ସୂଚକ ପତ୍ର- ଏ ଅଭିନନ୍ଦନପତ୍ର ତାହାଙ୍କ ନିକଟକୁ ପଠାଇ ଥିଲେ ଓ ବ୍ରାଇଟନ ନଗରବାସିମାନେ ଫସେଟ- ସାହେବଙ୍କୁ ତାହାଙ୍କ ପ୍ରତିନିଧି ମନୋନୀତ କରି- ବାରୁ ସେ ପାର୍ଲିମେଣ୍ଟରେ ପ୍ରବେଶ କଲେ ଓ ତାହାଙ୍କ ଯୋଗେ ଅମ୍ଭମାନଙ୍କର ଉପକାର ହେଲା ଏଥି ପାଇଁ ବ୍ରାଇଟନନଗରର ମନୋ- ନୀତ ତାହାଙ୍କ ନିକଟକୁ ମଧ୍ୟ ଏକ ଅଭିନନ୍ଦନପତ୍ର ତହିଁ ସଙ୍ଗେ ପ୍ରେରିତ ହେଲା । ଏଥିପାଇଁ ଦୂରଦେଶୀ ଅଭିନନ୍ଦନପତ୍ର ପଠାଇବାର ପ୍ରସ୍ତାବ କରିବା- ରେ କଲିକତାବାସିମାନେ ଯେ ଅତି ସୁବୋଧ ଓ ପ୍ରଶଂସନୀୟ କାର୍ଯ୍ୟ କରିଅଛନ୍ତି କୋଣସାକ

Digitized by srujanika@gmail.com

Split by PDF Splitter



କାହିଁକି ଏ ପ୍ରସ୍ତାବରେ ଭାରତବର୍ଷର ସମସ୍ତ ସ୍ଥାନ ଓ ସମସ୍ତ ଶ୍ରେଣୀର ଲୋକ ତୁଷ୍ଟ ହୋଇ ସାଦର ପୂର୍ବକ ଅଭିନନ୍ଦନପତ୍ରମାନଙ୍କରେ ସ୍ୱାକ୍ଷର କଲେ ସେସମାନ ଯଥାକାଳରେ ବିଲାତକୁ ପ୍ରେରିତ ହେଲା । ଫସେଟସାହେବ ଆପଣା ପକ୍ଷର ଉତ୍ତର ଦେଇ ପଠାଇଲେ ଓ ବ୍ରାଇଟନର ମନୋନୀତକାରଙ୍କ ନିକଟକୁ ଯେଉଁ ପତ୍ର ଗଲା ତାହା ସେମାନଙ୍କୁ ଜ୍ଞାତ କରାଇବା କାରଣ ଗତମାସ ତା ୪ ରଖରେ ବ୍ରାଇଟନର ସଭାଗୃହରେ ଏକ ବୃହତ୍ ସଭା ହୋଇଥିଲା । ପ୍ରାୟ ଛଅ ହଜାରଲୋକ ସଭାରେ ଉପସ୍ଥିତ ଥିଲେ ଓ ତହିଁ ମଧ୍ୟରେ ଏ ଦେଶୀୟ, କେତେ କମ୍ପେନିର ଲୋକ ଓ ବଙ୍ଗଲାର ବାବୁ ଅନନ୍ଦମୋହନ ବସୁ ଉପସ୍ଥିତ ଥିଲେ । ସଭା ଆରମ୍ଭରେ ସଭାପତି କହିଲେ ଯେ "ଏ ସଭାସ୍ଥଳରେ ଅନେକ ଥର ସଭା ହୋଇଅଛି କିନ୍ତୁ ଏଥରର ସଭା ପରି କେବେ ହୋଇ ନାହିଁ । ଅମ୍ଭମାନଙ୍କ ଦେଶସ୍ଥ ଲୋକଙ୍କ ନିକଟରେ ଅମ୍ଭମାନଙ୍କ ନାମଗୌରବ ବୃଦ୍ଧି ହେବାରେ ଅମ୍ଭେମାନେ ଅନେକ ଥର ପରିତୃପ୍ତ ହୋଇଅଛୁଁ ସତ୍ୟ କିନ୍ତୁ ସମୁଦ୍ରପାରସ୍ଥ ଲୋକଙ୍କ ନିକଟରେ ଶୁଦ୍ଧା ନାମଗୌରବ ପ୍ରଶ୍ଚରିତ ହେଲା ବିଶେଷ ଆନନ୍ଦକର ଓ ଶ୍ଲାଘାର ବିଷୟ । ଅମ୍ଭମାନଙ୍କ ମହାରାଣୀଙ୍କ ଭାରତବର୍ଷୀୟ ପ୍ରଜାମାନେ କୌଣସି କାରଣରୁ ପିଡ଼ୀତ ଜ୍ଞାନ କରୁଅଛନ୍ତି ଏ କଥା ଜାଣି ପାରିଲେ ଅମ୍ଭମାନଙ୍କର ମଧ୍ୟ ମନଃପୀଡ଼ା ଉପସ୍ଥିତ ହୁଅଇ ସନ୍ଦେହ ନାହିଁ" ।

ସଭାପତିଙ୍କର କଥା ଶେଷ ହେଲାରୁ ଅଭିନନ୍ଦନପତ୍ର ପଠିତ ହେଲା ଓ ସମସ୍ତ ଅନ୍ୟାନ୍ୟ ସଭ୍ୟମାନେ ଆପଣା ମନୋଭାବ ବ୍ୟକ୍ତ କଲେ । ବାବୁ ଅନନ୍ଦମୋହନ ଘୋଷଙ୍କ ବକ୍ତୃତା ଅତି ଉତ୍କୃଷ୍ଟ ହୋଇଥିଲା ଓ ତହିଁପାଇଁ ସଭାରେ ତାହାଙ୍କୁ ବହୁତ ପ୍ରଶଂସା କଲେ । ଭାରତବର୍ଷୀୟ ଲୋକ ହୋଇ ଇଂରାଜୀବକ୍ତୃତାର ନିକଟରେ ପ୍ରଶଂସା ପାଏ ସାମାନ୍ୟ ଗୌରବର ବିଷୟ ନୁହଇ । ତହିଁ ଉତ୍ତାରେ ସଭାସ୍ଥ ସମସ୍ତଙ୍କର ସର୍ବସମ୍ମତି ହୋଇ ଧାର୍ଯ୍ୟ ହେଲା ଯେ ବ୍ରାଇଟନଲୋକଙ୍କୁ ଏହି କଥା ଜଣାଇ ଦିଆ ଯାଉ ଫସେଟସାହେବଙ୍କଦ୍ୱାରା ସେମାନଙ୍କ ମଙ୍ଗଳ [illegible] ହୋଇଅଛି ଏଥିରେ ବ୍ରାଇଟନନଗରର ଲୋକମାନେ ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ସେମାନେ ଆଶା କରନ୍ତି ଯେ ଭାରତବର୍ଷ ଓ ଇଂଲଣ୍ଡ ମଧ୍ୟରେ ସମ୍ପ୍ରୀତି ସ୍ଥାପନ ପକ୍ଷରେ ଫସେଟସାହେବଙ୍କ ଯତ୍ନ ବିଶେଷ ଅନୁକୂଳ କରିବ ।

ପରିଶେଷରେ ଫସେଟସାହେବ ଗାତ୍ରୋତ୍ଥାନ ପୂର୍ବକ ଗୋଟିଏ ସୁନ୍ଦର ବକ୍ତୃତା କଲେ ଓ ଭାରତବର୍ଷ ପ୍ରତି ଇଂଲଣ୍ଡର ଲୋକମାନେ ଯେଉଁପରି ଅନ୍ୟାୟ ବ୍ୟବହାର କରୁଅଛନ୍ତି ତାହା ସମସ୍ତ ବ୍ୟକ୍ତ କରି ଶେଷରେ କହିଲେ ଯେ ବର୍ତ୍ତମାନ ରୁଷୀୟମାନେ ଭାରତବର୍ଷ ଉପରେ ଦୃଷ୍ଟିନିକ୍ଷେପ କରୁଅଛନ୍ତି ବୋଲି ସମସ୍ତେ ବୋଲନ୍ତି ମାତ୍ର ଏକା ରୁଷୀୟଠାରୁ ଇଂଲଣ୍ଡର ଭୟ ନାହିଁ କିନ୍ତୁ ଯେବେ ଏହି ସମୟରେ ଭାରତବର୍ଷୀୟମାନେ ଜାଣନ୍ତି ଯେ ଅମ୍ଭେମାନେ ତାହାଙ୍କପ୍ରତି ଆନ୍ତରିକ ପ୍ରକାଶ କରୁଅଛୁଁ ଓ ସେମାନେ କର ଭାରରେ ଦୁଃଖପାଉଥିବା ସ୍ଥଳେ ଅମ୍ଭେମାନେ ତାହାଙ୍କୁ ରକ୍ଷା କରୁ ନାହୁଁ ତାହା ହେଲେ ଭାରତରାଜ୍ୟ ରକ୍ଷାକରିବା ସମ୍ବନ୍ଧରେ ଯେତେ ଭୟ ରୁଷୀୟଠାରୁ ସେତେ ଭୟ ନାହିଁ ।

ଅମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ଏଥିଦ୍ୱାରା ଭାରତବର୍ଷର ଅନେକ ଉପକାର ହେବ ଓ ଇଂଲଣ୍ଡର ଅନ୍ୟାନ୍ୟ ନଗରବାସିମାନେ ବ୍ରାଇଟନର ଅନୁକରଣ କରିବାରୁ ମାନସ କଲାଇବେ ତାହା ହେଲେ ଇଂଲଣ୍ଡ ଓ ଭାରତବର୍ଷ ମଧ୍ୟରେ ସମ୍ପ୍ରୀତି ବଢ଼ିବ । ବସ୍ତୁତଃ ଫସେଟସାହେବ ଭାରତବର୍ଷର ଶୁଭ ଅନୁକ୍ଷଣ ଚିନ୍ତା କରନ୍ତି ସନ୍ଦେହ ନାହିଁ ଓ କ୍ରମେ ଇଂରାଜମାନେ ବୁଝିଅଛନ୍ତି ଯେ ଭାରତବର୍ଷର ମଙ୍ଗଳ ଚିନ୍ତା କରିବାରେ ଇଂଲଣ୍ଡ ଓ ଭାରତବର୍ଷ ଉଭୟ ରାଜ୍ୟର ଲାଭ ଅଛି ।

---

ଅମ୍ଭମାନଙ୍କ ଯାଜପୁରସ୍ଥ ସଂବାଦଦାତା ଲେଖିଅଛନ୍ତି ଯେ ଗତମାସ ତା ୧୮ ରଖରେ ବିଶେଷ ବୃଷ୍ଟି ହେବାରୁ କୃଷିକାର୍ଯ୍ୟ ଆରମ୍ଭ ହୋଇଅଛି ପ୍ରଜାମାନେ ଆନନ୍ଦରେ ଅଛନ୍ତି ଓ ଆମ୍ବଫଳ ରକ୍ଷା ପାଇଅଛି । ଉକ୍ତତାରିଖ [illegible] ଘ ୮ ଘଣ୍ଟା ସମୟରେ ନଗରର ଏକ ବ୍ରାହ୍ମଣ ବାଡ଼ିମଧ୍ୟରେ ଇନ୍ଦ୍ରଦେବତାଙ୍କ ବାଣ (ଠନକ) ପଡ଼ିବାରେ ଦୁଇଗୋଟି ନଡ଼ିଆଗଛ ପୋଡ଼ି ଯାଇଅଛି । ବଜ୍ର ପଡ଼ିବା ସମୟରେ ତୀବ୍ର ଆଲୋକ ହୋଇଥିଲା ମାତ୍ର ସୁଖର ବିଷୟ ସେ ଘର ଜମ୍ମା ମନୁଷ୍ୟ କିଛି କଷ୍ଟ ହୋଇ ନାହିଁ । ଏତ ବୈତରଣୀ [illegible] ଘାଟ ବାଟରେ ହୋଇଯାଇ ମିଳନ ହେଉଥିଲା ପ୍ରାୟ [illegible] ପର୍ଯ୍ୟନ୍ତ ବନ୍ଦ ଓ ଗୋତଏବକାର ଯାତ୍ରୀ ଏକତ୍ରିତ ହୋଇଥିଲେ । ଗାଡ଼ିବାଲା ଏବଂ ବୃନ୍ଦାବନ ପର୍ଯ୍ୟନ୍ତ ଠାକୁରମାନେ ବନ୍ଦ ହେଉଥିଲେ ଓ ଯାତ୍ରୀ ଜମି ଅଛୁଥିଲା ଏମନ୍ତ ସମୟରେ ବର୍ଷା ହେବାରୁ ଠାକୁର ଓ ଯାତ୍ରୀ ପଳାଇ ଗଲେ ଠାକୁରମାନେ ଭୋଗ ପୂଜା ପାଇ ନାହାନ୍ତି ଓ ଦର୍ଶକଙ୍କ ମନ ତୁଷ୍ଟ ନ ହେବାରୁ କେତେ ସନ୍ତାପରେ ରହିଅଛନ୍ତି । ବର୍ତ୍ତମାନ ଏ ନଗରରେ ଓଲାଉଠା ରୋଗର ପ୍ରାଦୁର୍ଭାବ ଦିଶୁଅଛି ଓ ଗତବର୍ଷା ଏ ପକ୍ଷରେ ଉତ୍ତମ ହୋଇଅଛି । ଅନ୍ତଃଦନ ହେଲା ଗୋଟିଏ ବୃହତ୍ ଆକଟି ମୋକଦ୍ଦମା ଏଠା ଡେପୁଟୀ କଲେକ୍ଟରଙ୍କ ଇଜଲାସ କରି ତହିଁ ସମ୍ପର୍କରେ ଦଙ୍ଗା ହଙ୍ଗାମା କରିଥିବା ଛ ୧୮ ଣ ଆସାମୀଙ୍କୁ ମା ୬ ସ ଲେଖାଏ କାରାବାସ ଦଣ୍ଡର ଆଜ୍ଞା ଦେଇଅଛନ୍ତି । ଏପରି ପୁଲିସର ସୁପ୍ରିଣ୍ଟେଣ୍ଡେଣ୍ଟସାହେବ ତ ୩ ନ ହେଲା ଏ ନଗରରେ ରହି ପୁଲିସ ଷ୍ଟେସନ ଇତ୍ୟାଦି ତଦାରକ କରି ସନ୍ତୋଷ ହୋଇ ଅଛନ୍ତି । ଉପସଂହାର ସ୍ଥଳେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଯାଜପୁର ଡେପୁଟୀ ମାଜିଷ୍ଟ୍ରେଟଙ୍କ ଇଷ୍ଟାମ୍ପମାନ ଅଫିସରେ ବାହାର ହେଉଅଛି ତଥାପି ତାହାଙ୍କ ଏହାଙ୍କୁ ପୁରସ୍କାର ଦିଆ ଯାଉ ନାହିଁ କିଛି ବୁଝା ଯାଉ ନାହିଁ ।

---

## ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ ଟେବଲାଁ ସାହେବ ବେଙ୍ଗାଲ ରେଭିନ୍ୟୁ ସୁପରିଣ୍ଟେଣ୍ଡେଣ୍ଟ ଓଡ଼ିଶାରେ ଦ୍ୱିତୀୟଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇ ଅଛନ୍ତି ।

ଉଲ୍ଲିଖିତ ବେଙ୍ଗାଲ ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟମାନେ ଓଡ଼ିଶାରେ ତୃତୀୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇ ଅଛନ୍ତି ଯଥା— ଶ୍ରୀଯୁକ୍ତ ଏସ୍, ପି, ଭର୍ଣ୍ଣନ ଓ ଶ୍ରୀଯୁକ୍ତ ଏଚ ଓ୍ୱାଇ ।

ଗତ ସଂଖ୍ୟାର ବାଲେଶ୍ୱର ସମ୍ବାଦ ବାହିକାରେ କଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ମୌଲବୀ ଅବଦୁଲକାଦର ଅତି ବଳପୂର୍ବକ ଏକ ହଜାରଟଙ୍କା ଜାତ ଓ ବାଲେଶ୍ୱରରେ ଅନେକ ବର୍ଷ [illegible] କରୁଅଛନ୍ତି ପୁରାତନ ଅଫିସରେ ସୁଶିକ୍ଷିତ [illegible]

Digitized by srujanika@gmail.com

ମିଥ୍ୟା ହୋଇଥିବ ପ୍ରକାଶିତ୍ରରେ କହି ଅଛନ୍ତି ଓ ଉକ୍ତ ପତ୍ରିକାର ସମ୍ପାଦକ ସେ ସବୁ ଅନୁମୋଦନ କରିଅଛନ୍ତି । ଯଦ୍ୟପେର ପ୍ରୀତ ବା ଶୁଭେଚ୍ଛା ଥାଉଲେ ବହି ହୋଇ ଅମ୍ଭମାନଙ୍କୁ ମିଥ୍ୟାଭାଷୀ କହିଲେ କିଛି କ୍ଷତି ନାହିଁ । କିନ୍ତୁ ସମ୍ପାଦକ ଯେ ସେଗୁ ସାକ୍ଷରେ ଅପେ ଅବଶ ହେଲେ ଏହା ପରିତାପର ବିଷୟ । ସମ୍ପାଦକଙ୍କଠାରେ ଅମ୍ଭମାନଙ୍କର ପ୍ରାର୍ଥନା ଏହି ଯେ ଖାଲି ପତ୍ରେ ମିଥ୍ୟାଭାଷୀ ହେଲି ତନ୍ତୁ ଅନବଧାନ ବଶାତ୍ମୀ ବୋଲି ଯେମନ୍ତ ବାଲେଶ୍ୱରର ସମ୍ବାଦ ଦାତାଙ୍କୁ କେହି କ୍ଷିନ ନ କରନ୍ତୁ ।

ମୋଫସଲ ଅଦାଲତମାନଙ୍କରେ ମୁକ୍ତାର ହେବାର ପରୀକ୍ଷା ଦେବା ପାଇଁ ଗତ ପରୀକ୍ଷାରେ କଟକ ଅଦାଲତରେ ଯେତେ ଲୋକ ଉପସ୍ଥିତ ହୋଇଥିଲେ ତହିଁ ମଧ୍ୟରୁ କେବଳ ଅରଭକବୁ ମହାନ୍ତି ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଶ୍ରୀଯୁକ୍ତ ମାକମିଲନ ସାହେବ ପ୍ରଥମଶ୍ରେଣୀର ଏକ୍ସଟ୍ରାଏସିଷ୍ଟାଣ୍ଟ କମିସନର ହୋଇ ଅଛନ୍ତି ।

ବାବୁ ସଦାନନ୍ଦ ମହାନ୍ତି ଦ୍ୱିତୀୟ ଶ୍ରେଣୀର ଓଭରସିଅର ହୋଇ ଅଛନ୍ତି ।

ଗତ ସପ୍ତାହର କଲିକତା ଗେଜେଟରେ ଓକାଲତି ଓ ମୁକ୍ତାର ପରୀକ୍ଷାର ଫଳ ପ୍ରକାଶ ହୋଇଅଛି ତହିଁରୁ ଦେଖାଗଲା ଯେ ସମୁଦାୟ ବଙ୍ଗଳାରେ ପ୍ରଥମ ଶ୍ରେଣୀର ଓକାଲତରେ ଚାରିଜଣମାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଦ୍ୱିତୀୟ ଶ୍ରେଣୀର ଓକାଲତରେ ଅନେକମୁଣ୍ଡଏ ଉତ୍ତୀର୍ଣ୍ଣ ହୋଇଅଛନ୍ତି ତନ୍ମଧ୍ୟରେ କଟକରେ କେବଳ ଅବଦୁଲ ସୋଭାନଖାନ ଓ ଅବଦୁଲ ସୋଭାନ ଏହି ଦୁଇଜଣଙ୍କ ନାମ ଦେଖାଯାଏ ସୁତରାଂ ଏ ଦୁହେଁ ଏକବ୍ୟକ୍ତି ଅଟନ୍ତି ।

ବରଦାର ଗୁଇକୁଅଁର ଏବର୍ଷ ଘୋଡା ଦୌଡରେ ୫୧୬୦୦୦ ଟା ହାରି ଅଛନ୍ତି । ତାହାଙ୍କ ସରଦାରଙ୍କ ମଧ୍ୟରେ ଯେଉଁମାନେ ଅଙ୍କବାହିକ ଥିବାରୁ ବିବାହ ହେବାର ମାନସ ପ୍ରକାଶ କଲେ ସେମାନଙ୍କର ପ୍ରତ୍ୟେକ ଜଣକୁ ୫୩୦୦ ଟା ଲେଖାଏ ଦେଇ ଠକାଉ ଦାନ କରିଅଛନ୍ତି । ବନ୍ଦୋବସ୍ତ ମନ୍ଦ ନୁହଇ ।

---

### ପ୍ରେରିତ ପତ୍ର ।

---

ଶ୍ରୀଯୁତ ଉତ୍କଳଦୀପିକାସମ୍ପାଦକ ମହୋଦୟ
ସମୀପେଷୁ ।

ବହୁମାନ୍ୟ ନିବେଦନଂ

ମହାଶୟ ! ଗତ ମାସ ତା ୧୬ ରଖରେ ପୁରୀ ଜଲେକ୍ଟରୀ କଚେରିରେ ଲୋକଲ ଓ ରେଭିନ୍ୟୁ କମିଟୀ ହୋଇଥିଲା । ପ୍ରଥମେ ଲୋକଲକମିଟୀରେ ସ୍କୁଲସଂକ୍ରାନ୍ତ କର୍ତ୍ତବ୍ୟମାନ ସମାଧା ହେଲା ପରେ କନ୍ଦ୍ୟୋପାଧ୍ୟାୟ ମହନ୍ତ ଶ୍ରୀ ନାରାୟଣ ଦାସ ମହୋଦୟ ପ୍ରଦତ୍ତ ରଘୁବଂଶ ଓ ଭଟ୍ଟିକାବ୍ୟ ନାମକ ପୁସ୍ତକ ୧୪ ଖଣ୍ଡ ସଂସ୍କୃତ ବିଦ୍ୟାଳୟ ଛାତ୍ରମାନଙ୍କ ଅଧ୍ୟୟନାର୍ଥେ ଉପହାର ସ୍ୱରୂପ ସଭାରେ ବିତରଣ କଲେ । ପରେ ସଭାପତି ମହନ୍ତ ମହାଶୟଙ୍କୁ ଧନ୍ୟବାଦ ଦେଇ ସଭା ଭଙ୍ଗ କଲେ । ପୁନଶ୍ଚ ଶୁଣାଯାଏ ଉପର୍ଯ୍ୟୁକ୍ତ ସଂସ୍କୃତ ଗ୍ରନ୍ଥଦ୍ୱୟ କଲିକତାନିବାସୀ ଶ୍ରୀଯୁତ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ମହାଶୟ ମହନ୍ତଙ୍କ ନାମରେ ଉତ୍ସର୍ଗ କରିଅଛନ୍ତି ତହିଁରୁ ମହନ୍ତଙ୍କ ଅନେକ ପୁସ୍ତକ ଆଣି ଇଂରାଜୀସ୍କୁଲ ଓ ଓଡ଼ିଆସ୍କୁଲ ପ୍ରଭୃତି ବିଦ୍ୟାନୁରାଗୀ ପଣ୍ଡିତ ଓ ଗୁରୁବର୍ଗମାନଙ୍କୁ ବିତରଣ କରିଅଛନ୍ତି ଓ କରୁଅଛନ୍ତି ଲୋକେ କହନ୍ତି କୌଣସି ବିଦ୍ୟାନୁରାଗିମାନେ ଉକ୍ତ ପୁସ୍ତକ ନିମିତ୍ତ ଉକ୍ତ ମହନ୍ତ ମହାଶୟଙ୍କ ନିକଟରେ ପ୍ରାର୍ଥୀ ହେଲେ ଅବଶ୍ୟ କୃତକାର୍ଯ୍ୟ ହେବେ । ଅହୋ ! କି ସୌଭାଗ୍ୟର ବିଷୟ । ସମ୍ପାଦକ ମହାଶୟ ! ଅମ୍ଭମାନଙ୍କ ଜନ୍ମଭୂମିସ୍ଥ ମହାତ୍ମାମାନେ ( ରାଜା, ଜମିଦାର ଓ ଧନୀ ମହନ୍ତମାନେ ) ମହାନୁଭବ ମହନ୍ତ ମହୋଦୟଙ୍କ ପ୍ରାୟ ଅନୁକରଣ କରନ୍ତେ ତାହା ହେଲେ ଏ ଦେଶ ସୌଭାଗ୍ୟ ବୃଦ୍ଧିର ସୀମା ଥାଆନ୍ତା ଯାହା ହେଉ ଅମ୍ଭେମାନେ ମୁକ୍ତକଣ୍ଠେ ଶ୍ରୀ ଶ୍ରୀ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଁ ମହନ୍ତ ମହାଶୟ ଚିରଞ୍ଜୀବୀ ହୋଇ ଅମ୍ଭମାନଙ୍କ ହିତସାଧନରେ ସର୍ବଦା ସକ୍ଷମ ଥାଇ କାଳଯାପନ କରନ୍ତୁ । ଇତି ।

୨୦।୩।୭୩ { ଶ୍ରୀ ବଳଭଦ୍ର ପତ୍ରଲେଖ
ସଂ, ସ୍କୁ, ” ସୁ ବିଜ୍ଞ ।

---

ମହାଶୟ

କେନ୍ଦ୍ରାପଡା ନଗର ଏକ ସାହିରେ ଜଣେ ବ୍ରାହ୍ମଣର ଗୋଟିଏ ଦଶବା ବାଳିକା ଥିଲା ସେ ସମସ୍ତଙ୍କୁ ଜ୍ଞାନ ପ୍ରାପ୍ତ ହୋଇ ମଦ-ପଥଗାମିନୀ ହେବାରୁ ପ୍ରତିବାସୀମାନେ ଜାତି ଭଙ୍ଗର ଭୟରେ ଜାଣିପାରି ତାହା ପିତାକୁ ଏହି ପରାମର୍ଶ ଦେଲେ କି ତୁମ୍ଭ କନ୍ୟାର ଚରିତ୍ର ଦୂଷଣୀୟ ଜଣାଯାଏ ତୁମ୍ଭେ ତାକୁ ଯୁ ଭବନରେ ରଖିଲେ ପରେ ଜାତିରେ ଭଙ୍ଗ ହେବ ସେଥିପାଇଁ ସକଳ ଗୋଟିଏ ଗୃହ କରି ଦିଅ ଯେ ସେ ସେହି ଗୃହରେ ଥାଇଁ ଆପଣା ପେଟ ପୋଷୁ ସେହି ଅନ୍ୟାୟ ପଥମାର୍ଗରେ କନ୍ୟା ପିତା ସୁ ସ୍ୱଜନ କନ୍ୟାକୁ ସ୍ୱତନ୍ତ୍ର ଗୃହ କରିଦେଇ ବାସ କରାଇଲା ଏଥିରେ କେତେକ ସ୍ୱୀର ଯେ ଜ୍ଞାନର ଗୃହଥା ହେଲା ତାହା ଆପଣ ସ୍ୱଛନ୍ଦରେ ବୁଝିଅଛନ୍ତି । ଅଳ୍ପ କାଳ ଗତ ହେଲା ସେ କନ୍ୟା ଗୃହରେ ଜଣେ ଲିଙ୍ଗ ପଡିଥିବା ପ୍ରତିବାସିମାନେ ଜାଣି ଡେରା-ଦୋଳି ଘୁଲାସ୍ତ ଅଣିଥିଲେ ଦେଖିଲେ ସେ ଭ୍ରଷ୍ଟ କନ୍ୟା ଥାଉଁ କଲା କି ଏ ଶିଶୁଙ୍କ ସଙ୍ଗେ ମୋହୋର ପାର୍ଶ୍ୱବର୍ତ୍ତ ହେଲା ପ୍ରଣୟ ହୋଇ ଅଛି ସେ ପ୍ରତିଦିନ ରାତିରେ ମୋହର ଗୃହକୁ ଗମନାଗମନ କରେ, ଏବେ ସେ ବର୍ଷା ଶେଷ ହେବ, ଏକଥା ଶୁଣି ପ୍ରତିପକ୍ଷମାନେ ମୂଢଭାବ ଆଉଁସି ବସିଲେ ଘରକୁ ପଳାଇ ଗଲେ ସମ୍ପାଦକ ମହାଶୟ, ମୁଁ ପରମ୍ପରା ଶୁଣିଲି ଯେ ସ୍ତ୍ରୀର ବର୍ଗୋଦୟ ହୋଇଅଛି କିନ୍ତୁ ତାହା ସଠିକ ଅଶୁଦ୍ଧ କି ? କିନ୍ତୁ ଏଠାରେ ମୁଁ କହି ବାଲ୍ଲୀୟ ବ୍ରାହ୍ମଣ ଓ କରଣ ପଣ୍ଡିତଙ୍କ ନିରୁତ୍ତାର ଲେଖା ସମାପ୍ତ କରି ପାରୁ ନାହିଁ ଯେଉଁମାନେ ଦ୍ୱିତୀୟ ସମ୍ପ୍ରଦାୟକୁ ଈର୍ଷାୟ ଓ ଅଧର୍ମ ବିଷୟ ଇତ୍ୟାଦି ଦୋଷାରୋପ କରିଥାନ୍ତି ସେମାନଙ୍କୁ ଉପରୋକ୍ତ ବିଷୟଟି ଉପର ବୋଧ ହୁଏ, ଏହାଠାରୁ କି ଦ୍ୱିତୀୟ ଦେବା କଡାକଡ ହୁଅନ୍ତା, ସେ ବ୍ରାହ୍ମଣୀ ଯେ କେତେ ଲୋକଙ୍କ ଜାତ ମାର ଅଛି ତାହାର କି ସୀମା ଅଛି, ଦ୍ୱିତୀୟ ବଳାତ୍ ପ୍ରତିପକ୍ଷମାନେ ଥରେ ବିଚାର କରନ୍ତୁ ଅଉ ସମ୍ପାଦକ ମହାଶୟ ଏ ଅଞ୍ଚଳରେ ଗୋଟିଏ ଭଦ୍ର କରଣ ଗୃହରେ ସମ୍ପ୍ରଦାନ ହେଲା ଗୋଟିଏ ଯୁବତି ଭର୍ତ୍ତାର ଗର୍ଭ ହୋଇଥିବାର ଲୋକଙ୍କଠାରୁ ଶୁଣିଅଛି, ଏହା ଅତି ଅସମ୍ଭବ ନୁହେ ଏପରି କର୍ମ ପ୍ରାୟ ଘଟିଥାଏ ଉଚିତ ଶାସ୍ତ୍ର ସମ୍ମତ ପରିତ୍ୟାଗ ନ କରି ଦ୍ୱିତୀୟ ବିଭା ଦେଇ ନ ହାନ୍ତି କି ଧର୍ମ, ଏହାର ବଦଳ ତୁମ୍ଭେ କର କଡ଼ୁବା ଦଳ ? ଅତଏବ ପାପ ବୃଦ୍ଧି ହେଲା ।

---

### ମୂଲ୍ୟପ୍ରାପ୍ତି ।

---

| | | |
|---|---|---|
| ବାବୁ ଦ୍ୱାରକାନାଥଚକ୍ରବର୍ତ୍ତୀ ଦଟକ | ବକେୟା | ୫୬ |
| ସେଣ୍ଟ୍ରାଲ ଭଦ୍ରକ ଲାଇବ୍ରେରୀ | ” | ୫୬।/ |
| ମିଷ୍ଟର ଜେକବ ଲେସି ଦଟକ | ବକେୟା | ୫୬ |
| ବାବୁ କୁଳମଣି ଆଚାର୍ଯ୍ୟ | ” ” | ୫। |

---

ଏହି ଉତ୍କଳଦୀପିକା ସହର କଟକ ଦ- ବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

# ଅତିରିକ୍ତ

ଉତ୍କଳଦୀପିକା ତା ୨୯ ରଖ ମାହେ ମାର୍ଚ୍ଚ ସନ ୧୮୭୩ ମସିହା ।

## ବୃକ୍ଷୀୟ ସମ୍ବାଦ ।

ବର୍ତ୍ତମାନ କଲିକତା ସହରସ୍ଥ ଭାରତବର୍ଷୀୟକୃଷି ଓ ଉଦ୍ୟାନ ସମ୍ବନ୍ଧୀୟ ସମାଜଦ୍ୱାରା ପ୍ରକାଶିତ ହୋଇଥିବା ନିମ୍ନଲିଖିତ ବିଜ୍ଞାପନ ଉତ୍କଳଦେଶର ଯେ ସମସ୍ତ ରାଜା ଓ ଜମିଦାର କି ସେ ସମାଜର ସଭ୍ୟ ହେବାକୁ ଇଚ୍ଛା କରନ୍ତି ସେମାନଙ୍କ ଗୋଚରାର୍ଥେ ପ୍ରକାଶିତ ହେଲା ।

### ଭାରତବର୍ଷୀୟ କୃଷି ଓ ଉଦ୍ୟାନ ସମ୍ବନ୍ଧୀୟ ସମାଜ ।

ଏ ସମାଜ ସନ ୧୮୨୦ ମସିହାରେ ସ୍ଥାପିତ ହୋଇଅଛି ।

ସଭାର ଅଭିପ୍ରାୟ ଓ ଉପକାର—ଭାରତବର୍ଷୀୟ କୃଷି ଓ ଉଦ୍ୟାନ ସମ୍ବନ୍ଧୀୟ ସଙ୍ଗତର ବିସ୍ତାର ଓ ଉତ୍ସାହ ଓ ଉନ୍ନତି ଓ ଏହାର ନାନାପ୍ରକାର ପ୍ରୟୋଜନ ସାଧନ ନିମନ୍ତେ ଏ ସମାଜଟି ସଂସ୍ଥାପିତ ହୋଇଅଛି । ପ୍ରତିବର୍ଷ ଜାନୁଆରୀ ମାସରେ ଏହି ସଭାର ସଭ୍ୟମାନେ ଏକତ୍ର ହୋଇ ଯେଉଁ ଏକ କୌନ୍‌ସଲ ଅର୍ଥାତ୍ ସଭାକାର୍ଯ୍ୟ ସମ୍ପାଦକ କମିଟି ନିଯୁକ୍ତ କରନ୍ତି ସେହି ସଭାଦ୍ୱାରା ସମସ୍ତ କର୍ମ ନିର୍ବାହ ହୁଏ । ଏ ସମାଜର ଅଧୀନରେ ଗୋଟିଏ ଉତ୍କୃଷ୍ଟ ପୁସ୍ତକାଳୟ ଓ ରକ୍ଷାଳୟ ( ଅର୍ଥାତ୍ ଯେଉଁ ଗୃହରେ ପୃଥିବୀସ୍ଥ ନାନାପ୍ରକାର ଅଦ୍ଭୁତ ଓ ଉତ୍କୃଷ୍ଟ ପଦାର୍ଥମାନ ସଂଗୃହୀତ ହୋଇଥାଏ ) ଅଛି ।

ସଭା—ଏ ସମାଜର ପ୍ରତିମାସରେ ଥରେ ସଭାଧିବେଶନ ହୁଅଇ ତହିଁରେ ସମସ୍ତ ସଭ୍ୟମାନେ ଉପସ୍ଥିତ ହୋଇପାରନ୍ତି ।

ସାଧାରଣ ସଭା—ଏ ସମାଜର ସଭ୍ୟପଦରେ ଭାରତବର୍ଷୀୟ ନାନାଜାତି ଓ ଧର୍ମାବଲମ୍ବୀ ଓ ସର୍ବଶ୍ରେଣୀସ୍ଥ ବା ଇଉରୋପୀୟ ବା ଦେଶୀୟ ବ୍ୟକ୍ତି ଓ ସମ୍ଭ୍ରାନ୍ତ ସ୍ତ୍ରୀମାନେ ନିଯୁକ୍ତ ହୋଇ ପାରିବେ ।

ସଭ୍ୟପଦରେ ନିଯୁକ୍ତ ହେବାର ନିୟମ—ଯେଉଁମାନେ ସଭ୍ୟପଦରେ ନିଯୁକ୍ତ ହେବେ ସେମାନଙ୍କୁ ପ୍ରଥମେ ୮ ଟଙ୍କା ଦେବାକୁ ହେବ ଓ ବାର୍ଷିକ ଚାନ୍ଦା ୩୨ ଟଙ୍କା ଅର୍ଥାତ୍ ଉକ୍ତ ୩୨ ଟଙ୍କାକୁ ତିନି ମାସରେ ୮ ଟଙ୍କା ଲେଖାଏ ଅଗ୍ରତୁଲ ଦେବାକୁ ହେବ ଓ ଯେବେ କେହି ଏକାଥରକେ ୩୨ ଟଙ୍କା ଦାଖଲ କରିବ ତେବେ ତାଙ୍କୁ ଆଉ ଉକ୍ତ ଚାନ୍ଦା ଦେବାକୁ ହେବ ନାହିଁ ସେ ଯାବତ୍ ଜୀବନ ମେମ୍ବର ରହିବେ ।

ସଭ୍ୟମାନଙ୍କ ଲାଭ—ଇଂଲଣ୍ଡ ଆମେରିକା ଓ ଫ୍ରାନ୍ସ ଦେଶରୁ ଆମଦାନୀ ହୋଇଥିବା ଉତ୍ତମ ଶାକସବ୍ଜି ଓ ଫୁଲମଞ୍ଜି ଓ ମେଲବୋର୍ଣ୍ଣ ଦେଶରୁ ଆସୁଥିବା ସମସ୍ତ ଦେଶରେ ଫଳବାନ୍ ହେଉଥିବା ମଞ୍ଜି ଓ ଶସ୍ୟ ବୀଜମାନ ବର୍ଷକୁବର୍ଷ ବିନା ମୂଲ୍ୟରେ ସଭ୍ୟମାନେ ପାଇବେ ଓ ସମାଜଦ୍ୱାରା ପ୍ରକାଶିତ ହେଉଥିବା କୃଷି ଓ ଉଦ୍ୟାନବିଦ୍ୟାସମ୍ବନ୍ଧୀୟ ପତ୍ରିକାମାନ ମଧ୍ୟ ସଭ୍ୟମାନଙ୍କୁ ଦିଆଯିବ । ଗୋଲମରିଚ ଗଛମାନ ଓ ଉତ୍ତମ ଫଳଗଛମାନଙ୍କର କଲମ ସଭ୍ୟମାନଙ୍କ ସହାଯେ ଯେ ବିସ୍ତାର ହୋଇଥାଏ । କେବଳ ଏହି ଫଳଗଛର କଲମ ସହାଯେ ସଭ୍ୟମାନଙ୍କୁ କିଛି ଅର୍ଦ୍ଧୋଚିତ ମୂଲ୍ୟ ଦେବାକୁ ହେବ ।

ସମାନାଧିକାର—ନୂତନ ସଭ୍ୟମାନେ ଓ ଯେଉଁମାନେ କି କର୍ଣ୍ଣ ହେଲେ ତିନିମାସ ଗତ ହେଲା ପର ପୁନଶ୍ଚ ସଭ୍ୟପଦରେ ନିଯୁକ୍ତ ହେବାକୁ ଇଚ୍ଛା କରି ବର୍ତ୍ତମାନର ସମ୍ପୂର୍ଣ୍ଣ ଚାନ୍ଦା ଦିଅନ୍ତି ସେମାନେ ପୁରାତନ ସଭ୍ୟମାନଙ୍କ ସହିତ ଗଣ୍ୟ ହେବେ ଓ ସମାନ ଅଧିକାର ପାଇବେ କିମ୍ବା ସମ୍ପୂର୍ଣ୍ଣ ଚାନ୍ଦା ନ ଦେଲେ ସମାଜର ନିୟମାନୁସାରେ କେତେକ ବିଷୟରେ ନ୍ୟୂନାଧିକାର ପ୍ରାପ୍ତ ହେବେ ।

ବାର୍ଷିକ ପ୍ରଦର୍ଶନ—ପୁଷ୍ପଉଦ୍ୟାନର ବାର୍ଷିକ ପ୍ରଦର୍ଶନକୁ ସଭ୍ୟମାନେ ବିନା ବ୍ୟୟରେ ଯାଇପାରିବେ ।

୨୫।୩।୭୩ }
କଟକ }

T. E. R

☞ମୂଲପତ୍ର ଦେଖ ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

| | | |
|---|---|---|
| ଭାଗ<br>ସଂଖ୍ୟା | ତାରିଖ ଅପ୍ରେଲ ସନ ୧୮୭୬ ମସିହା । ଚୈତ୍ର ... ସନ ୧୨୮୩ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୫<br>ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫।୦<br>ମଫସଲ ଗାଁର ଡାକମାସୁଲ ୧।୦ |

ତାହାରେ ବୃତ୍ତି ପଡ଼ାଗଲେ ସଙ୍ଗମଧ୍ୟରୁ ତାହା ଦେଖା ହୁଅଇ । ଏହିପ୍ରକାର କୋର୍ଟ ଏ ଜେନେରଲ ସମ୍ବାଦ ପାଇ ଜାଜବାନଙ୍କର ଡେପୁଟୀ ଇନ୍ସପେକ୍ଟର ଜେନେରଲ ହପକିନ୍ସ ସାହେବ ଢାକାର ଭାରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ଅନୁସନ୍ଧାନ କରିବାର ଭାର ଦେଲେ । ସେ ଅନୁସନ୍ଧାନ କରି ଜାଣି ପାରିଲେ ଯେ କେତେ ଗୁଡ଼ିଏ କୁଅଫେର ତାହାର ଅଧୀନସ୍ଥ କର୍ମଚାରୀମାନଙ୍କୁ ଉତ୍କୋଚ ଦେଇ ସବୁ ମହଲ ବୃତ୍ତି ବାହାର କରି ନିଅନ୍ତି ଓ ଉଦ୍ଧାର ମହାଜନମାନଙ୍କୁ ଠକନ୍ତି । ଏ ପ୍ରତାରଣାର କାର୍ଯ୍ୟ ଅନେକଦିନ ଚଳିଆସୁଛି ଓ ଅନେକ ମହାଜନ କ୍ଷତିଗ୍ରସ୍ତ ହୋଇଅଛନ୍ତି । ଏରୂପ ଭୁଅଫେରୀ ପ୍ରତାରଣା କରିବାର ଚେଷ୍ଟା ହେଉଅଛି ମାତ୍ର ମହାଜନମାନଙ୍କୁ ଏ ବିଷୟ ଜଣାଇବା ପାଇଁ ପୁଲିସ ଇନ୍ସପେକ୍ଟର ସପୋର୍ଟ ଓ ଡାଇରେକ୍ଟର ଜେନେରଲଙ୍କ ଚିଠି ଗଜେଟରେ ଛପା ହୋଇଅଛି ଯେ ମହାଜନମାନେ ଏଥିରେ ସାବଧାନ ପୂର୍ବକ ବୃତ୍ତି ମଲୁ ଉଦ୍ଧାରକ କରି ଟଙ୍କା ଦିଅନ୍ତୁ ବୋଲି ।

---

ହିନ୍ଦୁ ବିଧବାଙ୍କର ଦୁଃଖ ଯେତେ ତାହାର ଅନ୍ତ ନାହିଁ କେବଳ ଏଥିରେ କୌଣସି ବିଧବା ଯେବେ କିଛି ଐଶ୍ୱର୍ଯ୍ୟଶାଳିନୀ ହୁଅଇ ତେବେ ତହିଁରୁ ତାହାକୁ ବଞ୍ଚିତ କରିବାପାଇଁ କେତେ ଲୋକ ପ୍ରବୃତ୍ତ ହୁଅନ୍ତି ଓ ବାଧ୍ୟରେ ଦୋଷାରୋପ କରି ଶାସନରେ ବିଧବାକୁ ଜିତିବାକୁ ଚାହାନ୍ତି । ହୋଇ ଦେବେ ନାହିଁ ବୋଲି ହାଇକୋର୍ଟରେ ଏକ ମୋକଦ୍ଦମା ଉପସ୍ଥିତ ହୋଇ ବିଚାରାଧୀନରେ ଅଛି । କିନ୍ତୁ ଶାସ୍ତ୍ରମତରେ କିଏ ବିଧବା ସ୍ତ୍ରୀକୁ ତାହାର ପ୍ରାପ୍ତ ସମ୍ପତ୍ତିରୁ ବଞ୍ଚିତ କରିବାପାଇଁ ତାହାର ଜ୍ଞାତିମାନେ ଅଦାଲତରେ ଏକ ସ୍ତ୍ରୀ ଭ୍ରଷ୍ଟ ଥିବାର ଆପତ୍ତି କରିଥିଲେ । ବିଚାରକର୍ତ୍ତା ମୁନସଫ ତାହା ନ ଶୁଣି ଉଠିବାକୁ ରାଜି ହେଲେ । ଡେପୁଟିଉଟିବର ସମ୍ପାଦକ ଏକଥା ଦେଖି ଆପଣା ମନ୍ତବ୍ୟ ପ୍ରକାଶ କରିଅଛନ୍ତି ଯେ ଧର୍ମ ବିବେଚନାରେ ଭ୍ରଷ୍ଟଚରିତ୍ର ବିଧବାର ଦଣ୍ଡ ଯାହା ହେଉ ଭର୍ତ୍ତୃ ଦୋଷରେ ତାହାକୁ ଉତ୍ତରାଧିକାରୀରୁ ବଞ୍ଚିତ କଲେ ବୋଧ ହୁଅଇ ଅନେକ ଅନର୍ଥ ହେବ । ସେ କହନ୍ତି ଯେ ହିନ୍ଦୁ ବିଧବାଙ୍କ ଅବସ୍ଥା ସ୍ୱଭାବତଃ ଅଟଇ । ସେ ପ୍ରବୃତ୍ତିରେ ଭ୍ରଷ୍ଟା ହେଉ ବା ନ ହେଉ ପଡ଼ୁ ବାଧାଦେଲେ ଭ୍ରଷ୍ଟା ପୁରୁଷଙ୍କ ସହିତ ସର୍ବଦା କଥୋପକଥନ ବା ବସାଉଠା କଲେ ତାହାପାଇଁ କିଛି ଦୋଷାରୋପ ହୋଇପାରେ ଅଥଚ ଅନେକ ବିଷୟରେ ମୁକ୍ତିପାଇଁ ଏସବୁ କାର୍ଯ୍ୟ ହିନ୍ଦୁ ବିଧବାକୁ କରିବାକୁ ହେବ । ଏମନ୍ତ ଅବସ୍ଥାରେ ହାଇକୋର୍ଟ କେଉଁ ବିଷୟ ସ୍ଥିର କରନ୍ତେ ଦେଖିବାରେ ଅଛି ।

---

ପୁଷ୍କରବାସିମାନେ ସୁଦ୍ଧ ପାଇଲୁ ଅବା ନ ପାଇଲୁ ମୁନ୍ସୀ ମୁବାରକ ଅଲ୍ଲା ଉପରେ ବିଚାର ଅନୁକୂଳ ଅଛନ୍ତି ଏଣୁକରି ପୁରୀ ଗାଁର ଅଭ ମୁନସଫ ଦିଲୁ ନାହାନ୍ତି । ମାତ୍ର ଦେଖାଯାଏ ଯେ ପୁରୀ ଗାଁର ମୁନସଫ ଲୋକମାନ ବିଷୟରେ ହାଇକୋର୍ଟ କିଛି ନାହାନ୍ତି ପାଇଁ ନ ହେଲେ ଜାଣାଇ ଅଗ୍ରତ ସ୍ୱୀକାର ବାଇଦର୍ଶକୁ ଉର୍ଦ୍ଧ୍ୱ ଜାଣି ହେଲ ନୂତନ ନବାଗତ ପୁରୀର ଏବଶିଷ୍ଟ ମୁନସଫ ରହିଅଛନ୍ତି । ଏହାଙ୍କ କର୍ମରେ ସଙ୍ଗ ଉପବିଷ୍ଟଙ୍କ ଯେଉଁ ବ୍ୟକ୍ତି ନିଯୁକ୍ତ ହୋଇଥିଲେ ସେ ଏକେବାରେ ଛୁଟୀ ନେଇ ବଙ୍ଗଳାରେ ବସିରହି ଗଲେ ନାହିଁ ବଦଳ ବାଟେ ଓଡ଼ିଶାକୁ ଥିଲେ ମାତ୍ର ତାହାଙ୍କରେ ଏହାଙ୍କ ଦେହ ଅପେକ୍ଷା ପୀଡ଼ିତ ହେଲା ସୁତରାଂ ପୁରୀପର୍ଯ୍ୟନ୍ତ ନ ଯାଇ ଫେରିଗଲେ । ହାଇକୋର୍ଟ ଏ ଅବସ୍ଥାରୁ ଜାତ ହୋଇ କହିଲେ ଡେପୁଟି ହେବାଙ୍କ ଉପରେ ଭାରତାଇ ଯୋଗେ ପ୍ରଶ୍ନ କଲେ କି ହିଜବକ୍ସିଙ୍କ ବାବୁ ଉତ୍କଳ ପୁରୀର ମୁନସଫୀ ବାହାକରୂପେ ଗ୍ରହଣ କରିବାର ଇଚ୍ଛା କରନ୍ତି କି ନାହିଁ । ସୁଖର ଦୁର୍ଭାଗ୍ୟବଶତଃ ହେଉବସ୍ତୁ ହବାକୁ ଉକ୍ତ ପଦ ଗ୍ରହଣ କରିବାକୁ ଅସ୍ୱୀକାର କଲେ । ହରବଲ୍ଲଭ ବାବୁ ବର୍ତ୍ତମାନ ଯେରୂପ ଭଦ୍ରଭାବ ଦେଖାଉଅଛନ୍ତି ତହିଁ ପକ୍ଷରେ ଅନେକରୂପ ଟଙ୍କା ବେତନର ମୁନସଫୀ ବରୁ କଥା ନୁହଇ । ସେ ଯାହା ହେଉ ଶୁଣାଯାଏ ଯେ ଏଠାର ଅଭି ଦେଶୀୟ ଉକିଲ ଦରଖାସ୍ତ କରିଅଛନ୍ତି । ହାଇକୋର୍ଟ ତାହାଙ୍କ ପ୍ରାର୍ଥନା ଗ୍ରାହ୍ୟ କରନ୍ତେ କି ନା ବିଚାରରେ ଅଛି । ଏଥିମଧ୍ୟରେ ମୁନସୀ

Digitized by srujanika@gmail.com

Split by PDF Splitter

Split by PDF Splitter



ମୁଦ୍ରାରକ୍ଷ ଅଳ୍ପ ପୀଡ଼ିତ ହୋଇ ଆଗାମୀ ମାସରୁ ଦୁଇମାସ ଛୁଟୀ ନେବାର ପ୍ରାର୍ଥନା କରିଅଛନ୍ତି ଅତଏବ କୌଣସିମତେ ପୁଣି ଥାଇ ଥାନ୍ତୁ ଏଣେ ନୂତନଙ୍କର ପ୍ରୟୋଜନ ହେବ।

---

ବଜେଟ।

ଅସ୍ମେମାନେ ଏଥିପୂର୍ବେ ଲେଖିଥିଲୁଁ ଯେ ଏବର୍ଷ ଭାରତବର୍ଷର ଆୟ ବ୍ୟୟର ବିବରଣ ଅର୍ଥାତ୍ ବଜେଟ ବ୍ୟବସ୍ଥାପକ ସଭାରେ ପାଠ ହେବ ନାହିଁ ବୋଲି ଗବର୍ଣ୍ଣମେଣ୍ଟ ଆଜ୍ଞା କରିଅଛନ୍ତି କେବଳ ତାହା ଗଜେଟରେ ପ୍ରକାଶ ହେବ ଏଥିକୁ ଗତ ସପ୍ତାହର ଇଣ୍ଡିଆଗଜେଟରେ ସନ ୧୮୭୩।୭୪ ମସିହାର ବଜେଟ ପ୍ରକାଶିତ ହୋଇଅଛି ଓ ତହିଁ ସମ୍ପର୍କରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଯେଉଁ ମନ୍ତବ୍ୟ ଲେଖିଅଛନ୍ତି ତାହା ସର୍ବସାଧାରଣଙ୍କ ଜାଣିବାର ଯୋଗ୍ୟ ଥିବାରୁ ଏଠାରେ ତହିଁର ଅବିକଳ ଅନୁବାଦ ପ୍ରକାଶ କରୁଅଛୁ ଯଥା।—

ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ସଭାରେ ବସି ସନ ୧୮୭୩।୭୪ ମସିହାର ବଜେଟ ଅନୁମାନ ଅନୁମୋଦନ କରିଅଛନ୍ତି ଏବଂ ତହିଁର ନିମ୍ନଲିଖିତ ସମ୍ବାଦ ସମସ୍ତସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ଦିଆଯିବ।

୨। ସନ ୧୮୭୩।୭୪ ମସିହାର ସାଧାରଣ ଖର୍ଚ୍ଚ ଓ ବ୍ୟୟର ଅନୁମାନଙ୍କ ହିସାବ ଦୃଷ୍ଟିରେ ଦେଖାଯାଏ ଯେ ବର୍ଷ ଶେଷରେ ୫ ୨୨,୦୦,୦୦୦ଙ୍କା ଉଦ୍ବୃତ୍ତ ହେବ।

୩। ବର୍ଷ ଆରମ୍ଭରେ ଭାରତବର୍ଷରେ ୫୧୯,୩୦,୦୦,୦୦୦ଙ୍କା ତହବିଲବାକି ଥିବ ଓ ବର୍ଷ ଶେଷରେ ଆୟ ହେବା ଯୋଗ୍ୟ କାର୍ଯ୍ୟ ଭିନ୍ନ ବାକି ୫୩,୮୭,୮୦,୦୦୦ଙ୍କା ଓ ଯାହା ସାଧାରଣ ଅବସ୍ଥାରେ ଋଣ ଟଙ୍କାରୁ ନିର୍ବାହ ହେଉଥିବ ତାହା ଦେଲ ଉତାରୁ ମଧ୍ୟ ୫୨୪,୮୦,୦୦,୦୦୦ଙ୍କା ତହବିଲ ବାକି ରହିବ।

୪। ଅତଏବ ଆୟ ବ୍ୟୟର ସାଧାରଣ ଅବସ୍ଥା ସନ୍ତୋଷଜନକ ଅଟଇ ଯଦ୍ୟପି ଉଦ୍ବୃତ୍ତ ଟଙ୍କା ଅଳ୍ପ ହୋଇଅଛି ମାତ୍ର ଭବିଷ୍ୟ ଖର୍ଚ୍ଚ ଓ ବ୍ୟୟର ଅନୁମାନ ସାବଧାନ ପୂର୍ବକ ହୋଇଅଛି। ଏହାପର ଇଷ୍ଟିମେଟ ଗତ ଦୁଇବର୍ଷଠାରୁ ଜଣା ଯାଉଅଛି ଓ ତହବିଲ ବାକିର ଅବସ୍ଥାରୁ ଜଣାଯାଏ ଯେ କୌଣସି ଧନ ବିଷୟକ କଷ୍ଟ ଏବର୍ଷ ପଡ଼ିବ ନାହିଁ।

୫। ଉକ୍ତ ସ୍ଥଳ ପକ୍ଷରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ସ୍ଥିର କରନ୍ତି ଯେ କୌଣସି ଅଧିକା ଟିକସର ପ୍ରୟୋଜନ ନାହିଁ। ସାଧାରଣ ଖର୍ଚ୍ଚ ବୃଦ୍ଧି ହେତୁ ଆଗାମୀ ଦୁଇ ବର୍ଷରେ ପ୍ରତିବର୍ଷ ଅଧିକୋନ୍ନତି ଲେଖାଏ ଇଷ୍ଟଇଣ୍ଡିଆ କମ୍ପାନୀର ଷ୍ଟକ ଅଦାୟପୂର୍ବକ କମ୍ପିଷଡ଼ଦ ଓ ଏହି କାର୍ଯ୍ୟର କୌଣସି ଏକ ଶାଖାରେ ଅଧିକ ବ୍ୟୟର ପ୍ରୟୋଜନ ହେଲେ ଅନ୍ୟ ଶାଖାର ବ୍ୟୟ ବୃଦ୍ଧି ସୁଦ୍ଧା ଉପକାରୀତାରୁ ସାମଞ୍ଜସ୍ୟ ହୋଇ ପାରିବ। ସାବଧାନ ପୂର୍ବକ ହୋଇଥିବା ଇଷ୍ଟିମେଟ ପତ୍ର ଯେତେ ବିଶ୍ୱାସ କରିଯାଏ ତହିଁରେ ଦେଖାଯାଏ ଯେ ରେଲୱେ ଏବଂ ଜଳପ୍ରଣାଳୀ କାର୍ଯ୍ୟ ନିର୍ମାଣ ନିମନ୍ତେ ବାଣ୍ଟିତ ମୂଳଧନ ଉପରେ ବଡ଼ ଭାର ପଡ଼ିବ ନାହିଁ। ଅତଏବ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବିବେଚନା କରୁଅଛନ୍ତି ଯେ ଇନ୍କମ୍ଟାକ୍ସ ଆଉ ସ୍ଥାପିତ ହେବ ନାହିଁ କିମ୍ବା ସାଧାରଣ ଖର୍ଚ୍ଚର ଯେ ସମସ୍ତ ମୂଳ ଅଛି ତହିଁର ଅତିରିକ୍ତ ଅନ୍ୟ କୌଣସି ଟାକ୍ସ ବସିବ ନାହିଁ।

୬। ଇନ୍କମ୍ଟାକ୍ସକୁ ଭାରତବର୍ଷର ଗୋଟିଏ ସାଧାରଣ ଆୟର ମୂଳସ୍ୱରୂପ ରଖି ତହିଁ ପରିବର୍ତ୍ତରେ ବର୍ତ୍ତମାନ କିମ୍ବା ଭବିଷ୍ୟତରେ ଅନ୍ୟ କୌଣସି ଟାକ୍ସ ଉଣା କରିବା କିମ୍ବା ଉଠାଇଦେବାର ପ୍ରସ୍ତାବ ମଧ୍ୟ ଗବର୍ଣ୍ଣମେଣ୍ଟ ବିଚାର କରିଅଛନ୍ତି ଓ ଏ ବିଷୟରେ ଅନେକ ବିବେଚନା କରିବା ଓ ସ୍ଥାନୀୟ କର୍ମଚାରୀଙ୍କ ମତ ଜାଣିଲା ଉତ୍ତାରୁ ଗବର୍ଣ୍ଣମେଣ୍ଟ ଧାର୍ଯ୍ୟ କରିଅଛନ୍ତି ଯେ ଉକ୍ତ ନୀତିକୁ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଇନ୍କମ୍ଟାକ୍ସ ବସାଇବା ଯୁକ୍ତି ଯୁକ୍ତ ନୁହଇ।

୭। କୌଣସି ବ୍ୟବସ୍ଥାପକ ଆଇନର ପ୍ରୟୋଜନ ନ ଥିବାରୁ ଏ ବଜେଟ ବ୍ୟବସ୍ଥାପକ ସଭାରେ ଅର୍ପଣ ହେବ ନାହିଁ କିନ୍ତୁ ସାଧାରଣ ଜ୍ଞାତବ୍ୟ କାରଣ ଏ ସମ୍ପର୍କୀୟ କାଗଜପତ୍ରମାନ ଇଣ୍ଡିଆ ଗଜେଟରେ ପ୍ରକାଶିତ ହେବ।

ଉପରଲିଖିତ ମନ୍ତବ୍ୟଟି ଅଭ୍ରାନ୍ତ ହୋଇଅଛି ଓ ତହିଁ ପାଇଁ ଅସ୍ମେମାନେ ଲର୍ଡ ନର୍ଥବ୍ରୁକ ସାହେବଙ୍କର ବହୁତ ପ୍ରଶଂସା କରୁ ତାହାଙ୍କୁ ଧନ୍ୟବାଦ ଦେଉଅଛୁ। ତାହାଙ୍କ ଲେଖାରୁ ସ୍ପଷ୍ଟ ଜଣାଯାଏ ଯେ ସେ କେବଳ ଇନ୍କମ୍ଟାକ୍ସରେ ବିରକ୍ତ ଏମନ୍ତ ନୁହେ ଟାକ୍ସ ମାତ୍ରର ବିରୋଧୀ ଅଟନ୍ତି ଓ ଖର୍ଚ୍ଚ ସମ୍ପର୍କୀୟ କାର୍ଯ୍ୟ ବୁଝିବାରେ ସେ ଅତ୍ୟନ୍ତ ପଟୁତା ପ୍ରଦର୍ଶନ କରୁଅଛନ୍ତି। କୌଣସି ଧନଧାନ୍ୟ ତଥା ଶୋଷଣ ଭାରତରେ ଇନ୍କମ୍ଟାକ୍ସକୁ ଉଠାଇ ଦେବାରେ ତାହାଙ୍କ ମହନ୍ତ୍ୱର ମଧ୍ୟ ଉତ୍ତମ ପରିଚୟ ପ୍ରାପ୍ତ ହୋଇଅଛି। ଇନ୍କମ୍ଟାକ୍ସକୁ ଅନିଷ୍ଟକର ଓ ଅନାବଶ୍ୟକ ବିବେଚନା କଲେ ହୋଇ ନେ ଉଠାଇ ଦେବେ ଲୋକଙ୍କ ମଧ୍ୟରେ ସୁଖ ଜନ୍ମ ହେବା ମାତ୍ରରେ ତାହା କରି ନାହାନ୍ତି କାରଣ ସେରୂପ ହୋଇଥିଲେ ଅନେକ ଅଗ୍ରେ ଉତ୍ତମରେ ତାହା କରିଥାନ୍ତେ। ବାସ୍ତବରେ ବଜେଟର କଥା ଏ ବର୍ଷ କେମନ୍ତ ବିଶେଷରୂପେ ଉତ୍ସାହ ହୋଇ ସଭା ଭାବ ଜନ୍ମାଇ ନୁହଇ। ମରଉଇଲ୍ ଟେମ୍ପଲ ବର୍ତ୍ତମାନବର୍ଷ ଏହି ବଜେଟ ସମ୍ପର୍କରେ ବଡ଼ ଅଡ଼ମ୍ବର କରିଥିଲେ ଓ ଟାକ୍ସ ବସାଇବାକୁ ତତ୍ପର ହୋଇଥିଲେ ଏ ବର୍ଷ ତାହାଙ୍କୁ ସୁଯୋଗ ସୁଦ୍ଧା ମିଳିଲା ନାହିଁ କେହି କହନ୍ତି ଯେ ବଜେଟ ବ୍ୟବସ୍ଥାପକ ସଭାରେ ଅର୍ପଣ ହେବା ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟର ଅଙ୍ଗଶିଷ୍ଟ ସଭ୍ୟମାନେ ତହିଁରେ ଆପତ୍ତି କରିଥିଲେ ଏବେ ସେ ସୁଯୋଗ ପାଇଲେ ନାହିଁ ଏ ପକ୍ଷରେ ମତ ଦେଲେ କିନ୍ତୁ ଅସ୍ମମାନଙ୍କ ମତରେ ଏ ଆପତ୍ତି କୌଣସି କାର୍ଯ୍ୟର ନୁହଇ କାରଣ ସଭ୍ୟମାନଙ୍କୁ ବ୍ୟବସ୍ଥା ନିଷ୍ପ ଛଡ଼ା ଅନ୍ୟ କୌଣସି କଥାରେ ମତ ଦେବାର ଭାର ଦିଆ ଯାଇ ନାହିଁ ଯେତେବେଳେ ଆୟ ବ୍ୟୟ ସମ୍ପର୍କୀୟ କାର୍ଯ୍ୟ ବୁଝିବା ପାଇଁ ସଭା ନିଯୁକ୍ତ ହେବ ଓ ସେଥିପାଇଁ ସଭ୍ୟ ନିଯୁକ୍ତ ହେବାର ଉଚିତ ସେତେବେଳେ ସେମାନେ ମତାମତ ପ୍ରକାଶ କରି ପାରିବେ ଅନ୍ୟଥା ଏ ସକଳ ବିଷୟରେ ଏକା ଗବର୍ଣ୍ଣରଜେନରଲ ସାହେବଙ୍କ କ୍ଷମତା ଅଛି ସୁତରାଂ ସେ ଯାହା କରିବେ ତାହାହିଁ ଶିରୋଧାର୍ଯ୍ୟ। ଏଥିକୁ ଅସ୍ମମାନଙ୍କର ନୂତନ ଗବର୍ଣ୍ଣରଜେନରଲ ଯେ ଇନ୍କମ୍ଟାକ୍ସ ଉଠାଇ ଦେଲେ ଏଥିପାଇଁ ପ୍ରଜାମାନେ ତାହାଙ୍କୁ ଧନ୍ୟବାଦ ଦେବେ କିନ୍ତୁ ଗୋଟିଏ କାରଣରୁ ଅସ୍ମମାନଙ୍କର ଭୟ ହେଉଅଛି ଯେ ପ୍ରଜାମାନେ ଇନ୍କମ୍ଟାକ୍ସ ଉଠି ଯିବାରେ ସମ୍ପୂର୍ଣ୍ଣରୂପ ଆନନ୍ଦ ଉପଭୋଗ କରି ପାରିବେ ନାହିଁ ତହିଁର କାରଣ ଏହି ଯେ ବର୍ତ୍ତମାନ ପଥକର ଯୌଗସ୍ୱର ସମସ୍ତଙ୍କୁ ସହ୍ୟ କରିବାକୁ ହେଉଅଛି ଇନ୍କମ୍ଟାକ୍ସ ତୁଳନାରେ ଏ ଟାକ୍ସ ଅତ୍ୟନ୍ତ ଗର୍ହିତ ଅଟଇ। ଇନ୍କମ୍ଟାକ୍ସ କେବଳ ବଡ଼ଲୋକଙ୍କ ଉପରେ ପଡ଼ୁଥିଲା ପଥକର ସାମାନ୍ୟ ପ୍ରଜାକୁ ସୁଦ୍ଧା ଛାଡ଼ୁ ନାହିଁ। ଯେଉଁମାନେ ଇନ୍କମ୍ଟାକ୍ସ ଓ ପଥକର ଉଭୟ

Digitized by srujanika@gmail.com

Split by PDF Splitter



ଦେଉଅଛନ୍ତି ସେମାନେ ଇନ୍‌କମ୍ ଟାକ୍ସ ଉଠି ଯିବାର ସୁଖ ଭୋଗ କରିବେ ନାହିଁ ଏପରି ଲୋକଙ୍କ ସଂଖ୍ୟା ଗଣା ଅଳ୍ପ ସୁତରାଂ ଅଧିକାଂଶ ଲୋକଙ୍କୁ ପଥକର ଦେଣ ହେଉଅଛି ବୋଲି ସେମାନେ ଇନ୍‌କମ୍ ଟାକ୍ସ ଉଠି ଯିବାର ତଥା ଅନୁଭବ କରି ପାରିବେ ନାହିଁ । ସେମାନଙ୍କର ବିଶ୍ୱାସ ପୂର୍ବ ପରି ସ୍ଥିର ରହିଥିବ ଯେ ଗବର୍ଣ୍ଣମେଣ୍ଟ ଉଦାସୀନ ଅନେକ ଟାକ୍ସ ନେଉଅଛନ୍ତି । ଅତଏବ ଇନ୍‌କମ୍ ଟାକ୍ସ ଉଠି ଯିବାରେ କେବେଳୀୟ ବଣିକଙ୍କର ସନ୍ତୁଷ୍ଟି ସୁଖ ହୋଇଅଛି । ଏମାନେ ପଥକରର ବାଧ୍ୟ ନୁହନ୍ତି କିମ୍ବା ଆଉ କୌଣସି ଟାକ୍ସ ଏହାଙ୍କୁ ଦେଣ ପଡୁ ନାହିଁ ଅଥଚ ପଥକରର ସୁଫଳ ସେହିମାନେ ଅଧିକାଂଶରେ ଭୋଗ କରିବେ । ଏ ସବୁ ବିବେଚନାରେ ଆମ୍ଭେମାନେ ଆଶା କରୁଁ ଯେ ମହାମାନ୍ୟ ଲର୍ଡ଼ନର୍ଥ ବ୍ରୁକ୍ ସାହେବ ପଥକର ଯନ୍ତ୍ରଣାରୁ ଲୋକଙ୍କୁ ରକ୍ଷା କରିବାର କୌଣସି ଉପାୟ ସ୍ଥିର କରନ୍ତୁ । ତାହା ହେଲେ ଭାରତବର୍ଷବାସିମାନେ ତାହାଙ୍କଠାରୁ ଯଥେଷ୍ଟ ଶାନ୍ତି ଉପକାର ଲାଭ କରିବେ ।

---

ଅସ୍ମମାନଙ୍କର ଯାଜପୁର ସଂବାଦଦାତା ଲେଖନ୍ତି ଯେ ଗତମାସ ତା ୧୬ ଋଗ ବୁଧବାର ସେଠା ବଇତରଣୀ ନଦୀରେ ବାରୁଣୀ ସ୍ନାନ ଯୋଗ ହୋଇଥିବାରୁ ଅଧିକ ଲୋକସଂଖ୍ୟାର ମନୁଷ୍ୟ ଉପସ୍ଥିତ ହୋଇଥିଲେ କଟକ ଓ ବାଲେଶ୍ୱର ମୋକାମରୁ ବାହନ ଓ ମନୋହରୀ ଦୋକାନମାନେ ଅସି ଅତ୍ୟାଏ ବଣା ବିକା କରୁଥିଲେ ଅନେକ ଗୃହୀଜନ ରହିବେ ଉକ୍ତ ବାରୁଣୀ ଭଦକ ଏଠାର ପ୍ରଧାନ ଜମିଦାରମାନେ ସ-ମୋଭରେ ବାଜା ଓ ଛତା ଓ ନିଶାଣମାନ ପରିଷ୍କାର ଭଦ୍ରମାନୁସାରେ ନେଇ ଅସିଥିଲେ କଟକବାସୀ ଶ୍ରୀ ବାବୁ କାଳୀପଦ ବାନର୍ଯ୍ୟା ଅପଣା ଜମିଦାରୀର ଗଞ୍ଜଣା ଉସୁଲ ନିମନ୍ତେ ଅସି ଉକ୍ତ ଯଣା ମଧ୍ୟରେ ତମ୍ବୁ ପକାଇ ଏଠା କମ୍ପାନୀ କେଲଟର ଓ ମୁନସଫ ଓ ସମସ୍ତ ସରକାରୀ ଅମଲା ଓ ଉକିଲ ଓ ମୁକ୍ତାର ଓ ପ୍ରଧାନ ଜମିଦାର ଓ ପଣ୍ଡିତମାନଙ୍କୁ ଅନେକ ସଭେ ସଙ୍ଗୀତର ମନୋରଞ୍ଜନ ଓ ଦକ୍ଷିଣୀ ନାଚ ପିଲମାନଙ୍କୁ ଅଣାଇ ନୃତ୍ୟ କରାଇ ଲୋକମାନଙ୍କୁ ଆମୋଦ ପ୍ରମୋଦ କରାଇଲେ ଅଗାମୀ ବର୍ଷକୁ ଉତ୍କଳରେ ଯେପରି ହିନ୍ଦୁମାନଙ୍କ ମେଳା ହୁଏ ସେହିପରି କରିବାକୁ ପ୍ରସ୍ତାବ କରିଅଛନ୍ତି ବାବୁ ମନସୁଫ ବଡ଼ ମଗ୍ନି ଅଟନ୍ତି ସେ ଏଠାରେ ରହି ଉକ୍ତ ଯାଣା ସ୍ଥାନରେ ଦୋକାନମାନେ ଥିବାର ପ୍ରଚଳନ ସ୍ନାନଲୀଳା ଓ ଭୂଷଣଲୀଳା ଓ ଅନ୍ନଘାଟରଭୂଷଣୀଙ୍କ ଦ୍ୱାରା ସନ୍ନ୍ୟାସୀନାଟ ଓ ଗୋପଲୀଳା କରାଇ ଲୋକମାନଙ୍କୁ ବିଶେଷ ଆନନ୍ଦିତ କରିଅଛନ୍ତି ଉହିଁରେ ତାଙ୍କର ବହୁ ଟଙ୍କା ବ୍ୟୟ ହୋଇଅଛି ଓ ଉକ୍ତ ଛାଟ୍ ଅ ତାହାମାନେ ଏତ ସ୍ଥାନରେ ବସି ଅପଣା ସାମାଜିକ ଭଲ ମନ୍ଦ ବୁଝି ଅନ୍ୟାୟକାରୀ ଅର୍ଥଦଣ୍ଡ ଇଥାନ କରନ୍ତି । ସେହି ପ୍ରକାରେ ମିଷ୍ଟାନ୍ନାଦି କ୍ରୟ କରି ସମସ୍ତେ ଆହାର କରି ଆନନ୍ଦିତ ହୋଇ ଯାଉଅଛନ୍ତି ଫଳତଃ ଏବର୍ଷ ଲୋକମାନେ ଉତ୍ତମରେ ଯାଣା କୌତୁକ କରି ଆନନ୍ଦିତ ଅଛନ୍ତି କାହାର କଣ୍ଠ କ୍ଲେଶ ହୋଇ ନାହିଁ ।

ଏ ନଗରରେ ଚନ୍ଦ୍ରଶେଖର ନାମକ ଜଣେ ଅତି ବୃଦ୍ଧ ଥିଲା, ବୟସ ପ୍ରାୟ ୧୦୭ ବର୍ଷ ତାହାର କେବଳ ଗୋଟିଏ ବ ୭୦ ବର୍ଷର ବିଧବା ଭଗ୍ନି ଅଛି ଚନ୍ଦ୍ରଶେଖର ଗତମାସ ତା୨୫ରିଖ ଗୁରୁବାରେ ମରିବାରେ ତାକୁ ତାହାର ଭଉଣୀ ଲୁଗା ଘାଇ ରଖି ଉହଁ ଅରନ୍ଧନ ପଡ଼ୋଷୀମାନଙ୍କୁ ଡାକାଇଲା ସେମାନେ ତାହାକୁ ମୃତ ଦେଖି ଶ୍ମଶାନକୁ ନେବାକୁ ବୋହାଇ ଇତ୍ୟାଦି ପ୍ରସ୍ତୁତ କରି ମୃତବ୍ୟକ୍ତିକୁ ଉଠାଇବାକୁ ଯିବା ସମୟରେ ସେ କର ମୋଡ଼ା ଦେଇ ଅଫିମ ଖାଇବାକୁ ଚାହୁଁଥିଲା । ଉଠାଇବା ବ୍ୟକ୍ତିମାନେ ଚମତ୍କୃତ ହୋଇ ଶୀଘ୍ର ଦେଇ ଅଫିମ ଖୁଆଇ ତାହାର ଚେତନା କରାଇଲେ ସେ ବନଯାତ୍ରା ଶ୍ରାଣରେ ରହି ପୁନର୍ବାର ସେହି ଦିନ ରାତ୍ରିରେ ମରିବାରେ ତାକୁ ଆଉ ବୋହାଇ ବାନ୍ଧି ଉହିଁରେ ଶ୍ମଶାନକୁ ନେଇ ଦାହ କଲେ । ଅଫିମ ଖାଇବା ବ୍ୟକ୍ତିମାନେ ଏହିପରି ଜୀବ ଥାଇଁ ମରନ୍ତି ଜାଣିବା ହେବ ।

ଅଜ ଦିନ ପ ୧୨ ଘଣ୍ଟା ସମୟରେ ଏଠା ମୁନସଫି କଚେରୀର ଉକିଲ ବାବୁ ଭବାନୀପ୍ରସାଦ ଘୋଷଙ୍କ ବାସାର ଗୁହାଳଘର ଜଳୁଅଛି ତାହାସବୁ ପୋଡ଼ିଗଲା ଏସାଲ ହନୁମନ୍ତଙ୍କ ଲଙ୍କାରେ ଅଗ୍ନି ଅଛନ୍ତି ଗରମ ପ୍ରବଳ ହେଉଅଛି ସେହି ହେତୁରୁ କେତେ ଘର ପୋଡ଼ି ହେଉଅଛି ।

---

## ସାପ୍ତାହିକ ସଂବାଦ ।

ଗତ ବସନ୍ତରେ ମନ୍ତ୍ରିଗ୍ରହଣ କରିବାକୁ ଯେତେ ଯାତ୍ରୀ ଯାଇଥିଲେ ତାହାଙ୍କ ସଂଖ୍ୟା ଜଣାଣରେ ପ୍ରାୟ ୫୦୦୦୦ ଏ ହୋଇଅଛି । ମୁସଲମାନଙ୍କ ଧର୍ମ ପ୍ରବୃତ୍ତି ହିନ୍ଦୁଙ୍କଠାରୁ ଉଣା ନୁହଇ ।

ମହାରାଜା ସାର୍ ଯତୀନ୍ଦ୍ରମୋହନ ଠାକୁରଙ୍କ ନାବାଳକ ପୁତ୍ରର ମହାପଣ୍ଡିତ ନିଯୁକ୍ତ ହୋଇଅଛନ୍ତି । ସେ ଏତ ଦିନ ସବାରେ କଲିକତାରୁ ଅସି ଗବର୍ଣ୍ଣର ଜେନେରଲଙ୍କ ସହିତ ସାକ୍ଷାତ କରି ଯାଇଅଛନ୍ତି ।

ହାଇଦରାବାଦର ନିଜାମରେ ପଥର କୋଇଲା ଖଣି ଅବଗତ ହୋଇଅଛି ଶୁଣାଯାଏ ଯେ ଉକ୍ତ ଖଣି ଇଷ୍ଟଇଣ୍ଡିଆ ରେଲୱେର ଗୋଟିଏ ଶାଖାର ନିକଟରେ ଅଛି ସୁତରାଂ ଅଳ୍ପ ବ୍ୟୟରେ କୋଇଲା ଅସି ପାରିବ ପରୀକ୍ଷାରେ କୋଇଲାର ଗୁଣ ଭଲ ବୋଲି ପ୍ରକାଶ ପାଇଅଛି ।

ବାବୁ ଦିଗମ୍ବର ମିତ୍ର କଲିକତାସ୍ଥ ଭାରତବର୍ଷୀୟ ସଭାର ସଭାପତି ହୋଇଅଛନ୍ତି । ଉକ୍ତ ପଦରେ ରାଜା ରମାନାଥ ଠାକୁର ଥିଲେ ସେ ବ୍ୟବସ୍ଥାପକ ସଭାର ସଭ୍ୟ ହେବାରୁ ଏଉପ ହେଲା ।

ବମ୍ବେଇର ଗଷ୍ଟ ଗୋସ୍ପାର ପତ୍ରିକାର ସମ୍ପାଦକ ଗୁଜରାଟର ଦୋସ୍ତ ନାମକ ସ୍ଥାନୀୟ ସଂବାଦପତ୍ରର ସମ୍ପାଦକ ନାମରେ ଦଣ୍ଡବିଧିର ଧା ୫୦୦ ମ ଲିଖିତ ମାନହାନିକର ବାକ୍ୟ ଲେଖିବାର ଅଭିଯୋଗ ଅଣିଅଛି । ଏତ ସମ୍ପାଦକ ଅନ୍ୟ ସମ୍ପାଦକ ନାମରେ ନାଲିସ କରିବାର ଗୋଟିଏ ନୂଆ ଓ କୌତୁକଜନକ ବ୍ୟାପାର ଦେଖାଗଲା ।

ଭୋପାଳନଗରରେ ଅଗ୍ନିଲାଗି ପ ୩୦୦ ଘର ପୋଡ଼ିଗଲା ଉହିଁରେ ଏକଲକ୍ଷଟଙ୍କାର ଦ୍ରବ୍ୟ ପୋଡ଼ି ଯାଇଅଛି ।

ଟାଇମସ୍ ଅବ୍ ଇଣ୍ଡିଆ ଅବଗତ ହୋଇଅଛନ୍ତି ଯେ ଅହମଦାବାଦରେ ବାସକରୁଥିବା ଗାନ୍ଧୀଜାତୀୟ ଲୋକମାନଙ୍କ ମଧ୍ୟରେ ଏକ ଅପୂର୍ବ ରୀତି ପ୍ରଚଳିତ ଅଛି କୌଣସି ଲୋକ ଘରେ ଚୋରି ହେଲେ ସେମାନେ ଲୋକଙ୍କ ବଣ୍ଣ ଜଳାର ପଛରରେ ଅବସିଷ୍ଟ ଯାହା ରହେ ତାହା ସବୁକୁ ବାନ୍ଧି ଯେଉ ଅଛନ୍ତି । ଜଣେ ଏ ପ୍ରଥାରେ ଅତିଶୟ କରନ୍ତି ହୋଇ ପୁଲିସର ସାହାଯ୍ୟ ନେଇଥିଲା ଓ ସେତେବେଳେ ତାହାମାନେ ଗାଉଥାନ୍ତି ପୁଲିସ କଟକର ସହସ୍ର ଦେଇଥାଏ ସୁତରାଂ କେହି କିଛି କେଉ ପାରିଲେ ନାହିଁ ସେହି ଦିନଠାରୁ ଯାହା ସରେ ବଡ଼ଲୋକ ବୁଝିଲେ ସେ ପୁଲିସର ଅଛା ଦିଅଇ ଉତ୍ସବ ବ୍ରାହ୍ମଣମାନେ ଏ ପ୍ରକରଣରେ ଏହି

Digitized by srujanika@gmail.com

Split by PDF Splitter



ପ୍ରକାର ଅନେକ ସ୍ଥଳରେ ଭଲତ୍ର ମାଷ୍ଟର ଏହି ପୁଲସର ସାହାଯ୍ୟ ନେଲେ ଅପବ୍ୟୟ ହେବ ନାହିଁ ଅଥଚ ପୁଲିସ କନଷ୍ଟବଲମାନେ ଅନେକ ସ୍ଥଳରେ ଫଳାହାର ପାଇବେ ।

କୌଣସି ସଂବାଦପତ୍ରରେ ଲେଖାଅଛି ଯେ ମାନ୍ଦ୍ରାଜ, ଦେବାନ ସ୍ଥିତ ଅବଧି ଉଦେଷ୍ଟରସ୍କୁଲରେ ପ୍ରଚଳିତ ଅଛି । ଅଳ୍ପଦିନ ହେଲା ଜଣେ ଲୋକ ଉପରେ ଡାକାଇତି କରିବାର ସନ୍ଦେହ ହେବାରୁ ତାହା ହାତରେ ଗରମାଗରମ ଅଗ୍ନିଦଗ୍ଧ ବସ୍ତି ଗୁଣ୍ଡି ଉପରେ ଛପ୍ର ଲଙ୍ଗଳନ୍ଧା ରଖି ଦେଲେ । ଉକ୍ତ ସଂବାଦପତ୍ର ବୋଲନ୍ତି ଯେ ତାହାର ହସ୍ତ ପୀଡ଼ା ହେଲ ନାହିଁ ଅତଏବ ସେ ନିର୍ଦ୍ଦୋଷୀ ଥିଲା । ଲୋକଙ୍କ କୁସଂସ୍କାର କେବେ ଦୂରେ ଯିବ ।

ଜର୍ମ୍ମେନର ପ୍ରଦର୍ଶନରେ ସ୍ୱିଜର୍ଲଣ୍ଡର ଘଣ୍ଟି ଏକଦର ପ୍ରଦର୍ଶିତ ହୋଇଅଛି ଯେ ତହିଁର ମୂଲ୍ୟ ସତର ଲକ୍ଷ ଟଙ୍କା ଅଟଇ । ସେଥିରେ ଯେ କେତେ ବହୁମୂଲ୍ୟ ପ୍ରସ୍ତରମାନ କେବଳ କାରିଗର ଦ୍ୱାରା ସଜ୍ଜିତ ହୋଇଅଛି ତହିଁର ଇୟତ୍ତା ନାହିଁ । ଅନର୍ଥକ କାର୍ଯ୍ୟରେ ଅଧିକ ଧନ ବ୍ୟୟ କରିବା ବିଷୟରେ ଭାରତବର୍ଷୀୟଙ୍କୁ ପୃଥିବୀରେ କେହି ଜିଣି ପାରିବ ନାହିଁ ।

ଜାଞ୍ଜିବାର ସହିତ ଇଂଲଣ୍ଡର ଯୁଦ୍ଧ ହେବାର ସମ୍ଭାବନା ଜଣାଯାଏ । ସେଠାରେ ବହୁକାଳରୁ ଦାସ ବିକ୍ରୟ ଓ କ୍ରୟର କୁପ୍ରଥା ପ୍ରଚଳିତ ଥିବାରୁ ତାହା ନିବାରଣର ଉପାୟ କରିବା କାରଣ ଇଂଲଣ୍ଡରୁ ସର୍‌ବାର୍ଟଲ ଫ୍ରେଅର ସାହେବ ପ୍ରେରିତ ହୋଇଥିଲେ ମାତ୍ର ତାହାଙ୍କ ଉଦେଶ୍ୟ ସଫଳ ହୋଇ ନାହିଁ ଜାଞ୍ଜିବାରର ସୁଲତାନ ଦାସବ୍ୟବସାୟ ନିବାରଣ ଉଦେଶ୍ୟରେ କୌଣସି ସନ୍ଧିପତ୍ରରେ ସ୍ୱାକ୍ଷର କରିବାକୁ ଏକାବେଳକେ ଅସମ୍ମତି ପ୍ରକାଶ କରିଅଛନ୍ତି ସୁତରାଂ ଯୁଦ୍ଧ ବିନା ଇଂଲଣ୍ଡ ଆପଣା କଥା ରଖିପାରିବାର ଉପାୟ ନାହିଁ ।

ଟେଲିଗ୍ରାଫ ଶୁଣିଅଛୁ ଯେ ସୁରଟନଗରର ଅର୍ଦ୍ଧ ଭାଗ ଅଗ୍ନିରେ ଦଗ୍ଧ ହୋଇଅଛି ଯେ ତହିଁରେ ଲକ୍ଷ ଲକ୍ଷ ଟଙ୍କା କ୍ଷତି ହେବ ଉତ୍ତର ବାଣିଜ୍ୟ ଭଣ୍ଡାରର ଟଙ୍କା ଅଗ୍ନି ହେବ ।

ମହାମାନ୍ୟ ମହାରାଜଙ୍କ ବଡ଼ ପୁତ୍ରମାନଙ୍କର ... ହେବାର ସେମାନଙ୍କୁ ଜାହାଜ ଦେଖିବା କାରଣ ଆସିଥିଲେ । ଅଧର ଓ ... 

ପଢ଼ାଇବାର ନୂତନ ଉପାୟ ହୋଇଅଛି ଅର୍ଥାତ୍ ଦୁଇ ହାତ ଉପରେ ଦୁଇଟା ଶିକୁଳର ଟେଲିଗ୍ରାଫ ଅଛି ପଢ଼ାଇବାର ହେଲା ଓ ଏକ ହାତ ଉପରେ ବଳପୂର୍ବକ ବସି ତହିଁର ସମସ୍ତଙ୍କ ଉପରେ ଜଳବୃଷ୍ଟି ହେଲା ଏପରି ହୋଇଯାଏ ଭାରତବର୍ଷରେ ପ୍ରାୟ କେହି କରେ ନାହିଁ । ଇଂରେଜ ଉପାୟମାନ ଏଥର ଅମ୍ଭମାନଙ୍କ ସାମାଜିକ ବ୍ୟାପାରରେ ଲାଗିଲା ସୁଖର ବିଷୟ ଅଟଇ ।

ଗତମାସ ତା ୨ ରିଖରେ ଉତ୍ତରହାବରରେ ଭୂମିକମ୍ପ ହୋଇଥିଲା । ରାତ୍ର ସା ୮ ଘଣ୍ଟାରେ ଏ ଘଟଣା ହୁଅଇ ଭୂମି ପୂର୍ବେ ଜଣା ହୋଇଥିଲା ସମସ୍ତ ମଣ୍ଡଳୀରେ ଯେମନ୍ତ ଗତ ହୁଅଇ ସେହିପରି ଗତ ହେଲା ଓ ତହିଁ ଉତ୍ତାରୁ ଘର ଦ୍ୱାରସବୁ ଖୋଲିବାର ଆରମ୍ଭ ହେଲା । କୌଣସି ପ୍ରକାର କ୍ଷତି ହୋଇ ନାହିଁ ।

୪ । ଏକ୍ସଟ୍ରା ଗେଜେଟରୁ ଅବଗତ ହେଲୁଁ ଯେ ଅହମଦାବାଦର ଶ୍ରୀ ଇମିଲବିଦ୍ୟାଳୟର ୩ଜଣ ଛାତ୍ର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସେମାନେ ଶିକ୍ଷୟିତ୍ରୀରୂପେ ସୁନ୍ଦର କାର୍ଯ୍ୟ ଭାର ଗ୍ରହଣ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି ।

୨ । ବାଲ୍ୟବିବାହ ନିବାରଣୀ ସଭା—ଉପରୁ ଲିଖିତ ୩ ସୋସାଇଟି ସମ୍ପୃକ୍ତରେ ଯୋଗଦେଇ ସ୍ଥଳରେ ବାଲ୍ୟବିବାହ ନିବାରଣୀ ସଭାର ପ୍ରଥମ ମାସିକ ଅଧିବେଶନ ହୋଇଥିଲା । ତହିଁରେ ହେଲେକ ବ୍ୟକ୍ତି ଷୋଡ଼ଶ ବର୍ଷର ନ୍ୟୂନ ବ ପୁ ବାଳିକାଙ୍କର ଓ ଏକବିଂଶବର୍ଷ ବୟସର ନ୍ୟୂନ ବୟସ୍କ ବାଳକର ବିବାହ ନ ହେବା ପକ୍ଷରେ ଉପାୟ ଅବଲମ୍ବନର ପ୍ରତିଜ୍ଞାକର ସଭ୍ୟ ଶ୍ରେଣୀଭୁକ୍ତ ହୋଇଅଛନ୍ତି ।

୩ । ସମ୍ବାଦପତ୍ରରେ ଦେଖାଗଲା ଲେଫ୍ଟନେଣ୍ଟ ଗବର୍ଣ୍ଣର ବାହାଦୁର ଅକାରଣରେ ଅର୍ଥାତ୍ ଏହିପରି ସମାଜର ଭଦ୍ର ଲୋକମାନେ ସବର୍ଣ୍ଣର ହେଉଛନ୍ତି ପତ୍ର ଲେଖି ଅଛନ୍ତି । ସେ କହିଅଛନ୍ତି ଉଦ୍ଦେଶ୍ୟ ଯଦିଓ ପ୍ରାୟ ଅନାବଶ୍ୟକ ଅଟେ, ତଥାପି ଧର୍ମସମ୍ମତ ବୋଲି ଯଦ୍ୟପି ଏହା ଚଳିତ ରଖିବାକୁ ଇଚ୍ଛା କରିବେ ତେବେ କୌଣସି ଆପତ୍ତିର ସମ୍ଭାବନା ନାହିଁ ଏମନ୍ତ ସ୍ଥଳ ଗ୍ରହଣ ଦେବାର ଶ୍ରେୟସ୍କର । କରୁଥିଲେ ଏମନ୍ତ ଅବସ୍ଥାର ବିଚାରରୁ ଅଧିକାର ଆଶଙ୍କା ନାହିଁଅଛି ।

# ପ୍ରେରିତପତ୍ର

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହୋଦୟ ସମୀପେଷୁ ।

ବିନୟ ପୂର୍ବକ ନିବେଦନଂ
ମହାଶୟ

ନିମ୍ନ ଲେଖିତ କଥାକୁ ଆପଣଙ୍କ ସମ୍ବାଦ ବାହିକା ପତ୍ରିକାରେ ପ୍ରକାଶିତ କଲେ ଭଲ ବାଧିତ ହେବୁଁ ।

ଗତ ମାର୍ଚ୍ଚମାସ ତା ୨୨ ରିଖରେ ବାଲେଶ୍ୱର ଜିଲା ବିଦ୍ୟାଳୟ ସମୂହର ମାନ୍ୟବର ଶ୍ରୀ ଇନ୍‌ସ୍ପେକ୍ଟର ସାହେବ ମହୋଦୟ ମଞ୍ଜୁଷା ବିଦ୍ୟାଳୟ ପରୀକ୍ଷା ନିମନ୍ତେ ଆଗମନ କରିଥିଲେ ସେଠାରେ ମଞ୍ଜୁଷା ଡାକ୍ତର ବାବୁ ମାଷ୍ଟର ଓ ବାଳକମାନଙ୍କ ବିଦ୍ୟା ବିଷୟରେ ଉତ୍ସାହ ଦେବା ନିମନ୍ତେ ୩ । ୪ ଗୋଟି ଟଙ୍କା ବ୍ୟୟରେ ପାରିତୋଷିକ ଦାନ କରି ଅନେକ ଧନ୍ୟବାଦର ଯୋଗ୍ୟ ହୋଇଅଛନ୍ତି ମଧ୍ୟ ପ୍ରଶଂସିତ ସ୍କୁଲ ଅଧୀନର ବାଳକମାନଙ୍କୁ ଯେପରି ଇଂରେଜୀ, ସଂସ୍କୃତ, ତେଲଙ୍ଗୀ ଓ ଉତ୍କଳଭାଷାର ଅଧ୍ୟୟନ ନିମନ୍ତେ ଧନ ବ୍ୟୟ କରୁଅଛନ୍ତି ସେହିପରି ଯଥାସାଧ୍ୟ ବିଦ୍ୟା ଶିକ୍ଷା ଅନନ୍ୟ ବିଷୟରେ ପ୍ରଜାବର୍ଗର ହିତସାଧନ କରିବାରେ ବ୍ରତୀ କର ନାହାନ୍ତି । ସୁତରାଂ ଏବେ ତାହାଙ୍କର ଅଭିମତରୁ ପ୍ରତିଜ୍ଞାଗମ ସତ୍ତ୍ୱଗମନକାରୀମାନଙ୍କ ଅମୃତ ହେଲ ପଥବର୍ତ୍ତୀ ହୋଇଥିଲା । ତହିଁରେ ଅନ୍ୟାନ୍ୟମାନଙ୍କଠାରୁ ପୂର୍ବ ଭୂତସ୍ଥଳ ( ଯାହା କ ଜନ୍ୟମାନଙ୍କର ମନୋନୀତ ନୁହ ) ଲକ୍ଷଣ ଦେଖା ନ ହେବାର ଅନ୍ତର ମଧ୍ୟ ରଖି ମାନ୍ୟବରଙ୍କର ଶ୍ରୀଚରଣକୁ ଧନ୍ୟବାଦ ଦେଉଅଛୁଁ ।

ଉକ୍ତ ଜଣେ ପ୍ରଶଂସିତ ମହାରାଜଙ୍କ ପରିବାର ଓଡ଼ିଆଭାଷା ଓ ମନୁଷ୍ୟଜାତିର ଅନନ୍ୟ ସହାୟ ହେବେ । ପ୍ରାର୍ଥନା କରି ଏହି ଗ୍ରାମ ଦେଶର ଅନ୍ୟାନ୍ୟ ବୃନ୍ଦମାନେ ମଞ୍ଜୁଷା ସମାଜର ଅନୁକରଣ କରନ୍ତୁ । ଇତି ।

୩୧ । ୩ । ୮୫      ଅନୁଗତ
ବିଦ୍ୟାର୍ଥୀବୃନ୍ଦମାନ

ଏହି ଉତ୍କଳଦୀପିକା କଟକର ଉତ୍କଳ ଦର୍ପଣ ଯନ୍ତ୍ରାଳୟ ବାବୁ ଗୌରୀଶଙ୍କରଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଅତିରିକ୍ତପତ୍ରିକା ।

ଉତ୍କଳ ଦୀପିକା ତା ୨ ରଖ ମାହେ ଏପ୍ରେଲ ସନ ୧୮୮୦ ମସିହା ।

ଓଡ଼ିଶାଡିଭିଜନର ଶ୍ରୀଯୁକ୍ତ କମିଶନରସାହେବଙ୍କ ନାମରେ ଅସିଥିବା ଏକୌଣ୍ଟେଣ୍ଟ ଜେନରଲ ସାହେବଙ୍କର ଗତ ମାର୍ଚ୍ଚମାସ ତା ୨୭ ରଖ ଲିଖିତ ଚିଠିରୁ ପ୍ରକାଶ ହୁଏ ଯେ ଏକ କମିଶନରସାହେବଙ୍କ ଡିଭିଜନ ମଧ୍ୟରେ ଏକ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ସୁଲଭର ଅସିଷ୍ଟାଣ୍ଟ ସୁପରଭାଇଜରଙ୍କଠାରୁ ତାଙ୍କ ଅଧୀନ ସମସ୍ତ କର୍ମଚାରୀଙ୍କର ବଦଳି କମିଶନରସାହେବଙ୍କ ମଞ୍ଜୁରରେ ହେବା କାରଣ ଏରୂପ ଆପଣା ଅଧୀନ ଜିଲ୍ଲା ମଧ୍ୟରେ ବଦଳୀ କରିବାର ଭାର କମିଶନରସାହେବଙ୍କ ପ୍ରତି ଗବର୍ଣ୍ଣମେଣ୍ଟରୁ ପ୍ରଦତ୍ତ ହୋଇଅଛି ଅତଏବ ଏପରି ବଦଳି କରାଗଲେ ତହିଁର ଏତଲା କମିଶନରସାହେବ ଏକୁଣ୍ଟେଣ୍ଟ ଜେନରଲଙ୍କୁ ଦେବେ ।

ଇସ୍ତାହାରି କଟକେ ଈଷ୍ଟକୋଷ୍ଟ କେନାଲ ରେଭେନ୍ୟୁ ସୁପ୍ରେଣ୍ଟେଣ୍ଡ ସାହେବ । ତା । କଟକ । ଏପ୍ରିଲ ।

ଯେହେତୁ ଜଲକର କବୁଲିୟତର ମିଆଦ ମଇମାସ ତା ୧ ରଖ । ମୁ । ସନ ୧୮୮୦ ସାଲ ବୈଶାଖମାସ ତା ୨୧ ଦିନରେ ଜମା ତହିଁ ପୂର୍ବେ ଯେମାନେ ଶାରଦ ଓ ରବିଲ ଫସଲ ସକାଶ କବୁଲିୟତ କରିବେ ସେମାନଙ୍କଠାରୁ ୫ ୧ ଙ୍କା ହାରହିଁରେ କବୁଲିୟତ ଲିଆଯିବ ଓ ମଇମାସ ତା ୧ ରଖ । ମୁ । ବୈଶାଖ ତା ୨୧ ରଖ ପରେ ଯେମାନେ କବୁଲିୟତ କରିବେ ସେମାନଙ୍କଠାରୁ ଫି ୧ ମାଣକୁ ୫୨ ଙ୍କା ହିସାବ ଅଙ୍ଗଭୂତ ଲିଆଗଲେ ପଛାରୁ କବୁଲିୟତ ଲିଆଯାଇ ଜଳ ଦିଆଯିବା ବିଷୟ ସମସ୍ତଙ୍କୁ ଖାତ ଟଙ୍କ ଲିଖାଣ ଅବଗାହ ଅତଏବ ଉପରଲିଖିତ ବିଷୟ ସର୍ବସାଧାରଣଙ୍କ ଜ୍ଞାତାର୍ଥେ ଏ ଇସ୍ତାହାର ଦ୍ୱାରା ଜଣାଇ ଦିଆଯାଉଅଛି କି ଯେଉଁମାନେ କବୁଲିୟତ ଦବାର ଚେଷ୍ଟା ରଖିଥିବେ ସେମାନେ ଉକ୍ତ ମିଆଦରେ ଅଧ ଇଲାକାର ତହସିଲଦାରମାନଙ୍କ ନିକଟରେ ହାଜର ହୋଇ କବୁଲିୟତ ଦେବା କାରଣ ଦରଖାସ୍ତ ଦାଖଲ କରିବେ ପ୍ରକାଶ ଥାଉ କି ସନ ୧୮୮୦ ସାଲଠାରୁ ସନ ୧୮୮୪ ସାଲ ପର୍ଯ୍ୟନ୍ତ ଉପରଲିଖିତ ୫ ୧ ଙ୍କା ରେଟ ନିମନ୍ତେ ମିଆଦ ରହିବ ।

## ବିଜ୍ଞାପନ ।

ଜୁଁ୨୦ଣଠାରୁ ଜୁ୭୦ଣ ପର୍ଯ୍ୟନ୍ତ ଅମିନ କି ଯେଉଁମାନେ ଚକ୍ରିଙ୍ଗ ଓ କମ୍ପାସଦ୍ୱାରା ଜରିପ କରି କାଗଜରେ ନକ୍ସା କରି ଜାଣିଥିବେ ସେମାନଙ୍କୁ ମାସିକ ୫୧୮ ଙ୍କା ବେତନରେ ମୁକରର କରାଯିବ ଓ ଯେଉଁମାନେ ଉକ୍ତ କର୍ମ ନ ଜାଣନ୍ତି କିନ୍ତୁ ଯେବେ ସେମାନେ ଶିକ୍ଷା କରିବାକୁ ମାନସ କରନ୍ତି ମାସିକ ୫୮ ଙ୍କା ହିସାବରେ ଖୋରାକୀ ପାଇ ବହାଦେବଜନଙ୍କ ଠାରେ ଶିକ୍ଷା କରିପାରିବେ ଶିକ୍ଷା ହେଲାପରେ ଯେତେବେଳେ ସେମାନେ କର୍ମକ୍ଷମ ହେବେ ସେମାନଙ୍କୁ ଅମିନୀକର୍ମ ଦିଆଯିବ କିନ୍ତୁ କର୍ମରେ ଓଡ଼ିଶାବାସିମାନଙ୍କ ଉତ୍ସାହ ଦିଆଯିବ ଦରଖାସ୍ତକାରୀମାନେ ଉଲ୍ଲିଖିତ ମହାଶୟଙ୍କ ନିକଟରେ କଟକ ମୁକାମରେ ଦରଖାସ୍ତ କଲେ ତାଙ୍କଠାରୁ ଅନ୍ୟ ବିଷୟ ସମାଚାର ବିଶେଷରୂପେ ଜାଣିପାରିବେ

ମି ୫ ଏନଭା ସାହେବ କେନାଲ
ରେଭେନ୍ୟୁ ସୁପ୍ରେଣ୍ଟେଣ୍ଡେଣ୍ଟ
(Sd.) G. Toynbee
Canal Revenue Supdt.

ଏହାର ମୂଲ୍ୟ ୧ ପଇସା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


ଭାଗ ୮ ସଂଖ୍ୟା ୧୭ } ତା ୨୬ଶ ଅପ୍ରେଲ ସନ ୧୮୭୩ ମସିହା । ମୁ । ବୈଶାଖ ୧୫ ସନ ୧୨୮୦ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୨୲ / ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩୲ / ମଫସଲ ପାଇଁ ଡାକମାସୁଲ ୧୲


ଢେଙ୍କାନାଳ ମହକୁମାର କାର୍ଯ୍ୟ ସ୍ୱରୂପ ଚଳୁଅଛି ସର୍ବସାଧାରଣଙ୍କୁ ଜଣାଇବା କାରଣ ଅମ୍ଭେମାନେ ଗତ ପ୍ରକାଶିତ ଓଡ଼ିଆ ଗେଜେଟରୁ ଉଦ୍ଧୃତ ଅଙ୍କମାନ ଉକ୍ତ କଲୁଁ ତହିଁର ଦେଖାଯାଏ ଯେ ସନ ୧୮୭୨ ସାଲ ଫେବ୍ରୁଆରି ଶେଷପର୍ଯ୍ୟନ୍ତ ଢେଙ୍କାନାଳ ନାଲିର ଜଳ ନେବା ବାକି ଦାଲୁଅଥାନ ମା ୭୬୯ ଇତ୍ୟାଦି ମା ୧୬୦୩ ଟଙ୍କା ଓ ଫୌଜଦାରୀ ମା ୩୬ ଏବଂ ଅନ୍ୟ ଓକିଲର ମା ୧୬ ଖାଏ ମା ୨୪୮ ମୋକଦ୍ଦମା ଦାୟର ଅଛି । ସାଇଲେବଲ ନାଲରେ କେବଳ ମା ୧୫ ପାଇଁ ମୁଲତବି ହୋଇଅଛି ଏବଂ ଭାଲଦଣ୍ଡା ଓ ... ନାଲର ପ୍ରାୟ ମା ୮୦ ଶହ କନ୍ୟା ... ହୋଇଅଛି ସବୁନାଲ ମିଶି ମା ୨୮୬୯ ... ଉପଯୋଗୀ ହୋଇଅଛି ଅର୍ଥାତ୍ ... ଏହିକ ଜମିର ପ୍ରଜା ନାଲିକଲ ବ୍ୟବ... ର କର ଦେବାକୁ ସ୍ୱୀକାର କରିଅ... ଏଥକୁ ଯେତେ ଦୌଡ଼ ମିଳିବ ତାହା ... ମହକୁମାର ବ ୧୫ ହର ବର୍ଷକୁ ପ୍ରାପ୍ତ ... ନୁହଇ । ଅଥଚ ଗୁବର୍ଣ୍ଣମେଣ୍ଟ ନାଳକାର୍ଯ୍ୟ... କେବଳ ଲାଭ ହେବାର ଆଶା କରି ଏବେ ଅଦାଲତରେ ଟଙ୍କା ବ୍ୟୟ କରୁଅଛନ୍ତି ।

---

... ମାସ ତା ୧ ରଗରେ ବଙ୍ଗପ୍ରଦେଶର ... ମେଣ୍ଟ ଟେଲିଗ୍ରାଫ ତାର ବସାଇବା ସ୍ଥାନ ... ମ୍ବା ବୃକ୍ଷଡାଳ ଛେଦନ ନିବାରଣ ଓ ବୃକ୍ଷ ଟଙ୍କ ପଣର ସୁଯୋଗ ପଥରେ କେତେଗୁଡ଼ିଏ ନୂତନ ବିଧି ସବୁ ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶ କରାଇଅଛନ୍ତି । ଉକ୍ତ ନିୟମାବଳୀ ଦେଖିଲେ ପାଠକମାନେ ଜାଣିବେ ଯେ ଏଣିକି ଟେଲିଗ୍ରାଫ ଉଇଭାଗ କାର୍ଯ୍ୟକାରକମାନେ ସ୍ୱେଚ୍ଛାନୁରୂପେ ବୃକ୍ଷାଦ ଛେଦନ କରିପାରିବେ ନାହିଁ । ଡେପୁଟୀ ଓ ପାଇକମାସ୍ତରୀ ସମ୍ପର୍କୀୟ କାର୍ଯ୍ୟକାରକଙ୍କ ପତ୍ର ନିର୍ଣ୍ଣାନୁସାରେ ବୃକ୍ଷାଦ କାଟିବାକୁ ହେବ ଓ ବୃକ୍ଷ ସ୍ୱାମିକୁ ଉପଯୁକ୍ତ କ୍ଷତିପୂରଣ ମଧ୍ୟ ଦେବାକୁ ପଡ଼ିବ । ଏ ଆବଶ୍ୟକ କୌଣସି ନିୟମ ନ ଥିବାରୁ କେତେଥର ଟେଲିଗ୍ରାଫ କାର୍ଯ୍ୟକାରକମାନେ ଅବାଧରେ କର ବଡ଼ ଗଛ ଓ ବଗିଚାମାନ କାଟି ପକାଇଥିଲେ ଏଣିକି ସେପରି ହେବ ନାହିଁ ବଡ଼ ଗଛ ଓ ବଗିଚା ରକ୍ଷା କରିବା ବିଷୟରେ ସାବଧାନପୂର୍ବକ ନିୟମ ହୋଇଅଛି ।

---

ପୁରୀର ଅଭିମନ୍ୟୁ ମହାପାତ୍ର ଓ ଗୋପୀଚରଣ ପଟ୍ଟନାୟକ ବୋଲି ଯେଉଁମାନେ ଅସ୍ୱାଭାବିକ ଅତିଗମନ ଅପରାଧ ନିମିତ୍ତ ଜଜ ସେସନ ଅଦାଲତରୁ ଦଣ୍ଡ ପାଇଥିଲେ । ହାଇକୋର୍ଟରେ ଅପିଲ କରି ମୁକ୍ତି ଲାଭ କରିଅଛନ୍ତି । ହାଇକୋର୍ଟରେ ଏହି ସିଦ୍ଧାନ୍ତ ହେଲା ଯେ ଅସାମିମାନେ ଯେଉଁ ପ୍ରଣାଳି କାର୍ଯ୍ୟ କରିଥିଲେ ତାହା ପିନଲକୋଡର କୌଣସି ଧାରାମତରେ ଅପରାଧ ବୋଲି ପ୍ରକାଶ ପାଉ ନାହିଁ ଓ ଏ କାର୍ଯ୍ୟକୁ ଅସ୍ୱାଭାବିକ ଅତିଗମନ ବୋଲି ଯାଇ ନ ପାରେ । ଭାରତବର୍ଷୀୟ ଦଣ୍ଡବିଧି ଏତେଦିନରେ ଅପରାଧୀଙ୍କଠାରେ ହାର ମାନିବାର ଦେଖାଗଲା । ବାସ୍ତବରେ ଯେଉଁ ଅପରାଧର କଥା ଶୁଣିଲାକୁ ଶରୀର ଝୁଲି ଉଠୁଅଛି ତାହାକୁ କିଏ କପି କଳ୍ପନା କରନ୍ତା । ଯାହା ହେଉ ପୁରୀରେ ଏପ୍ରକାର ଅପରାଧ ବିସ୍ତର ହେବାର ସମ୍ଭବ ଦେଖାଯାଉଅଛି ଓ ଅଇନରେ ତହିଁ ପାଇଁ ଦଣ୍ଡ ନାହିଁ ଅପରାଧୀମାନେ ଶୁଣିଲେ ଅଧିକ ଉତ୍ସାହିତ ହେବେ ସୁତରାଂ ଏ ଅପରାଧ ବଢ଼ିବାର ଭୟ କରୁଁ ଅମ୍ଭେମାନେ ଜାହରକ ଶୁଣୁଅଛୁଁ ଯେ ଉକ୍ତ କାର୍ଯ୍ୟକୁ ଅପରାଧ ମଧ୍ୟରେ ଗଣ୍ୟ କରି ଦଣ୍ଡ କଳ୍ପ କରିବା ଉଦ୍ଦେଶରେ ହାଇକୋର୍ଟ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବ୍ୟବସ୍ଥାପକ ସଭାକୁ ଅବେଦନ ପଠାଇ ଅଛନ୍ତି ଏଣୁକରି ଭରସା କରୁଅଛୁ ଯେ ଶୀଘ୍ର ଏଥିର ପ୍ରତୀକାର ହେବ ।

---

ଚଳିତମାସ ତା ୧ ରଖଠାରୁ ଡାକମାସୁଲ ସମ୍ପର୍କୀୟ ଯାହା ପରିବର୍ତ୍ତିତ ହୋଇ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଆଜ୍ଞାନେ ନୂତନ ଭାବ ଗଠିତ ହୋଇଅଛି ଓ ତହିଁର ବିସ୍ତାରିତ ବିବରଣ ଗବର୍ଣ୍ଣମେଣ୍ଟ ଗେଜେଟମାନଙ୍କରେ ପ୍ରକାଶିତ ହୋଇଅଛି ବିଜ୍ଞାପନଟି ପାଠ କରି ଦେଖିଲୁଁ ଯେ କେବଳ ପାର୍ସେଲ ବ ଯାହା ବାହାର ଡାକରେ ଯାଏ ତହିଁର ଭାର ପରିବର୍ତ୍ତିତ ହୋଇଅଛି ନୋହିଲେ ଚିଠି ସମ୍ବାଦପତ୍ର

Digitized by srujanika@gmail.com

Split by PDF Splitter



ସ୍ଥାନର ଲାଭ ସମ୍ଭାବନା ଅଛି ବାହାଙ୍କି ଡାକରେ ସନ୍ତୁଷ୍ଟ ପାରସଲ ଓ ପାକେଟ ପଠାଇବାର ନିୟମ ହୋଇଅଛି ପୂର୍ବେ ପାରସଲର ମାସୁଲ ତୋଲା ୧୦ ଲା ଲେଖାଏ ହିସାବରେ ନିଆ ଯାଉଥିଲା ଓ ପ୍ରତ୍ୟେକ ତୋ ୧୦ ଲାର ମାସୁଲ ୫ ୦ ।୶ ଅଣା ଥିଲା ବର୍ତ୍ତମାନ ନିୟମାନୁସାରେ ତୋ ୨୦ ଲାର ଅନଧିକ ଓଜନର ପାରସଲ ପାଇଁ ଚାରିଅଣା ମାସୁଲ ପଡ଼ିବ ଓ ତହିଁର ଉର୍ଦ୍ଧ ପ୍ରତି ତୋ ୧୦ ଲା ପାଇଁ ଅଧିକା ଦୁଇଅଣା ଅର୍ଥାତ ତୋ ୩୦ ଲାରେ ଛଅଣା ଚାଳିଶ ତୋଲାରେ ଆଠଅଣା ଇତ୍ୟାଦି ପ୍ରକାର ପଡ଼ିବ । ସୁତରାଂ ବାହାଙ୍କି ମାସୁଲ ତୋ ୧୦ ଲାରେ ଅଧାଏ ଲେଖାଏ ଉଣା ହୋଇଅଛି ଦେଖାଯାଏ । ଯାବତ ସକାଶେ ପାର୍ସଲର ଅଧାମାସୁଲ ଉଣାପଣ ହୋଇଅଛି କିନ୍ତୁ ତୋ ୧୦ ଲାର ଅନଧିକ ପାକେଟ ଏକଅଣା ମାସୁଲରେ ଚିଠି ଡାକସହିତ ପଠାଯାଇ ପାରିବ । ଏପରି ପାକେଟର ଦୁଇ ମୁହଁ ଖୋଲା ରହିବ । ତୋ ୧୦ ଲାର ଅନଧିକ କୌଣସି ଲଫାଫା ବା ଯାହାର ଦୁଇ ମୁହଁ ଏପରି ଖୋଲାଥିବ ଯେ ଭିତର ପଦାର୍ଥର ପରୀକ୍ଷା ହୋଇ ପାରିବ ଓ ଯହିଁରେ ଛାପାପତ୍ର ବିନା ଅନ୍ୟ କୌଣସି ହାତଲେଖା ପତ୍ର ବା ସଂବାଦ ନ ଥିବ ତାହା ବିନା ରେଜେଷ୍ଟ୍ରି ସଂବାଦପତ୍ର ସ୍ୱରୂପ ଏକଅଣା ମାସୁଲରେ ପଠାଯାଇ ପାରିବ । ମାମଲତକାରୀଙ୍କ କାଗଜପତ୍ର ପଠାଇବା ପକ୍ଷରେ ଏ ନିୟମଟି ବଡ଼ ଉତ୍ତମ ଅଟଇ କିନ୍ତୁ କୌଣସି ବହୁମୂଲ୍ୟ ଦସ୍ତାବିଜ ଇତ୍ୟାଦି ଏମନ୍ତେ ପଠାଇବା ଉଚିତ ନୁହଇ ।

---

### ଓଡ଼ିଶାର ଶିକ୍ଷାବିଭାଗରେ ବଙ୍ଗଦେଶୀୟଙ୍କ ଭର୍ତ୍ତି ।

ଅସ୍ମେମାନେ ଏ ବିଷୟରେ ବହୁବାର ଲେଖନ ଉପପ ପାଇ ପାଠକଙ୍କ ଗୋଚରାର୍ଥେ ପ୍ରକାଶ କରିଅଛୁଁ ତହିଁରୁ ଦେଖାଯିବ ଯେ ଗବର୍ଣ୍ଣମେଣ୍ଟ ଓ ପ୍ରାନୀୟ କର୍ମଚାରୀମାନେ କମେଷନରେ କମିଶନର ସାହେବ ଓଡ଼ିଆଙ୍କ ଉନ୍ନତି ସକାଶେ ସର୍ବଦା ଚେଷ୍ଟା କରୁଥିଲେହେଁ ସେମାନଙ୍କ ସମସ୍ତ ଚେଷ୍ଟା ବଙ୍ଗଦେଶୀୟ କର୍ମଚାରୀଙ୍କଦ୍ୱାରା ବିଫଳ ହେଉଅଛି । ଏମାନେ ସାଧାରଣରେ ବଙ୍ଗଳାଭାଷା ଅଥବା ସ୍ୱଜାତିଙ୍କର ଉନ୍ନତି ପକ୍ଷରେ ଯତ୍ନବାନ ହେଉଅଛନ୍ତି ଏବ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ତାହାଙ୍କ ଯତ୍ନ ଫଳବତ ହେଉଅଛି କମିଶନର ସାହେବ ଅଥବା ପ୍ରାନୀୟ କର୍ମଚାରୀମାନେ ତାହା ନିବାରଣ କରିବାକୁ ସକ୍ଷମ ହୋଇ ପାରୁ ନାହାନ୍ତି । ବହୁକାଳ ବର୍ଷପର୍ଯ୍ୟନ୍ତ ବିଦ୍ୟାଳୟରେ ବ୍ୟବହାର ହେବାର କୌଣସି କାରଣ ନାହିଁ ଅଥଚ ତାହା ଚଳୁଅଛି ବୋଧ ହୁଏ ପୁସ୍ତକରଚକ ବଙ୍ଗଦେଶୀୟ ଥିବାରୁ ସେପରି ହୋଇଥିବ । ପ୍ରାକୃତଭୂଗୋଳ ପକ୍ଷରେ ଯେଉଁ ଆପତ୍ତି ହୋଇଅଛି ତାହା ଅକାଟ୍ୟ ନୁହଇ । ବିଦ୍ୟାଳୟ ସକାଶେ ପୁସ୍ତକ ପ୍ରୟୋଜନ ହେବାରୁ ଉକ୍ତ ପୁସ୍ତକପାଇଁ ପାରିତୋଷିକ ଦିଆଗଲା ଯେଉଁ ପୁସ୍ତକ ପାରିତୋଷିକ ପାଇଲା ତାହା ବିଦ୍ୟାଳୟରେ ବ୍ୟବହାର ନ ହୋଇ ତହିଁ ସଙ୍ଗେ ଯେଉଁ ପୁସ୍ତକ ପରୀକ୍ଷାରେ ନିକୃଷ୍ଟ ହେବାରୁ ପାରିତୋଷିକ ପାଇଲା ନାହିଁ ତାହା ବ୍ୟବହାର ହେଲା । ଏଥିର ନିଗୂଢ଼ ମର୍ମ ବୁଝିବା କାହାର ସାମର୍ଥ୍ୟ କିନ୍ତୁ ସ୍ପଷ୍ଟତଃ ଗ୍ରନ୍ଥପ୍ରସନ୍ନ ବାବୁଙ୍କ ପୁସ୍ତକ ଅଦ୍ୟାପି ଛପା ହୋଇ ଆସି ନାହିଁ ଓ ଏ ବର୍ଷ ଅଧ୍ୟୟନର ସମୟ ଛଅମାସ ଅତୀତ ହେଲାଣି ତଥାପି ସେ ପୁସ୍ତକ ନ ହେଲେ କର୍ମ ଚଳିବ ନାହିଁ ଯଥାର୍ଥ ଏ ବିଷୟରେ ବଙ୍ଗଦେଶୀୟମାନେ ଅର୍ଥାତ୍ ଯାହାଙ୍କ ପରାମର୍ଶରେ ଏ କାର୍ଯ୍ୟ ହେଲା ତଥାପି ଭୁଲ ହୋଇ ଜନ୍ମ ପୂର୍ବର ଭିନ୍ନାଭିନ୍ନ ଲେଖି ଦେଇଅଛନ୍ତି । ଷଡ଼ାନନ ସମ୍ପର୍କରେ ଏହି ପ୍ରାକୃତଭୂଗୋଳ କଥା କମିଶନର ସାହେବଙ୍କ କର୍ଣ୍ଣଗୋଚରରେ ଅବିବାର ସେ ଆଜ୍ଞା ଦେଇଅଛନ୍ତି ଯେ ସ୍ୱର୍ଗପ୍ରସନ୍ନ ବାବୁଙ୍କ ପ୍ରାକୃତଭୂଗୋଳ ପରିବର୍ତ୍ତରେ କୌଣ୍ଟାଙ୍କର ଭୂଗୋଳ ପଠିତ ହେବ । ମୂଳଲିପି ବିଷୟରେ କିଛି ନିଷ୍ପତ୍ତି ହୋଇ ନାହିଁ । ସେ ଯାହା ହେଉ ବଙ୍ଗଦେଶୀୟଙ୍କ ଭର୍ତ୍ତି ସକଳ ସ୍ଥଳରେ ଦେଖାଯାଏ ଛାତ୍ରବୃତ୍ତି ପରୀକ୍ଷାପାଇଁ ପରୀକ୍ଷକଙ୍କୁ କିଛି ଟଙ୍କା ମିଳଇ ବୋଲି ସେଥିରେ ସବୁବର୍ଷ ବଙ୍ଗଦେଶୀୟମାନେ ପରୀକ୍ଷକ ହୁଅନ୍ତି ଓଡ଼ିଆଭାଷାପାଇଁ ପୁଣି ଜଣେ ଓଡ଼ିଆୟ ପରୀକ୍ଷକ କୌଣସି ବର୍ଷ ନିଯୁକ୍ତ ହେବାର ଦେଖା ନାହିଁ ଏ ସବୁ ଯେଉଁ ପୁସ୍ତକ ପାଇଁ ପାରିତୋଷିକ ମିଳିବ ଅଧିକାଂଶ ବଙ୍ଗଦେଶୀୟମାନେ ହାତ ହେଉଛି କେବଳ ପୁସ୍ତକର ପ୍ରୟୋଜନ ଓ ବେତନ ପାରିତୋଷିକ ନିମିତ୍ତ ତାହା ଦୂରାଭିପ୍ରାୟକୁ ଲେଖି କହନ୍ତି ନାହିଁ । ଏ ସମସ୍ତ ଅବେଦନା କଲେ ପତ୍ରପ୍ରେରକ ଯାହା ଲେଖିଅଛନ୍ତି ଯେ ବଙ୍ଗଦେଶୀୟ ଦେହ ଜନ୍ମ ଉନ୍ନତିଙ୍କର ହେଲେ ଓଡ଼ିଆଙ୍କର ଭଲ ନ ହୋଇ ମନ ହେବ ତାହା ଅଯଥାର୍ଥ କଥା ଯାଇ ନାହିଁ । ଅସ୍ମେମାନେ ନିବେଦନ କରୁଁ ଉକ୍ତ ପଦରେ ଜଣେ ଓଡ଼ିଆ କୋହିଲେ ଜଣେ ଇଂରେଜ ନିଯୁକ୍ତ କରିବାର ଉଚିତ ।

---

## ସାପ୍ତାହିକ ସଂବାଦ ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ସାହେବ ଚଳିତମାସ ତା ୧୯ ରଖରେ କଲିକତାରୁ ସିମଲା ପର୍ବତକୁ ଯାତ୍ରା କରିବେ ଓ ଉକ୍ତ ମାସ ତା ୧୮ ରଖ ଶୁକ୍ରବାର ସେଠାରେ ପ୍ରବେଶ ହେବେ ।

ଦାର୍ଜିଲିଙ୍ଗର ଶର୍ମ ମଧ୍ୟ ଏହି ସମୟରେ ଫଟିକାର ଦେଖାଯାଏ ସେଠାକୁ ପ୍ରାୟ ଏହି ସମୟରେ ବଙ୍ଗଳାର ଲେପ୍ଟନେଣ୍ଟ ଗବର୍ଣ୍ଣର ଯାତ୍ରା କରନ୍ତି ଓ ବର୍ତ୍ତମାନର ଗ୍ରୀଷ୍ମ ମଧ୍ୟ କଟାଇବା ସେଠାରେ ରହିବାର ମନସ୍ଥ କରିଅଛନ୍ତି ।

ଟାଇମସ୍ ଅବ୍ ଇଣ୍ଡିଆରେ ଲେଖାଅଛି ଯେ ଉତ୍ତରପଶ୍ଚିମ ପ୍ରଦେଶରେ ଗବର୍ଣ୍ଣମେଣ୍ଟ ଅବଶ୍ୟ ଏକଦଳ ଡକାଏତ ଅଛନ୍ତି । ଏମାନଙ୍କ ସଂଖ୍ୟା ୨୬ ଜଣ ଓ ସମସ୍ତେ ଯୋଦ୍ଧାବର୍ଗର ଓ ଅଶ୍ୱାରୋହୀ ଅଟନ୍ତି ଏଥି ମଧ୍ୟରୁ ଜଣେ ଜଣ ପୁଲିସ ଦ୍ୱାରା ଧରା ଅଟନ୍ତି ।

କଲିକତା ବିଶ୍ୱବିଦ୍ୟାଳୟର ଅନେକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ହିନ୍ଦୁ ହାଇକୋର୍ଟରେ ଓକାଲତି କର୍ମ କରିବାର ସନଦ ସକାଶେ ଜଜଙ୍କଠାରେ ପ୍ରାର୍ଥୀ ହେଲା । ଜଜ ସାହେବ ତାହାଙ୍କ ସାର୍ଟିଫିକେଟ ଇତ୍ୟାଦି ଦେଖି ସନ୍ତୁଷ୍ଟ ହେଲେ ମାତ୍ର ଯେଉଁ ସ୍ଥଳରେ ଏ ବ୍ୟକ୍ତି ଜଜଙ୍କ ସାକ୍ଷାତ୍‌ରେ ପ୍ରବେଶ ହେଲେ ତାହା ତାହାଙ୍କର ମନୋନୀତ ନ ହେବାରୁ ସେ କହିଲେ ଯଦ୍ୟପି ଏ ବ୍ୟକ୍ତି ଉତ୍ତମ ଆଚରଣର ସାର୍ଟିଫିକେଟ ଆଣି ଅଛନ୍ତି ତଥାପି ଏହାଙ୍କ ଆଚରଣ ଯଥାର୍ଥ ଉତ୍ତମ ହେବାର ଅବଗତ ନ ଥିବାରୁ ଯୋଗୁଁ ତାହାକୁ ସନଦ ଦେବେ ନାହିଁ । ପୂର୍ବେ ଅସ୍ମେମାନେ ଶୁଣିଥିଲୁଁ ଯେ ଜଣେ ମୋଫସଲର ସ୍କୁଲେଟ୍ରଙ୍କ ବିଶ୍ୱବିଦ୍ୟାଳୟରେ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ହିନ୍ଦୁ କହିଥିଲେ ଯେ ସେ ଗୋମାଂସ ଭକ୍ଷଣ କରିବାରୁ ଘୃଣା ନାହିଁ ଏହା ଶିକ୍ଷା କରଇଅଛୁ ଏହା ଜାଣି ତାହାକୁ କର୍ମ ଦେଲେ ନାହିଁ । ଉକ୍ତ ହାଇକୋର୍ଟରେ ସେପରି ବିଚାର ହେଉଛି ।

Digitized by srujanika@gmail.com

ଯାପାନ ଗବର୍ଣ୍ଣମେଣ୍ଟ ଘୋଷଣାପତ୍ରଦ୍ୱାରା ବୌଦ୍ଧମତାବଲମ୍ବୀ ପୁରୋହିତାଣୀମାନଙ୍କୁ ବିବାହ କରିବାକୁ ଅନୁମତି ଦେଇ ଅଛନ୍ତି ଏବଂ ମାଂସ ଆହାର ନିଷେଧାଜ୍ଞାକୁ ରହିତ କରି ଅଛନ୍ତି ।

ଏଲାହାବାଦର ବାଲକ ଗୃହ ପୋଡିଯାଇ ଅଛି ଗତ ସ ୧୦ ଘଣ୍ଟା ସମୟରେ ପ୍ରଥମ ଅଗ୍ନି ଦେଖାଗଲା ଓ ପ୍ରାୟ ଗୋଟାଏ ବେଳେ ଲିଭିଲା । ବାଲକଙ୍କର ଅନେକ କୋଠରୀମାନ ନଷ୍ଟ ହୋଇଅଛି ଓ ଗୋରା ସିପାହିମାନେ ଗୃହଟି ଟାଣି ରଖି ଅଛନ୍ତି ।

ଗତମାସ ଲାହୋର ଭଲପତା ସାହାଜଂ ଭିଦ୍ୟାଳୟର ସମ୍ପାଦକ ଜଣେ ମୁସଲମାନ ସ୍ତ୍ରୀ ହୋଇ ଅଛନ୍ତି । ତାହାଙ୍କ ନାମ ଯାମିଲାଖାତୁନ ବିବି ସେ ଦୀଲଓ୍ୟାରଅଲୀ ପୁଲିସ ଇନସ୍ପେକ୍ଟରଙ୍କ ସ୍ତ୍ରୀ ଅଟନ୍ତି । ସ୍ତ୍ରୀଲୋକ ହୋଇ ଶିକ୍ଷା ବିଷୟରେ ଏତାଦୃଶ ମନୋଯୋଗୀ ଓ ଶ୍ରମୀ ହେବାରୁ ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବ ତାହାଙ୍କୁ ଧନ୍ୟବାଦ ଦେଇ ଅଛନ୍ତି ।

ମହାମାନ୍ୟ ହାଇକୋର୍ଟ ସିଦ୍ଧାନ୍ତ କରିଅଛନ୍ତି ଯେ ମିତାକ୍ଷରା ଶାସ୍ତ୍ରାନୁସାରେ କେବଳ ପିତାମହର ଉତ୍ତରାଧିକାରୀ ସ୍ୱରୂପ ପିତା ଯେଉଁ ସମ୍ପତ୍ତି ପାଇଅଛି ତାହାଁର ହସ୍ତାନ୍ତର ପକ୍ଷରେ ପୁତ୍ରର କ୍ଷମତା ଅଛି ନୋହିଲେ ଅନ୍ୟ କୌଣସି ଲୋକର ଉତ୍ତରାଧିକାରୀ ସ୍ୱରୂପ ପିତା ଯେ ସମ୍ପତ୍ତି ପାଇଥିବ ତାହାଁର ହସ୍ତାନ୍ତର ପୁତ୍ର ନିବାରଣ କରି ନ ପାରେ ।

ମହାମାନ୍ୟ ଗବର୍ଣ୍ଣର ଜେନେରଲସାହେବ ଉତ୍ତରପଡା ହିତକାରୀ ସଭାର ରକ୍ଷକ ହୋଇଥିବାରୁ ଉକ୍ତ ସଭାକୁ ୫ ୨୦୦ ଟା ଦାନ କରି ଅଛନ୍ତି ।

## ପ୍ରେରିତପତ୍ର

ମାନ୍ୟବର ସମ୍ପାଦକ ମହାଶୟ !

ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ନିମ୍ନଲିଖିତ କେତେକ ପଂକ୍ତିର କି (ଯଦ୍ଦ୍ୱାରା ପରମେଶ୍ୱରଙ୍କର ଅନିର୍ବଚନୀୟ ମହିମାର ପରିଚୟ ସର୍ବସାଧାରଣଙ୍କ ସମକ୍ଷେ ବିଦିତ ହେବ) ସ୍ଥାନଦାନ କରି ବାଧିତ କରିବା ହେବେ ।

ଏତତ୍ପ୍ରଦେଶୀୟ ଦକ୍ଷିଣାଞ୍ଚଳରେ ଗତମାସ ତା ୨ ରଖ ସନ୍ଧ୍ୟାସମୟରେ ଗୋଟିଏ ଅଦ୍ଭୁତ ବ୍ୟାପାର ସମ୍ପନ୍ନ ହୋଇଥିଲା ଯେ ମନୁଷ୍ୟଙ୍କର ପ୍ରାଣପୁଞ୍ଜ ଚକିତ ଓ ଭୀତ ହୋଇ ଉଠିଲେ । ଯଥା; ପ୍ରଥମେ ନୈର୍ଋତକୋଣରୁ ଧୂସରବର୍ଣ୍ଣ ଅତିପ୍ରକାଣ୍ଡ ଏକ ମେଘ ଉଦିତ ହୋଇ ଭୟଙ୍କର ଗର୍ଜନଦ୍ୱାରା କ୍ରମଶଃ ନଭୋମଣ୍ଡଳ ଆଚ୍ଛାଦନ କଲା ପରେ ବିଦ୍ୟୁଜ୍ଜାଳାନନ୍ତର ଜଳପତନ ଆରମ୍ଭିତ କେବଳ ଦଶସେର ପର୍ଯ୍ୟନ୍ତ ଓଜନର ଏକ ଏକ କରକା ପତିତ ହେଲା ତନ୍ନିରୀକ୍ଷଣରେ ପ୍ରାଣିମାନେ ଏପରି ଭୀତ ହେଲେ ଏକାବେଳକେ କି ସମସ୍ତଙ୍କୁ କାଳକବଳରେ ପତିତ ହେବାକୁ ହେବ ଅହୋ ଜଗତ୍ପିତା ଜଗଦୀଶ୍ୱରଙ୍କର ଅନୁକମ୍ପାରୁ ମନୁଷ୍ୟମାନେହିଁ କୌଣସି ଆଘାତ ହୋଇ ନାହିଁ ତଥାପି ବହୁସଂଖ୍ୟକ ଗୋ ବୃଷଣ ମେଷାଦି ପଶୁଗଣ ଏବଂ ନାନାଜାତୀୟ ପକ୍ଷିଗଣ ତଦ୍ଦ୍ୱାରା ନଷ୍ଟ ହେଲେ ବିଶେଷତଃ ସେପ୍ରଦେଶରେ ଆମ୍ର ମଧୂକ ପ୍ରଭୃତିର ନାମମାତ୍ର ରହିଲା ନାହିଁ ଅତ ଏ ପ୍ରଦେଶୀୟ ବୃଦ୍ଧ ଜନସମାଜଙ୍କର ମୁଖାତ୍ ଶ୍ରବଣ ହେଲା କି ଏପରି କରକା ଓ ମେଘଦର୍ଶନ କରିବା ଦୂରେଥାଉ ଏହା ଏ ପର୍ଯ୍ୟନ୍ତ ଶ୍ରୁତିପଥାରୂଢ ହୋଇ ନାହିଁ ଅଧିକନ୍ତୁ ଅନେକାନେକ କରକା ଏକତ୍ରିତ ହୋଇ ଦଶମଣ ପର୍ଯ୍ୟନ୍ତ ଓଜନରେ ଏକ ଏକ ବର୍ତ୍ତୋପଲ ହୋଇଗଲେ କି ଯାହା ଦ୍ରବ ହେବାମାତ୍ରେ କ୍ଷୁଦ୍ରକାୟ ପ୍ରଭୃତି ନଦୀମାନେ ପ୍ରବର୍ଦ୍ଧିତ ହେବାରେ ତଦନ୍ତର୍ଗତ ବୃହଜ୍ଜାତୀୟ ମତ୍ସ୍ୟମାନେ ଶୀତଲବାରି ସଂଯୋଗଦ୍ୱାରା ସଂଜ୍ଞାରହିତ ସମ୍ବରଣ କରିଅଛନ୍ତି ପ୍ରକାଶ ଥାଉକି ଉକ୍ତ ଶିଳ, କରକା ସମୁଦାୟ ପଞ୍ଚଦଶ ଦିନପର୍ଯ୍ୟନ୍ତ ସମ୍ପୂର୍ଣ୍ଣରୂପେ ଦ୍ରବୀଭୂତ ନ ହୋଇ ଅବଶିଷ୍ଟ ରହି ଯାଇଥିଲା ।

ତା ୩ ରଖ ଅପ୍ରେଲ ସନ ୧୮୭୩ ମସିହା । } ପ୍ରେଃ ଶ୍ରୀହାସରଥିପାଠି ଜିଃ ସମ୍ବଲପୁର ।

---

"ଇଦମିତ୍ଥଂ ଗୁଣାୟ ଚେତସାଂ,
ଭବତଷ୍ଠାଭବତେତି ତାରଣୀ ।
ନନୁ ବକ୍ତୃବିଶେଷ ନିସ୍ପୃହା,
ଗୁଣଗୃହ୍ୟା ବଚନେ ବିପଶ୍ଚିତଃ ।"

ସମ୍ପାଦକମହାଶୟ !

ପରମେଶ୍ୱରଙ୍କ ଅଭିପ୍ରାୟ କି ଗୂଢ ମନୁଷ୍ୟର ସାଧ୍ୟ ନାହିଁ ଯେ ସେ ତାହା ବୁଝିବାକୁ ସମର୍ଥ ହେବ । ଉତ୍କଳଦେଶପ୍ରତି ନ ଥିଲେ ପୂର୍ବର ଗବର୍ଣ୍ଣମେଣ୍ଟଙ୍କର ଯେପରି ହେଳାଦୃଷ୍ଟି ଥିଲା ସେହିପରି ଥିଲେ ଅମ୍ଭ ବିଚାରରେ ଭଲ ହୋଇଥାନ୍ତା । ବଙ୍ଗାଳିମାନେ ଯେପରି ଅଧ୍ୟବସାୟ କରୁଥିଲେ ସେହିପରି କରୁଥାନ୍ତେ ଉତ୍କଳୀୟମାନେ 'ଅନ ହୋଇ ବଙ୍ଗାଳିଙ୍କରି ଅନୁକୂଳ ଅଭିପ୍ରାୟ ସିଦ୍ଧ କରୁଥାନ୍ତେ । ଓଡିଆ ଅକ୍ଷର ପ୍ରାୟ ଉଠିଯାଇଥାନ୍ତା, ସମସ୍ତେ ବଙ୍ଗାଳୀବୋଲି ଆପଣାକୁ ପରିଚୟ ଦେଉଥାନ୍ତେ । କିନ୍ତୁ ନାଥଙ୍କର ଗାସ୍ବକସାହେବଙ୍କର ସକରୁଣଦୃଷ୍ଟି ଉତ୍କଳୀୟଙ୍କ ପ୍ରତି ପତିତ ହେଲା ଓ କେତେକଜଣ ଓଡିଆ ସ୍ୱଦେଶ ହିତାଭିଳାଷୀ ହୋଇ ମସ୍ତକୋତ୍ତୋଳନ କଲେ । ଏଥିରୁ ଲାଭ କଣ ହେଲା? ଉତ୍କଳୀୟମାନଙ୍କର ଏଥିରେ କି ମଙ୍ଗଳ ହେବ? ନା ବଙ୍ଗାଳିଙ୍କର ଚିର ଦ୍ୱେଷଭାଜନ ହୋଇ ରହିବେ? ଈଶ୍ୱରେଚ୍ଛା । ରାଜା ସାହେବ, ମନ୍ତ୍ରୀ ବଙ୍ଗାଳୀ ସାହେବମାନେ ଯେବେ ସାବଧାନ ହେଉନ୍ତୁ ଓ ଉତ୍କଳୀୟଙ୍କର ଯେତେ ମଙ୍ଗଳ କାମନା କରନ୍ତୁ, ସ୍ୱୟଂ 'ଓଡିଆ' ଉପାଧି ପାଇଲେଁ ସୁଦ୍ଧା ତାଙ୍କୁ ମନ୍ତ୍ରୀଙ୍କ ବାଗୁରାରେ ପଡିବାକୁ ହେବ । ଓଡିଆମାନେ ଉଡ ନ ଶିଖିଥାନ୍ତେ ସେ କଥା ଭଲ ହୋଇଥାନ୍ତା କିନ୍ତୁ ଖଣ୍ଡେଦୂର ଉଡ ପଡିଯାଇ ହାତ ଗୋଡ ଭାଙ୍ଗିଲେ ସେ ଉଡିବାର କି ପ୍ରୟୋଜନ । ଭେକମାନେ ଯେପରି ରାଜା ପ୍ରାର୍ଥନା କରିବାରେ ତାଙ୍କୁ ଶିଆଳରାଜା ମିଳି ଉତ୍କଳଦେଶରେ ତଦ୍ରୂପ ଦଶା ଉପସ୍ଥିତ । ଯେତେବେ ସେପରି ନୁହେ, ତେବେ ଗୌରୀଶଙ୍କର ପ୍ରାକୃତିକ ଭୂଗୋଳ ପ୍ରଭୃତି ନୋହି ଗ୍ରନ୍ଥପ୍ରଣୀତ ଭୂତ ଭୂଗୋଳ କିପାଇଁ ଛାତ୍ରବୃତ୍ତି ପୁସ୍ତକ ହୁଅନ୍ତା? କମିଟୀ ମୁକ୍ତକଣ୍ଠରେ ସ୍ୱୀକାର କରିଥିଲେ ଯେ ଗୌରୀଶଙ୍କରଙ୍କ ପୁସ୍ତକ ଉତ୍କୃଷ୍ଟତର ହୋଇଅଛି ଛାତ୍ରବୃତ୍ତି ପରୀକ୍ଷା ପୁସ୍ତକ ନିରୂପଣ କରିବାର ଭାର ବଙ୍ଗାଳିଙ୍କ ପ୍ରତି ଅର୍ପିତ ହେଲା । ସେ ତଦନୁରୂପ କାର୍ଯ୍ୟ କଲେ । ସେମାନେ କିଛି ନ ଜାଣନ୍ତି ଯେ ଗୌରୀଶଙ୍କର ପୁସ୍ତକ ଉତ୍କୃଷ୍ଟ ନୁହେ, ଏପର ନୁହେ, ସେହିମାନେ କମିଟୀର ମେମ୍ବର ଥିଲେ । ଭ୍ରମପ୍ରସନ୍ନବାବୁ କଲିକତାରୁ ଆସି କଟକରେ ରହିଅଛନ୍ତି, ଗୌରୀଶଙ୍କର ସ୍ୱପାଠ୍ୟାନାରେ ଓଡିଆ ବଙ୍ଗାଳୀ ଜଣେ ତାଙ୍କ ପୋଥି ୨୫ କର୍ଣ୍ଣରେ ହେଲେ ବିକ୍ରୟ ହେବ ମାତ୍ର ଯେଉଁ ସାହେବ ଭଲ କଲିକତାରୁ ଆସିଅଛନ୍ତି, ସେ ଯେବେ ଆପଣା ଦରମାହାରେ ଓଡିଆପୋଥି ଛପାଇବାରେ ବ୍ୟୟିତ କଲେ ତେବେ ଓଡିଆକୁ ଅଭିବାର ପ୍ରୟୋଜନ କଣ? ମିଷ୍ଟର ହପ୍କିନ୍ସ ନଭଳ ବ୍ୟକ୍ତି ସିବିଲିୟନ ତାଙ୍କ ମନରେ କି ଏପରି ଚିନ୍ତା ହୁଅନ୍ତା ଯେ ବଙ୍ଗାଳୀ କର୍ମଚାରୀମାନେ ପକ୍ଷପାତ ହୋଇ କାର୍ଯ୍ୟ ନ କରିବେ?

ଜମନ୍ତର ସାହେବ ଯେ ପ୍ରସ୍ତାବ କରିଅଛନ୍ତି ଜଣେ ବଙ୍ଗାଳିଙ୍କ ଓଡିଶାରେ ଡିପୁଟି ଇନ୍ସପେ-

ଦ୍ୱାର କରନ୍ତେ ଯେ 'ଜଏଣ୍ଟ' ହେବେ କି 'ଜାଏଣ୍ଟ' ହେବେ ତାହା ଓଡ଼ିଆମାନେ ଦେଖିବେ । କମିଶନର ସାହେବ ତାହା ଦେଖିବାକୁ ରହିବେ ନାହିଁ ।

ବଙ୍ଗାଳିଙ୍କର କାହିଁ କି ମନୁଷ୍ୟ ମାତ୍ରେ ଯେଉଁମାନେ କି ଅର୍ଥାକାଂକ୍ଷୀ ହୋଇ ସ୍ଥାନାନ୍ତରକୁ ଯାଇଥାନ୍ତି ଓ ଯେଉଁମାନେ କି କାର୍ଯ୍ୟ ସ୍ଥାନର ଲୋକଙ୍କର ଉନ୍ନତିରେ ଉନ୍ନତିକାରୀ ନୁହନ୍ତି ଓ ବୁଦ୍ଧିବୃତ୍ତି ସନ୍ତୋଷଙ୍କ ପର ନୁହେ ସେମାନେ କେବଳ ପ୍ରଭୁର ମନ ଯୋଗାଇ କାର୍ଯ୍ୟ କରିଥାନ୍ତି । ସୁଯୋଗ କ୍ରମେ ଆପଣାର ଅଭିପ୍ରେତ ସିଦ୍ଧି କରନ୍ତି । ରେଭେନ୍‌ସା ସାହେବ କିଣ ଜାଣନ୍ତି ଯେ ତାଙ୍କ ପରେ ଯେଉଁ କମିଶନର ହେବେ ସେ ତାଙ୍କପରି ଓଡ଼ିଆଙ୍କର ହିତାକାଂକ୍ଷୀ ହେବେ ? ତାହା ଯେବେ ନୁହେ ତେବେ ସାହେବଙ୍କୁ ଉଚିତ କୌଣସି ଜଣେ ଓଡ଼ିଆଙ୍କୁ ଯେ କି ଓଡ଼ିଆଙ୍କର ଉନ୍ନତିରେ ଭାଗୀ, ଅବନତିରେ ଭାଗୀ, ତାଙ୍କୁ ଜଏଣ୍ଟ ଇନ୍‌ସ୍ପେକ୍‌ଟର କରନ୍ତୁ । ମୂଳଟି ବଙ୍ଗାଳୀ ହେଲେ ତାଙ୍କ ପରି ଯେ ବଙ୍ଗଲାଟ ହେବ ଏହା କାହାକୁ ଅବିଦିତ । ଓଡ଼ିଆପ୍ରଜାକୁ ବଙ୍ଗାଳୀଶିକ୍ଷା କି ପର ? ଅଲୁଅ କୋଟରେ ଉଗ୍ରତାପରି ଯେପରି । ଇତି ବଂଶୋଜ୍ଜ୍ୱଳ ସୁଗୁଣସ୍ୟୈକୋପ୍ୟଧାସ୍ୟଃ ।

ଗୋରଖା } ଆପଣଙ୍କର ମଙ୍ଗଳାକାଂକ୍ଷୀ ହେବା
୩।୩।୭୦ } ଶ୍ରୀକଦେବ ।

ସମ୍ପାଦକ ମହାଶୟ !

ଏହି ଯେ ଉତ୍କଳ ଶିକ୍ଷା ବିଷୟରେ ବର୍ତ୍ତ-ପରିତାପ କରିବା କାରଣ ଉତ୍କଳରେ ବର୍ଣ୍ଣପରିଚୟ, ବର୍ଣ୍ଣବୋଧକ, ବର୍ଣ୍ଣବୋଧନ, ବର୍ଣ୍ଣଶିକ୍ଷା ଏପରି ଅନେକ ପୁସ୍ତକ ବର୍ତ୍ତମାନ ଥାଇ ମଫସଲରେ ଗ୍ରାମ୍ୟବାଳକମାନଙ୍କୁ ଶିକ୍ଷା ଦେବା କାରଣ ଜମିଲବିଦ୍ୟାଳୟର ଶନ ବିଲ୍ଲଗରେ ଯେଉଁ ଅବଧାନମାନେ ଶିକ୍ଷା ଦେଉଅଛନ୍ତି ସେମାନେ ବଙ୍ଗ ଓ ଉତ୍କଳ ମିଶ୍ରିତ ବର୍ଣ୍ଣଶିକ୍ଷା ନାମକ ଏକ ପୁସ୍ତକଦ୍ୱାରା ଶିକ୍ଷା ଦେଉଅଛନ୍ତି ଏଥିର କାରଣ କିଛି ବୁଝାଯାଉ ନାହିଁ ବୋଧହୁଏ ଏବର୍ତ୍ତମାନ ଜିଲ୍ଲାରୁ ବଙ୍ଗଭାଷା ଉଠାଇ ଦେଲେ ମଧ୍ୟ ଉକ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କର ବଙ୍ଗଭାଷାରୁ ଲୋଭ କମିଗଲେ ଏପରି କାର୍ଯ୍ୟାନ୍ତରେ ହେଲେ ବଙ୍ଗଭାଷାର ଉନ୍ନତିସାଧନରେ ଯତ୍ନଶୀଳ ଅଛନ୍ତି ମଧ୍ୟ ଅଛଇ ଏହି କାରଣ ଅନୁମାନ କରାଯାଏ ଏହି ଯେ ଏପରି ଉତ୍କଳୀୟ ପୁସ୍ତକମାନଙ୍କର ବ୍ୟବହାର ନ କଲେ ଉତ୍କଳଭାଷା ଉନ୍ନତିବଞ୍ଚକ ମାନଙ୍କ ଉତ୍ସାହ ଭଙ୍ଗ ହୋଇ ଏଭଳି ପୁସ୍ତକ ରଚନାରେ କେହିମାନେ ପ୍ରବୃତ୍ତ ହେବେ ନାହିଁ ଏପରି ହେଲେ ସୁତରାଂ ବଙ୍ଗଭାଷାର ପୁସ୍ତକ ଚଳିବାର ସୁବିଧା ହେବ ଉତ୍କଳଭାଷା ଉନ୍ନତିର ହ୍ରାସ ହୋଇ ଯାଉଛି । ଅତଏବ ଶିକ୍ଷା ବିଭାଗର ଉଚ୍ଚ କର୍ମଚାରୀମାନେ ଏ ବିଷୟରେ ଦୃଷ୍ଟି ନ ରଖିଲେ ଶିକ୍ଷାବିଭାଗୀୟ ନିମ୍ନ କର୍ମଚାରୀ ବଙ୍ଗୀୟ ମହାଶୟମାନେ ଭ୍ରମରେ ହେଲେ ବଙ୍ଗଭାଷାର ଉନ୍ନତି ଛାଡ଼ି ଉତ୍କଳଭାଷାର ଉନ୍ନତିରେ ପ୍ରବୃତ୍ତ ହେବେ ନାହିଁ ଏହା ସତ୍ୟ କି ମିଥ୍ୟା କିନ୍ତୁ କାରଣରୁ ପାଠକମାନେ ଅନୁମାନ କରନ୍ତୁ । ଇତି ।

୬।୩।୭୦   । କି । ବଙ୍ଗ ରଙ୍ଗ ଭଙ୍ଗ ।

ମହାଶୟ !

ପଞ୍ଚାମୃତି ନାଲର ସମ୍ବାଦ କଣ୍ଟ୍ରାକ୍ଟର Mrs. Stoney and Starmer ଯେ ପ୍ରକାରେ ହେଉଅଛନ୍ତି ଆପଣ ଶୁଣିଥିବେ Chief Engineer Col. Haig ତାହା ବନ୍ଦୋବସ୍ତ କରି ଦେଇ ଯାଇଅଛନ୍ତି । ଏଥିରେ ଆମ୍ଭର ବକ୍ତବ୍ୟ ଏହି କି ଓଡ଼ିଶାର ସମସ୍ତ କାର୍ଯ୍ୟ ଓ ନାଲକର୍ମ ପ୍ରାୟ ଓଡ଼ିଆମାନେ ନେଇ ଉଦ୍ୟମରେ ଉତ୍ସାହ କରି ଦେଇ ପର ଆପଣା କାର୍ଯ୍ୟାନୁରୂପ ଭୋଗ କରୁ ଅଛନ୍ତି ଓ ଇଞ୍ଜିନିୟର ବର୍ଗ ଅଳ୍ପମୂଲ୍ୟରୁ ଅଭିପ୍ରାୟରେ ନାଲକାମର ଠିକାଦାର ଉତ୍ସାହ କାମ କରି ଉପଯୋଗ ହେଉଥିଲେ ଅଛି ଠିକାଦାରଙ୍କ ଲାଭ କେବେ କିଛି କ୍ଷତି ହୋଇ ନାହିଁ ଏବେ କୋଉ ଅପରାଧରେ ସେ ଠିକାଦାରମାନେ ପଞ୍ଚାମୃତି ନାଲ କାମରୁ ବଞ୍ଚିତ ହେଲେ ଆମ୍ଭେ ବୁଝି ପାରୁ ନାହୁଁ ଯଦି କେହି କହୁଅଛନ୍ତି କି ସେ ଠିକାଦାର ସାହେବଲୋକ ଓ ଇଞ୍ଜିନିୟର କାଣନ୍ତି ଓ କେପିଟେଲିଷ୍ଟ ଅଟନ୍ତି ତାଙ୍କୁ ନ ଦେଇ ଓଡ଼ିଆଙ୍କୁ ଦେଲେ କି ଫଳ ସରକାରଙ୍କର ହୁଅନ୍ତା ତାହାର ଉତ୍ତର ଆମ୍ଭର କ୍ଷୀଣ ବୁଦ୍ଧିରେ ଏହି ଅଟେ ଯେ ସରକାର ଇଞ୍ଜିନିୟର ମନେ ଦାମ ଦେଇ ଲୋକମାନଙ୍କୁ ଦାମ ଦେବେ ତହିଁରେ ସାହେବ ଅବା ଇଞ୍ଜିନିୟର ଲୋକ ଖୋଜିବାର କିଛି ଦରକାର ନାହିଁ ଓ ଜଣେ ଅଭିଜ୍ଞ ଇଞ୍ଜିନିୟର ନାଲ କାର୍ଯ୍ୟମାନ ଦେଖିବାରେ ଦୃଷ୍ଟି ରଖିବାକୁ ତାହାର ହୋଇଅଛନ୍ତି ଓ ପୁଣି ବିଷୟରେ ଏହି ଯେ ସାହେବ ସଉଦାଗରମାନେ ଯେ ସରକାରରେ ଠିକାଦାର ନାମ ନେଇ ଅଛନ୍ତି ସେ ଉଦ୍ୟମରେ ହୋଇଥିବେ ଓଡ଼ିଆଙ୍କ ମଧ୍ୟରୁ ଜଣେ ତେବେ ତାହା କରିପାରେ କାରଣ ସାହେବଙ୍କ ସଙ୍ଗ ଟଙ୍କା ଅଛି ନାମ କରିବାକୁ ହେଉ ନାହିଁ କେବଳ ଟଙ୍କା ଉଠାଇ ଘୋଡ଼ା ଯାଉଅଛନ୍ତି ଓଡ଼ିଆମାନେ ତାଙ୍କଠାରୁ ଯଥା ଲାଭ ପାଇଲେ ଅନାଇ ବସି ରହିଅଛନ୍ତି । ସମ୍ପାଦକ ମହାଶୟ, ସେ କାଳର ୧୦୦୦ ଘନଫୁଟ ମାଟି କାମର ଇଷ୍ଟିମେଟରେ ୫୦ ଟଙ୍କା ଉର୍ଦ୍ଧ୍ୱ ଦାମ ଏହି ବର୍ତ୍ତମାନ ଠିକାଦାର ସାହେବଙ୍କ ନୋଟିସରୁ ଦେଖିଲୁ କି ସେ ନାଲଅଂଶୀୟ ମାଟିରୁ ଫି ୧୦୦୦ ଘନଫୁଟ ସକାଶେ ୫ ୧। ଦାମ କୁଲିଙ୍କୁ ଦେବେ ଅଛି ୫୦/ କମିଶନ ସେଠି ଠିକାଦାର ପାଇବ ଆଉ ମାଟି ମଞ୍ଜାଲ ଥିଲେ ବେଶୀ ୫୦/ ଦଅପିବ ଏଥିରେ ସାହେବ ଠିକାର ଯେ ୫୨/ ଉର୍ଦ୍ଧ୍ୱ ଲଭ ଫି ୧୦୦୦ ଘନଫୁଟରେ ହେଲେ ଓଡ଼ିଆ ଠିକାଦାର ଓ ଅଗଣ୍ୟ ପ୍ରଜା କର୍ମୀ ସେପରି ଲାଭରୁ ବଞ୍ଚିତ ହେଲେ ଏହା କେହି ଦେଖିଲେ ନାହିଁ ବଡ ଆଶ୍ଚର୍ଯ୍ୟ ବିଷୟ ଅଟେ । ଇତି ।

। ଉ । ଭଉଣ୍ଡମଙ୍ଗଳ ଅନନ୍ତପୁର

## ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣରେ ଜ୍ଞାତ କରାଯାଉଅଛି ଯେ ଆମ୍ଭ ପ୍ରଣୀତ ବର୍ଣ୍ଣଶିକ୍ଷା ( ଏହାର ମୂଲ୍ୟ ୫୦/୨ ) ଓ ଅଙ୍କଶିକ୍ଷା ( ଏହାର ମୂଲ୍ୟ ୫୦/ ) ଏହି ଦୁଇପୁସ୍ତକ ମୁଦ୍ରିତ ହୋଇ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ଯେଉଁମାନେ କଟକସ୍ଥିତ ବର୍ମ୍ମାନଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କରିବେ ସେମାନେ ଅଚିରାତ୍ ପାଇପାରିବେ ।

୫।୩।୭୦   କା । ସୁ । ଭ । ତୁ । ନ । ଶ !

## ମୂଲ୍ୟପ୍ରାପ୍ତି ।

ବାବୁ ହରେକୃଷ୍ଣ ଦାସ  ଟଙ୍କ କମ୍ପାନୀ ୫ ୬
,, ଅଦ୍ୱୈତଚରଣ ଦାସ ,, ,, ୫ ୬
ଶ୍ରୀ ଶ୍ରୀ ରାଜା ଭଞ୍ଜ ଅଲ  ଅଗ୍ରିମ ୫ ୬
ଶ୍ରୀ ଦୁର୍ଗାଦେବୀ ମହନ୍ତ ଚୈତନ୍ୟ ଚରଣ
ଦାସ ଗୋସ୍ୱାମୀ ମଠନୁଆଗାଁ ଅଗ୍ରିମ ୫ ୬
ଶ୍ରୀଶ୍ରୀ ରାଜା ଭଞ୍ଜ ବଡ଼ମ୍ବା ଜଙ୍ଗାପୁ ୫୬
ବାବୁ ଗୋପାଳପ୍ରସାଦ ମିଶ୍ର ,, ୫ ୬

ଏହି ଉତ୍କଳଦୀପିକା ସହର କଟକ ବାଙ୍କ ବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଅତିରିକ୍ତପତ୍ରିକା ।

ଉତ୍କଳ ଦୀପିକା ତା ୮ ରଖ ମାହେ ଏପ୍ରେଲ ସନ ୧୮୭୩ ମସିହା ।

## ବାଣିଜ୍ୟସମ୍ବାଦ ।

ବ୍ରିଟିସଇଣ୍ଡିଅ ଷ୍ଟିମ ନେଭିଗେସନ୍ କୋମ୍ପାନିଙ୍କଦ୍ୱାରା ବିଶେଷ ବିଜ୍ଞାପନ ।

ଅମ୍ଭେମାନେ କ୍ଷମତାପୂର୍ବକ ଉତ୍କଳଦେଶର ସର୍ବସାଧାରଣଙ୍କୁ ଓ ଅନ୍ୟ ଯେଉଁମାନଙ୍କର ସମ୍ପର୍କ ଥାଏ ସେମାନଙ୍କୁ ଏତଦ୍ଦ୍ୱାରା ଜଣାଉଅଛୁଁ ଯେ ଏ ମାସର ତା ୧୦ ରଖରେ ଷ୍ଟିମର କଲିକତା ଯିବାର ଉତ୍ତାରେ ଯେସବୁ ମାଲମାନ ରପ୍ତାନିହେବ ଅଧିକ ଟନ୍‌ର ମାସୁଲ ଫି ଟନରେ ଟ ୧୫ ଙ୍କା ନ ହୋଇ ଟ ୧୦ ଙ୍କା ନେଉଁଥିବ ।

## ବିଜ୍ଞାପନ ।

ବାଣିଜ୍ୟ ବୀମା କୋମ୍ପାନୀଦ୍ୱାରା ଯେସବୁ ଦ୍ରବ୍ୟମାନ କଲିକତାଠାରୁ କଟକର ଓ କଟକରଠାରୁ କଲିକତାଠାରୁ ଗଭାୟାତ କରନ୍ତି ତହିଁର ସଂଶୋଧିତ ଦରଗମାନ ନିମ୍ନରେ ଲେଖାଗଲା ।

| ବର୍ଣ୍ଣନା | ଟଙ୍କା | ଚେଙ୍ଗିସ୍ଥଳ |
|---|---|---|
| ପ୍ରତ୍ୟେକ ବୋସ୍ ବ ଯହିଁରେ ଦୁଇମହଣ ଓଜନର ମାଲ ଥିବ ସେଥିନିମନ୍ତେ | ଟ ୦। | ଯଦ୍ୟପି ସେହି ପରିମାଣରେ ଅଧିକ ବୋର ପଠାଯାଏ ତେବେ ଟ ୦।୬ |
| ପ୍ରତ୍ୟେକ ବସ୍ତାମାନଙ୍କ ଆକାର ଓ ଦୀର୍ଘତା ଅନୁସାରେ | ଟ ୧ ଠାରୁ ଟ ୨୫ | |
| ଧାତୁ ଦ୍ରବ୍ୟ ଏକମହଣ ଓଜନକୁ | ଟ ୦ ୩ | ଏତନ ଟ ୦୬ |
| କଅର ସୱାକର ପାପା ଓଗେର | ଟ ୦୪ | |
| ଦମତାର ପ୍ରତିବସ୍ତା କ ଜହିଁରେ ଶ ୨୫ ଶ ଗୁମତା ଥାଏ | ଟ ୦।୬ | |
| ତିଣ୍ଡର ପ୍ରତ୍ୟେକବତା କହିଁରେ ୧୦୦ ଗୋଟା ଡିଞ୍ଚ ଥିଲେ | ଟ ୦୨ | |
| ମୃତ୍ତିକାଠ ପ୍ରତେକ କ୍ୟୁବିକ ଫୁଟ ନିମନ୍ତେ | ଟ ୦ ୬ | |
| ଏକଉଚ୍ଚିତ ଧରବାର ବାକ୍ସରୁ ଟ ୦।୬ ଓ ତିନଉଚ୍ଚିତ ଧରବାର ବାକ୍ସରୁ ଟ ୦୪ | ଟ ୦।୬ ଠାରୁ ଟ ୦୪ | |
| ମସଲ ବୀମା ଅଲଙ୍କାର ଇତ୍ୟାଦି ଦମଡି ଟ ୧୦୦୦ ରୁ | ଟ ୧ | ଏତନ ଟ ୦୨ |

ଡାଲି ଓ କଡ଼ ବସ୍ତମାନଙ୍କ ନିମନ୍ତେ ବ ଯହିଁର ବଷସ୍ଥ ଉପରେ ଲେଖା ନାହିଁ ତହିଁ ନିମନ୍ତେ ବିଶେଷ ଉଚିତ ନିୟମରେ ନିଆଯିବ । ଯଦ୍ୟପି ସରକାର ବୀମା ପରଓଲୋକମାନେ ଅସାଧାରଣରୂପେ ବହୁତ ମାଲ ଜାହାଜରେ ବୋଝାଇ କରିବାକୁ ବୀମା ଭୂମିରେ ଉତାରିବାକୁ ଚାହାନ୍ତି ତେବେ ଅମ୍ଭେମାନେ ସେଥିନିମନ୍ତେ ବିଶେଷ ବନ୍ଦୋବସ୍ତ କରିବା ।

ତା ୧ ରଖ ଅପ୍ରେଲ ସନ ୧୮୭୩ ସାଲ

(Sd.) Wither & Co

ଇସ୍ତାହାର କଟେଣ୍ଡି ଇରିଗେସନ କେନାଲ ରେଭିନ୍ୟୁ ସୁପ୍ରେନଟେଣ୍ଡ ସାହେବ । ତା । କଟକ । ଏହିକ ।

ଯେହେତୁ ଜଳକର କବୁଲିୟତର ମିଆଦ ମଇମାସ ତା ୧ ରଖ । ମୁ । ସନ ୧୮୮୦ ସାଲ ବୈଶାଖମାସ ତା ୨୧ ରଖରେ ବୀମା ତହିଁ ପୂର୍ବେ ଯେମାନେ ଶାରଦ ଓ ଦାଳୋ ଫସଲ ନିମନ୍ତେ କବୁଲିୟତ କରିବେ ସେମାନଙ୍କଠାରୁ ଟ ୧ ଙ୍କା ନୀରଖରେ କବୁଲିୟତ ନିଆଯିବ ଓ ମଇମାସ ତା ୧ ରଖ । ମୁ । ବୈଶାଖ ତା ୨୧ ରଖ ପରେ ଯେମାନେ କବୁଲିୟତ କରିବେ ସେମାନଙ୍କଠାରୁ ଫି ୧ ମାଣରୁ ଟ ୧୫ ଙ୍କା ହିସାବ ଅନୁସାରେ ଇଚ୍ଛାଗଲେ ପଞ୍ଚାଶ କବୁଲିୟତ ନିଆଯାଇ ତାହା ବିସ୍ଥାପିତା ବିଷୟ ସମସ୍ତଙ୍କୁ ଜଣା ଜଣାଇବାର ଆବଶ୍ୟକ ଅତଏବ ଉପରଲିଖିତ ବିଷୟ ସର୍ବସାଧାରଣଙ୍କ ଜ୍ଞାନାର୍ଥେ ଏ ଇସ୍ତାହାର ପ୍ରଚାର କରାଯାଇ ଲେଖା ଯାଉଅଛି ଯେ ଯେଉଁମାନେ କବୁଲିୟତ କରିବାର ଚେଷ୍ଟା ରଖୁଥିବେ ସେମାନେ ଉକ୍ତ ମିଆଦରେ ଅଧ ଇଲାକାର ତହସିଲଦାରମାନଙ୍କ ନିକଟରେ ହାଜର ହୋଇ କବୁଲିୟତ କରିବା କାରଣ ଦରଖାସ୍ତ ଦାଖଲ କରିବେ ଓ ପ୍ରକାଶ ଥାଉ ଯେ ସନ ୧୮୮୦ ସାଲଠାରୁ । ନ । ସନ ୧୮୮୪ ସାଲ ପର୍ଯ୍ୟନ୍ତ ଉପରଲିଖିତ ଟ ୧ ଙ୍କା ରେଟ ଉକ୍ତ ମିଆଦ ରହିବ ।

### ବିଜ୍ଞାପନ ।

ଡିସେମ୍ବରଠାରୁ ଜାନୁଆରି ପର୍ଯ୍ୟନ୍ତ ଅଧିକ ଯେଉଁମାନେ ଡ୍ରିଲର ଓ କଣ୍ଟ୍ରାକ୍ଟରଙ୍କ ଦ୍ୱାରା କାଗଜରେ ନକ୍ସା କରି ଜାଣିଥିବେ ସେମାନଙ୍କୁ ମାସିକ ଟ ୧୮ ଙ୍କା ବେତନରେ ମୁକରର କରାଯିବ ଓ ଯେଉଁମାନେ ଉକ୍ତ କର୍ମ ନ ଜାଣନ୍ତି କିନ୍ତୁ ଯେବେ ସେମାନେ ଶିକ୍ଷା କରିବାକୁ ମାନସ କରନ୍ତି ମାସିକ ଟ ୮ ଙ୍କା ଦରମାରେ ରୋଗଜ୍ଞ ପାଇ ବନାବେତନରେ ଶିକ୍ଷା କରିପାରିବେ ଶିକ୍ଷା ହେଲାଉତାରେ ଯେତେବେଳେ ସେମାନେ କର୍ମକ୍ଷମ ହେବେ ସେମାନଙ୍କୁ ଅଧିକାରୀକର୍ମ ଦିଆଯିବ ଉକ୍ତ କର୍ମରେ ଓଡ଼ିଶାବାସିମାନଙ୍କୁ ଉତ୍ସାହ ଦିଆଯିବ ଦରଖାସ୍ତକାରୀମାନେ ଉପଲିଖିତ ମହାଶୟଙ୍କ ନିକଟରେ କଟକନୂଆନରେ ଦରଖାସ୍ତ କଲେ ତାଙ୍କଠାରୁ ଅନ୍ୟ ଅନ୍ୟ ବିଷୟମାନ ବିଶେଷରୂପେ ଜାଣିପାରିବେ ।

ଶ୍ରୀ ଟଏନବୀସାହେବ କେନାଲ ରେଭିନ୍ୟୁ ସୁପ୍ରେଣ୍ଟେଣ୍ଡେଣ୍ଟ

(Sd.) G. Toynbee

Canal Revenue Supdt.

ଜେଂମୂଲସର ଦେଶ ।

Split by PDF Splitter

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୧୪ ଭାଗ } ତା୧୯ରିଖ ଅପ୍ରେଲ ସନ୧୮୭୯ମସିହା ।ମୂ। ବୈଶାଖ ୬ଷ୍ଠ ସନ୧୨୮୬ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୫
୧୬ ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫।
ମଫସଲ ଅଧିକ ଡାକମାସୁଲ ୧॥

ବାଲେଶ୍ୱର ସମ୍ବାଦବାହିକାର ଉକ୍ତ ସମ୍ପାଦକଙ୍କର ଲଙ୍ଘିତ ବିଷୟକୁ ଉକ୍ତ ପତ୍ରିକା ଅନୁମୋଦନ କରିବାରୁ ଅମ୍ଭମାନଙ୍କର ଯେଉଁ ମନୋଭଙ୍ଗ ହୋଇଥିଲା ଗତପ୍ରକାଶିତ ପତ୍ରିକା ପାଠ କରିବାରେ ତାହା ଦୂରୀଭୂତ ହୋଇଅଛି କାରଣ ତହିଁରେ ଲୁଖାଯାଇଅଛି ଯେ ସମ୍ପାଦକଙ୍କ ସମସ୍ତ ବିଷୟ ପତ୍ରିକା ଅନୁମୋଦନ ନ କରି କେବଳ ମୌଲବୀଙ୍କ ଗୁଣ ଓ ବଙ୍ଗାଳୀ ସମ୍ପର୍କୀୟ କଥାମାନଙ୍କରେ ଐକ୍ୟ ହୋଇଥିଲେ ଏଥିପାଇଁ ଅମ୍ଭମାନଙ୍କ ଆଉ କିଛି ବକ୍ତବ୍ୟ ନାହିଁ ଓ ସମ୍ବାଦବାହିକା ଅପଣା ମନୋଗତ ଭାବ ବ୍ୟକ୍ତ କରିବାରେ ଅମ୍ଭମାନଙ୍କର ଅକାରଣ ଭ୍ରମ ନାଶ ହେଲା ଏଥିପାଇଁ କୃତଜ୍ଞ ରହିଲୁଁ ।

---

ଗତ ଉଣ୍ଡିଆନ ଅବଜରଭର ପତ୍ରିକାରୁ ଅବଗତ ହେଲୁଁ ଯେ ହିନ୍ଦୁ ଉତ୍ତରାଧିକାର ଅଧିକାରର ମକଦ୍ଦମା ହାଇକୋର୍ଟ ଫୁଲବେଞ୍ଚରେ ନିଷ୍ପତ୍ତି ହୋଇଅଛି ଓ ଗତ ବୁଧବାର ମାନ୍ୟବର ଜଜସାହେବମାନେ ଅପଣା ରାୟ ଦେଲେ । ତହିଁରେ ଜଷ୍ଟିସ ପ୍ରଧାନ ଜଜପ୍ରମୁଖ ପାଞ୍ଚଜଣ ଜଜ ଉତ୍ତରାଧିକାର ଅଥବା ସମ୍ପତ୍ତିର ବଞ୍ଚିତ ନ ହେବାର ନିଷ୍ପତ୍ତି କରିଅଛନ୍ତି ଓ କେବଳ ଜଣେ ଜଜ ବଞ୍ଚିତ ହେବାର ରାୟ ଦେଇଅଛନ୍ତି । ଅଧିକ ଜଜଙ୍କର ମତ ଯାହା ତାହାହିଁ ଧାର୍ଯ୍ୟ ହେଲା ସୁତରାଂ ବାଦୀ ବିଧବା ଭ୍ରଷ୍ଟା ହେବା ଦୋଷରୁ ସମ୍ପତ୍ତିରୁ ବଞ୍ଚିତ ହେବେ ନାହିଁ ହାଇକୋର୍ଟର ବିଚାର ଗତ ଅମ୍ଭମାନଙ୍କର କିଛି କହିବାର କ୍ଷମତା ନାହିଁ ମାତ୍ର ହିନ୍ଦୁମାତ୍ରେ ଯେ ଏରୂପ ନିଷ୍ପତ୍ତିର କଥା ଶୁଣି ଦୁଃଖିତ ହେବେ ସନ୍ଦେହ ନାହିଁ । ଯାହା ହେଉ ହାଇକୋର୍ଟର ଏ ନିଷ୍ପତ୍ତି ହିନ୍ଦୁଧର୍ମର ପକ୍ଷରେ ଉତ୍ପାତୀ ସ୍ୱରୂପର ହେବ । ଏଥିର ସେମାନଙ୍କର ସ୍ୱେଚ୍ଛାଚାରିଣୀ ହେବାରେ କିଛି ବିଘ୍ନ ରହିଲା ନାହିଁ ଓ ବ୍ୟବସ୍ଥାପକ ମହାଶୟ ତାହାଙ୍କ ଉପରେ ବିଶ୍ୱାସ ଯେଉଁ ମଙ୍ଗଳକର ନିୟମ ଚଳାଇଅଛନ୍ତି ତହିଁପ୍ରତି ସେବା ଆଉ ଆସ୍ଥା ରହିବ ନାହିଁ । ଏ ନିଷ୍ପତ୍ତିର ଯାମାନ୍ୟ ଫଳ ହେବ ଅଚିରାତ୍ ଦେଖିବାରେ ଆସିବ ।

---

ଆଜିକାଲି ଏ ନଗରରେ ରହୁଥିବା ଗବର୍ଣ୍ଣମେଣ୍ଟଙ୍କର ଓଡ଼ିଆ ଅନୁବାଦକ କେଉଁ କର୍ମରେ ବ୍ୟସ୍ତ ଅଛନ୍ତି ଅମ୍ଭମାନଙ୍କୁ ଜଣା ନାହିଁ ମାତ୍ର ଅମ୍ଭେମାନେ ଦେଖୁଅଛୁଁ ଯେ ପ୍ରାୟ ଗତ ଛଅମାସରୁ ଗଣ୍ଡିଏସୁଦ୍ଧା ଓଡ଼ିଆର ଅନୁବାଦ କିମ୍ବା ଲୁପ୍ତ ଗବର୍ଣ୍ଣମେଣ୍ଟ ସାପ୍ତାହିକ ରିପୋର୍ଟରେ ପ୍ରକାଶିତ ହୋଇ ନାହିଁ ଅନୁବାଦକ ମହାଶୟ ଯେବେ ନିୟମିତରୂପେ କାର୍ଯ୍ୟ କରନ୍ତେ ତାହା ହେଲେ ଯେ ଉକ୍ତ ରିପୋର୍ଟରେ କିଛି ପ୍ରକାଶ ନ ହୁଅନ୍ତା ଏମନ୍ତ ସମ୍ଭବ ନୁହଇ । କେବଳ ଏକାକୀ କାର୍ଯ୍ୟ ଦେଖିଥିଲେ ସେରୂପ ନ ହେବାର ଅନୁମାନ ହୁଅଇ । ଗବର୍ଣ୍ଣମେଣ୍ଟ ଅନୁବାଦକଙ୍କର ବାସ୍ତବରେ ଏତେ କାର୍ଯ୍ୟ ଅଛି ଯେ ସପ୍ତାହରେ ଦୁଇ ତିନିଖଣ୍ଡ ପତ୍ରିକା କାର୍ଯ୍ୟପ୍ରତି ମନୋଯୋଗ ଦେବାକୁ ସମୟ ଅଣ୍ଟଇ ନାହିଁ ? ପ୍ରଥମରେ ତାହାଙ୍କର କର୍ମ ଅଧିକ ଥିବାର ଦେଖା ନ ଯାଏ ଓଡ଼ିଆ ଗବର୍ଣ୍ଣମେଣ୍ଟ ଗେଜେଟ ପ୍ରାୟ କଲିକତା ଗେଜେଟର ଉଦ୍ଧୃତ ଓ ଅନୁବାଦରୁ ମଧ୍ୟ କଲିକତା ଗେଜେଟରେ ଯେଉଁ ଆଇନ ଓ ଉକ୍ତ ଆରେ ଛପା ହୁଅଇ ସୁତରାଂ ଏଥିରୁ କର୍ମରେ ଅଧିକ ସମୟ ଲାଗେ ଓ ଅନେକ ସହଜରେ କରିବା ହେବାର ସମ୍ଭବ । ଏଥିପାଇଁ ଆଉ କିଛି କାର୍ଯ୍ୟ ତାହାଙ୍କୁ ନିୟମିତରୂପେ କରିବାର ଦେଖା ନ ଯାଏ ଏଣୁକରି ସ୍ପଷ୍ଟ ପ୍ରକାଶ ହୁଏ ଯେ ସେ ଇଚ୍ଛା କଲେ ଅବଶ୍ୟ ପତ୍ରିକା ସମ୍ପର୍କରେ ତାହାଙ୍କୁ ଯେଉଁ କର୍ମ କରିବାପାଇଁ ଗବର୍ଣ୍ଣମେଣ୍ଟ ଓ କମିଶନରସାହେବ ଆଜ୍ଞା ଦେଇଅଛନ୍ତି ତାହା ନିୟମିତରୂପେ ନିର୍ବାହ କରନ୍ତେ । ମାତ୍ର ଗବର୍ଣ୍ଣମେଣ୍ଟ ଅଥବା କମିଶନରସାହେବଙ୍କର ଅବକାଶ ନାହିଁ ଯେ ଏଥି ପ୍ରତିପାଳନ ହେଉଅଛି କି ନାହିଁ ସର୍ବଦା ବୁଝୁଥିବେ ସୁତରାଂ ଅନୁବାଦକ ମହାଶୟ ସେମାନଙ୍କୁ ଅମନୋଯୋଗୀ ଦେଖି ଦୂର ହୋଇ ବସି ରହିଅଛନ୍ତି । ଅମ୍ଭେମାନେ ଯୋଗ୍ୟ କମିଶନରସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ଥରେ ଗବର୍ଣ୍ଣମେଣ୍ଟ ଅନୁବାଦକଙ୍କ କର୍ମପ୍ରତି ଦୃଷ୍ଟି ରଖନ୍ତୁ ।

---

ଅଧସ୍ତ କର୍ମଚାରୀ ଉଦ୍ଯୋଗ ପାଳନ ଓ ପଡ଼ନ୍ତି ବିଷୟରେ ହାକିମମାନେ ଯାଦୃଶ ମନୋଯୋଗ

Digitized by srujanika@gmail.com

କର୍ମ କରିବାକୁ ସୁଯୋଗ ପାଇ ଅନ୍ୟ କୌଣସି ବିଷୟରେ ପ୍ରାୟ ସେମସ୍ତ ହୁଅନ୍ତି ନାହିଁ କାରଣ ଜାଣ୍ଟିନ ବରିଷ୍ଟେଟ ଅମଳ ଲାବେକାର ସ୍ତ୍ରୀଙ୍କ ଲୁଚି କରିବାକୁ ତାହାର ସାହସ ହୁଅଇ ନାହିଁ ଏହି ହେତୁରୁ ଦାଉନ ଅନୁପଯୁକ୍ତ ଲୋକଙ୍କୁ କର୍ମରେ ନିଯୁକ୍ତ କଲେ ମଧ୍ୟ ତାହାଙ୍କ ଅଧୀନସ୍ଥ ଅମଲମାନେ ଉକ୍ତ ଲୋକରୁ ବିଶେଷରୂପେ ଜାଣୁଥିଲେ ମଧ୍ୟ ତାହା ଉଦ୍ଦେଶରେ କିଛି କହନ୍ତି ନାହିଁ । ଅଳ୍ପଦିନ ହେଲା ଏ ଜିଲାର କଲେକ୍ଟର ସାହେବ ଏକବ୍ୟକ୍ତିଙ୍କୁ ଏକ କର୍ମରେ ନିଯୁକ୍ତକର ଚରୁ ଉଦ୍ଧତ ଭଗାର ତାହାଙ୍କୁ କର୍ମ ନ ଚଳାଇବାର ତାହାକୁ ବରଖାସ୍ତ କଲେ । କର୍ମ-ଶ୍ଚର ଉଦ୍ଯୋଗ କରିବାର ଯେରୂପ ପରୀକ୍ଷା ଗ୍ରହଣ ଯନ୍ୟାନ୍ୟ ଅନୁସନ୍ଧାନରେ ବିଧାନ ଅଛି ତଦନୁ-ସାରେ କାର୍ଯ୍ୟ କରିଥିଲେ ଏପରି ଘଟିବାର ସମ୍ଭାବନା ନ ଥିଲା । ଏଥିପରି ସ୍ଥଳର ଗୋଟିଏ କଥା ଅମ୍ଭମାନଙ୍କ ଶ୍ରବଣରେ ଅଛିଅଛି ବୁଦନରସୁଲ ଅଭ୍ୟପୋଷ୍ଟର ଏକିଟିଂ ହେଡ-କନଷ୍ଟବଲ ଗିରୀଇଧୀର ପ୍ରଶଂସା ଅମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ ଓ ସେ ସର୍ବତୋଭାବେ ହେଡ କନଷ୍ଟବଲ ହେବାର ଉପଯୁକ୍ତ ଥିବା ପ୍ରତ୍ୟକ୍ଷେ ପୂନରବ ଅଧ୍ୟକ୍ଷ ତାହାଙ୍କୁ ଉକ୍ତ କର୍ମରୁ ବଞ୍ଚିତ କରି ଅନେକ କନଷ୍ଟବଲଙ୍କୁ ସେ କର୍ମରେ ନିଯୁକ୍ତ କରିଅଛନ୍ତି ସେ ପୂର୍ବେ କେବେ ପ୍ରାୟ ହେଡକନଷ୍ଟବଲ କର୍ମ କରି ନାହିଁ ଉପଯୁକ୍ତ ଲୋକ ଥିବା ପ୍ରତ୍ୟକ୍ଷେ ଅନ୍ୟ ଲୋକଙ୍କୁ ନିଯୁକ୍ତ କରିବାରେ ଯେ କାର୍ଯ୍ୟର କ୍ଷେତ୍ରେ ବ୍ୟାଘାତ ହୁଅଇ ତାହା ମହତ୍ତମାନ ସରକାରମାନେ ବୁଝନ୍ତି ନାହିଁ ବଡ ଦୁଃଖର ବିଷୟ ଅଟଇ ।

---

## ଜମିଦାରଙ୍କର ଅନ୍ୟାଯ୍ୟ ଉସୁମ ନିବାରଣ ।

ଜମିଦାରମାନେ ପ୍ରଜାଙ୍କଠାରୁ ଅନ୍ୟାଯ୍ୟ ସ୍ଥଳ ଅର୍ଥାତ୍ ଉସୁମ ଇତ୍ୟାଦ ନେଉଥିବା ବିଷୟରେ ବାଲେଶ୍ୱରର କଲେକ୍ଟର ବିମ୍ସ୍ ସାହେବ ଯେଉଁ ଥୂମଧାମ କରି ଗବର୍ଣ୍ଣମେଣ୍ଟକୁ ରପୋର୍ଟ କରିଥିଲେ ତାହା ପ୍ରାୟ କାହାରିକୁ ଅବିଦିତ ନାହିଁ । ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ଏଥିକି ଯେ ରିପୋର୍ଟ କରିଅଛନ୍ତି ପାଠକମାନଙ୍କ ଜଣାଇବାକୁ ଏ ବିଷୟରେ କଲେକ୍ଟର, କମିସ୍ନର, ବୋର୍ଡ ଓ ଗବର୍ଣ୍ଣମେଣ୍ଟଙ୍କ ମଧ୍ୟରେ ଯେଉଁ ଚିଠି ପତ୍ର ଲେଖା ହୋଇଅଛି ସେ ସବୁ ମହାକରଣ ଗୁଲ୍ ହୋଇଯାଉ । ପରିଶେଷରେ ଲେଫ୍ଟେନାଣ୍ଟ ଗବର୍ଣ୍ଣର ଲେଖାନୁସାରେ ସଦାର୍ଥ ଏହି ମୀମାଂସା କରିଅଛନ୍ତି ଯେ ଉକ୍ତ ଅନ୍ୟାଯ୍ୟ ଉସୁମ ଜମିଦାର ପ୍ରଜା ଭକ୍ତି ଓ ସଦ୍ଭାବମୂଳକ ଅଟେ, ଯେ-ଉଁକ ଉସୁମ ଜମିଦାରଙ୍କଠାରୁ ପ୍ରାପ୍ତ ଲାଭ ଓ ସାହାଯ୍ୟର ପରିତୋଷ ସ୍ୱରୂପ ଅଟେ ଓ ଯେ-ଉଁକ ଉସୁମ ଉତ୍ସବର ସହ ସ୍ଥାପନ ଯଥା ଜମିଦାର ଶିରସ୍ତାରେ ନାମ ଦାଖଲ ଖାରଜ ଇତ୍ୟାଦ ପାଇଁ ଅଟେ । ଏ ପଥା ଅର୍ଦ୍ଧକାଲରୁ ପ୍ରଚଳ ଅଛି ଓ ଏ ପକ୍ଷରେ ଗବର୍ଣ୍ଣମେଣ୍ଟ ହଠାତ୍ ହସ୍ତକ୍ଷେପଣ କଲେ ପ୍ରଜାଙ୍କର କଷ୍ଟ ଅନଇଲ ହେବାର ଆଶଙ୍କା ହେଉଅଛି ବରଂ ଅନେକ ସ୍ଥଳେ ଏ ଉସୁମ ସବୁ ପ୍ରଜାଙ୍କ ପ୍ରତି ଘଟାନ୍ତ ପୀଡାଜନକ ଓ ଗବର୍ଣ୍ଣମେଣ୍ଟଙ୍କ ପ୍ରତି ନିନ୍ଦନୀୟ ଅଟଇ । କେବଳ ଯେ ଅନେକ ପ୍ରକାର ଅନ୍ୟାଯ୍ୟ ଉସୁମ ନିଆଯାଉଅଛି ଏମନ୍ତ ନୁହେ ଦୁର୍ଭିକ୍ଷ ସମୟରେ ସରକାର ଯେ ଛାଡ ଦେଲେ ତାହା ରଇୟତମାନେ ସମ୍ପୂର୍ଣ୍ଣ ନ ପାଇଲେ ଓ ସେମାନଙ୍କର ଦୁଃଖ ବିମୋଚନ-ପାଇଁ ସରକାରଙ୍କର ସକଳ ଉପାୟରୁ ଜମିଦା-ରମାନେ ନିଷ୍ଫଳ କରି ଅଛେ ଲାଭ କଲେ, ପୁଣି ବନ୍ଦୋବସ୍ତରେ ରଇୟତମାନଙ୍କୁ ଯେ ସବୁ ପ୍ରଦାନ କରି ଯାଇଅଛି ତାହା ବିଧ୍ୱଂସ କରି ନିଜ ଅଧିକାର ବୃଦ୍ଧି କରିଅଛନ୍ତି । ଅତଏବ ଏପରି ଅବସ୍ଥାରେ ଏ ପ୍ରଥା ଉଠାଇବାର ନିମନ୍ତେ ଓ ଇହାର ଉପାୟ କମିଶନରଙ୍କ ପ୍ରସ୍ତାବ ଅନୁସାରେ ନିମ୍ନଲିଖିତ ପ୍ରକାର ଅଟେ ।

୧ ମ । ନାରାୟଣ ପରମଗୁରୁ ଓ ବନମାଳର ଦାନଗୋଇଙ୍କର ବାଲେଶ୍ୱରରେ ଥିବା ଓ ଚୌଧୁରୀ ରଘୁନାଥ ଦାସଙ୍କର ପୁରୀରେ ଥିବା ଜମିଦାରୀମାନ କୋର୍ଟ କରିବାକୁ ।

୨ ଯ । ଅନ୍ୟ ଜମିଦାରମାନଙ୍କ ଭାବେ ବୁଝାଇବ ଯେ ସେମାନେ ଏହିବର୍ଷ ମଧ୍ୟରେ ଯଥାର୍ଥ ଓ ଠିକ ପଟ୍ଟା ଲାଇକା ପ୍ରସ୍ତୁତ କରିବେ ଏବଂ ଉଚିତ୍ତ ଧାରନ ଅନୁସାରେ ଜମାବନ୍ଦୀ ଦାଖଲ ଓ ଭାଇପଟ ପାଇବ ପରବର୍ତ୍ତେ ଏମା ରକ୍ଷିତ ବ୍ୟବହାର ହେବ ।

୩ ଯ । ଅଙ୍କେ ଲୋକଙ୍କ ଭଗମାଳ ମହାଲରେ ଯଦି ଉଠିବାର କାଗଜ ବନ୍ଦୋବସ୍ତ ହେବ ତ ସେ ପ୍ରଜାଙ୍କଠାରୁ କର ସଂଗ୍ରହ କରି ଅଂଶୀମାନଙ୍କୁ ସେମାନଙ୍କର ଅଂଶ ଅନୁଯାୟୀ ବଣ୍ଟନ କରି ଦେବ ।

୪ ର୍ଥ । ଗବର୍ଣ୍ଣମେଣ୍ଟ ଓ ଜମିଦାରଙ୍କ ମଧ୍ୟରେ ବନ୍ଧ କରି ଏକ ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ଦର ବରି ଏଥିର ରେକର୍ଡ ପ୍ରସ୍ତୁତ ହେବ ।

ପ୍ରଥମ ପ୍ରସ୍ତାବ ପକ୍ଷରେ ବୋର୍ଡ କହନ୍ତି ଯେ ତାହା ଅତି ସୁଉତ୍ତ ଅଟେ କାରଣ ସେ ତିନି ଜମିଦାର ଅତିଶୟ ଅତ୍ୟାଚାରୀ ଅଟନ୍ତି ଏବଂ ତାହାଙ୍କ କେତେକ ମହାଲ ଇଜାରା ଓ ଗରବେଦ । ଏଥିର ସେ ଅନେକ କାରଣ ଦର୍ଶାଇଅଛନ୍ତି । ଏପରି କୋର୍ଟ କରିବା କାରଣେ ସନ ୧୮୭୨ ସାଲର ୭ ଅଇନର ୩୯ ଧାରାରେ ସରକାରଙ୍କର କ୍ଷମତା ଅଛି । ସେ ଧାରାରେ ଲେଖେ ଯେ କୌଣସି ଜମିଦାର ହସ୍ତେ କୌଣସି ମହାଲ ରହିଲେ ଶାନ୍ତିଭଙ୍ଗ ଅଥବା ଅନ୍ୟ ପ୍ରକାର ଗୁରୁତର ଅନିଷ୍ଟ ହେବାର ଦେଭିନିଉ କାଉନ ରପୋର୍ଟ କଲେ ମହାମାନ୍ୟ ଗବର୍ଣ୍ଣରଜେନରଲ ସାହେବ ସେ ମହାଲକୁ ବାର୍ଷିକର ଅନଧିକ କାଳ ଗାସ କରାଯାଇ ପାରନ୍ତି ବା ଅନ୍ୟ କାହାରିକୁ ଇଜାରା ଦେଇ ପାରନ୍ତି । ଉପରୋକ୍ତ ତିନି ପ୍ରଥମେ କେବଳ ଉକ୍ତ ମହାଲମାନଙ୍କ ତତ ହୋଇଥିବ କିନ୍ତୁ ସନ ୧୮୭୫ ସାଲର ୪ ଅଇନର ୬ ଧାରାନୁସାରେ ତାହା ସମସ୍ତ ମହାଲ ପ୍ରତି ଖାଟିବାର ନିୟମ ହୋଇଅଛି । ଯେତେ ଦିନ ଏ ଜମିଦାରମାନ କୋର୍ଟ ରହିବ ତେତେ ଦିନ ଜମିଦାରମାନେ ନିଜ ଲାଭ ଉପରେ କେବଳ ମାଲିକାନା ପାଇବେ ।

ଦ୍ୱିତୀୟ ପ୍ରସ୍ତାବ ବିଷୟରେ ବୋର୍ଡ ଲେଖନ୍ତି ଯେ ସମସ୍ତ ଜମିଦାରମାନଙ୍କୁ ନିଶ୍ଚୟ କହିଦେବ ଯେ ସେମାନେ ବର୍ଷେ ମଧ୍ୟରେ ଜମାବନ୍ଦି ଦାଖଲ ଓ ପାଉଣା ପଟ୍ଟା ଦେବେ ଓ ଜମିଦାରର କାର୍ଯ୍ୟ ଯଥାର୍ଥରୂପେ ନିର୍ବାହ ନ କଲେ ସେମାନଙ୍କର ଜମିଦାରୀ ସବୁ କୋର୍ଟ କରାଯିବ ଓ ସେହି ଏ ବିଷୟରେ କଲେକ୍ଟରଙ୍କର ସାହାଯ୍ୟ ଓ ସହ ମତ ଗ୍ରହଣ କରି ତାହା କରାଯିବ ।

ତୃତୀୟ ପ୍ରସ୍ତାବ ପକ୍ଷରେ ବୋର୍ଡ କହନ୍ତି ଯେ ଉକ୍ତ ମହାଲରେ ଜଣେ ତହସିଲଦାର ନିଯୁକ୍ତ କରିବା କାରଣେ ସମସ୍ତ ଅଂଶିମାନଙ୍କୁ ରାଜି କରାଇବାର ସୁବିଧାର ଉପାୟ ଅଟଇ । ଏ ପ୍ରସ୍ତାବ ଅତି ଉତ୍ତମ ଓ ଅବଶ୍ୟ ହେବା ଉଚିତ୍ ବର୍ତ୍ତମାନ ଏଥିର ମୀମାଂସା ନ ହେବା କାରଣ ଏଥିମଧ୍ୟ ସମ୍ପୂର୍ଣ୍ଣରୂପେ ସୁବିଧା ବୋର୍ଡଙ୍କ ବିବେଚନାଧୀନରେ ଅଛି ସେ ପକ୍ଷରେ ଯଥୋଚିତ ପୃଥକ ଆଜ୍ଞା ପ୍ରଦାନ ହେବ ।

ଚତୁର୍ଥ ପ୍ରସ୍ତାବ ପକ୍ଷରେ ବୋର୍ଡ କହନ୍ତି

ଯେ ତାହା ବର୍ତ୍ତମାନ ଆବଶ୍ୟକ ନାହିଁ ଏଥିରେ ଅନେକ ଗର୍ତ୍ତା ଘଟିବ ଓ ନୂତନ ବନ୍ଦୋବସ୍ତ ନିଷ୍ଫଳ ହେବ ଯେସ୍ଥଳେ ସନ ୧୮୬୭ ରେ ଶେଷ ହେବା ମିଆଦ ଆଉ ବ ୩୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରା ହୋଇଅଛି ସେସ୍ଥଳେ ବର୍ତ୍ତମାନ ବନ୍ଦୋବସ୍ତ କରିବାର ଅନୁଚିତ । ଅନ୍ୟ ପ୍ରସ୍ତାବାନୁସାରେ କାର୍ଯ୍ୟର ଫଳ ଦେଖିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ।

ବୋର୍ଡ଼ ଆଉ ଗୋଟିଏ ପ୍ରସ୍ତାବ କରିଅଛନ୍ତି ଯେ ବିନସ୍ସାହେବଙ୍କ ପ୍ରସ୍ତାବିତ ହ୍ରାସାନୁଭାବ ରକ୍ଷିବା ସକାଶେ ସନ ୧୮୧୨ ସାଲର ଆ ୮ ନର ଧା ୧୬ ଅନୁସାରେ ପଟ୍ଟାଅରମାନଙ୍କପ୍ରତି ଓ ଯେଉଁ ମାହାଲମାନଙ୍କରେ ପଟ୍ଟାଅର ନାହିଁ ସେଥିର ଜମିଦାରଙ୍କପ୍ରତି ଧା ୨୩ ଅନୁସାରେ ଆଦେଶ କରାଯିବ ଏବଂ ଖାଜଗୋଇମାନେ ସେ ହ୍ରାସାନୁଭାବ ଉଦ୍ଧାର କରି ପାଇବେ ।

ଲେଫ୍ଟେନେଣ୍ଟ ଗବର୍ଣ୍ଣର କାମ୍ବେଲସାହେବ ଉପର୍ଯ୍ୟୁକ୍ତ ପ୍ରସ୍ତାବ ସମ୍ବନ୍ଧରେ ସମ୍ମତ ହୋଇ ସେ ଉକ୍ତ ଜମିଦାରଙ୍କ ଜମିଦାରମାନ ଲୋପକ କରିବା ପାଇଁ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବଙ୍କର ଆଜ୍ଞା ପ୍ରାର୍ଥନା କରିଅଛନ୍ତି କାମ୍ବେଲସାହେବ କହନ୍ତି ଯେ ଓଡ଼ିଶାରେ ଯେପରି ଜମାଜାତ ବନ୍ଦୋବସ୍ତ ହୋଇଅଛି ସେପରି ବାଙ୍ଗଲାର କୌଣସି ପ୍ରଦେଶରେ ହୋଇ ନାହିଁ ଓ ରୟତମାନଙ୍କୁ ଅନେକ ପ୍ରକାର ସତ୍ତ୍ୱାଧିକାର ଦିଆ ଯାଇଅଛି କିନ୍ତୁ ଜମିଦାରଙ୍କଠାରୁ ସେସବୁ ରକ୍ଷିତ ହୋଇଅଛି । ସେମାନେ ଆଜ ପର୍ଯ୍ୟନ୍ତ … କରି କର ଅତିଶୟ ବୃଦ୍ଧି କରିଅଛନ୍ତି ଓ ନାନାପ୍ରକାର … ସଂକ୍ଷେପରେ ରୟତମାନେ ଜମିଦାରଙ୍କ ସମ୍ପୂର୍ଣ୍ଣରୂପେ ସ୍ୱେଚ୍ଛାଧୀନ ହୋଇଅଛନ୍ତି । ଦୁର୍ଭିକ୍ଷସମୟରେ ରୟତମାନଙ୍କୁ ଯେ କ୍ଷତ … ସରକାରର … ତାହା ସେମାନେ ନ ପାଇଲେ କେବଳ ଏହି ଉଦ୍ଦେଶ୍ୟରେ ବନ୍ଦୋବସ୍ତର ମିଆଦ ବୃଦ୍ଧି କରାଗଲା ଯେ ଦୁର୍ଭିକ୍ଷ ପୀଡ଼ିତ ପ୍ରଜାମାନେ … ବର୍ଷ … ଭୂମି ଭୋଗ କରି ଆପଣା ଅବସ୍ଥାର ଉନ୍ନତ କରିପାରିବେ କିନ୍ତୁ ଏ ଆଶା ସମ୍ପୂର୍ଣ୍ଣରୂପେ ନିଷ୍ଫଳ ହୋଇଅଛି ଯେହେତୁ ଜମିଦାରମାନେ ସ୍ୱେଚ୍ଛାନୁସାରେ ଉପଯୁକ୍ତରୂପେ କର ବୃଦ୍ଧି କରି ଅଛନ୍ତି ଓ ପ୍ରଜାଙ୍କଠାରୁ କେତେ ପ୍ରକାରରେ … ନେଉଅଛନ୍ତି । ଅତଏବ ଅତୀବ ନୂତନ ବନ୍ଦୋବସ୍ତ କରିବାର ଆବଶ୍ୟକ । ଏହାର ପକ୍ଷରେ ସନ ୧୮୬୭ ସାଲର ରୟତମାନ … ପରବର୍ତ୍ତ କର ଜମିଦାର ଓ ରୟତଙ୍କର ସତ୍ତ୍ୱାଧିକାର ଲିଖିତ କରାଯିବ ଓ ଏଥିର ବ୍ୟୟ କମିଶ୍ନରଙ୍କ ପ୍ରସ୍ତାବାନୁସାରେ ଜମିଦାରଙ୍କଠାରୁ ଆଦାୟ ହେବ । କାମ୍ବେଲସାହେବ ଏହି ପ୍ରକାର ଅନେକ ସ୍ମରଣ ଲେଖି ଅଛନ୍ତି ଏବଂ ଓଡ଼ିଶା ଜମିଦାରଙ୍କର ବିଶେଷ … ଓ କମିଶ୍ନର ଓ ବିନସ୍ସାହେବଙ୍କର ପ୍ରଶଂସା କରି ସେମାନଙ୍କୁ ଧନ୍ୟବାଦ ଦେଇ ଅଛନ୍ତି । ତାଙ୍କର ସ୍ଥୂଳ ପ୍ରସ୍ତାବରେ ଗବର୍ଣ୍ଣର ଜେନରଲ ସାହେବ ସମ୍ମତି ପ୍ରଦାନ କଲେ ସେ ଏଥିର ବିସ୍ତାରିତ ପ୍ରସ୍ତାବ ଓ ନିୟମାବଳୀ କରିବେ ।

କାମ୍ବେଲସାହେବ ଉପର୍ଯ୍ୟୁକ୍ତ ମର୍ମ୍ମର ଚିଠି … ସାହେବଙ୍କ ସମୀପକୁ ଲେଖି … ପ୍ରତି ଆଦେଶ କରିଅଛନ୍ତି ଯେ ପୂର୍ବୋକ୍ତ ପ୍ରସ୍ତାବ ଅନୁଯାଇ … ଫାରମରେ ଜମାବନ୍ଦି … ବ୍ୟବହାର କରିବା ସକାଶେ ଜମିଦାରମାନଙ୍କୁ ବିଜ୍ଞାପନ ଦେବେ ଏବଂ ବୋର୍ଡ଼ଙ୍କ ସେ ପ୍ରସ୍ତାବାନୁସାରେ ପଟ୍ଟାଅର ଓ ଜମିଦାରମାନେ ହ୍ରାସାନୁଭାବ ରକ୍ଷିବା ଓ ସେସବୁ … ଉଦ୍ଧାର କରିବା ସକାଶେ ସେମାନଙ୍କପ୍ରତି ଆଜ୍ଞା ଦେବେ ।

ବୋର୍ଡ଼ ଏ ଆଜ୍ଞା କଲେକ୍ଟରମାନଙ୍କ ନିକଟକୁ ପଠାଇ ବିଜ୍ଞାପନ ଓ ଜମାବନ୍ଦି … ଫାରମ … କରି ଅଛନ୍ତି ଏବଂ … ପ୍ରଦେଶରେ ପଟ୍ଟାଅର ପ୍ରଥାର ନିୟମାବଳୀ ପଠାଇ ଲେଖିଅଛନ୍ତି ଯେ … ଓଡ଼ିଶା ଅବସ୍ଥା ଦୃଷ୍ଟିରେ ନିୟମମାନ ପ୍ରସ୍ତୁତ କରି ତାଙ୍କର ସମ୍ମତ ନିମିତ୍ତ ପଠାଇବାକୁ ହେବ । ଏହାପରେ … ଶେଷ ହେଲା ଏଣିକି ଅମ୍ଭମାନଙ୍କର ମନ୍ତବ୍ୟ ଲେଖିବାକୁ … ଏ ପ୍ରବନ୍ଧ ସୁଦୀର୍ଘ ହୋଇଥିବାରୁ ସେଥିରୁ … କେବଳ ଏତିକ ମାତ୍ର ବୋଲୁଅଛୁଁ ଯେ ଜମିଦାରମାନେ ବଳପୂର୍ବକ ନେଉଥିବା … ନୁହେ ବୋଲି ଯେ ଅମ୍ଭେମାନେ … ଲେଖିଅଛୁଁ ସେହି ପ୍ରକାର … କମିଶ୍ନର … ଅନ୍ୟାୟ ନୁହେ ବୋଲି … ଲେଖିଲେ ଓ ବୋର୍ଡ଼ ତଦନୁସାରେ ମୀମାଂସା କଲେ ଏଥିରେ ଅମ୍ଭେମାନେ ବଡ ସନ୍ତୁଷ୍ଟ ହୋଇଅଛୁଁ । କମିଶ୍ନର ଆହୁରି ଲେଖିଥିଲେ ଯେ ଏ … ନ କର … କରିବାର ଆବଶ୍ୟକ … ସ୍ଥଳରେ ତାହା … ଉପାୟ … । ଯାହା ହେଉ ବର୍ତ୍ତମାନ ଏବିଷୟ ଅମ୍ଭମାନଙ୍କର ସୁବିବେଚକ ଗବର୍ଣ୍ଣର ଜେନରଲ ସାହେବଙ୍କ ବିଚାରାଧୀନରେ ଅଛି ତାଙ୍କର ଆଜ୍ଞାକୁ ଅପେକ୍ଷା କରି ରହିଲୁଁ । କିନ୍ତୁ ଏଥି ବୋଲି ଜମିଦାରମାନଙ୍କର ଅପେକ୍ଷା କରି ରହିବାର ଉଚିତ ନୁହଇ । ଗବର୍ଣ୍ଣର ଜେନରଲ ବର୍ତ୍ତମାନ … ଯାହା … କରିବେ ଜମିଦାରମାନଙ୍କର … ଏକଇରଫା … ଜମିଦାରଙ୍କର … ଅତଏବ ଅମ୍ଭେମାନେ ବୋଧକରୁଁ ଯେ ଜମିଦାରମାନେ ଶୀଘ୍ର ଆପଣା ମଧ୍ୟରେ … ଯାହାର ଆପତ୍ତି କରିବାର ଆବଶ୍ୟକ ବୋଧ କରନ୍ତି ସେବେ ଲେଖି ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ସମୀପକୁ ଆବେଦନ ପଠାଇନ୍ତୁ ବର୍ତ୍ତମାନ … ନ କଲେ ପଛେ କେହି ଶୁଣିବ ନାହିଁ ।

## ସାପ୍ତାହିକ ସଂବାଦ ।

ଗତମଙ୍ଗଳବାର ତା ୯ … ରେ … ସଭା … ହୋଇଥିଲା । ଏଥିରେ … ଇଂରେଜ ଓ … ଜଣ ଦେଶୀୟ ସଭ୍ୟ ଉପସ୍ଥିତ ଥିଲେ ଏ ସଭାରେ କେବଳ ଗୋଟିଏ ସାମାନ୍ୟ ପ୍ରସ୍ତାବ … ଆଉ କିଛି କାର୍ଯ୍ୟ ହୋଇ ନାହିଁ, ସେ ପ୍ରସ୍ତାବମାନ ଏହି ଯେ ।

୧ … ସାହେବ … ସଭାପତି ହେଲେ, କାରଣ … ସାହେବ ବର୍ତ୍ତମାନ … ଓ … ହୋଇଅଛନ୍ତି ।

୨ ଏବର୍ଷ … ସଂଗ୍ରହ ହୋଇ ନ ପାରିବାରୁ … ବନାଇବା ସକାଶେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୁ ୪୯୭୦୦ ଟଙ୍କା ପ୍ରାର୍ଥନା କରାଯିବ ।

୩ ଏବର୍ଷର ଏଷ୍ଟିମେଟ ସଂଶୋଧନ କରିବା ସକାଶେ ଗତମଙ୍ଗଳବାର ତା ୧୮ ରେ ସଭା ହେବ ।

ଏତେ କାର୍ଯ୍ୟ କରିବାକୁ … ଏକାର୍ଯ୍ୟ ନିଅଣ୍ଟ । ସେମାନଙ୍କ ମଧ୍ୟରେ କି ଜଣେ … କାର୍ଯ୍ୟର … ଜାଣନ୍ତି ନାହିଁ ? କେବଳ ଏହି ସଭାର କାର୍ଯ୍ୟ ଉପଲକ୍ଷରେ ଯେ ଅମ୍ଭ-

Split by PDF Splitter
Digitized by srujanika@gmail.com

ମାନେ ଏମନ୍ତ କହୁଅଛନ୍ତି ଏମନ୍ତ ନୁହେ ବଗଡ ଦୂର ହେବା ଧାଉନଡମିଟୀର ସଭ୍ୟେ ସେମାନଙ୍କର ଏହି ପ୍ରକାର ବିଶୃଙ୍ଖଳଯୁକ୍ତ କାର୍ଯ୍ୟ ଦେଖିଅଛୁଁ । ଏଜା ମେକଫର୍ସନ ସାହେବ ନ ଥିବାରୁ କମେଟ୍ରୀ ବଶୀ ହୋଇଅଛନ୍ତି କି ? କି ଆଶ୍ଚର୍ଯ୍ୟ !

ବଲେସୋର ଡିପୋଟୀକଲେକ୍ଟର ବାବୁ ନନ୍ଦକିଶୋର ଦାସ ବର୍ତ୍ତମାନ ତା ୧୪ ରୁଣ ଠାରୁ ଦଶ ଦିନର ଛୁଟୀ ପାଇଅଛନ୍ତି ।

ଡେପୁଟୀକଲେକ୍ଟର ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଯେ ବର୍ତ୍ତମାନ ସବୟେଣ୍ଟ ଅ-ଛନ୍ତି ସ୍ୱସ୍ଥାନକୁ କଟକକୁ ବଦଲି ହେଲେ । ବାବୁ ହରଚନ୍ଦ୍ରଘୋଷ ଡେପୁଟୀକଲେକ୍ଟର ପେନସନ ଗ୍ରହଣପୂର୍ବକ କର୍ମ ତ୍ୟାଗର ପ୍ରାର୍ଥନା କରିଥିବାରୁ ତାହାଙ୍କ କର୍ମରେ ରଙ୍ଗଲାଲବାବୁ ଆସୁଅଛନ୍ତି ବୋଲି ଶୁଣାଯାଏ । ରଙ୍ଗଲାଲବାବୁ ଆମ୍ଭମାନଙ୍କର ପୂର୍ବ ପରିଚିତ ଲୋକ ଅଟନ୍ତି । ଏହାଙ୍କ ବଦଳିରେ ଏଠାର ଅନେକଙ୍କର ଆନନ୍ଦିତ ହେବେ ।

ଶ୍ରୀଯୁକ୍ତ ସି ଏଫ ମାକଡନଲ୍ଡସାହେବ କଟକର ବଡଗୀତୋଲ ସବଡିବିଜନରେ ଏକଷ୍ଟ୍ରା ଆସିଷ୍ଟାଣ୍ଟ କମିସନର ହୋଇଅଛନ୍ତି ।

---

### ପ୍ରେରିତ ପତ୍ର ।

---

ମହାଶୟ !

ଆପଣଙ୍କୁ କୋଟିଏ ସାମାନ୍ୟ କଥା ପଚାରିବାକୁ ଇଚ୍ଛା କରେଁ, ଆସନ୍ତା ପତ୍ରିକାରେ ଆପଣଙ୍କ ମତ ପ୍ରକାଶ କରି ବାଧିତ କରିବା ହେବେ ।

ଜଣେ କମ୍ପୋଜିଟର ଏକଜଣଙ୍କୁ ୫ ୧୯ ଟଙ୍କା ଦେଇ ସ୍ୱକାର ମୋହର କିଣିବାକୁ ପଠାଇଲେ ସେ ଯାଇ ମୋହର ଦୋକାନରେ ଦେଖିଲେ ଯେ ମୋହର ଦାମ୍ ଓ ମୋହର କଟାଇବା ଖର୍ଚ୍ଚରେ ୫ ୨୦ ଟିଏ ଲଗେ ହୋଇ ଅଛି ଓ ତାହାର ଟଙ୍କାର ଅଭାବ ଥିଲା ! ସେ ଚାହିଁଲା ଯେ ମୋହର ଟଙ୍କାର ଅବଶ୍ୟକ ଅଛି, ଅତଏବ ଆପଣ ନୋଟ୍‌ଟିଏ ହେଲା ମୋଟରେ ୫ ୨୦ ଟଙ୍କା ଦେଇଲୁ । ଏହିଁରେ ଦେଖା ମହାଶୟ ସେ ୫ ୧୯ ଟଙ୍କା ଓ ନମ୍ବରରୁ ୫ ୧ ଟଙ୍କା ( ଏ ଟଙ୍କାଟି ଜଣେ ତାଙ୍କୁ ଔଷଧ କିଣିବାକୁ ଦେଇଥିଲା ) ଏପରି ଯୋଡିଏ ଟଙ୍କା ଦେଇ ନୋଟଟି ଅଣାଇଲେ ଓ ତଳ୍ପରେ ଜଣଇଲେ ଓ ତହିଁରୁ ଅଣିକୋଡିଏ ଟଙ୍କା ତାହାର କରି ଔଷଧ ଅଣି ଯାହାଙ୍କର ଔଷଧର ପ୍ରୟୋଜନ ଥିଲା ତାଙ୍କୁ ଦେଲେ । ଅତଏବ ତାଙ୍କୁ କେତେ ଟଙ୍କା ଦେବାକୁ ପଡିବ ?

କେତେକ ସୁପଣ୍ଡିତ ମହାଶୟଙ୍କ ତାଙ୍କୁ ୫ ୨୧ ଟଙ୍କା ଦେବାକୁ ପଡିଲା ବୋଲି କହନ୍ତି ଓ ଅନ୍ୟମାନଙ୍କରେ (ମୋଜନତ ଯାହା ଶିକ୍ଷା ହୋଇଅଛି ଅର୍ଥାତ୍ ୫ ୨୦ ଥିବାରୁ ) ନାନା ବିବାଦ କରି ପ୍ରକାର ପର୍ଯ୍ୟନ୍ତ କରିବାକୁ ଉଦ୍ୟତ ହେଲେ । ତହିଁରେ ମୁଁ ତାଙ୍କର ମତରେ ସମ୍ମତ ହୋଇ ଅସିଲି ।

ମୁଁ ଜାଣେ ଯେ ମୁଁ ଯେତେଥର ଆପଣଙ୍କୁ କିଛି କଷ୍ଟ ପତ୍ରରେ ଅପଣ ତାହାର ଉତ୍ତର କରନ୍ତି । ମାଂ ଏଥର ଯେମନ୍ତ ସେହିପ୍ରକାର ହେବ । ଇତି ।

କେହି ଆପଣଙ୍କ ପତ୍ରିକାପାଠକ ।

---

ମାନ୍ୟବର ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ସବିନୟ ନିବେଦନମ୍

ମହାଶୟ ! ନିମ୍ନଲିଖିତ କେତେକ ଖବରଟି ଅପଣଙ୍କ ପତ୍ରିକାରେ ପ୍ରକଟନ କରି ବାଧିତ କରିବା ହେବେ ।

୧ । ଗତ ବର୍ଷର ହୁଲବାଦଳର ମେମ୍ବରମାନେ ମୋଜନ୍ଦବକେ ଉପବେଶନ ପୂର୍ବକ ସବୁକାର୍ଯ୍ୟ ନିର୍ବାହ କଲେ ।

୨ । ସଭ୍ୟମାନଙ୍କ ମଧ୍ୟରୁ ଜଣେ ସାଧୋଧାରଙ୍କ ଯତ୍ନ ପ୍ରଦର୍ଶନ କରୁଅଛନ୍ତି । ଏଥିପୂର୍ବେ ପ୍ରକାଶ ଅଛି ଖଞ୍ଜନାଳ ଓ ଜଗାଗା ପର୍ଟନ ଟେଷ୍ଟର ଉଚ୍ଚଶ୍ରେଣୀସ୍ଥ ଛାତ୍ରମାନଙ୍କ ମଧ୍ୟରୁ ଯେଉଁମାନେ ଓଡ଼ିଆଭାଷା ପରୀକ୍ଷାରେ ଫେଲ୍ କରିବେ ସେମାନଙ୍କୁ ଗବର୍ଣ୍ଣମେଣ୍ଟ ୫୨ ୦୦ ଟଙ୍କା ପାରିତୋଷିକ ଦାନ କରିବେ । ତାହା ହେଲେ ମଧ୍ୟ କହୁଛି ବନାଙ୍ଗର୍ତ୍ତ ଯାଗରୁବାର ଲଙ୍ଗଳାଗତ ଦୁଃସାହସୀମାନେ ବହୁକାର୍ଯ୍ୟ କରନ୍ତି ତେଲିଙ୍ଗ ଓ ପ୍ରାକୃତଭାଷା ପ୍ରତି ଦୃଷ୍ଟିପାତ ନ କରି କେବଳ ପାରିତୋଷିକ ଲୋଭରେ ଅଧୀନ ପଡ଼ିନ ପୂର୍ବକ ଭାଷାରେ ଶ୍ରେଷ୍ଠତାର କରିବେ ତାହା କଠିନ ମାତ୍ର । କିନ୍ତୁ ସେ କଠିନ ଭଲ୍ଲା ନାହିଁ । ଗବର୍ଣ୍ଣମେଣ୍ଟ ଓଡ଼ିଆ ସର୍କାର୍ ରକ୍ଷିବାକୁ ଅନୁମତ ଦେଲେ । ମଧ୍ୟ ତାହା ଶୁଣିବାକୁ ହେଲ ମାତ୍ର କାର୍ଯ୍ୟ ଉପଯୁକ୍ତ ହୋଇ ନାହିଁ । ଯାହା କେତେ ଲୋକେକ ଦଶାବଶ୍ୟ ଉତ୍କଳବନ୍ଧୁ ପରଚୟୀ, ଶ୍ରୀଯୁକ୍ତ ଏ...

ଏଜାରସାହେବ ମହୋଦୟ ; ମାନ୍ୟବର କଟକ ପଦେଶସ୍ଥ କମିସନର ସାହେବଙ୍କ ଅଧ୍ୟାନରୁ ଇନ୍‌ସ୍‌ପେକ୍‌ଟର କାର୍ଯ୍ୟରେ ଯୁକ୍ତ ହେବା, ଏ ସ୍କୁଲର ଉଚ୍ଚଶ୍ରେଣୀସ୍ଥ କର୍ମଚାରୀମାନଙ୍କ ଉତ୍ସାହ ଦାନ କରିଅଛି । ଅତଏବ ସବସ୍ତମାନଙ୍କ ଉକ୍ତ କମିସନରଙ୍କ କାର୍ଯ୍ୟଦକ୍ଷତା ଚତୁରତା ଓ ତେଜସ୍ୱିତା ପ୍ରଜାମାନଙ୍କର ଆନନ୍ଦ ସହକାରେ ଧନ୍ୟବାଦ କରିବାକୁ ହେଲା ।

୩ । ଗଞ୍ଜାମ ସ୍କୁଲର ସୁତ ଓଡ଼ିଆଭାଷାକୁ ପ୍ରାଣପ୍ରଦାୟକ ଶ୍ରୀଯୁକ୍ତ କର୍ଣ୍ଣେଲ, ଅର୍ ଏମ, ମଗ୍ରୁନେଲ୍ଡ ସାହେବ ମହୋଦୟଙ୍କ ସମୀପରୁ ଏ ସ୍କୁଲର କେତେକ ଛାତ୍ରମାନଙ୍କର ସ୍ୱାକ୍ଷରରେ ଏକ ଅଭିନନ୍ଦନ ପତ୍ର ପ୍ରେରଣ କରିବାକୁ ତେବ ଅତଏବ ବ୍ରହ୍ମପୁରସ୍ଥ ଉତ୍କଳ ହିତବାଦିନୀ ସଭାର ମେମ୍ବରମାନେ; ସ୍କୁଲର ଛାତ୍ର ଓ ଭଦ୍ରବ୍ୟକ୍ତିମାନଙ୍କୁ ପ୍ରାର୍ଥନା କରୁଅଛନ୍ତି । ସେମାନେ ଆପଣା ଆପଣା ଅଧୀନସ୍ଥ ବା ସମୀପବର୍ତ୍ତୀ ଓଡ଼ିଆମାନଙ୍କର ସମ୍ମତିକ୍ରମେ ସେହି ସ୍ୱାକ୍ଷରର କାଗଜ ହିତବାଦିନୀର ସମ୍ପାଦକ ଅର୍ଥାତ୍ ଲେକ୍‌ବୋର୍ଡ଼ ସିରସ୍ତାଦାର ଶ୍ରୀଯୁକ୍ତ ବାବୁ ଦାଶରଥି ମହାନ୍ତିଙ୍କ ସମୀପକୁ ପ୍ରେରଣ କରନ୍ତୁ । ପୁନଶ୍ଚ ଉତ୍କଳବାସୀ ବନ୍ଧୁବାନ୍ଧବମାନଙ୍କୁ ହେବାନିମିତ୍ତ୍ୟ ବାର୍ତ୍ତା ଅବଗତାର୍ଥେ ଉତ୍କଳ ସମ୍ପାଦକ ଲିଖନ କରିବାକୁ ଆମ୍ଭେମାନେ, ଅନୁରୋଧ କରୁଅଛୁଁ । ଏ ବିଷୟରେ ଯେଉଁମାନେ ଇଚ୍ଛୁକ ହେବେ ସେମାନେ ଉପରୋକ୍ତ ସିରସ୍ତାଦାର ବାବୁଙ୍କ ସମୀପକୁ ପତ୍ର ପଠାଇଲେ ସମ୍ପାଦକଙ୍କ ବିଶେଷ ବିବରଣ ବୁଝି ପାରିବେ ।

ଉତ୍କଳ ହିତବାଦିନୀ ସଭ୍ୟ
ସମୂହ ।

---

## NOTICE.

---

"Wanted a Sub-Inispector of Schools in the Sadr. Sub-District of Pooree salary Rs. 30 rising by annual additions of Rs. 2 to Rs. 50.

Apply to Magistrate, Pooree before the 25th, Instant."

J. C. Geddes,
Offg. Magistrate.

---

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ... ସଂଖ୍ୟା ... | ତା୨୬ରିଖ ଅପ୍ରେଲ ସନ୧୮୭୩ମସିହା । ମୂ । ବୈଶାଖ ୧୫ଦିନ ସନ୧୨୮୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୨॥ ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩ ମଫସଲ ପାଇଁ ଡାକମାସୁଲ ୧॥


ବୃଷ୍ଟି ଅଭାବରୁ ଗତ ଦୁଇ ସପ୍ତାହରେ ଅତିଶୟ କ୍ଲେଶ ହୋଇଥିଲା । ଦିବସରେ ଲୋକେ ଶଙ୍କରେ ଘର ବାହାର ପାଦ ନ ଥିଲେ ବା ଗ୍ରୀଷ୍ମ ହେତୁ ଘରେ ଶୋଇପାରୁ ନ ଥିଲେ । ଗତ ରବିବାର ସକାଳ ଓ ସନ୍ଧ୍ୟାରେ ଉତ୍ତମରୂପ ବୃଷ୍ଟି ହେବାରୁ ଏସପ୍ତାହ ଶୀତରେ ଅତିବାହିତ ହୋଇଅଛି । ବୋଧ ହୁଏ ଏ ବୃଷ୍ଟି ଫଳରୁ ସ୍ୱାସ୍ଥ୍ୟ ଭଲ ହୋଇଅଛି ଓ କୃଷିକର୍ମ ପକ୍ଷରେ ଉପକାର କରିଅଛି । ଅନେକ ସ୍ଥଳରେ ଜଳ ଅଭାବରୁ ଚାଲିବୁ ହଳ ଯାଉ ନ ଥିଲା ପୁଣି ମଧ୍ୟ ଏଥିରୁ ଉତ୍ତମରୂପ ବୃଷ୍ଟି ହେବାର ଶୁଣା ଯାଉଅଛି ।

---

ଗତ ପ୍ରକାଶିତ ସାପ୍ତାହିକ ରିପୋର୍ଟ ଦେଖିବାରେ ଜଣାଗଲା ଯେ ଏ ନଗରର ଗବର୍ଣ୍ଣମେଣ୍ଟ ଉତ୍କଳ ଅନୁବାଦକ ମହାଶୟ ଫିଟିକାଲୁ ଏକାବେଳକେ ପାସୋରି ଯାଇଛନ୍ତି । ପୂର୍ବେ ତିନିମାସ ଥିଲେ ପ୍ରାୟ କେତେକ ବିଷୟ ଅନୁବାଦ କରି ପଠାଇଥିଲେ ପୁନଶ୍ଚ ଏଥର କିଛି ଲେଖି ପଠାଇବାର ଦେଖାଗଲା ଏମଧ୍ୟ ନ କରି ପ୍ରତିସପ୍ତାହର ପତ୍ରିକାରେ ଯାହା କିଛି ଅନୁବାଦର ଯୋଗ୍ୟ ଦେଖନ୍ତି ତାହା ତତ୍କ୍ଷଣାତ୍ ଲେଖି ପଠାଇଥିଲେ ଆମ୍ଭମାନଙ୍କର ଆକ୍ଷେପ କରିବାର କୌଣସି କାରଣ ରହନ୍ତା ନାହିଁ । ଏପରି ହେଲେ ପ୍ରତିସପ୍ତାହରେ ନ ହେଉ ମାସରେ ଦୁଇ ତିନଥର ହେଲେ ସାପ୍ତାହିକ ରିପୋର୍ଟରେ ଅନୁବାଦ ପ୍ରକାଶ ହେଉଥାନ୍ତା ।

---

ବିଶେଷ ଯାହା ଉପଲକ୍ଷରେ ଲୋକମାନେ ବାଟରେ ଜମାଜେରୁ ପୂର୍ବକ ଦଳବଦ୍ଧ ହୋଇ ଅଶ୍ଳୀଳଭାଷା ଓ ଲଜ୍ଜାକର ଅଙ୍ଗଭଙ୍ଗୀ ସର୍ବସାଧାରଣଙ୍କୁ ବିରକ୍ତ କରନ୍ତି । କଲିକତା ସହରରେ ପୁଣି ଏପ୍ରକାର ଘଟଣା ପ୍ରତିବର୍ଷ ଅନେକଥର ହେଉଥିବାରୁ ପୁଲିସଦ୍ୱାରା ତାହା ନିବାରଣ କରିବାପାଇଁ ଅନେକ ଲୋକ ଅନୁରୋଧ କରନ୍ତି । ଏସବୁ କାର୍ଯ୍ୟ ଅନେକ ସ୍ଥଳରେ ଧର୍ମସଂକ୍ରାନ୍ତ ବୋଲି ଏଥିରେ ଗବର୍ଣ୍ଣମେଣ୍ଟ ହସ୍ତ କ୍ଷେପଣ କରନ୍ତି ନାହିଁ କିନ୍ତୁ ଆମ୍ଭେମାନେ ଡେଲିନ୍ୟୁସଙ୍କ ସହିତ ଐକ୍ୟ ହୋଇ କହୁଅଛୁଁ ଯେ ଏପ୍ରକାର କାର୍ଯ୍ୟ ନିଷେଧ ପକ୍ଷରେ କିଛି ଉପାୟ ହେଲେ ଭଲ ହୁଅନ୍ତା । ଓଡ଼ିଶାରେ ଯେଉଁ ଯାତ୍ରା ହୁଅଇ ସେଥିରେ ପ୍ରାୟ ଅଶ୍ଳୀଳଭାଷା ବ୍ୟବହାର ହୁଅଇ ଓ ନାନାପ୍ରକାର କୁତ୍ସିତ ପୁଅଙ୍ଗ ବାହାର ହୁଅଇ ଭଦ୍ରଲୋକମାନେ ଏହା ଦେଖି ସନ୍ତୁଷ୍ଟ ହୁଅନ୍ତି କିନ୍ତୁ ସୁନୀତି ପକ୍ଷରେ ଏହା କେତେ ଅନିଷ୍ଟକର ତାହା କେହୁ ଥରେ ଭାବନ୍ତି ନାହିଁ । ଏକ ଏକ ସ୍ଥଳରେ ପରିବାରସ୍ଥ ସମସ୍ତ ଲୋକ ଏକମେଳ ହୋଇ ଏପ୍ରକାର କୁତ୍ସିତ ଯାତ୍ରା ଦେଖୁଥାନ୍ତି ଓ କିଞ୍ଚିନ୍ମାତ୍ର ଲଜ୍ଜା ବୋଧ କରନ୍ତି ନାହିଁ । ଏକଥା କହି ଶୋଚନୀୟ ଅଟଇ ଏଥିରେ କେବଳ ଅସଭ୍ୟତା ପ୍ରକାଶ ହୁଅଇ ଏମନ୍ତ ନୁହଇ ମନୁଷ୍ୟଙ୍କର ସ୍ୱାଭାବିକ ନୀତିଜ୍ଞାନକୁ ପ୍ରାପ୍ତ ହୁଅଇ ଯାହାନ୍ତି ଏପ୍ରକାର ଲଜ୍ଜାକର ବ୍ୟାପାର ଉଠାଇଦେଇ ସତ୍-ପ୍ରଣାଳୀରେ ଯାତ୍ରା କଲେ ବଡ଼ ଭଲ ହେବ ଓ ଆମ୍ଭେମାନେ ଜାଣୁଅଛୁଁ ଯେ କୌଣସି ଯାତ୍ରାରେ କୁତ୍ସିତ ପୁଅଙ୍ଗ ବାହାରୁଥିଲେ ତମ୍ପା ପଣ୍ଡିତ୍ୟର ଅଶ୍ଳୀଳ ଓ ଅସଭ୍ୟଭାଷା ବ୍ୟବହାର ହେଉଥିଲେ ଭଦ୍ରମଣ୍ଡଳୀରେ ତାହା ଯାତ୍ରାର ଯେମନ୍ତ ପ୍ରଦର୍ଶନ ନ ହୁଅଇ ସୁସଭ୍ୟ ଓ ବୁଦ୍ଧିମନ୍ତ ଲୋକମାନେ ଏପକ୍ଷରେ ଯତ୍ନ କରିବେ ।

---

ଆମ୍ଭମାନଙ୍କର ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବ କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ପ୍ରାପ୍ୟ ଜଜର କଲେକ୍ଟରଙ୍କ ପଦ ଉଠାଇବାର ଯତ୍ନ କରି ବର୍ତ୍ତମାନ ଏକ ପ୍ରକାର କୃତକାର୍ଯ୍ୟ ହୋଇଅଛନ୍ତି । ଗତ ସପ୍ତାହର କଲିକତା ଗେଜେଟରେ ତାହାଙ୍କର ଏକ ଅର୍ଡର ପାଠକରି ଜଣାଗଲା ଯେ ତାହାଙ୍କ ପ୍ରସ୍ତାବାନୁସାରେ ଚବିଶ ପର୍ଗଣାଙ୍କର ଦପ୍ତର ଶାଖା ଓ କାର୍ଯ୍ୟ ଶାଖାରେ ଉଲ୍ଲିଖିତ ପ୍ରକାର ସମାନ ଦରର ଶ୍ରେଣୀ ସ୍ଥାପନ କରିବାକୁ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଅନୁମୋଦନ କରିଅଛନ୍ତି । କେବଳ ସେକ୍ରେଟରୀ ଅବଷ୍ଟେଟଙ୍କ ମଞ୍ଜୁରର ଅପେକ୍ଷା ଅଛି ମାତ୍ର ଏଥିପାଇଁ ଏ ଆଜ୍ଞା ପ୍ରଚଳିତ ହେବା ସ୍ଥଗିତ ରହିବ ନାହିଁ ତଥାପି ଯେବେ ସେକ୍ରେଟରୀ ମହୋଦୟ ଏଥିରେ ଆପତ୍ତି କରିବେ ତେବେ ଏ ଆଜ୍ଞା ଅନୁସାରେ ଯାହାକୁ ଅଧିକ ଦେଇବ

Digitized by srujanika@gmail.com

Split by PDF Splitter



ଦିଆଯାଉଥିବ ତାହାଙ୍କଠାରୁ ଉକ୍ତ ଅତିରିକ୍ତ ଟଙ୍କା ଫେରି ଦିଆଯିବ।

ଉକ୍ତ ନିୟମମାନ ଏହି ଯେ।

୧। ଜଜମାନଙ୍କୁ ଦୁଇଶ୍ରେଣୀରେ ବିଭକ୍ତ କରାଯିବ ଯେଉଁମାନେ ପ୍ରଥମଶ୍ରେଣୀରେ ରହିବେ ସେମାନେ ମାସିକ ଟ ୨୫୦୦ ଟଙ୍କା ପାଇବେ ଓ ଯେଉଁମାନେ ଦ୍ବିତୀୟଶ୍ରେଣୀରେ ରହିବେ ସେମାନେ ଟ ୨୦୦୦ ଟଙ୍କା ପାଇବେ।

୨। ମାଜିଷ୍ଟ୍ରେଟ କଲେକ୍ଟରମାନେ ଦୁଇ ଶ୍ରେଣୀରେ ବିଭକ୍ତ ହେବେ ପ୍ରଥମଶ୍ରେଣୀର ବେତନ ମାସିକ ଟ ୨୨୫୦ ଓ ଦ୍ବିତୀୟ ଶ୍ରେଣୀର (ସମ୍ପ୍ରତି) ଟ ୧୮୦୦ ଟଙ୍କା।

ସମ୍ପ୍ରତି ଜଜଙ୍କ ପଦ ଶୂନ୍ୟ ହେବାରୁ ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣରସାହେବ କେତେଗୁଡିଏ ନିୟୋଗ ଉପରଲିଖିତ ଶ୍ରେଣୀମତେ କରିଅଛନ୍ତି ମାତ୍ର ଅନେକ କଲେକ୍ଟର ମାଜିଷ୍ଟ୍ରେଟ ପୂର୍ବପ୍ରାପ୍ୟ ଟ ୧୬୬୬ ଟଙ୍କା ସ୍ଥାନେ ଟ ୧୫୦୦ ଟଙ୍କା ପାଉଥିବାରୁ ସେମାନଙ୍କୁ ଧରି କଲେକ୍ଟର ମାଜିଷ୍ଟ୍ରେଟ ପଦ ତୃତୀୟଶ୍ରେଣୀରେ ବର୍ତ୍ତମାନ ବିଭକ୍ତ ହୋଇଅଛି ସେକ୍ରେଟେରୀଙ୍କ ଆଜ୍ଞା ଆସିଲେ ଏ ତୃତୀୟଶ୍ରେଣୀ ଉଠିଯିବ।

ଏରୂପ ଶ୍ରେଣୀବଦ୍ଧ କରିବାର ଫଳ ଏହି ହେଲା ଯେ ଏକ ନମ୍ବର କଲେକ୍ଟର ମାଜିଷ୍ଟ୍ରେଟ ଜଜଙ୍କଠାରୁ ଅଧିକ ବେତନ ପାଇବେ ସୁତରାଂ ଜଜସାହେବଙ୍କୁ ଯେ ଅନେକ ଲୋକେ କଲେକ୍ଟର ମାଜିଷ୍ଟ୍ରେଟଙ୍କଠାରୁ ଉତ୍କୃଷ୍ଟ ଜ୍ଞାନ କରିଥିଲେ ତାହା ସର୍ବାଂଶରେ ରହିବ ନାହିଁ।

---

### ଦୁର୍ଭିକ୍ଷ ସମୟର ରାଜସ୍ବ ଛାଡ।

ଜମିଦାରମାନେ ଶୁଣି ଚମତ୍କୃତ ହେବେ ଯେ ଏ ଛାଡ ସମ୍ବନ୍ଧରେ ପୁନର୍ବାର ତଦାରଖ ହେବା ପାଇଁ ଗବର୍ଣ୍ଣମେଣ୍ଟର ଆଜ୍ଞା ଆସିଅଛି। ଜମିଦାରମାନଙ୍କୁ ପୁନର୍ବାର କାଗଜ ଦେବାକୁ ହେବ ଓ ଉକ୍ତକାଗଜର ସତ୍ୟତା ମୋଫସଲ ତଦନ୍ତଦ୍ବାରା ନିର୍ଣ୍ଣୟ କରାଯିବ ଏରୂପ ହେବାର ତାତ୍ପର୍ଯ୍ୟ କି ଅମ୍ଭେମାନେ ନିଶ୍ଚୟରୂପେ ଜାଣି ନାହୁଁ କିମ୍ବା ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ଦେଖି ନାହୁଁ। ଏ ପକ୍ଷେ ତାହା ଜାଣିପାରିଲେ ପ୍ରକାଶ କରିବୁଁ। ସମ୍ପ୍ରତି ଏହିରୂପ ପ୍ରକାଶ ପାଉଅଛି ଯେ ଜମିଦାରମାନେ ଦୁର୍ଭିକ୍ଷ ସମୟରେ ଯେତେ ରାଜସ୍ବ ଛାଡ ପାଇଲେ ତାହା ସବୁ ପ୍ରଜାମାନଙ୍କୁ ଛାଡ ନ ଦେଇ ତାହାଙ୍କ ସହିତ ଉଭୟ ବନ୍ଦୋବସ୍ତ କରି କିଛି ତାହାଙ୍କୁ ଦେଲେ ଓ କିଛି ଆପେ ଲାଭ କଲେ। ଗବର୍ଣ୍ଣମେଣ୍ଟ ଜମିଦାରଙ୍କ ଲାଭ ପାଇଁ ମିହା ଦେଇ ନ ଥିଲେ ତାହାଙ୍କର ପ୍ରକୃତ ଅଭିପ୍ରାୟ ଏହି ଥିଲା ଯେ ପ୍ରଜାମାନେ ଉକ୍ତ ଛାଡର ସମ୍ପୂର୍ଣ୍ଣଫଳ ପାଇବେ ଓ ଜମିଦାରମାନେ ଆପଣା ମାଲଜାମିନ ସୁଦ୍ଧା କ୍ଷତି ସ୍ବୀକାର କରିବେ। ଯେବେ ଜମିଦାରମାନେ କ୍ଷତି ନ ସହି ବରଂ ଲାଭ କଲେ ତେବେ ତହିଁରେ ଗବର୍ଣ୍ଣମେଣ୍ଟଙ୍କ ଉଦ୍ଦେଶ୍ୟ ସଫଳ ହେଲା ନାହିଁ। ସ୍ଥାନୀୟ ହାକିମମାନେ ପୁନଶ୍ଚ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଅଛନ୍ତି ଯେ ଜମିଦାରମାନେ ସମ୍ପୂର୍ଣ୍ଣ ଛାଡ ପ୍ରଜାଙ୍କୁ ନ ଦେଇ ତାହାଙ୍କ ସହିତ ଉଭୟ ବନ୍ଦୋବସ୍ତଦ୍ବାରା କିଛି ଲାଭ କରି ନେଇଅଛନ୍ତି। ସେରୂପ ବନ୍ଦୋବସ୍ତରେ ପ୍ରଜାଙ୍କର ସମ୍ମତି ହେବାର କାରଣ ଏହି ଯେ ଯେଉଁ ବର୍ଷ ଗବର୍ଣ୍ଣମେଣ୍ଟ ରାଜସ୍ବ ମିହା ଦିଅନ୍ତି ନାହିଁ ସେ ବର୍ଷ ପ୍ରଜାଙ୍କର ଯାହା କିଛି କ୍ଷତି ହୋଇଥାଏ ଜମିଦାରମାନେ ତାହା ଦିଅନ୍ତି ସୁତରାଂ ପ୍ରଜାମାନେ ଆପଣା କୃତଜ୍ଞତା ସ୍ବୀକାର ସ୍ବରୂପ ଅବସ୍ଥା ବିଶେଷରେ ଜମିଦାରଙ୍କୁ ଲାଭଦେବାକୁ ସମ୍ମତ ହେଲେ ପୂର୍ବରେ ଗବର୍ଣ୍ଣମେଣ୍ଟ ମଧ୍ୟ ଏ ସବୁ କଥାକୁ ଭେଢ଼େ ଯେନ୍ ନ ଥିଲେ ବର୍ତ୍ତମାନର କାର୍ଯ୍ୟ ପ୍ରଣାଳୀ ପୃଥକ୍‌ରୂପ ହୋଇ ଅଛି ଓ ପ୍ରଜାଙ୍କର ସ୍ବତନ୍ତ୍ରତା ଅଧିକ ପରିମାଣରେ ହେଉଅଛି। ବିଶେଷ ରାଜସ୍ବ ଛାଡଦେବା ସମୟ ଗବର୍ଣ୍ଣମେଣ୍ଟ ଜମିଦାରଙ୍କୁ ସ୍ପଷ୍ଟରୂପେ ବୁଝାଇ ଦେଇ ଥିଲେ ଯେ ସବୁଛାଡ ପ୍ରଜାଙ୍କୁ ଦେବାକୁ ହେବ ଓ ତାହା ସେମାନେ ପାଇଲେ କି ନାହିଁ ଜାଣିବା ପାଇଁ ତାହାଙ୍କଠାରୁ ଜମାଖର୍ଚ୍ଚ କାଗଜ ତଲବ କରି ନେଇଥିଲେ। କିନ୍ତୁ ଦୁର୍ଭିକ୍ଷ ଶେଷ ହେବାର ଅଠକର୍ଷ ଜଣାଗ ଏବେ ଗବର୍ଣ୍ଣମେଣ୍ଟଙ୍କର ବିଶ୍ବାସ ହେଲା ଯେ ସେ କାଗଜମାନ ବହୁକର୍ମର ନୁହଇ କେବଳ ଆନୁମାନିକ ପ୍ରକାରର ଥିଲା। ସମ୍ପ୍ରତି ଜମିଦାରଙ୍କଠାରୁ ଶତର ଜମାଖର୍ଚ୍ଚ କାଗଜ ନିଆଯିବ ଓ ଜଣେ ହାକିମଦ୍ବାରା ତହିଁର ମୋଫସଲ ତଦନ୍ତ ହେବ। ଏ କାର୍ଯ୍ୟର ଭାର ଶ୍ରୀଯୁକ୍ତ ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଡେପୁଟୀ କଲେକ୍ଟରଙ୍କୁ ଅର୍ପିତ ହୋଇଅଛି।

ଗବର୍ଣ୍ଣମେଣ୍ଟ ଯେଉଁ ନିୟମରେ ଛାଡ ଦେଇ ଥିଲେ ତାହା ପ୍ରକୃତରୂପେ ପ୍ରତିପାଳନ ହୋଇଅଛି କି ନାହିଁ ଏ କଥା ବୁଝିବା ପାଇଁ ଗବର୍ଣ୍ଣମେଣ୍ଟଙ୍କୁ କେହି ନିଷେଧ କରି ନ ପାରେ କିନ୍ତୁ ଅମ୍ଭେମାନେ ବିବେଚନା କରୁଁ ଯେ ଏତେ ଦୀର୍ଘକାଳ ଗତହେବା ଉତ୍ତାରୁ ତହିଁର ତଦାରଖ କରିବାର ଆଜ୍ଞାଦ୍ବାରା ଉପକାରାପେକ୍ଷା ଅଧିକ ଅପକାର ହେବ। ଯେଉଁ ସମୟରେ ପ୍ରଥମେ ଜମିଦାରମାନେ କାଗଜ ଦେଇଥିଲେ ଯେବେ ସେହି ସମୟରେ ତଦନ୍ତ ହୋଇ ଥାନ୍ତା ତେବେ କିଛି କ୍ଷତି ନ ଥିଲା ବର୍ତ୍ତମାନ ସେ କାଗଜମାନ ପ୍ରସ୍ତୁତ କରିବାକୁ ଜମିଦାରଙ୍କର ସାମର୍ଥ୍ୟ ହେବ ନାହିଁ ଓ ପ୍ରଜାମାନେ ଯେ ସେ ସମୟର ପାଉତିମାନ ସଂଗ୍ରହ କରି ରଖିଥିବେ ଏମନ୍ତ ମଧ୍ୟ ସମ୍ଭବ ନୁହଇ ଅନେକ ଲୋକଙ୍କଠାରେ ନ ଥିବ ଓ ଜମିଦାରମାନେ ପ୍ରଜାଙ୍କଠାରୁ ରସିଦ ନେଇଥିବାର ମଧ୍ୟ ସମ୍ଭବ ନୁହଇ ସୁତରାଂ ବର୍ତ୍ତମାନ ତଦାରଖ ହେଲେ ନାନାପ୍ରକାର ଭଞ୍ଜକତା ଜାଲ କରିବାକୁ ଉଭୟପକ୍ଷ ବାଧ୍ୟ ହେବେ। ପ୍ରଜା ଓ ଜମିଦାର ମଧ୍ୟରେ ପୂର୍ବାପ୍ରାୟ ସଦ୍ଭାବ ଏବେ ନାହିଁ। ଅଗ୍ରଥବ କଥାସେଟ ଅନେକ ସ୍ଥଳରେ ପ୍ରଜା ଓ ଜମିଦାରଙ୍କ ମଧ୍ୟରେ ବିରୋଧ ଲାଗି ରହିଅଛି। ଏ ତଦାରଖ ଆରମ୍ଭ ହେଲେ ପ୍ରଜାମାନଙ୍କୁ ଶତ୍ରୁତା ସାଧିବା ପାଇଁ ବଡ ସହଜ ହେବ। ଅତଏବ ଅମ୍ଭେମାନେ ଅନୁମାନ କରୁଅଛୁଁ ଯେ ବର୍ତ୍ତମାନ ଗତକଥାର ଗୋଳମାଳ କଲେ କେବଳ ମାମଲା ବଢ଼ିବ ଫଳ ତେତେ ହେବ ନାହିଁ। ଯେସ୍ଥଳେ ଗବର୍ଣ୍ଣମେଣ୍ଟ ଜମିଦାରଙ୍କର ସମସ୍ତ ପ୍ରକାର ଅନ୍ୟାୟ ରସ୍ମ ନେବା ନିବାରଣର ଉପାୟ କରୁଅଛନ୍ତି ସେସ୍ଥଳେ କୋଟିଏ ପଚ୍ଛକଥା ଧରି ଜମିଦାର ଓ ହାକିମମାନଙ୍କ ପରିଶ୍ରମ ବଢ଼ାଇବାର ପ୍ରୟୋଜନ ନ ଥିଲା। ପୂର୍ବ ଦୋଷ ସବୁ ପାସୋରିପକାଇ ଭବିଷ୍ୟତକୁ ନିବାରଣର ଉପାୟ କରିଦେଲେ ଯଥେଷ୍ଟ ହେବ।

---

ଅମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି ଯେ ଚୈତ୍ରପୂର୍ଣ୍ଣିମାଦିନ ଯାଜପୁର ଅନ୍ତଃପାତ ଅନେକ ପ୍ରକାର କେଉଟମାନେ ଘୋଡା ଓ ଲଣ୍ଠାଣ ଇତ୍ୟାଦ ସମାରୋହ ପୂର୍ବକ ସୋନାମାନ ଅଣି ବୈତରଣୀ ନଦୀକୂଳରେ ସକାଳ ଘ ୧ ଘଡିରୁ ଅପରାହ୍ନ ୨ ଘଣ୍ଟା ପର୍ଯ୍ୟନ୍ତ ଦୌଡ଼ କରାଇଥିଲେ। ପ୍ରାୟ ୫୪ ଟା ଘୋଡା ଆସିଥିବ ଓ ଏକସହସ୍ର ଲୋକ ହୋଇଥିଲେ। ଘୋଡାଦୌଡ଼ର ନାଚ ଦେଖି ଓ ଘୋଡାର ନୃତ୍ୟ ବିଷୟରେ ଅନେକ ଗୀତ ଓ ପ୍ରଶ୍ନ ଉତ୍ତର ହେଲା। ଏସବୁ ଦେଖିବାକୁ ବଡ ଗୋଳମାଳ ହୋଇଥିଲା। ଯାଜପୁର ନଗରବାସି-

Digitized by srujanika@gmail.com

Split by PDF Splitter



ମାନେ ପ୍ରାୟ ସବୁ ପର୍ବରେ ବଡ ଆମୋଦ କରିଅଛନ୍ତି ଓ ଏତେ ମେଳା ଓଡିଶାର ଅନ୍ୟ କୌଣସି ଠାରେ ହେବାର ଦେଖାଯାଉ ନାହିଁ । ଆମ୍ଭମାନଙ୍କର ସମ୍ବାଦଦାତା ଯେବେ ଯୋଉ ଯାତ୍ରା ଉପସ୍ଥିତିର ବିବରଣ ସଂକ୍ଷେପରେ ଲେଖିଥାନ୍ତେ ବଡ ସୁଖଦାୟକ ହୋଇଥାନ୍ତା । ବୋଧ ହୁଅଇ ଉତ୍କଳଦର୍ପଣର ସମ୍ପାଦକ ଏସବୁ ବିଷୟ ଅନୁସନ୍ଧାନ କରି ସମୟେ ରେ ପ୍ରକାଶ କଲେ ଓଡିଶାବାସି ବିଶେଷ ଜାତୀୟ ଲୋକ ମଧ୍ୟରେ ପ୍ରଚୁର ଥିବା ପର୍ବାଦିର କଥା ସର୍ବସାଧାରଣ ଜାଣିପାରିବେ ଓ ତାହାଙ୍କ ଦର୍ପଣର ନାମ ସାର୍ଥକ ହେବ । ଖରା ପ୍ରବଳ ହେବାରୁ ଲୋକମାନେ କାତର ଥିଲେ ଓ ଡେପୁଟୀ କଲେକ୍ଟର ମହାଶୟ ଅଗ୍ନି ନିବାରଣ ପକ୍ଷରେ ଲୋକଙ୍କୁ ଯଥେଷ୍ଟ ସାବଧାନ କରିଥିଲେ କିନ୍ତୁ ଗତ ସପ୍ତାହରେ ବୃଷ୍ଟି ହେବାରୁ ଲୋକେ କୁଶଳରେ ଥାଇ ଆନନ୍ଦରେ କୃଷିକର୍ମରେ ଲାଗି ରହିଅଛନ୍ତି ।

ଗତ ତା ୧୯ ରଖ ଶନିବାର ଅପରାହ୍ଣରେ ଘଡଘଡି ଶବ୍ଦ ହୋଇ ବିଶେଷ ବୃଷ୍ଟି ହେଲା ସେହି ଇନ୍ଦ୍ରବାଣ ଶାସନରେ । ପ୍ର । ଧାମନଗର ଦୋବୋଲା ହାଟ ନିକଟରେ ଏକ ବ୍ରାହ୍ମଣ ଆମ୍ବଗଛଠାରେ ଥାଇ ଅମ୍ବ ଜଗିଥିଲା ଓ । ପ୍ର । ଯୋଧ । ସା । ନୂଆପଟଣା ନିବାସୀ ଜଣେ କଣ୍ଡାର ଆପଣାର ଗୃହ ଝରୁଥିବା କାରଣ । ପ୍ର । ଯାଜପୁର । ମୌ । ମଙ୍ଗଳପୁରକୁ ଆସୁଥିଲା ଏପରି ସେ ଦୁଇଜଣଙ୍କର ମୃତ୍ୟୁ ହୋଇଅଛି ଓ । ପ୍ର । ଯାଜପୁର । ସା । ଖଣ୍ଡଗିରେ ଏକ ତାଳ ଗଛ ଜଳି ଯାଇଅଛି ଘଡଘଡି ଭୟରେ ଲୋକ ମାନେ କାତର ଓ ପୁନର୍ବ୍ବାର ତା ୨୦ ରଖ ଗୃହ ବାରଘଣ୍ଟାଠାରୁ ସୂର୍ଯ୍ୟ ବାଜିବା ପର୍ଯ୍ୟନ୍ତ ବର୍ଷା ହୋଇଥିଲା । ତା ୨୧ ରଖରେ ଶ୍ରୀଯୁକ୍ତ ଜଜ ସାହେବ ବାଲେଶ୍ୱର ମୁହାମରୁ ଡାକରେ ଆସି ଦିନ ସ ୭ ଘ୍ଣ୍ଟା ସମୟରେ ଏଠାରେ ପ୍ରବେଶ ହୋଇ ପ୍ରଥମେ ସ୍କୁଲ ବାଳକମାନଙ୍କଠାରୁ ପରୀକ୍ଷା ନେଇ ସବ୍‌ଜଜ କଚେରୀ ସିରସ୍ତା ଦେଖି ମୁନସଫ ମହକୁମାର ସିରସ୍ତା ତଦନ୍ତ କରୁଅଛନ୍ତି । ଏଠାରେ ଥିବା ଦେବତା ମୂର୍ତ୍ତିମାନ ଦେଖିବାର ମାନସ କରୁଅଛନ୍ତି ତାହା ସବୁ ଦେଖିସାରି ଆସନ୍ତା କାଲି ତା ୨୨ ରଖରେ କଟକ ମୁହାମକୁ ବିଗୃଜମାନ ହେବେ ।

---

# ସାପ୍ତାହିକ ସଂବାଦ ।

କେନ୍ଦ୍ରାପଡ଼ାର ଡେପୁଟୀ କଲେକ୍ଟର ବାବୁ ହରଚନ୍ଦ୍ର ଘୋଷ ପେନସନ ପାଇବାକୁ ପ୍ରାର୍ଥନା କରିଅଛନ୍ତି ଏଥି ମଧ୍ୟରେ ଶାରୀରିକ ଅସୁସ୍ଥତା ହେତୁରୁ ସେ ଶୀଘ୍ର ଅବକାଶ ପାଇବାକୁ ପ୍ରାର୍ଥନା କରିବାରେ ଡେପୁଟୀ କଲେକ୍ଟର ବାବୁ ଶ୍ୟାମଚନ୍ଦ୍ରନାଥ କେନ୍ଦ୍ରାପଡାର କାର୍ଯ୍ୟ ଭାର ଗ୍ରହଣ କରିବାକୁ ପ୍ରେରିତ ହୋଇଅଛନ୍ତି ।

ଅଗାମୀ କଲ୍ୟ ଅଥବା ତହିଁ ଆରଦିନ ଶ୍ରୀମୁକ୍ତ କମିଶନରସାହେବ ପୁରୁଷୋତ୍ତମକୁ ଯାତ୍ରା କରିବେ । ସେଠାରେ ପ୍ରାୟ ଏକମାସ ରହିବାର ମାନସ କରିଅଛନ୍ତି ।

ଲିଖିତ ମହାଶୟମାନେ କଟକ ଓ ପୁରୀ ଶିକ୍ଷାକମିଟୀର ସଭ୍ୟ ନିଯୁକ୍ତ ହୋଇଅଛନ୍ତି ଯଥା;—

କଟକ ।

ଓଡିଶାଖଣ୍ଡର କମିଶନର ସାହେବ, କଟକର ମାଜିଷ୍ଟ୍ରେଟ ସାହେବ, ପଶ୍ଚିମବିଭାଗ ସ୍କୁଲର ଇନସ୍ପେକ୍ଟର । ସ୍ୱ ସ୍ୱ ପଦୋପଲକ୍ଷେ । ଶ୍ରୀଯୁତ ଜନ ଫ୍ରେଡରିକ ବ୍ରେନ ସାହେବ, ମହାରାଜା ଭଗୀରଥୀ ମହେନ୍ଦ୍ର ବାହାଦୁର, ଶ୍ରୀଯୁତ ବାବୁ ଅନ୍ନଦାପ୍ରସାଦ ଘୋଷ, ବିହାରିଲାଲ ପଣ୍ଡିତ, ହରିଆନନ୍ଦ ଦାସ, ବୈଦ୍ୟନାଥ ପଣ୍ଡିତ, ପାଦରୀ ଶ୍ରୀଯୁତ ଯେ ବକଲ ସାହେବ, ଡାକ୍ତର ଶ୍ରୀଯୁତ ଏଚ କେଲ ସାହେବ, ଶ୍ରୀଯୁତ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ, ଇନ୍ଦ୍ରପ୍ରସନ୍ନ ଦତ୍ତ, ଗୋଲକଚନ୍ଦ୍ର ବସୁ, ଶ୍ରୀଯୁତ ଏଫ୍ ରେବନସ ସାହେବ, ଉଇଲିୟମ ହେନରି ମାର୍ଟେଣ୍ଡ ଗନ ସାହେବ, ଯେ ଏଫ୍ ହାଇସନ ସାହେବ, ଶ୍ରୀଯୁତ ବାବୁ ହରଚନ୍ଦ୍ର ଘୋଷ, ଜଗନ୍ମୋହନ ରାୟ, କାଳୀପଦ ବନ୍ଦ୍ୟୋପାଧ୍ୟାୟ, କନ୍ଦୁଚରଣ ଚୌଧୁରୀ, କୈଳାସଚନ୍ଦ୍ର ଘୋଷ, ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ, ମହେଶଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ, ପ୍ୟାରିମୋହନ ସେନ, ରାଧାଶ୍ୟାମ ନରେନ୍ଦ୍ର, ଶିବପ୍ରସାଦ ସିଂହ, ଶ୍ରୀଯୁତ ଜନ ଫାଷ୍ଟାର ଷ୍ଟିବେନ୍‌ସ ସାହେବ, ପାଦରୀ ଶ୍ରୀଯୁତ ଜ, ଓ, ସାଇମଣ୍ଡସ ସାହେବ ବି, ଏ । ଶ୍ରୀଯୁତ ବାବୁ ଅମ୍ବିକାଚରଣ ରାୟ ଚୌଧୁରୀ, ଶ୍ରୀଯୁତ ଓବଲଡ ଗ୍ରଇଟ ସାହେବ । ଶ୍ରୀଯୁତ ବାବୁ ରଣ୍ଡୀଚରଣ ବନ୍ଦ୍ୟୋପାଧ୍ୟାୟ ଉକ୍ତ କମିଟୀର ସେକ୍ରେଟରୀ ହେବେ ।

ପୁରୀ ।

ଓଡିଶାଖଣ୍ଡର କମିଶନର ସାହେବ, ପୁରୀର ମାଜିଷ୍ଟ୍ରେଟ ସାହେବ, ପଶ୍ଚିମବିଭାଗ ସ୍କୁଲର ଇନସ୍ପେକ୍ଟର ସ୍ୱ ସ୍ୱ ପଦୋପଲକ୍ଷେ । ଶ୍ରୀଯୁତ ପଣ୍ଡିତ ଗୋପୀନାଥ ମିଶ୍ର, ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ର, ଶ୍ରୀଯୁତ ଇଡ୍‌ୱର୍ଡ ହର୍ବର୍ଟ ଗ୍ରିବସ୍ ସାହେବ, ମୌଲବୀ ଏକରାମ ରସୁଲ, ଶ୍ରୀଯୁତ ବାବୁ ଜଗନ୍ନାଥ ମହାନ୍ତି, କେଦାରନାଥ ଦତ୍ତ, ଶ୍ରୀଯୁତ ପଣ୍ଡିତ ମହନ୍ତ ନାରାୟଣ ଦାସ, ଶ୍ରୀଯୁତ ବାବୁ ନନ୍ଦକିଶୋର ଦାସ, ରାମଗୋପାଳ ଚଟ୍ଟୋପାଧ୍ୟାୟ, ରାଧାବେହାରି ନାୟକ ।

ଶ୍ରୀଯୁତ ବାବୁ ରାମଦାସ ଚକ୍ରବର୍ତ୍ତୀ ଉକ୍ତ କମିଟୀର ସେକ୍ରେଟରୀ ହେବେ ।

ଆମ୍ଭେମାନେ କୃତଜ୍ଞତା ସହିତ ଉତ୍କଳପୁତ୍ରର ପ୍ରଥମ ସଂଖ୍ୟା ପ୍ରାପ୍ତି ସ୍ୱୀକାର କରୁଅଛୁଁ । ଏ ଖଣ୍ଡିଏ କ୍ଷୁଦ୍ର ପାକ୍ଷିକ ସଂବାଦପତ୍ର ଅଟଇ ଓ ଏହାର ମୂଲ୍ୟ ଅତ୍ୟଳ୍ପ ବାର୍ଷିକ ଅଗ୍ରିମ ଏକ ଟଙ୍କା ମାତ୍ର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରରେ ମୁଦ୍ରିତ ହୋଇ ଅଛି । ଆମ୍ଭେମାନେ ଭରସା କରୁଁ ଯେ ଏପୁତ୍ର ଚିରଜୀବୀ ହେଉ ଓ ଏହାର ମୂଲ୍ୟ ଊଣା ଥିବାରୁ ଆମ୍ଭମାନଙ୍କର ଆଶା ହେଉଅଛି ଯେ କେହି ଏହାକୁ ହେଳା କରିବେ ନାହିଁ । କିନ୍ତୁ ଏହାର ଉପରେ କେତେ ଗୁଡିଏ ସନ୍ତାନ ନଷ୍ଟ ହୋଇଥିବାରୁ ଏହାକୁ ଅପତ୍ରିଆଣି ପୁଅ ମଣି ଲୋକେ ବିଶେଷ ଆଦର କରିବାକୁ କୁଣ୍ଠିତ ହେବେ ।

କୌଣସି କନ୍ଦୁ ଲେଖିଅଛନ୍ତି କି ବର୍ତ୍ତମାନ ଯେଉଁ ଉତ୍କଳପୁତ୍ର ଜାତ ହୋଇଅଛନ୍ତି ତାଙ୍କର ଜନ୍ମ ସଙ୍ଗେ ଅକାଳ ମୃତ୍ୟୁର ଶଙ୍କା ମଧ୍ୟ ହୋଇଅଛି । ପୁଣି ସେ ପାପରେ ଅବଶ୍ୟ ସମସ୍ତ ଧନୀ ଓ ଗ୍ରେଜୁଏଟମାନେ ଶାସ୍ତି ହେବାର ଭୟ ପ୍ରଦର୍ଶିତ ହୋଇଅଛି ଏହା ଯଦ୍ୟପି ଉତ୍କଳଦୀପିକା ପ୍ରକାଶ ପରେ, ଏତ୍ପରି କେତେକ ପୁତ୍ରଙ୍କର ଜନ୍ମ ଓ ଅକାଳମୃତ୍ୟୁ ହୋଇଥିବାରୁ ହେବାର ଆଶ୍ଚର୍ଯ୍ୟ ନୁହେ ମାତ୍ର ସେ ପାପରୁ ସେମାନଙ୍କ ଜନ୍ମକର୍ତ୍ତାମାନେ ପ୍ରାୟଶ୍ଚିତ୍ତଦ୍ୱାରା ନିଷ୍କୃତି ପ୍ରାପ୍ତ ହୋଇଅଛନ୍ତି । ଏହାଙ୍କର ଜନ୍ମକର୍ତ୍ତା ଯେବେ ଏହାଙ୍କୁ ସେହିପରି ବୃଷ୍ଟିଧନ ସ୍ୱରୂପ ମଣିଅଛନ୍ତି ତେବେ ସେହି ତହିଁର ପାପରେ ଶାସ୍ତି ନ ହୋଇ ଅନ୍ୟ ବ୍ୟକ୍ତିମାନେ ଭାଗୀ କାରଣ ହେବେ । ଓ ଯଦବା ଏହାଙ୍କ ଜନ୍ମଦାତାଙ୍କର ପ୍ରାୟଶ୍ଚିତ୍ତର ସଙ୍ଗତି ଅଭାବ ଥିବାରୁ ଆପଣାର ଭାର ଅନ୍ୟପ୍ରତି ନିକ୍ଷେପ କରିବାଦ୍ୱାରା ନିର୍ଦ୍ଦୋଷୀ ହେବାର ପ୍ରତୀକାର କରୁଅଛନ୍ତି ଏରୂପ ପ୍ରତିକାରଦ୍ୱାରା ତାଙ୍କର ସତ୍ୟ ପ୍ରତିଜ୍ଞା ରକ୍ଷା

Digitized by srujanika@gmail.com

ହୋଇପାରେ ନାହିଁ ଅତଏବ ଆଦଂରେ ବିବେଚନା କରି କେଉଁଣସି କର୍ମରେ ପ୍ରବୃତ୍ତ ହେବାର କର୍ତ୍ତବ୍ୟ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବିଧାନ କରିଅଛନ୍ତି ଯେ ଅନଲୋମାନେ ସରକାରୀ କାର୍ଯ୍ୟରେ ଯେତେବେଳେ ଡାକରେ ଯିବେ ଅଥବା ଯେତେବେଳେ ଘଂଣ୍ଟାରେ ଛଅମାଇଲରୁ ଅଧିକ ଭ୍ରମଣ କରିବାର ଅଜ୍ଞା ପାଇବେ ତେତେବେଳେ ସେମାନେ ମାଇଲପ୍ରତି ଚାରିଅଣା ଲେଖାଏ ରାସ୍ତାଖର୍ଚ୍ଚା ପାଇବେ । କିନ୍ତୁ ବାସ୍ତବରେ ଯାହା ଖର୍ଚ୍ଚା ହୋଇଥିବ ତହିଁରୁ ଅଧିକ ପାଇବେ ନାହିଁ । ଯେତେବେଳେ ଘଣ୍ଟାପ୍ରତି ଛଅମାଇଲରୁ ନ୍ୟୁନ ଭ୍ରମଣ କରିବେ କିମ୍ବା ସଦରମୁକାମଠାରୁ ପାଞ୍ଚମାଇଲରୁ ଊଣା ଯିବେ ତେତେବେଳେ କିଛି ମାଇଲଖର୍ଚ୍ଚା ପାଇବେ ନାହିଁ ।

ଏବର୍ଷ ଯେ,ଅଳ୍ପହିଁ ଖରା କଡ଼ା ହେଲାଣି ଏଥିରେ କିଛି ସନ୍ଦେହ ନାହିଁ ଗତବର୍ଷ ଏହିସମୟରେ ଯେତେଅଂଶ ଉତ୍ତାପ ହୋଇଥିଲା ତହିଁରୁ ପ୍ରାୟ ୫ଅଂଶ ଏଥର ଅଧିକ ହୋଇଅଛି ଏଥିପାଇଁ ଅନେକ ଲୋକ ଖରା ତେଜରେ ମରି ପଡ଼ୁଅଛନ୍ତି ।

ଇଂଲଣ୍ଡରେ ଅନ୍ଧମାନଙ୍କ ଶିକ୍ଷାନିମିତ୍ତ ଗୋଟିଏ ନୂତନ ଉପାୟ ହୋଇଅଛି ସେମାନଙ୍କୁ ସଙ୍ଗୀତଶାସ୍ତ୍ରରେ ଶିକ୍ଷା ଦିଆଯାଏ ଯେ ଉଦ୍ଦାଗୁ ସେମାନେ ସଙ୍ଗୀତବିଦ୍ୟାର ଶିକ୍ଷକ ବାଦ୍ୟକାର ଅଥବା ପିଅନୋ ବାଜାର ସ୍ୱର ବାନ୍ଧିବା ବ୍ୟବସାୟ କରି ଜୀବିକା ନିର୍ବାହ କରନ୍ତି । ଉକ୍ତ ବିଦ୍ୟାଳୟର ଶିକ୍ଷକ କାମ୍ବେଲସାହେବ ସ୍ୱୟଂ ଅନ୍ଧ ଅଟନ୍ତି କିନ୍ତୁ ସେ କାର୍ଯ୍ୟଦ୍ୱାରା ଦର୍ଶାଇଅଛନ୍ତି ଯେ ଅନ୍ଧମାନେ ଭଲଲୋକଙ୍କ ପରି ଗୀତ ବାଦ୍ୟର ଶିକ୍ଷା ଓ ଯନ୍ତ୍ରାଦିରୁ ସ୍ୱର ବାନ୍ଧିଦେବାକୁ ସର୍ବ୍ବତୋଭାବେ ସକ୍ଷମ ଅଟନ୍ତି ।

ଏଲାହାବାଦରେ ମାଜିଷ୍ଟ୍ରେଟଙ୍କ ବିନାଅନୁମତିରେ ବାଜା ବଜାଇ ନାଚ କରିବାର ନୁହଇ । ଜଣେ ବଙ୍ଗଦେଶୀୟ ଭଦ୍ରଲୋକ ଜଗଦ୍ଧାତ୍ରୀ ପୂଜା ସମୟରେ ଆପଣା ଘରେ ନାଚ କରିବାକୁ ଅଭିଳାଷୀ ହୋଇ ମାଜିଷ୍ଟ୍ରେଟଙ୍କ ଅନୁମତି ପ୍ରାର୍ଥନା କଲେ ମାଜିଷ୍ଟ୍ରେଟ ତାହା ନ ଦେବାରୁ କମିସନରରେ ଅପିଲ ହେଲା । କମିସନରସାହେବ ଅପିଲ ଗ୍ରହଣ କଲେ ନାହିଁ ମାତ୍ର କହିଲେ ଯେ ନାଗରିକ ମିଉନିସିପଲ ଆଇନରେ ନିଷେଧ ନାହିଁ କେବଳ ଦେଶୀୟ ବାଜା ସକାଶେ ନିଷେଧ ଅଛି । ଏଥିରେ ଉକ୍ତ ଭଦ୍ରଲୋକ ନାଚମହଲର କଗ୍ରଇଲା କିନ୍ତୁ ତହିଁ ନିମନ୍ତେ ମାଜିଷ୍ଟ୍ରେଟ ତାହାଙ୍କୁ ଅପରାଧୀ କରି ପଚିଶଟଙ୍କା ଅର୍ଥଦଣ୍ଡ କଲେ । ତାହାଙ୍କର ବିଶ୍ୱ ଏହି ହେଲା ଯେ ନାଚ ସଙ୍ଗେ ବାଜା ବାଜିବାର ଆଇନବିରୁଦ୍ଧ କାର୍ଯ୍ୟ ହୋଇଅଛି କି ଶୂନର ବିଚାର !

ଦୁଇଜଣ ପାରସୀ ଚିକିତ୍ସାଶାସ୍ତ୍ର ଅଧ୍ୟୟନ କରି ପ୍ରଶଂସାପତ୍ର ଲାଭ କରିବା ପାଇଁ ବମ୍ବେଇରୁ ବିଲାତକୁ ଯାତ୍ରା କରି ଅଛନ୍ତି । ବିଦ୍ୟା ଅର୍ଜନ ବିଷୟରେ ଯେମନ୍ତ ବଙ୍ଗାଲୀ ଓ ପାରସିମାନଙ୍କୁ ଦେଖାଯାଏ ଭାରତବର୍ଷର ଆଉ କେହି ପ୍ରାୟ ତେମନ୍ତ ନୁହନ୍ତି । ସୁତରାଂ ଉକ୍ତ ଦୁଇଜାତି ଭିନ୍ନ ଅନ୍ୟ କାହାର ତେମନ୍ତ ଉନ୍ନତି ଦେଖାଯାଉ ନାହିଁ ।

ବମ୍ବେଇର ଏକ ସଂମ୍ବାଦପତ୍ରରେ ଲେଖା ଅଛି ଯେ ଜଣେ ପାରସିସ୍ତ୍ରୀ ଲେଲେଲେକ କର୍ତ୍ତୃକ ହିଂସା ହେତୁରୁ ଇଲମ ( ଯାହାକୁ ଏଠାରେ ବାଣ ମାରିବା ବୋଲନ୍ତି ) ଦ୍ୱାରା ହତ ହୋଇ ଅଛି । ଲେଖକ କହନ୍ତି ଯେ ବମ୍ବେଇରେ ସମ୍ପ୍ରତି ଏହି ବିଷୟରେ ମୋକଦ୍ଦମା ହୋଇ ଥିବାରୁ ଏ ମୋକଦ୍ଦମା ପ୍ରତି ଲୋକଙ୍କ ମନ ଆକର୍ଷିତ ହେବାର ଅନୁମାନ ହୁଅଇ । ଏ ପ୍ରଦେଶରେ ବାଣ ମାରିବାଦ୍ୱାରା ମନୁଷ୍ୟର ପ୍ରାଣ ନାଶ କରିବାର ଗୋଟିଏ ମୋକଦ୍ଦମା ଅଦ୍ୟାପି ଉପସ୍ଥିତ ହୋଇ ନାହିଁ ।

ହାବଡ଼ା ପୁଲିସର ଯେଉଁ ଲୋକମାନେ ଇଶ୍ୱରଚନ୍ଦ୍ର ପତ୍ନନିଙ୍କ ନାମରେ ଆପଣା ୯ ଅଙ୍କୁ ମାରପକାଇବାର ମିଥ୍ୟା ଅଭିଯୋଗ କରି ଅନ୍ୟାୟ ବଲପ୍ରକାଶ ପୂର୍ବକ ଉକ୍ତ ଅପରାଧ କରିଥିବାର ସ୍ୱୀକାର କରାଇ ଥିଲେ କିନ୍ତୁ ତାହାର ୯ ଅ ବାଳକ ହେବାରେ ସବୁ ଗୁପ୍ତ ପ୍ରକାଶ ହୋଇ ପଡ଼ିଲା ସେହି ପୁଲିସ ଲୋକମାନେ ଦୋଷୀ ସପ୍ରମାଣ ହୋଇଅଛନ୍ତି । ପୁଲିସର ବଦମାସୀ ଏଥିରୁ ବଳି କିଛି ଶୁଣା ଯାଇ ନାହିଁ ।

ବୃନ୍ଦାବନସ୍ଥ ପାଗଲ ନଗରରେ ଗତ ରଥ ଯାତ୍ରା ସମୟରେ କୋଡ଼ିଏ ହଜାର ଯାତ୍ରୀ ଏକତ୍ରିତ ହୋଇଥିଲେ । କିନ୍ତୁ କୌଣସି ପ୍ରକାର ସଂକ୍ରାମକ ରୋଗ ଦେଖିବାରେ ଆସି ନାହିଁ ।

ପାରସନଗରରେ ପ୍ରଦର୍ଶନର ସୀମା ନାହିଁ । ସମ୍ପ୍ରତି କୁକୁର ଭୁକୁଡ଼ା ଇତ୍ୟାଦିର ଗୋଟିଏ ପ୍ରଦର୍ଶନ କରିବାର ବନ୍ଦୋବସ୍ତ ହେଉ ଅଛି ।

ଟେଲିଗ୍ରାଫ ଲେଖନ୍ତି ଯେ ଗ୍ରହଣବନ୍ଦୀ ସବୁ ଲ୍ୟାଲଷ୍ଟରେ ତଳିକ ମାସ ତା ୭ ରଖରେ ମଧ୍ୟପ୍ରଦେଶର ମସ୍ତ ସରକାରୀ କଚେରୀ ବନ୍ଦ ହୋଇଥିଲା । ଏଥିରୁ ଏସ୍ଥାନରେ ଗ୍ରହଣବନ୍ଦୀ ଉଲ୍ଲମାସ ତା ୭ ରଖ ରବିବାର ପଡ଼ିଥିଲା ମଧ୍ୟପ୍ରଦେଶରେ ବୋଧହୁଏ ରବିବାର ପରିବର୍ତ୍ତେ ସୋମବାର ଛୁଟୀ ଦେଇଥିବେ ନୋହିଲେ ଇଥିର ଫେର ପଡ଼ିବା ସମ୍ଭବ ନୁହଇ ।

ଡାର୍ଣ୍ଣିୟାଦ୍ୱୀପରେ ଏକପ୍ରକାର ବନ୍ୟଜନ୍ତୁ ଦୃଷ୍ଟ ହୋଇଅଛି ଏହି ଜାତୀୟ ନାନାପ୍ରକାର ଜନ୍ତୁ ଫିଲିପାଇନଦ୍ୱୀପ, ଟେଗ୍ରଡେଲଫିଉଗୋ ଏବଂ ଦକ୍ଷିଣ ଆମେରିକାରେ ମଧ୍ୟ ଦୃଷ୍ଟ ହୋଇଥାନ୍ତି । ଏମାନେ ଗ୍ରାମ୍ୟ ଶିଶୁ ହୋଇ ଚଉପାଦରେ ଚଲନ୍ତି ଏମାନଙ୍କର ଦୈର୍ଘ୍ୟ ପ୍ରାୟ ୩ଫିଟ ହେବ । ଏମାନେ କୃଷ୍ଣବର୍ଣ୍ଣ ଗ୍ରେମଶ ଏବଂ ଏହାଙ୍କ କପାଳର ଚର୍ମ ଲୋମଶୂନ୍ୟ । ଏମାନେ କୌଣସି ବାସସ୍ଥାନ ନିର୍ମାଣ କରନ୍ତି ନାହିଁ । ପଡ଼ିବାର କିଛି ହୋଇ ବାସ କରନ୍ତି ନାହିଁ । ବୃକ୍ଷ ବା ଗର୍ତ୍ତରେ ଶୟନ କରନ୍ତି ସର୍ପ, କୀଟ, ପିମ୍ପୁଡ଼ି ଡିମ୍ବ ଓ ଖାଇଖାଉ ମାଂସ ଭକ୍ଷଣ କରନ୍ତି । ଏମାନେ ପୋଷ ମାନନ୍ତି ନାହିଁ । ଅବଜାବସ୍ଥାରେ ଧରାଗଲେ ମନୁଷ୍ୟପରି ଉଚ୍ଚୈଃସ୍ୱରେ ଚିତ୍କାର କରନ୍ତି ଅଶ୍ରୁ ଧାରକାରପ୍ରାୟ ବହିଥାନ୍ତି । ସ୍ତ୍ରୀସ୍ଥଳ ଉଚ୍ଚ ଲଜ୍ଜାଶୀଳତାର ଭାବ ପ୍ରଦର୍ଶନ କରନ୍ତି । ଫଳତଃ ଏମାନେ ମନୁଷ୍ୟତୁଲ୍ୟ ।

## NOTICE.

"WANTED a Sub–Inispector of Schools in the Sadr. Sub–District of Pooree salary Rs. 30 rising by annual additions of Rs. 2 to Rs. 60.

Apply to Magistrate, Pooree before the 28th, Instant."

J. C. GEDDES.

Offg. Magistrate.

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଲକ୍ଷ୍ମୀକୁମାରଘୋଷ | କଟକ | ୪ ୩ ଙ୍କା |
| ,, ଡାକ୍ତରଲସଉଙ୍ଗୀ | କଟକ ,, | ୪ ୧ । |
| ମହନ୍ତ ଚୈତନ୍ୟଚରଣଦାସ | ଲଖୁଲୀ ଅଗ୍ରିମ | ଟ ୧୬/ |
| ବାବୁ ମଧୁସୂଦନ ପଟ୍ଟନାୟକ | ବଡ଼ାମ୍ବା | ୪ ୨୫/ |

ଏହି ଉତ୍କଳଦୀପିକା ସମ୍ବାଦ ପତ୍ରିକା କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 43



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୨୮ | ସଂଖ୍ୟା ୧୮

ତା ୬ ରିଖ ମଇ ସନ ୧୮୯୩ ମସିହା । ମୂ । ବୈଶାଖ ୨୩ ଅଙ୍କ ସନ ୧୩୦୦ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧୵

ଗତମାସରେ ପୁରୀ ରାଜାଙ୍କର ଶୁଭ ବିବାହ କର୍ମ ସମ୍ପନ୍ନ ହେଲା । ବିବାହ ଉପଲକ୍ଷରେ ଯେ-ସମସ୍ତ ସମାରୋହ ଓ ଉତ୍ସବାଦି ହୋଇଥିଲା ତଦ୍‌ବିଷୟରେ ଖଣ୍ଡିଏ ପ୍ରେରିତପତ୍ର ପ୍ରାପ୍ତ ହେ-ବାରୁ ପାଠକଙ୍କ ଗୋଚରାର୍ଥେ ପ୍ରକାଶ କଲୁଁ । ପୁରୀରାଜା ଓଡ଼ିଶାର ସମସ୍ତ ଲୋକଙ୍କ ନିକଟରେ ବହୁମାନ୍ୟ ବ୍ୟକ୍ତି ଅଟନ୍ତି ସୁତରାଂ ତାହାଙ୍କ ଶୁଭ ବିବାହ ଗୋଟିଏ ସାଧାରଣ ସୁଖକର ଘଟଣା ଅଟଇ । ଏଣୁକରି ତହିଁର ସବିଶେଷ ବୃତ୍ତାନ୍ତ ପ୍ରକାଶ କରିବାକୁ ହେଲା ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବାଙ୍କୀର ତହସିଲ୍‌ଦାର ବାବୁ ରଘୁନାଥ ଘୋଷ ମାନବଲୀଳା ସମ୍ବରଣ କରି ନିତ୍ୟଧାମକୁ ଗମନ କରିଅଛନ୍ତି । ବାବୁ ରଘୁନାଥ ଘୋଷ ଏ ଅଞ୍ଚଳରେ ଜଣେ ବରିଷ୍ଠ ବ୍ୟକ୍ତି ଥିଲେ ଏବଂ ବହୁକାଳ ଉଚ୍ଚପଦର ସର-କାରୀ କର୍ମମାନ କରିବାରେ ଗବର୍ଣ୍ଣମେଣ୍ଟ କର୍ମ-ଚାରୀଙ୍କ ମଧ୍ୟରେ ମାନ୍ୟ ଓ ପ୍ରଶଂସା ଲାଭ କରିଥିଲେ ।

---

କଟକ ଦେୱାନୀ ଅଦାଲତର ଜଣେ ସୁ-ଯୋଗ୍ୟ ଉକିଲ ବାବୁ ହରେକୃଷ୍ଣ ଚକ୍ରବର୍ତ୍ତୀ ପୁରୀର ମୁନସଫ ନିଯୁକ୍ତ ହୋଇ ଗତ ମଙ୍ଗଳ-ବାର ଏଠାରୁ ଉକ୍ତ ନଗରକୁ ଯାତ୍ରା କଲେ । ଏ ବର୍ତ୍ତମାନ କାର୍ଯ୍ୟଭାର ଗ୍ରହଣ କରିଥିବେ । ଏ ମହାଶୟ ଉକ୍ତ ପଦରେ ନିଯୁକ୍ତ ହେବାରୁ ଏଠା ଲୋକେ ବଡ଼ ଆନନ୍ଦିତ ହୋଇଅଛନ୍ତି ଓ ସମ୍ପୂର୍ଣ୍ଣ ଭରସା ହୁଅଇ ଯେ ପୁରୀଜିଲା ଲୋକ-ମାନେ ଏହାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହେବେ । ଏକଟିଂ ମୁନସଫ ମୌଲବୀ ମୁବାରିକ ଅଲ୍ଲୀ ବରଖାସ୍ତ ହେଲେ ଯେହେତୁ ହାଇକୋର୍ଟ ତା-ହାଙ୍କୁ ଅନ୍ୟ କୌଣସି କାର୍ଯ୍ୟରେ ନିଯୁକ୍ତ କରି ନାହାନ୍ତି । ସେ କଟକକୁ ଫେରି ଆସି ପୂର୍ବ ପ୍ରାୟ ଓକାଲତୀ କରିପାରିବେ ।

---

ଦେଶୀୟ ସିଭିଲସର୍ଭିସ୍ ପରୀକ୍ଷାରେ ଯେଉଁ-ମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ତାହାଙ୍କ ମଧ୍ୟରୁ ଜ ୧୦୦ ଣ କର୍ମ ପାଇବାର ବନ୍ଦୋବସ୍ତ କରି ଗବର୍ଣ୍ଣମେଣ୍ଟ ଏକ୨ କମିଶନରଙ୍କ ଏଲକାକୁ କେତେଜଣ ଲେଖାଏ ବାଣ୍ଟି ଦେଇଅଛନ୍ତି ଓଡ଼ିଶାର ବାଣ୍ଟରେ ଜ ୫ ଣ ପଡ଼ିଅଛନ୍ତି ମାତ୍ର ଦୁଃଖର ବିଷୟ ଯେ କେହି ଓଡ଼ିଆ ଏଥିମଧ୍ୟରେ ନାହିଁ କାରଣ କେହି ଓଡ଼ିଆ ପରୀକ୍ଷା ଦେବାକୁ ସାହସ କଲାଇଲେ ନାହିଁ ଏପରି ଅବସ୍ଥାରେ ଓଡ଼ିଶାବାସିଙ୍କ ଉନ୍ନତି କେତେକାଳରେ ହେବ । ଯେଉଁ ଲୋକମାନେ ସମ୍ପ୍ରତି ନିଯୁକ୍ତ ହେଲେ ସେମାନେ ଜିଲା ହାକିମଙ୍କ ଅଧୀନରେ ନାନା-ବିଷୟର ତାଲିକା ସଂଗ୍ରହାଦି କର୍ମରେ ନିଯୁକ୍ତ ହେବେ ଓ ସାମାନ୍ୟ ମୋକଦ୍ଦମାର ବିଚାର କରିପାରିବେ । କମିଶନରମାନଙ୍କୁ ସତର୍କ କରି ଦିଆଯାଇଅଛି ଯେ ଏହାଙ୍କୁ କିସ୍ମାଗିରି କର୍ମ-ରେ କଦାଚ ନିଯୁକ୍ତ କରିବେ ନାହିଁ । ଏମାନଙ୍କ ବେତନ ସ୍ଥାନୀୟ ନ ହୋଇ ସ୍ୱକୀୟ ହୋଇଅଛି ସୁତରାଂ କମିଶନର ସାହେବ ଯେଉଁଠାରେ ଯେ-ମନ୍ତ ଲୋକ ରଖିବାର ଆବଶ୍ୟକ ବିଚାର କରି-ବେ ସେଠାରେ ତାହାଙ୍କୁ ରଖିବେ ।

---

### ବାଙ୍କୀ ତହସିଲଦାରୀ ।

ବାବୁ ରଘୁନାଥ ଘୋଷଙ୍କ ପରଲୋକ ଗମନ ହେବାରୁ ବାଙ୍କୀର ତହସିଲଦାରୀ ପଦ ଶୂନ୍ୟ ହୋଇଅଛି । ଶ୍ରୀଯୁକ୍ତ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ କାହାକୁ ଏ ପଦରେ ନିଯୁକ୍ତ କରିବେ ଏହା ଚିନ୍ତା କରି ବଡ଼ ବ୍ୟସ୍ତରେ ପଡ଼ିବେ । ତାହା-ଙ୍କର ମାନସର ପରିଚୟ ଆମ୍ଭେମାନେ ପାଇ-ଅଛୁଁ ସେ ପୁରୁଣା ଲୋକଙ୍କୁ ବଡ଼ ସୁଖ ପାନ୍ତି ମାତ୍ର ସେପରି ଲୋକ ବର୍ତ୍ତମାନ ନାରାୟଣପ୍ରସାଦ ଲାଲ ଓ ସ୍ୱପନେଶ୍ୱର ଦାସ ଛଡ଼ା ପ୍ରାୟ ଅଉ କେହି ନାହିଁ । ତାହାଙ୍କୁ ଛାଡ଼ିଲେ ଆପଣା ଅଧୀନରେ ଦୁଇ ସିରସ୍ତାଦାର ଅଛନ୍ତି ଏହାଙ୍କ ମଧ୍ୟରୁ କେହି ଜଣେ ହୋଇ ପାରନ୍ତି ଓ ତହିଁରେ ଯେ ସରକାରଙ୍କ କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେବ ଏଥିରେ କିଛି ସନ୍ଦେହ ନାହିଁ । ପ୍ରଥମଲିଖିତ ଦୁଇବ୍ୟକ୍ତି ତହସିଲଦାରୀ ପ୍ରଭୃତି ଅନେକ କର୍ମ କରିଅଛନ୍ତି ଓ ସୁଖ୍ୟାତି ମଧ୍ୟ ଲାଭ କରିଅଛନ୍ତି କିନ୍ତୁ ଲାଲସାହେବଙ୍କର ବୟସ ଏତେ ଅଧିକ ହେଲାଣି ଯେ ମଫସଲର ଗସ୍ତକର୍ମକୁ ଯୋଗ୍ୟ ବୋଲି ଯାଇ ନ ପାରେ ଓ

Digitized by srujanika@gmail.com

Split by PDF Splitter



ଦାଃସେ କଲିକାତାରେ ଯେ ପ୍ରକାର କାର୍ଯ୍ୟ କରୁଅଛନ୍ତି ଉଦ୍‌ବୃତ୍ତିରେ ଆଉ ସେପରି କର୍ମ ତାହାଙ୍କୁ ଦିଆ ଯିବାର ଅବଧେୟ । ଦୁଇ ଶିରସ୍ତାଦାରଙ୍କ ମଧ୍ୟରୁ ଜଣଙ୍କୁ ଦିଆ ଗଲେ ଉତ୍ତମ ହେବ କିନ୍ତୁ ଯେବେ ସେମାନେ ଉକ୍ତ କର୍ମ ନ ନେଉନ୍ତି କିମ୍ବା ସୁପରିଣ୍ଟ ସାହେବ ଆପଣା କଚେରୀକର୍ମ ବିଶୃଙ୍ଖଳ ହେବା ଭୟରେ ତାହାଙ୍କୁ ନ ଦିଅନ୍ତି ତେବେ ଅମ୍ଭେମାନେ ଅନୁମାନ କରୁଁ ଯେ ଇଂରାଜୀଶିକ୍ଷା ପାଇଥିବା କୌଣସି ନବ୍ୟ ଓଡ଼ିଆକୁ ଉକ୍ତ କର୍ମରେ ନିଯୁକ୍ତ କଲେ ବଡ଼ ଉତ୍ତମ ହେବ । ସେପରି ଓଡ଼ିଆ ଏ ପ୍ରଦେଶର ନାନା ମହକୁମାରେ କର୍ମ କରୁଅଛନ୍ତି ଓ ସେମାନେ ଉଚ୍ଚପଦ ପାଇବାର ଯୋଗ୍ୟ ବୋଲି ଟଳ୍ଲ ସାହେବମାନେ ସ୍ୱୀକାର କରିଅଛନ୍ତି । ଏହାଙ୍କ ମଧ୍ୟରୁ ଯେ କେହି ନିଯୁକ୍ତ ହେବେ ତାହାଠାରୁ ଡେପୁଟୀ କଲେକ୍ଟରଙ୍କ ପ୍ରାପ୍ୟ ଆଇନ ଇତ୍ୟାଦିର ପରୀକ୍ଷା ଗୃହୀତ ହୋଇପାରେ ଓ ତାହା କରିବାର ମଧ୍ୟ ଉଚିତ । ଶ୍ରୀଯୁକ୍ତ ଗ୍ରେନଭା ସାହେବ ଓଡ଼ିଶାକୁ ବ ୧ ବର୍ଷ ହେଲା ଆସିଲେଣି ଏଥି ମଧ୍ୟରେ କେବଳ ବାବୁ ନନ୍ଦକିଶୋର ଦାସ ଭିନ୍ନ ଜଣେ ସୁଦ୍ଧା ନବ୍ୟ ଓଡ଼ିଆକୁ ଉଚ୍ଚପଦାରୂଢ଼ କରାଇ ନାହାନ୍ତି । ସେ ଯେମନ୍ତ ଓଡ଼ିଆମାନଙ୍କୁ ସୁଜପାନ୍ତି ଓ ତାହାଙ୍କ ଉନ୍ନତି ଚାହାନ୍ତି ତେମନ୍ତ ସେମାନଙ୍କୁ ଉଚ୍ଚପଦରେ ନିଯୁକ୍ତ କରିଥିଲେ ତେବେ ଉପକାର ହୋଇ ଥାନ୍ତା; ବିଶେଷ ବାବୁ ନନ୍ଦକିଶୋର ଦାସଙ୍କୁ ନିଯୁକ୍ତ କରି ସେ ଜାଣି ପାରିଅଛନ୍ତି ଯେ ସୁଶିକ୍ଷିତ ଓଡ଼ିଆମାନେ କାର୍ଯ୍ୟଙ୍କର ଚଳାଇବାରେ କୌଣସି ଅଂଶରେ ଅନ୍ୟଲୋକାପେକ୍ଷା ନ୍ୟୂନ ନୁହନ୍ତି । ଅତଏବ ଅମ୍ଭେମାନେ ତାହାଙ୍କୁ ଅନୁରୋଧ କରୁଅଛୁଁ ଯେ ଏହି ସୁଯୋଗରେ ଆଉ ଏକଜଣ ନବ୍ୟ ଓଡ଼ିଆକୁ ଉଚ୍ଚପଦାରୂଢ଼ କରାଇ ଦେଉନ୍ତୁ ।

---

## ମଧ୍ୟପ୍ରଦେଶରେ ଦେଶୀୟ ଲୋକଙ୍କୁ କର୍ମ ଦେବାର ପ୍ରସ୍ତାବ ।

ଡେଲି ନିୟୁସ ପ୍ରକାଶ କରୁଅଛନ୍ତି ଯେ ମଧ୍ୟପ୍ରଦେଶର ପ୍ରଧାନ କମିଶନର ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କ ଅନୁମତିକ୍ରମେ ମନସ୍ଥ କରୁଅଛନ୍ତି ଯେ ଡେପୁଟୀ କଲେକ୍ଟର ଶ୍ରେଣୀର କେତେ ଗୁଡ଼ିଏ କର୍ମରେ ଆପଣା ଅଧୀନସ୍ଥ ରାଜ୍ୟସବୁର ନିବାସିମାନଙ୍କୁ କେବଳ ନିଯୁକ୍ତ କରିବେ । ଉକ୍ତ କର୍ମମାନଙ୍କରେ ବିଦେଶୀୟ ଲୋକ କଦାଚଳରେ ନିଯୁକ୍ତ ହୋଇ ପାରିବେ ନାହିଁ । ଏ ପ୍ରସ୍ତାବଟି ଅତି ଆନନ୍ଦକର ଅଟଇ ମାତ୍ର ଅମ୍ଭମାନଙ୍କ କମିଶନରସାହେବ ଏପରି ମନସ୍ଥ କରୁ ନାହାନ୍ତି ଦୁଃଖର ବିଷୟ ଅଟଇ ।

ଏଥି ସଙ୍ଗେ ଗୋଟିଏ କଥା ଅମ୍ଭମାନଙ୍କର ସ୍ମରଣ ହେଉଅଛି ତାହା ନ ଲେଖି କ୍ଷାନ୍ତ ହୋଇ ନ ପାରୁଁ । ମଧ୍ୟପ୍ରଦେଶର ଲୋକଙ୍କୁ ଉତ୍ତମ ଚାକିରି ଦେବାର ଯେମନ୍ତ ବନ୍ଦୋବସ୍ତ ହେଲା ସେମାନଙ୍କୁ ଚାକିରିର ଉପଯୁକ୍ତ କରିବା ପାଇଁ ତେମନ୍ତ କିଛି ବନ୍ଦୋବସ୍ତ ହୋଇଅଛି କି ନାହିଁ ଅମ୍ଭମାନଙ୍କୁ ଜଣା ନାହିଁ । ପ୍ରକାଶ୍ୟରେ ଦେଖାଯାଏ ଯେ ସେପରି କିଛି ଉପାୟ ହୋଇ ନାହିଁ । ଯେବେ ବୋଲ ଯେ ମଧ୍ୟପ୍ରଦେଶରେ ଅନେକ ବିଦ୍ୟାଳୟ ବସିଅଛି ଓ ଅନେକ ଟଙ୍କା ବ୍ୟୟ ହୋଇ ଶିକ୍ଷା ଦିଆ ଯାଉଅଛି ତହିଁର ଉତ୍ତର ଏହି ଯେ, ସେ ସବୁ କେବଳ ଦାନ୍ତର ଆଡ଼ମ୍ବର ଲହିରି; ପ୍ରକୃତରେ କିଛି ଫଳ ଅଦ୍ୟାପି ଦେଖା ଯାଇ ନାହିଁ । ମଧ୍ୟପ୍ରଦେଶର ଅନ୍ୟାନ୍ୟ ଜିଲାର କଥା ଅବା କେହି ଜାଣି ପାରୁ ନ ଥିବେ କିନ୍ତୁ ସମ୍ବଲପୁରର କଥା କଟକରେ ଅବିଦିତ ନାହିଁ ସେ ଜିଲା ସହିତ କଟକର ବାଣିଜ୍ୟ ଚାଲୁ ଥିବାରୁ ବହୁତର ଲୋକେ ଯିବା ଆସିବା କରୁଅଛନ୍ତି ଓ ତାହାଙ୍କଠାରୁ ସେଠିକର ଅବସ୍ଥା ଶୁଣା ଯାଉଅଛି ସମ୍ବଲପୁରରେ ଗୋଟିଏ ଇଂରାଜୀ ସ୍କୁଲ ଅଛି ଏହା ପ୍ରାୟ ୧୦ ବର୍ଷ ହେଲା ସ୍ଥାପିତ ହେଲାଣି କିନ୍ତୁ ଏତେ ଦୀର୍ଘକାଳ ମଧ୍ୟରେ ଏ ବିଦ୍ୟାଳୟରୁ ଜଣେ ସୁଦ୍ଧା ଛାତ୍ର ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଦେଖା ଯାଇ ନାହିଁ । ଯେଉଁ ସ୍ଥାନରେ ୧୦ବର୍ଷ ବିଦ୍ୟାଳୟଟି ରହି ଗୋଟିଏ ସୁଦ୍ଧା ଛାତ୍ରକୁ ସାମାନ୍ୟ ପ୍ରବେଶିକା ପରୀକ୍ଷା ଦେବା ପର୍ଯ୍ୟନ୍ତ ଉପଯୁକ୍ତ କରି ନ ପାରିଲା ସେ ସ୍ଥାନରେ ଶିକ୍ଷା ଦାନର ଅବସ୍ଥା କିରୂପ ପାଠକମାନେ ସହଜରେ ଅନୁମାନ କରି ପାରନ୍ତି । ଅତଏବ ଅମ୍ଭେମାନେ ବୋଧ କରୁଁ ଯେ ଅଦ୍ୟାପି ଇଂରାଜୀ ବିଦ୍ୟା ଶିକ୍ଷା ସେଠାରେ ହେଉ ନାହିଁ ଓ ଇଂରାଜୀଶିକ୍ଷା ନ ହେଲେ ଉଚ୍ଚଶ୍ରେଣୀର କର୍ମ କରିବା ଅତି କାଲି ବଡ଼ ସହଜ ନୁହଇ କାରଣ ଯାବତୀୟ କାର୍ଯ୍ୟ ଇଂରାଜୀରେ ଚଳୁଅଛି ଇଂରାଜୀ ଜାଣି ନ ଥିବା ଚାକରମାନଙ୍କୁ ପଦେ ପଦେ ଅନେକ ଅସୁବିଧା ଘଟଇ । ଏ ସବୁ ବିବେଚନାରେ ଅମ୍ଭେମାନେ ଭରସା କରୁଁ ଯେ ମଧ୍ୟପ୍ରଦେଶର ପ୍ରଧାନ କମିଶନର ଶିକ୍ଷାର ଉନ୍ନତି ପକ୍ଷରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଉତ୍ତେଜନା କରନ୍ତୁ ଯେମନ୍ତ କି ସେମାନେ କେବଳ କେତେଗୁଡ଼ିଏ ନକ୍ସାଦ୍ୱାରା ଶିକ୍ଷାଦାନର ପରିଚୟ ନ ଦେଇ ପ୍ରକୃତ ଫଳଦ୍ୱାରା ଦର୍ଶାଇବେ । ଅମ୍ଭେମାନେ ଶୁଣିଅଛୁଁ ଯେ ସମ୍ବଲପୁରରେ ବିଦ୍ୟାର ଆଦର ନାହିଁ । ପ୍ରଜାମାନେ ବିଦ୍ୟାଶିକ୍ଷାର ଫଳ ଅଦ୍ୟାପି କିଛି ବୁଝି ନାହାନ୍ତି । ଗବର୍ଣ୍ଣମେଣ୍ଟ ପ୍ରଜାଙ୍କଠାରୁ ଶିକ୍ଷାଦାନ ଲାଗି ବଳାତ୍କାର କରି ଛାତ୍ରଶୂନ୍ୟ ବିଦ୍ୟାଳୟମାନ ସ୍ଥାପନ କରିଅଛନ୍ତି ଓ ଛାତ୍ରମାନଙ୍କୁ ପୁସ୍ତକାଦି କିଛି କ୍ରୟ କରିବାକୁ ହୁଅଇ ନାହିଁ ତଥାପି ପିଲାମାନେ ସ୍କୁଲରେ ପଢ଼ିବାକୁ ଆସନ୍ତି ନାହିଁ ଓ ଯେବେ ଆସନ୍ତି ତେବେ କିଛି ଶିକ୍ଷା କରନ୍ତି ନାହିଁ । ଏଥିର ଗୋଟିଏ ହେତୁ ଏହି ଅନୁମାନ ହୁଅଇ ଯେ ସମ୍ବଲପୁରରେ ଲେଖାପଢ଼ି ବ୍ୟବସାୟୀ ଜାତିର ସଂଖ୍ୟା ଊଣା ଥିବ ଯେବେ ବ୍ରାହ୍ମଣ ଓ କରଣ ପ୍ରଭୃତି ଅଧିକ ପରିମାଣରେ ଥାନ୍ତେ ତେବେ ଲେଖାପଢ଼ାର ଚର୍ଚ୍ଚା ଅବଶ୍ୟ ଅଧିକ ହୁଅନ୍ତା କିନ୍ତୁ ଯେପର୍ଯ୍ୟନ୍ତ ଲେଖାପଢ଼ାର ଉନ୍ନତି ହେଉ ନାହିଁ ସେପର୍ଯ୍ୟନ୍ତ ଉଚ୍ଚକର୍ମରେ ଯେମନ୍ତ ତେମନ୍ତ ଲୋକଙ୍କୁ ରଖିବାର ଭଲ ନ ହୋଇ ଅନିଷ୍ଟକର ହୋଇପାରେ । ଅନ୍ୟର ଗୋଟିଏ କାରଣ ଏହି ଯେ ବଳାତ୍କାର କାର୍ଯ୍ୟ ସୁଫଳକର ହୁଅଇ ନାହିଁ । ଗବର୍ଣ୍ଣମେଣ୍ଟ ଯେବେ ସମସ୍ତଙ୍କୁ ଏକାବେଳକେ ବିଦ୍ୱାନ କରିବାର ଚେଷ୍ଟାରେ ବଳାତ୍କାର ଶିକ୍ଷା କରିବାର ଅନେକ ବିଦ୍ୟାଳୟ ନ ବସାଇ ଆପଣା ବ୍ୟୟରେ ଅଳ୍ପ ପରିମାଣର ବିଦ୍ୟାଳୟ ସ୍ଥାପନ କରନ୍ତେ ଓ କେତେଗୁଡ଼ିଏ କୃତବିଦ୍ୟଲୋକ ପ୍ରସ୍ତୁତ କରନ୍ତେ ତାହା ହେଲେ କ୍ରମେ ଲୋକଙ୍କ ବିଦ୍ୟାଶିକ୍ଷାର ରୁଚି ହୁଅନ୍ତା ।

---

## ପର୍ପିଚୁବଲଲଫ ଅସୁରେନ୍ସ କମ୍ପାନୀ ।

ଅଦ୍ୟକାର ପତ୍ରିକାରେ ଏହି କମ୍ପାନିର ଗୋଟିଏ ବିଜ୍ଞାପନ ପ୍ରକାଶିତ ହୋଇଅଛି ମାତ୍ର ସମସ୍ତ ପାଠକମାନେ ତହିଁର ସବିଶେଷ ବୁଝି ପାରିବେ ନାହିଁ ବୋଲି ତହିଁ ସମ୍ପର୍କରେ କିଛି କହିବାର ଆବଶ୍ୟକ ହେଲା ।

ଏ କମ୍ପାନୀ ଲଣ୍ଡନନଗରରେ ସ୍ଥାପିତ ହୋଇଅଛି ଓ ଭାରତବର୍ଷରେ ଏହାର ଏକ ଶାଖା ସ୍ଥାପିତ ହୋଇଅଛି ତନ୍ମଧ୍ୟରେ କଲିକତା ନଗରରେ ଯେଉଁ ଅଫିସ ଅଛି ତହିଁର ଜଣେ ଏଜେଣ୍ଟ ଏ ନଗରରେ ନିଯୁକ୍ତ ହୋଇଅଛନ୍ତି ।

Digitized by srujanika@gmail.com

Split by PDF Splitter



ଉକ୍ତ ଏଜେଣ୍ଟଙ୍କ ନାମ ବାବୁ ହରଲାଲ ମିଶ୍ର । ସମ୍ପ୍ରତି ସେ ଚୌଧୁରୀ ବଜାରରେ ବସା କରି ରହୁଅଛନ୍ତି । ଅମ୍ଭେମାନେ ତାହାଙ୍କ ନିକଟରେ ଥିବା କମ୍ପାନିର ନିୟମାବଳୀ ଓ ଅନ୍ୟାନ୍ୟ କାଗଜପତ୍ର ପଢିଅଛୁଁ ଓ ତାହାଙ୍କ ପ୍ରମୁଖାତ୍ ଅନେକ କଥା ବୁଝି ଅଛୁଁ । ତହିଁରୁ ଅମ୍ଭମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ହୋଇଅଛି ଯେ ଏ କମ୍ପାନୀଟି ଯେଉଁ ଉଦ୍ଦେଶରେ ସ୍ଥାପିତ ହୋଇଅଛି ସେହି ଉଦ୍ଦେଶର ସ୍ଥାପିତ ହୋଇଥିବା ଅନ୍ୟାନ୍ୟ କମ୍ପାନିଠାରୁ ଏହା ଅନେକାଂଶରେ ଉତ୍କୃଷ୍ଟ ଅଟଇ ଓ ଦେଶୀୟ ଲୋକମାନେ ନିଃଶଙ୍କ ରୂପେ ଏ କମ୍ପାନୀ ନିକଟରେ ଟଙ୍କା ଗଚ୍ଛିତ କରି ବୃତ୍ତିପତ୍ର ପ୍ରାପ୍ତ ହୋଇପାରନ୍ତି । ବୃତ୍ତିପତ୍ର ହାସଲ କରିବାର ପ୍ରୟୋଜନ ଏହି ଯେ ଆପଣା ମୃତ୍ୟୁ ଉତ୍ତାରୁ ଆପଣା ସ୍ତ୍ରୀ ଅଥବା ବନ୍ଧୁ କୁଟୁମ୍ବ ଯାହାର ପ୍ରତିପାଳନର ଭାର ଆପଣା ଉପରେ ଥାଏ ତାହାଙ୍କୁ ବୃତ୍ତି ଦେଇଗଲେ ସେ କମ୍ପାନିଠାରୁ ଟଙ୍କା ପ୍ରାପ୍ତ ହୋଇ କୌଣସିରୂପେ ଜୀବିକା ନିର୍ବାହ କରିବ । ଜୀବନର କିଛି ଆଶା ନାହିଁ ଓ ସାମାନ୍ୟ ଆୟ କରିଥିବା ବ୍ୟକ୍ତିର ଏପରି ସଙ୍ଗତି ହୁଅଇ ନାହିଁ ଯେ ସେ ଆପଣାର ସ୍ତ୍ରୀ ଅଥବା ଅନ୍ୟ ପ୍ରତିପାଳିତ ବ୍ୟକ୍ତିର ଭବିଷ୍ୟତ୍ ନିର୍ବାହ ସକାଶେ କିଛି ଉପାୟ କରି ଦେଇଯାଏ । ଏପ୍ରକାର ବ୍ୟକ୍ତି ଯେବେ କମ୍ପାନିଙ୍କଠାରେ କିଛି ଟଙ୍କା ଜମା କରି ବୃତ୍ତି ପ୍ରାପ୍ତ ହେବେ ତେବେ ଉକ୍ତ ବୃତ୍ତି ଯାହାକୁ ଦେଇଯିବେ ସେବ୍ୟକ୍ତି ତାହାଙ୍କ ମୃତ୍ୟୁ ଉତ୍ତାରୁ ବୃତ୍ତିଲିଖିତ ଟଙ୍କା କମ୍ପାନିଙ୍କଠାରୁ ପ୍ରାପ୍ତ ହେବେ । ଯେତେ ଟଙ୍କା ଦେବ ତେତେ ଟଙ୍କାର ବୃତ୍ତି ମିଳିବ ଏମନ୍ତ ନୁହେ ଟଙ୍କା ଜମାକରିବା ବ୍ୟକ୍ତିର ବୟସାନୁସାରେ କେହି ଟ ୫୦୦ ଙ୍କା ବା କେହି ୭୦୦ଙ୍କା ଜମା କରିଗଲେ ତାହାକୁ ଟ୧୦୦୦ଙ୍କାର ବୃତ୍ତି ମିଳିବ ଓ ସେ ଟଙ୍କା କିଛି ଏକ କାଳରେ ଜମା କରିବାକୁ ହେବ ତାହା ମଧ୍ୟ ନୁହଇ । ... ବର୍ଷଠାରୁ ବ ୩୦ ବର୍ଷ ପର୍ଯ୍ୟନ୍ତ ସମୟମଧ୍ୟରେ ଯେ ବ୍ୟକ୍ତି ଯେତେ ଥରରେ ଟଙ୍କା ଜମା କରିବାକୁ ସୁଯୋଗ ଜ୍ଞାନ କରିବ ସେ ତେତେ ଥରରେ ଟଙ୍କା ଦେବ ଓ ପ୍ରତି ଥର ଯେତେ ଟଙ୍କା ଦେଇଥିବ ତହିଁର ଖଣ୍ଡିଏ ଲେଖାଏଁ ରସିଦ ପାଉଥିବ । ଏହା ଉତ୍ତମରୂପେ ବୁଝାଇବାକୁ ଗୋଟିଏ ଉଦାହରଣ ଏଠାରେ ଲେଖୁଅଛୁଁ ।

ଏକ ବ୍ୟକ୍ତିର ବୟସ ବ ୩୦ ବର୍ଷ ସେ ଏକହଜାର ଟଙ୍କା ଜମା କରିବାକୁ ବାଞ୍ଛା ରଖଇ ଯେ ସେ ଯାହାକୁ ବୃତ୍ତି ଦେବ ସେ ବ୍ୟକ୍ତି ତାହା ମୃତ୍ୟୁ ଉତ୍ତାରୁ ଉକ୍ତ ଟଙ୍କା ପାଇବ । ଏ ଟଙ୍କା ସେ ଦଶବର୍ଷରେ ଜମା କରିବାକୁ ମନସ୍ଥ କରଇ । ତେବେ ଏ ବ୍ୟକ୍ତିକୁ ପ୍ରତିବର୍ଷ କମ୍ପାନିଙ୍କ ଅଫିସରେ ଟ ୭୨। ଜମା କରିବାକୁ ହେବ ଓ ଏ ଟଙ୍କା ପରିବର୍ତ୍ତରେ କମ୍ପାନୀ ତାହାକୁ ଟ ୧୦୦ ଙ୍କାର ବୃତ୍ତି ଦେବେ । ଏହିପରି ପ୍ରତିବର୍ଷ ଟଙ୍କା ଦେଇ ଖଣ୍ଡିଏ ଲେଖାଏଁ ଟ ୧୦୦ ଙ୍କାର ବୃତ୍ତି ପାଇଲେ ବ ୧୦ ବର୍ଷରେ ମୋଟରେ ତାହାକୁ ଟ ୭୨୨।୰ ଦେଣ ପଡ଼ିବ ଓ ମୋଟରେ ସେ ଟ ୧୦୦୦ ଙ୍କାର ବୃତ୍ତି ପାଇବ । ଏପରି କମ୍ପାନିର ଲାଭର ମଧ୍ୟ କିଛି ଭାଗ ପାଇବ । ଜମା କରିବା ବ୍ୟକ୍ତିର ବୟସ ଯେତେ ଊଣା ତାହାକୁ ସେତେ ଊଣା ଟଙ୍କା ଦେବାକୁ ହେବ ଓ ବୟସ ଅଧିକ ହେଲେ କିଛି ଅଧିକ ଦେବାକୁ ହେବ । ଜମା କରିବା ବ୍ୟକ୍ତି ବଞ୍ଚି ଥାଉଁ ଥାଉଁ ଯେବେ ଟଙ୍କା ଫେରି ଦେବାକୁ ଇଚ୍ଛା କରଇ ତେବେ ଟଙ୍କା ଜମା କରିଥିବ ତହିଁରୁ ଶତକରା ଶତଟଙ୍କା ଲେଖାଏଁ ଫେରି ପାଇ ପାରେ ଅବଶିଷ୍ଟ ଟଙ୍କା ତାହାର ମୃତ୍ୟୁ ଉତ୍ତାରୁ ବୃତ୍ତିଦାରକୁ ଦିଆଯିବ ।

ଜମା କରିବା ବ୍ୟକ୍ତି ଏବା ଏମନ୍ତ ସନ୍ଦେହ କରିପାରେ ଯେ କୌଣସି କାରଣରୁ ଯେବେ କମ୍ପାନୀ ଯୋଗ୍ୟହୀନ ହୋଇ ଧ୍ୱଂସ ହୋଇ ଯାଏ ତେବେ ବୃତ୍ତିର ଟଙ୍କା ଆଉ କିଏ ଦେବ ସୁତରାଂ ତାହାର ଟଙ୍କା ସବୁ ବୁଡ଼ି ଯିବ ମାତ୍ର ଅମ୍ଭେମାନେ ବିଶେଷ ତଦନ୍ତ କରି ଦେଖି ଅଛୁଁ ଯେ ଏ କମ୍ପାନିରେ ଟଙ୍କା ଜମା କଲେ ସେପରି କିଛି ଆଶଙ୍କା ନାହିଁ । କାରଣ କମ୍ପାନୀ ନିୟମ କରି ଅଛନ୍ତି ଯେ ବଗଣୀ ଟଙ୍କାସବୁ ଗବର୍ଣ୍ଣମେଣ୍ଟରୁ ନିଯୁକ୍ତ ହୋଇଥିବା ଅସାଇନିଙ୍କ ନିକଟରେ ଜମା ରହିବ ଓ ସେ ଟଙ୍କା ବୃତ୍ତିଦାରକୁ ଦେବା ବ୍ୟତେକେ ଅନ୍ୟ କୌଣସି କାରଣରେ ଖର୍ଚ୍ଚ ହେବ ନାହିଁ ସୁତରାଂ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କ ନିକଟରେ ଯେଉଁ ଟଙ୍କା ରହିବ ତାହା ନଷ୍ଟ ହେବାର କୌଣସି ଆଶଙ୍କା ନାହିଁ କମ୍ପାନୀ ଧ୍ୱଂସ ହେଲେ ସୁଦ୍ଧା ବୃତ୍ତିଦାରମାନେ ଆପଣା ଗଚ୍ଛିତ ଟଙ୍କା ପାଇବେ ।

କମ୍ପାନିଙ୍କ ସମସ୍ତ ନିୟମ ଓ ଉଦ୍ଦେଶ୍ୟ ଯାହା ଉପକାର ହେବାର ଅଛି ସେ ସବୁ ଲେଖିବାକୁ ଗଲେ ପତ୍ରିକାରେ ସ୍ଥାନ ହେବ ନାହିଁ ଫଳତଃ କେବଳ ସାଧାରଣରୂପ ପରିଚୟ ଦେବା କାରଣ ଅମ୍ଭେମାନେ ଉପର ଲିଖିତ କେତେକ ବିଷୟ ଲିଖିତ କରିଲୁଁ ଯାହାଙ୍କର ଟଙ୍କା ଜମା କରିବାକୁ ଇଚ୍ଛା ହେବ ଓ ସବିଶେଷ ଜାଣିବାକୁ ଅଭିଳାଷୀ ହେବେ ସେମାନେ ବାବୁ ହରଲାଲ ମିଶ୍ରଙ୍କଠାରୁ ସକଳ କଥା ଜାଣି ପାରିବେ । ଅମ୍ଭେମାନେ ଏତିକି କହିପାରୁଁ ଯେ କମ୍ପାନିର ନିୟମମାନ ଅତି ଉତ୍ତମ ଅଟଇ ଓ ଏଥିରେ ଟଙ୍କା ଜମାଦେଲେ ସେ ଟଙ୍କା ସମ୍ପୂର୍ଣ୍ଣରୂପ ନିରାପଦରେ ଗଚ୍ଛିତ ରହି ପ୍ରୟୋଜନ ସମୟରେ କର୍ମରେ ଆସିପାରିବ ।

---

## ସାପ୍ତାହିକ ସଂବାଦ ।

ଏ ସପ୍ତାହରେ କଣ ଗ୍ରୀଷ୍ମ ହୋଇଅଛି ବୃଷ୍ଟିର ଦର୍ଶନ ନାହିଁ କେବଳ ସନ୍ଧ୍ୟାବେଳେ ଦିନେ ଦିନେ ବତାସ ହେବାରୁ ଟିକିଏ ତାପ କିଛି ଊଣା ହୁଏ ଦିନବେଳେ ତାପମାନ ଯନ୍ତ୍ରରେ ପ୍ରାୟ ଅଂ ୧୦୦ ଠ ପାରୁ ଉଠିବାର ଦେଖାଯାଇ ଅଛି । ଗ୍ରୀଷ୍ମ ଅଧିକ ହେବାରୁ ପାଚିଲା ଅମ୍ବ ଅନେକ ଆମଦାନୀ ହେଲାଣି କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ଅଦ୍ୟାପି ସୁସ୍ୱାଦୁ ଆମ୍ବ ସହିତ ଭେଟ ହୋଇ ନାହିଁ ।

ଏ ନଗରର ଜଣେ ଫିରିଙ୍ଗି ଅର୍ଷ୍ଟିଷ୍ଟ ସାହେବ ଡାକଘର ଅଇନର ବିରୁଦ୍ଧ କର୍ମ କରିବାରୁ କଠିନ ପରିଶ୍ରମ ସହିତ ଛମାସ କାରାବାସ ଦଣ୍ଡ ପାଇଅଛି । ଅପରାଧଟି ଏହି ଯେ ଅନ୍ୟ ଏକ ବ୍ୟକ୍ତି ନାମର ଚିଠି ଡାକବାଲାଠାରୁ ନେଇ ସେ ବ୍ୟକ୍ତିକୁ ନ ଦେଲା ଓ ସେ ବ୍ୟକ୍ତି ତାହାଘରେ ପୂର୍ବେ ଥିଲା ବୋଲି ଡାକବାଲା ତାହାକୁ ଚିଠି ଦେଇଥିଲା । ଚିଠି ମାଲିକର ନାମ ମାର୍ଶଲ । ଏ ସାହେବ ପୂର୍ବେ ଅର୍ଷ୍ଟିଷ୍ଟର ଘରେ ରହି ତାହାର ପରମବନ୍ଧୁ ହୋଇଥିଲା ପଶ୍ଚାତ୍ ଅର୍ଷ୍ଟିଷ୍ଟ ତାହା ନାମରେ ଦଗାବାଜିର ଅଭିଯୋଗ କରିବାରୁ ମାଜିଷ୍ଟ୍ରେଟଙ୍କ ବୁଝିବାରେ ଅପରାଧ ସପ୍ରମାଣ ହୋଇ ମକଦ୍ଦମା ଦୌରା ବିଚାରାଧୀନରେ ଅଛି ଓ ମାର୍ଶଲ ସାହେବ ହାଜତରେ ଅଛି । ଏଥି ମଧ୍ୟରେ ଅର୍ଷ୍ଟିଷ୍ଟର ସେହି କାରାଗାରେ ପ୍ରବେଶ ହେଲା । ଅମ୍ଭେମାନେ ଶୁଣିଲୁଁ ଯେ ମାର୍ଶଲ ଏହାକୁ ଜେଲଖାନାରେ ପ୍ରବେଶ କରିବାର ଦେଖି ହାସ୍ୟମୁଖରେ ସଲାମ କଲେ । ଅର୍ଷ୍ଟିଷ୍ଟ ଲଜ୍ଜିତ ହୋଇ ହସିବା କାରଣ ପଚାରିବାରେ ବହୁଲ

Digitized by srujanika@gmail.com

Split by PDF Splitter



ଯେ କଜ୍ଙ୍କ ହେତୁ ପୁନର୍ବାର ଏହିଭି ହେବାର ଅବଦ ହେଉଅଛି । ଗତକାଲି ଅପିଲରେ ଅର୍ଣ୍ଣେଷ୍ଟ ସାହେବ ଖଲାସ ପାଇଅଛି ।

ଖୋର୍ଦ୍ଧାରେ ଗୋଟିଏ କଠିନ ମକଦ୍ଦମା ଉପସ୍ଥିତ ହେବାର ଶୁଣାଯାଏ । ଗୁରୁ ଶିଷ୍ୟ ମଧ୍ୟରେ କୌଣସି କଥାରେ ବଚସା ଜାତ ହେବାରୁ ଶିଷ୍ୟ କେତେକ ଲୋକ ସହିତ ଗୁରୁଙ୍କ ଘରେ ପଶି ଅନ୍ୟାନ୍ୟ ଅତ୍ୟାଚାର ସହିତ ଗୁରୁପତ୍ନୀଙ୍କ ଚୁଟି କାଟିପକାଇ ତାହାଙ୍କୁ ଅନ୍ୟ ପ୍ରକାରରେ ବେଇଜତ କରିଅଛି । ମକଦ୍ଦମାର ବିଚାର ହେଉଅଛି ଓ ପୁଲିସ ମଧ୍ୟ ଏ ମକଦ୍ଦମା ସମ୍ପର୍କରେ ଦାୟଗ୍ରସ୍ତ ଅଛନ୍ତି ।

ଜଗତ୍‌ସିଂହପୁରର ପୁଲିସ ଇନସ୍ପେକ୍ଟରଙ୍କ ଚରିତ୍ର ପ୍ରତି ସେଠା ଲୋକେ ସନ୍ତୁଷ୍ଟ ନାହାନ୍ତି ବୋଲି ଶୁଣାଯାଏ । ମାଜିଷ୍ଟ୍ରେଟ ସାହେବଙ୍କର କର୍ତ୍ତବ୍ୟ ଯେ ଏଥିର ଅନୁସନ୍ଧାନ କରନ୍ତୁ କାରଣ ଏହି ବ୍ୟକ୍ତି ନାମରେ ଯାଜପୁରରେ ମକଦ୍ଦମା ହୋଇ ଏହାଙ୍କର ଦଣ୍ଡ ହୋଇଥିଲା ଅପିଲରେ ଖଲାସ ପାଇ ବଦଲି ହୋଇଅଛନ୍ତି ପୁନର୍ବାର ଏହାଙ୍କ ଚରିତ୍ର ସମ୍ପର୍କରେ କଥା ଶୁଣାଯାଏ ଏଥିର କାରଣ କି ?

ଉତ୍କଳପୁତ୍ରର ଦ୍ୱିତୀୟ ସଂଖ୍ୟା ବାହାରିଅଛି ଅମ୍ଭେମାନେ ଏହା ପାଠ କରି ସୁଖବୋଧ କରୁଅଛୁଁ କାରଣ ଏହାର ଭାଷା ଉତ୍ତମ ଅଟଇ । ଯଦିଚାର ନାମ ଅମ୍ଭମାନଙ୍କୁ ଭଲ ଲାଗି ନ ଥିଲା କିନ୍ତୁ ମଧୁରଭାଷା ଶୁଣି ଅମ୍ଭେମାନେ ମଣୁଅଛୁଁ ଯେ ଏହିଟି ଯଥାର୍ଥ ଉତ୍କଳପୁତ୍ର ଅଟଇ ।

କଟକର ଅଫିସିଆଲ କଲେକ୍ଟର ଶ୍ରୀଯୁକ୍ତ ଗନସାହେବ ଖୋର୍ଦ୍ଧାକୁ ବଦଲି ହେବାରେ କଟକ ଖଜଣାଖାନାର ଚାର୍ଜ ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଡେପୁଟୀ କଲେକ୍ଟରଙ୍କ ପ୍ରତି ଅର୍ପିତ ହୋଇଅଛି ।

ବାଲେଶ୍ୱରର କଲେକ୍ଟର ଶ୍ରୀଯୁକ୍ତ ବିମସ୍ ସାହେବ ଦ ୧୫ ଦର ଅନୁଗ୍ରହ ଛୁଟୀ ପାଇ ଅଛନ୍ତି ଓ ତାହାଙ୍କ କର୍ମରେ ଶ୍ରୀଯୁକ୍ତ ଲିବିସ ସାହେବ ଏକଟିଂ ନିଯୁକ୍ତ ହୋଇଅଛନ୍ତି ।

ମିଷ୍ଟର ଟାମସ୍ ଫରମାଣ ନାମରେ ଅଉ ଜଣେ ଅସିଷ୍ଟାଣ୍ଟ କଲେକ୍ଟର ପ୍ରଥମଶ୍ରେଣୀର ଯଏଣ୍ଟ ମାଜିଷ୍ଟ୍ରେଟ ପଦରେ ଏକଟିଂ ନିଯୁକ୍ତ ହୋଇ କଟକକୁ ଆସୁଅଛନ୍ତି । ଏ କଟକରେ ଦୁଇଜଣ ଯଏଣ୍ଟ ମାଜିଷ୍ଟ୍ରେଟ ରହିବେକି ? ବାହନ ପଠାଇବାରେ ଗବର୍ଣ୍ଣମେଣ୍ଟ କ୍ରୁଟି କରି ନାହାନ୍ତି କିନ୍ତୁ କେବଳ "ମାଛି ଟୋକା ଗୋଟା ପଦ ଗୋଟିଏ ନାହିଁ"

ମିଷ୍ଟର ଏସ୍, ଇ, ଯେ; କ୍ଲାର୍କ ବାଲେଶ୍ୱରରେ ଚାନ୍ଦବାଲି ମୋକାମରେ ଅବୈତନିକ ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି ଏହାଙ୍କୁ ତୃତୀୟ ଶ୍ରେଣୀର ମାଜିଷ୍ଟ୍ରେଟର କ୍ଷମତା ଦିଆଯାଇଅଛି । କ୍ଲାର୍କ ସାହେବ ପୂର୍ବେ ଇଂଲିଶମାନ ସଂବାଦପତ୍ରର ଅଫିସର କର୍ମ କରୁଥିଲେ ସମ୍ପ୍ରତି ଚାନ୍ଦବାଲିରେ ଜାହାଜର ଏଜେଣ୍ଟ ହୋଇଅଛନ୍ତି ।

ଚମର ବଜାର ଅଜକାଲ କଲକତାରେ ବଡ ତେଜ ହୋଇଅଛି । ଇଂଲଣ୍ଡ ଓ ଅନ୍ୟାନ୍ୟ ଦେଶକୁ ରପ୍ତାନିର ପ୍ରୟୋଜନ ହୋଇଅଛି ଓ ଆମଦାନୀ ଅଳ୍ପ ଅଛି ।

ଗବର୍ଣ୍ଣମେଣ୍ଟବଙ୍ଗାଲଙ୍କ ଇରଗେସନ ସମ୍ପର୍କୀୟ ସେକ୍ରେଟରୀ କର୍ଣ୍ଣେଲ ହେଗ ଏଠାକୁ ପ୍ରାୟ ଦ ୨୦ ନ ହେଲା ଆସିଲେଣି କି କାର୍ଯ୍ୟ କରୁଅଛନ୍ତି ଜଣା ନାହିଁ ଆହୁରି ଆଠ ଦଶ ଦିନ ରହିବେ ବୋଲି ଶୁଣାଯାଏ । ମାଇସାଗାଇଠାରୁ ଜମ୍ବୁ ମୁହାଣ ପର୍ଯ୍ୟନ୍ତ ଗୋଟିଏ କାଳ ଖୋଲାଇବା ଏହାଙ୍କ ଆଗମନର ପ୍ରଧାନ ଉଦ୍ଦେଶ୍ୟ କେବଳ ବତ୍ରୀସର ବନ୍ଦରର ଉନ୍ନତି ପକ୍ଷରେ ଏହା ଆବଶ୍ୟକ ହୋଇଅଛି କିନ୍ତୁ ଚାନ୍ଦବାଲି ଓ ବତ୍ରୀସର ମଧ୍ୟରେ ଯେଉଁ ବାଦାବାଦୀ ଉପସ୍ଥିତ ତାହା ଶେଷ ନ ହେବା ପର୍ଯ୍ୟନ୍ତ ବତ୍ରୀସରଠାରେ ଅଧିକ ଟଙ୍କା ବ୍ୟୟ କରିବା ଅମ୍ଭମାନଙ୍କୁ ଯୁକ୍ତିଯୁକ୍ତ ବୋଧ ହେଉ ନାହିଁ ।

## ପ୍ରେରିତପତ୍ର ।

ସମାଦରସ୍ପଦ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଦେଶହିତୈଷୀ ମହୋଦୟମାନଙ୍କ ଯତ୍ନ ଓ ଅଧ୍ୟବସାୟରେ ଛାତ୍ରବୃତ୍ତି ପରୀକ୍ଷାର ବଙ୍ଗଳାଭାଷା ଏକାବେଳକେ ରହିତ ହେଲା ଏହା ଅତୀବ ଆନନ୍ଦଜନକ ଓ ସୌଭାଗ୍ୟ ପ୍ରଦାୟକ ଅଟେ । ଅତଃପର ବାଳକମାନଙ୍କ ବିଜାତୀୟ ଭାଷା ସେହି ପରୀକ୍ଷାକାଳରେ ବ୍ୟାକୁଳିତ ହେବାକୁ ହେବ ନାହିଁ । କେବଳ ପରୀକ୍ଷା ମାତ୍ରୋପଯୋଗୀ ଯତ୍କିଞ୍ଚିତ୍ ବଙ୍ଗଭାଷା ଶିକ୍ଷା ଦେବାକୁ ଶିକ୍ଷକମାନେ ବ୍ୟତିବ୍ୟସ୍ତ ହେବେ ନାହିଁ । ଏବିଷୟରେ ଗୁରୁ ଓ ଶିଷ୍ୟ ଦୁହେଁ ତୁଷ୍ଟ ଏଥିରେ ସନ୍ଦେହ ନାହିଁ । ମାତ୍ର ଶିକ୍ଷାର ଉପକରଣ ଗୁଡିକ ସମ୍ପ୍ରତି ଅବଶ୍ୟ କରିବେ ବିଦ୍ୟମାନ ଅଛି ଉପକରଣ ମଧ୍ୟରେ ପୁସ୍ତକ ଏକ ପ୍ରଧାନ ଅଟେ ତାହାର ସଂଶୋଧନ ନିତାନ୍ତ କର୍ତ୍ତବ୍ୟ ବିଲମ୍ବ ବା ଯେଉଁଥିରୁ ସାମାନ୍ୟ ଅଶୁଦ୍ଧ ପ୍ରବନ ହେବ । ଅଶୁଦ୍ଧ ପୁସ୍ତକ ଅଧ୍ୟାପିତ ହେଲେ ଭବିଷ୍ୟତ୍ ମନ୍ଦ ହେବାର ସମ୍ପୂର୍ଣ୍ଣ ସମ୍ଭାବନା, ସମ୍ପ୍ରତି କାର୍ଯ୍ୟ ଚଳିବା ପକ୍ଷରେ ମଧ୍ୟ ବ୍ୟାଘାତ ଜନ୍ମୁଅଛି ଅତଏବ ଯେଗୁଡିକ ନୟନଗୋଚର ହେଉଅଛି ସେଗୁଡିକ ପରିଶୁଦ୍ଧ ହୋଇ ପ୍ରଚରିତ ହେଲେ ଯଥେଷ୍ଟ ହେବ ।

ହସ୍ତମାକ୍ଷିର ମହନ୍ତ ଶ୍ରୀମନ୍ନାରାୟଣ ଦାସ ମହାଶୟ ଅଷ୍ଟତ୍ୟ(?) ଉତ୍କଳ ବିଦ୍ୟାଳୟର ପରିଦର୍ଶନାର୍ଥ ସମାଗତ ହୋଇ ଯେପ୍ରକାର ମନ୍ତବ୍ୟ ଦର୍ଶକାଭିପ୍ରାୟ ପୁସ୍ତକରେ ଲେଖି ପ୍ରକାଶ କରିଅଛନ୍ତି ତାହା ନିମ୍ନରେ ପ୍ରକାଶ କଲୁଁ ତତ୍ପାଠରେ ସାଧାରଣ ଆମ୍ଭ ଉକ୍ତିକୁ ଯଥାର୍ଥ ବୋଲି ପ୍ରତୀତ କରି ପାରିବେ ଯଥା " ଅଦ୍ୟ ଏ ବିଦ୍ୟାଳୟର ଛାତ୍ରମାନଙ୍କ ଶିକ୍ଷା ଦେଖି ନାତିସନ୍ତୁଷ୍ଟ ହେଲୁଁ । କାରଣ—ଗୁଇ ଜଣ ଛାତ୍ର ପରୀକ୍ଷା ଦେଇଥିଲେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବ ଦୁଇଜଣ ବୃତ୍ତି ପ୍ରାପ୍ତ ହୋଇଅଛନ୍ତି ଇହା ଅତି ସନ୍ତୁଷ୍ଟତାର କାରଣ ଅଟେ । ଓଡ଼ିଆ ପାଠ୍ୟପୁସ୍ତକନିଚୟରେ ଅନେକ ଅଶୁଦ୍ଧ ଅଛି ସେହି ହେତୁ ଛାତ୍ରମାନଙ୍କ ବହୁପରିଶ୍ରମୋପାର୍ଜିତ ପାଠ ଅଶୁଦ୍ଧପ୍ରାୟ ଶୁଣାଯାଏ ଶିକ୍ଷକମାନେ ଶିକ୍ଷାକାଳରେ ସଂଶୋଧନ କରି ଶିକ୍ଷା ଦେଉଁ ପ୍ରଚୁରକାଳ ବ୍ୟୟିତ ହେଲେ ମଧ୍ୟ ପୁସ୍ତକ ଅଶୁଦ୍ଧ ଥିବାରୁ କୌଣସି କାର୍ଯ୍ୟ ସୁସମ୍ପନ୍ନ ହେଉ ନାହିଁ ସୁତରାଂ ସେମାନଙ୍କର ମନୋମତ ନ ହେବାର ଜଣାଯାଏ ଅତଏବ ଓଡ଼ିଆଭାଷା ପୁସ୍ତକ ଶୁଦ୍ଧତର ହେବାର ଉପାୟ ଅବଲମ୍ବନୀୟ ଇତି ଶ୍ରୀ ମନ୍ନାରାୟଣ ଦାସ ଶର୍ମା" ଅତଏବ ଅମ୍ଭର ପ୍ରସ୍ତାବ ଏହି ଯେ ଗୋଟିଏ ସଂଶୋଧିନୀ ସଭା କଟକରେ ବସି, ସେ ସଭାରେ ପୁରୀ ଓ ବାଲେଶ୍ୱରର ବିଜ୍ଞ ଉତ୍କଳୀୟମାନେ ସଭ୍ୟ ହେଉନ୍ତୁ ସଭ୍ୟମାନେ ନୂତନ ପୁସ୍ତକର ସମାଲୋଚନା ଓ ସଂଶୋଧନ କରି ମନ୍ତବ୍ୟ ପ୍ରକାଶ କରନ୍ତୁ । ଯେସବୁ ପୁସ୍ତକ ସ୍କୁଲରେ ବ୍ୟବହୃତ ହେଉଅଛି ତାହାର ଶୁଦ୍ଧିପତ୍ର ପ୍ରସ୍ତୁତ ହୋଇ ତାହା ସଙ୍ଗେ ଦିଆ ହେଉ ସମସ୍ତେ ଭବିଷ୍ୟତ୍‌ରେ ଅନନ୍ତ ସାବଧାନରେ ଅନୁବାଦାଦି କରିବାକୁ ସଯତ୍ନ ହୁଅନ୍ତୁ ଏହିପରି କଲେ ଉତ୍କଳ ସାହିତ୍ୟ ପରିଶୁଦ୍ଧ ହେବାର ସମ୍ଭାବନା ଅଛି ।

୭।୫।୭୩ ବଡବିଦ୍ୟାଳୟର ଜଣେ ଶିକ୍ଷକ ।

ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୩ ରଖ ମାହେ ମଇ ସନ ୧୮୭୩ ମସିହା ।

## ପ୍ରେରିତପତ୍ର

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ ! ଆପଣଙ୍କର ଜଗଦ୍‌ବ୍ୟାପିକା ସମାଚାର ପତ୍ରିକାରେ ନିମ୍ନାଙ୍କିତ କେତେକ ପଂକ୍ତିକୁ ସ୍ଥାନଦାନ ଦେଇ ପ୍ରଫୁଲ୍ଲିତ କରିବା ହେବେ ।

ପୁର୍ଣ୍ଣୋଜ୍ଜଳର ପରମ ମାନ୍ୟବର ରାଜାଧିରାଜ ବୀର ଶ୍ରୀ ଦିବ୍ୟସିଂହଦେବ ମହାରାଜଙ୍କର ଗତତ ଅପ୍ରେଲମାସ ତା୨୭ରଖ ।ମ୍ଭ। ସନ୧୨୮୦ ସାଲ ବୈଶାଖମାସ ୧୭ନ ଗୁରୁବାର ଗୃହ ବାର ଦଣ୍ଡା ସମୟରେ ମୁନପୁରହଲ ରାଜସ୍ଥଗ୍ରୀପତି ରାଜା ଯୁଗରାଜସିଂହଙ୍କର ଦୁହିତାଙ୍କ ସଙ୍ଗେ ଶୁଭଲଗ୍ନରେ ଶୁଭବିବାହ ନିଷ୍ପନ୍ନ ହୋଇଅଛି ଉକ୍ତ ଦିବସର ଯେସମସ୍ତ କ୍ରିୟାପାଦ ଦୃଷ୍ଟି ଓ ଶ୍ରବଣଗୋଚର ହୋଇଅଛି ତାହା ମହାଶୟଙ୍କର ଓ ମହାଶୟଙ୍କ ନିକଟସ୍ଥ ପାଠକବର୍ଗମାନଙ୍କର ଗୋଚରାର୍ଥେ ନିବେଦନ କଲୁଁ ପାଠାନ୍ତର ଦୋଷ କ୍ଷମାକରିବେ ।

ଉକ୍ତ ମଙ୍ଗଳଦିବସ ପ୍ରତ୍ୟୁଷ ସମୟରେ ମାନ୍ୟବର ମହାରାଜଙ୍କର ସିଂହଦ୍ୱାର ସୁଶୋଭିତ ଓ ଚନ୍ଦ୍ରାତପଯୁକ୍ତ ବୃହଦାକାର ସ୍ତମ୍ଭମଣ୍ଡପ ପାର୍ଶ୍ୱମାନଙ୍କରେ ବିବିଧପ୍ରକାର ମଧୁର ମନ୍ଦ ଧ୍ୱନିଯୁକ୍ତ ଅସଂଖ୍ୟକ ବାଦ୍ୟ ଓ ତୌର୍ଯ୍ୟ (ତେଲଙ୍ଗୀ ଜଗଝମ୍ପ ଢୋଲ ଦଣ୍ଡକାଠ ଢୋଲ କବାଂଘୋଷି କଂସାଳଇତ୍ୟାଦି ) ବାଦ୍ୟଧ୍ୱନିମାନଙ୍କରେ କର୍ଣ୍ଣ ବଧୀର ହେଉଥିଲା ପରେ ଦଶଘଣ୍ଟା ସମୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ମାନ୍ୟବର ରାଜାଙ୍କର ସିଂହଦ୍ୱାରଠାରୁ ଶ୍ରୀ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବିବିଧବର୍ଣ୍ଣ ପୁଷ୍ପଝାଡ ଓ ଫାନୁସଝାଡ ଓ ମଧ୍ୟେ ରୋଷନାସ୍ତମ୍ଭ ଓ ଭୀଷଣ ଗର୍ଜ୍ଜନକାରୀ ଅଗନ୍ୟ ବାଣମାନ ଯୋଡା ହୋଇ ଲାଗି ପ୍ରବେଶାନନ୍ତରେ ଶୁଭ୍ର ପୀତ ଓ ଆରକ୍ତ ଚନ୍ଦ୍ରଦୀପମାନଙ୍କରେ ରମଣୀୟ ଆଲୋକମୟ ହୋଇଥିଲା । ଇତିମଧ୍ୟରେ ଲାଗି ପ୍ରହର ହୋଗାନ୍ତେ ମାନ୍ୟବର ମହାରାଜ ହେମ ହୀରକଖଚିତ ବିବିଧ ରତ୍ନାଲଙ୍କାରରେ ସୁଶୋଭିତ ଓ ଶ୍ରୀଅଙ୍ଗେ ହୀରଯୁକ୍ତ ରାଜମୁକୁଟ ଧାରଣପୂର୍ବକ ନୂତନ ମକରମୁଖାକୃତ ଗଜଦନ୍ତ ପଟ୍ଟବସ୍ତ୍ରମଣ୍ଡିତ ପାଲଙ୍କି ଉପରେ ଆରୋହଣ କଲେ । ପାଲଙ୍କିର ଉଭୟ ପାର୍ଶ୍ୱରେ ସେବକ ଉପସେବକ ସମୂହ ପଦାନ୍ତରେ ଓଗେର ଛତ୍ର ଚାମର ବ୍ୟଜନ ଝାରଇତ୍ୟାଦି ଧାରଣପୂର୍ବକ ସ୍ୱ ସ୍ୱ ସେବାରେ ନିଯୁକ୍ତ ଥିଲେ । ଏସମୟରେ ଶଙ୍ଖଧ୍ୱନି, ପୁଷ୍ପବୃଷ୍ଟି, ବାରଙ୍ଗନାମାନଙ୍କର ଓ ନଗରସ୍ଥ ମହିଳାଗଣଙ୍କର ମଙ୍ଗଳ ହୁଳହୁଳି ଧ୍ୱନିରେ ରାଜମାର୍ଗ ଆନନ୍ଦିତ ହେଉଥିଲା । ସହର ନିବାସୀ କେତେକ ଲୋକମାନେ ଓ ଶ୍ରୀଯୁକ୍ତ ମହନ୍ତ ନାରାୟଣଦାସଆଦି ଲୋକମାନଙ୍କର ଆନନ୍ଦୋତ୍ସାହ ବୃଦ୍ଧିନିମନ୍ତେ କେତେକପ୍ରକାର କଳ ଅର୍ଥାତ୍ ଛଳ ବୃଷଭ, ଛଳ ଘୋଡା, ବାଘ, ସିଂହ, ରାମଗାଈବୀ, କାମଗାଈବୀ ଇତ୍ୟାଦି ସ୍ୱ ସ୍ୱ ଖର୍ଚ୍ଚରେ ଉତ୍ପାଦନକରି ରୋଷନୀ ସଙ୍ଗେ ନେଇଥିଲେ । ଏ ଅବସରରେ ଅଭ୍ୟାଗତ ଶ୍ରୀଯୁକ୍ତ ଯେ, ସି, ଗେଡସସାହେବ ମେଜଷ୍ଟର ଓ କ୍ରିବିଜସାହେବ ଅସିଷ୍ଟାଣ୍ଟ ମେଜଷ୍ଟର ଓ ଅନ୍ୟାନ୍ୟ ସାହବମାନେ ହସ୍ତୀ ଉପରେ ଆରୋହଣକରି କଳମାନଙ୍କର ନୃତ୍ୟ ବାଣମାନଙ୍କର ଶବ୍ଦ ଓ ରୋଷନୀମାନଙ୍କର ଦୀପ୍ତି ଦର୍ଶନାର୍ଥେ ଆଗମନ କରି ଅତୁଲ ଆନନ୍ଦସାଗରେ ମଗ୍ନ ହୋଇଥିଲେ କିନ୍ତୁ ମହାରାଜଙ୍କର ଭୃତ୍ୟମାନେ କେତେ କାର୍ଯ୍ୟକ୍ଷମ ! ନୋହିଲେ ପଞ୍ଚବିଂଶତି ସହସ୍ର ମୁଦ୍ରା ବ୍ୟୟରୁ ଯେ କାର୍ଯ୍ୟ ତାହା ନିର୍ବାହ କରିବାରେ ଉଲ୍ଲିଖିତ ଫଳମାନ କି ପ୍ରାପ୍ତ ହୋଇଥାନ୍ତା ?

। ସହର ମଧ୍ୟରେ ଏହି ସ୍ଥଳରେ ଟଙ୍କାରୁ ତେଲ ଷୋହଳ ଦାମ୍ଭା ସତରସେର ହେବାରୁ ମାଉସିମାଙ୍କଠାରୁ ଗୁଣ୍ଡିଚାମନ୍ଦିର ପର୍ଯ୍ୟନ୍ତ ରୋଷନୀ ମ୍ଳାନ ହୋଇଗଲା ।

ଫାନୁସଝାଡ଼ରେ ଅଧିକ ମହମବତୀ ଲଗାଯିବା ଦୂରେ ଥାଉ ସେଥିରେ ଲଗା ହୋଇଥିବା ବତୀମାନ ଲଗା ହୋଇ ଦୋକାନରେ ଯାଇ ବିକ୍ରୀ ହେଲା ।

ଶ୍ରୀଯୁତ ମହାରାଜ ସୁଚିତରେ ତାଙ୍କର ବିବାହ କାର୍ଯ୍ୟ ଆନନ୍ଦରେ ଅନନ୍ତ ହେବା ନିମନ୍ତେ କେତେକ ସମ୍ଭ୍ରାନ୍ତ ଲୋକମାନଙ୍କ ଅର୍ଥେ ନୂତନବସ୍ତ୍ର ଏବଂ ଯୋଡା ପ୍ରସ୍ତୁତ କରିଥିଲେ ସମ୍ଭ୍ରାନ୍ତ ଲୋକମାନେ କେବଳ ଏହି ଶବ୍ଦ ଶୁଣିଅଛନ୍ତି ଓ ଶ୍ରୀଯୁତ ମହାରାଜ ସମ୍ଭ୍ରାନ୍ତ ଲୋକମାନେ ନୂତନବସ୍ତ୍ର ପାଇବାର ଜାଣନ୍ତି ।

Digitized by srujanika@gmail.com